ବର୍ଷ-୫୪ : ସଂଖ୍ୟା-୨ ଫେବ୍ରୁଆରୀ, ୨୦୨୩ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଫେବ୍ରୁଆରୀ, ୨୦୨୩


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୭ |
| ତୁମର ସର୍ବୋତ୍ତମ ବନ୍ଧୁ | ... | ଶ୍ରୀମା | ... | ୮ |
| ପୂର୍ଣ୍ଣଯୋଗରେ ସଂଗ୍ରାମ, ସାହସ ଓ ବିଶ୍ୱାସ | ... | ଶେଖ ଅବଦୁଲ କାଶମ | ... | ୯ |
| ଅରୋଭିଲ୍ ଉତ୍ସର୍ଗ ଦିବସ | ... | ... | ... | ୧୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୧୫) | ... | ... | ... | ୧୪ |
| କିଏ ମୋତେ ଡାକେ (କବିତା) | ... | ଧର୍ମ କୁମାର ଶତପଥୀ | ... | ୧୭ |
| ସଂକ୍ଷେପରେ ରାମାୟଣ ଚରିତ | ... | ରାମକୃଷ୍ଣ ଦାସ | ... | ୧୮ |
| ଆଧୁନିକ ଭାରତ ଓ ଯୁବ-ସମାଜ (୨) | ... | ପ୍ରପତ୍ତି | ... | ୨୨ |
| ବିଫଳତା ବି ବନ୍ଧୁ (କବିତା) | ... | ସନ୍ତୋଷ ରଥ | ... | ୨୪ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୭୦) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୫ |
| ଦ୍ୱୀପାନ୍ତରର କଥା (ଦ୍ୱିତୀୟ ପରିଚ୍ଛେଦ) ଅକୂଳର ପରିଚୟ (୨) | ... | ବାରୀନ୍ଦ୍ର କୁମାର ଘୋଷ | ... | ୨୮ |
| ଭାବନାରେ ମାତୃମନ୍ଦିର (କବିତା) | ... | ନୈବେଦ୍ୟ | ... | ୩୦ |
| ନୀରବତା (୪) | ... | ଗୟାଧର ଦାଶ | ... | ୩୧ |
| ଏଲିଜାବେଥ୍ ବ୍ଲାକ୍‌ୱେଲ୍ | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୩୩ |
| ଆମ ଶିକ୍ଷାକେନ୍ଦ୍ରର ଅପା/ଭାଇ | ... | ପ୍ରସାଦ ତ୍ରିପାଠୀ | ... | ୩୬ |
| ସନାତନ ଧର୍ମ (୩) | ... | କୁମାର ଚନ୍ଦ୍ର ମିଶ୍ର | ... | ୩୯ |
| ଇତିହାସର କେତୋଟି ମୁହୂର୍ତ୍ତ : 'ତୁମ ଆବଶ୍ୟକତା ମୋ ତୁଳନାରେ ଅଧିକ !' | ... | ମନୋଜ ଦାସ | ... | ୪୫ |
| ଏକଲବ୍ୟର ସାଧନା (୬) | ... | ... | ... | ୪୬ |
| ଜଣେ ନାର୍ସିସାସ୍ ! | ... | ମନୋଜ ଦାସ | ... | ୫୦ |
| ଶ୍ରଦ୍ଧାବାନ୍‌ଙ୍କୁ ଆମର ବିନମ୍ର ଶ୍ରଦ୍ଧାଞ୍ଜଳି | ... | ରାମନାରାୟଣ ପାତ୍ର | ... | ୫୨ |
| ଝରିପଡ଼ୁ ସୁଧାଧାର ହୋଇ (କବିତା) | ... | ଶରତ କୁମାରୀ ସ୍ୱାଇଁ | ... | ୫୬ |
| ବଂଶୀବାଦକ ବାସୁ | ... | ସୁନନ୍ଦା | ... | ୫୭ |
| ଯାହାର ଯେସନ ଭାବ ତଦନୁସାରେ ଅନୁଭବ ! | ... | ମନୋଜ ଦାସ | ... | ୫୯ |


❖

# ପ୍ରାର୍ଥନା

ହେ ଭଗବାନ୍, କୃପା କର, ଆମ୍ଭେମାନେ ଯେପରି ତୁମର ଦିବ୍ୟବିଧାନ ସଂପର୍କରେ କ୍ରମେ ଅଧିକତର ସଚେତ ହୋଇଉଠୁ, ଅର୍ଥାତ୍ ପ୍ରତ୍ୟେକ ବସ୍ତୁ ମଧ୍ୟରେ ତା'ର ଅଭିବ୍ୟକ୍ତିକୁ ପରିପୁଷ୍ଟ କରିବା ପାଇଁ ସେହି ଦିବ୍ୟବିଧାନ ସଙ୍ଗେ ଆମେ ଯେପରି ଏକ ହୋଇଯାଉ ।

ଭଗବାନ୍, ମୋର ଇତସ୍ତତଃ ବିକ୍ଷିପ୍ତ ଚିନ୍ତାରାଶି ଯେପରି ମୋର ଶାସନାଧୀନ ହୁଅନ୍ତି, ମୁଁ ଯେପରି ଏକମାତ୍ର ତୁମରି ମଧ୍ୟରେ ବାସ କରେ, କେବଳ ତୁମରି ମଧ୍ୟ ଦେଇ ଜୀବନକୁ ଯେପରି ଉପଲବ୍ଧି କରେ; ଜଡ଼ହିଁ ସତ୍ୟ, ଏ ଭ୍ରାନ୍ତି ଯେପରି ଦୂର ହୋଇଯାଉ ଏବଂ ତାହା ସ୍ଥାନରେ ଦେଖାଦେଉ ଏପରି ଏକ ବୋଧ ଯାହାକି ତୁମର ଶାଶ୍ୱତ ସତ୍ୟ ସଙ୍ଗେ ଅଧିକତର ସାମଞ୍ଜସ୍ୟ ରକ୍ଷା କରିବ ।

ତୁମ ଦିବ୍ୟପ୍ରେମ ମଧ୍ୟରେ ମୁଁ ଯେପରି ନିରନ୍ତର ବାସ କରେ, ଯେଉଁଥିରେ ସେହି ଦିବ୍ୟପ୍ରେମ ମୋ ମଧ୍ୟରେ ଏବଂ ମୋ ମାଧ୍ୟମରେହିଁ ବଞ୍ଚି ରହିବ ।

କୃପା କର, ମୁଁ ଯେପରି ତୁମର ଯଥାର୍ଥ ଉପଯୋଗୀ ତଥା ଦିବ୍ୟଦୃଷ୍ଟିସମ୍ପନ୍ନ ଏକ ସହକର୍ମୀ ହୋଇଉଠେ ଏବଂ ମୋ ଭିତରର ସବୁକିଛି ଯେପରି ତୁମ ଅଭିବ୍ୟକ୍ତିର ପ୍ରାଚୁର୍ଯ୍ୟକୁ ପରିପୁଷ୍ଟ କରିପାରେ ।

ମୁଁ ଜାଣେ ମୋର ସକଳ ଅପୂର୍ଣ୍ଣତାକୁ, ମୋର ଅସୁବିଧାଗୁଡ଼ିକୁ, ମୋର ଦୁର୍ବଳତାସବୁକୁ, ମୋର ସକଳ ଅଜ୍ଞତାକୁ ମୁଁ ଅନୁଭବ କରେ, କିନ୍ତୁ ତୁମ ଉପରେ ମୁଁ ସମ୍ପୂର୍ଣ୍ଣ ଆସ୍ଥା ରଖିଛି ଏବଂ ନୀରବ ଭକ୍ତିରେ ତୁମକୁ ପ୍ରଣାମ କରୁଛି ।

ଫେବ୍ରୁଆରୀ ୨୩, ୧୯୧୪

— ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

Let only your spiritual change and progress matter for you and for that trust wholly in the Mother's force and her grace which is with you – do not let things or people disturb you,– for compared with the truth within and the journey to the full Light of the Mother's Consciousness these things have no importance.

(SABCL, Vol. 25, p. 255) – Sri Aurobindo

ତୁମ ପାଇଁ ତୁମର ଆଧାତ୍ମିକ ପରିବର୍ତ୍ତନ ଓ ଅଗ୍ରଗତିହିଁ କେବଳ ପ୍ରଧାନ ବିଷୟବସ୍ତୁ ହୋଇ ରହୁ ଏବଂ ସେଥିଲାଗି ତୁମ ସହ ରହିଥିବା ମା'ଙ୍କ ଶକ୍ତି ଓ କୃପା ଉପରେ ସଂପୂର୍ଣ୍ଣ ଆସ୍ଥା ସ୍ଥାପନ କର – ବସ୍ତୁସକଳ ଅଥବା ବ୍ୟକ୍ତିସକଳ ଦ୍ୱାରା ନିଜକୁ ବିଭ୍ରାନ୍ତ ହେବାକୁ ଦିଅ ନାହିଁ, – କାରଣ ଭିତରର ସତ୍ୟ ଓ ମା'ଙ୍କ ଚେତନାପୂର୍ଣ୍ଣ ଆଲୋକ ମଧକୁ ଯାତ୍ରା ତୁଳନାରେ ଏସବୁ କଥାର କୌଣସି ଗୁରୁତ୍ୱ ନାହିଁ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୨୫)

## ଶ୍ରୀଅରବିନ୍ଦ

An inconclusive play is Reason's toil.
ବିଚାରବୁଦ୍ଧିର ଶ୍ରମ ଏକ ପରିଣାମ ବିହୀନ ଖେଳ ।
Each strong idea can use her as its tool;
Accepting every brief she pleads her case.
ପ୍ରତିଟି ବଳିଷ୍ଠ ଧାରଣା ତାହାକୁ ନିଜର ଆୟୁଧ ରୂପେ ବ୍ୟବହାର କରିପାରେ; ପ୍ରତ୍ୟେକ ମାମଲାକୁ ଗ୍ରହଣ କରି ନେଇ ସେ ତାହା ସପକ୍ଷରେ ଯୁକ୍ତି ବାଢ଼ିଦିଏ ।
Open to every thought, she cannot know.
ପ୍ରତିଟି ଚିନ୍ତା ପ୍ରତି ସେ ଥାଏ ଉନ୍ମୁକ୍ତ, ଅଥଚ ତା'କୁ ସେ ଜାଣିପାରେ ନାହିଁ ।
The eternal Advocate seated as judge
Armours in logic's invulnerable mail
A thousand combatants for
Truth's veiled throne
And sets on a high horse-back of argument
To tilt for ever with a wordy lance
In a mock tournament where none can win.
ଚିରନ୍ତନ ଅଧିବକ୍ତା (ଓକିଲ) ବିଚାରକ ରୂପେ ସମାସୀନ ହୋଇ ସତ୍ୟର ସମାବୃତ ସିଂହାସନ ନିମନ୍ତେ ନ୍ୟାୟଶାସ୍ତ୍ରର ଅଭେଦ୍ୟ ବର୍ମରେ ସଜ୍ଜିତ କରିଥାଏ ସହସ୍ର ଯୋଦ୍ଧାଙ୍କୁ ଏବଂ ଯୁକ୍ତିତର୍କର ସମୁଚ୍ଚ ଅଶ୍ୱପୃଷ୍ଠରେ ବସାଇଥାଏ ଶବ୍ଦାଡ଼ମ୍ବରମୟ ବର୍ଚ୍ଛାରେ ଚିରକାଳ ଆଘାତ କରିବାକୁ ଏକ କ୍ରୀଡ଼ା-ଦ୍ୱନ୍ଦ୍ୱରେ, ଯେଉଁଠି କେହି ବି ଜୟଲାଭ କରିପାରେ ନାହିଁ ।
Assaying thought's values with her rigid tests
Balanced she sits on wide and empty air,
Aloof and pure in her impartial poise.
ଆପଣାର କଠୋର ପରୀକ୍ଷା ଦ୍ୱାରା ଚିନ୍ତାର ମୂଲ୍ୟାବଳୀକୁ ସେ ପରଖୁ ଥାଏ, ବିସ୍ତୃତ ଓ ଶୂନ୍ୟ ଆକାଶରେ ଭାରସାମ୍ୟଯୁକ୍ତ ହୋଇ ନିଜସ୍ୱ ନିରପେକ୍ଷ ସ୍ଥିତିରେ ନିଃସଙ୍ଗ ଓ ନିର୍ମଳ ଭାବେ ସ୍ଥିରାସନରେ ବସି ରହିଥାଏ ।
Absolute her judgments seem but none is sure;
Time cancels all her verdicts in appeal.
ତାହାର ନ୍ୟାୟିକ ସିଦ୍ଧାନ୍ତଗୁଡ଼ିକ ମନେ ହୁଏ ଚୂଡ଼ାନ୍ତ, ମାତ୍ର କୌଣସି ଗୋଟିଏ ବି ସୁନିଶ୍ଚିତ ନଥାଏ; ପୁନରାବେଦନ କରି କାଳ ତାହାର ସକଳ ରାୟକୁ ରଦ୍ଦ କରିଦିଏ ।
Although like sunbeams to our glow-worm mind
Her knowledge feigns to fall from
a clear heaven,
Its rays are a lantern's lustres in the Night;
She throws a glittering robe on Ignorance.
ଯଦିଚ ଆମର ଖଦ୍ୟୋତ ମନ ପାଇଁ ରବିରଶ୍ମି ପରି ତାହାର ଜ୍ଞାନ ବିମଳ ସ୍ୱର୍ଗରୁ ଝରି ପଡ଼ିବାର ଛଳ କରୁଥାଏ, ମାତ୍ର ତାହାର କିରଣମାଳା ରାତିର ଅନ୍ଧାରରେ ଲଣ୍ଠନବତୀର ପ୍ରଭା ସଦୃଶ ହୋଇଥାଏ; ଅଜ୍ଞାନତା ଉପରେ ତାହା ବିଛେଇ ଦେଇଥାଏ ଏକ ଚାକଚକ୍ୟମୟ ପରିଚ୍ଛଦ ।
But now is lost her ancient sovereign claim
To rule mind's high realm in her absolute right,
Bind thought with logic's forged infallible chain
Or see truth nude in a bright abstract haze.
ପରନ୍ତୁ ମନର ସମୁଚ୍ଚ ରାଜ୍ୟରେ ଆପଣାର ନିରଙ୍କୁଶ ଅଧିକାର ବଳରେ ଶାସନ କରିବାକୁ, ଯୁକ୍ତିର ଅକାଟ୍ୟ ଦୃଢ଼ବଦ୍ଧ ଶୃଙ୍ଖଳରେ ଭାବନାକୁ ବାନ୍ଧି ରଖିବାକୁ ଅଥବା ଏକ ଉଜ୍ଜ୍ୱଳ ଅମୂର୍ତ୍ତ କୁହେଳି ଭିତରେ ସତ୍ୟର ନଗ୍ନ ରୂପ ଦର୍ଶନ କରିବାକୁ ତାହାର ପୁରାତନ ସାର୍ବଭୌମ ଦାବିକୁ ସେ ବର୍ତ୍ତମାନ ହରାଇ ବସିଛି ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ତୁମର ସର୍ବୋତ୍ତମ ବନ୍ଧୁ

## ଶ୍ରୀମା

### (୧)

ସେ ତୁମର ବନ୍ଧୁ ନୁହେଁ ଯେ ତୁମକୁ ତୁମର ନିମ୍ନତମ ସ୍ତରକୁ ଖସି ଆସିବାକୁ ପ୍ରରୋଚିତ କରେ । ସେ ତୁମର ପ୍ରକୃତ ବନ୍ଧୁ ନୁହେଁ, ଯିଏ ତା' ସହିତ ତୁମକୁ ନିର୍ବୋଧ କାର୍ଯ୍ୟସବୁ କରିବାକୁ ପ୍ରବର୍ତ୍ତାଏ କିଂବା ତା' ସହିତ କୁପଥରେ ଯିବାକୁ ତୁମକୁ ମତାଏ କିଂବା ତୁମେ ଯାହାସବୁ ଖରାପ କାର୍ଯ୍ୟ କର ତାକୁ ସମର୍ଥନ ଜଣାଏ । ଏଇଟା ଏକଦମ୍ ସ୍ପଷ୍ଟ କଥା । ...

ଯାହାର ସଂକ୍ରାମକ ରୋଗ ଥାଏ, ଆମେ ତା'ର ସାନ୍ନିଧ୍ୟରେ ଆସିବାକୁ ଚାହୁଁନା ଏବଂ ସାବଧାନ ହୋଇ ତାକୁ ଏଡ଼େଇ ଯାଉ । ସାଧାରଣତଃ ତାକୁ ଅନ୍ୟଠାରୁ ପୃଥକ୍ କରି ରଖାଯାଏ – କାରଣ, ତା' ନହେଲେ ତା'ଠାରୁ ରୋଗ ଅନ୍ୟ ପାଖକୁ ଡେଇଁବ । କିନ୍ତୁ ପାପର ସଂକ୍ରମଣ, କଦାଚାରର ସଂକ୍ରମଣ, ଭ୍ରଷ୍ଟତାର ସଂକ୍ରମଣ, ମିଥ୍ୟାଚାର ଓ ଆଦିମ ସ୍ୱଭାବଗୁଡ଼ିକର ସଂକ୍ରାମକତା ରୋଗର ସଂକ୍ରମଣ ଅପେକ୍ଷା ଅନନ୍ତ ଗୁଣରେ ଭୟଙ୍କର । ତେଣୁ ଏସବୁକୁ ଖୁବ୍ ସାବଧାନତାର ସହିତ ପରିହାର କରିବା ଉଚିତ । ତୁମେ ସେହି ବ୍ୟକ୍ତିଟିକୁ ତୁମର ସର୍ବୋତ୍ତମ ବନ୍ଧୁ ବୋଲି ଭାବିବ ଯିଏକି ତୁମକୁ ସ୍ପଷ୍ଟ କହିଦେବ ଯେ, ସେ କୌଣସି ପ୍ରକାର ମନ୍ଦ କିଂବା କୁତ୍ସିତ କାର୍ଯ୍ୟରେ ଭାଗ ନେବ ନାହିଁ ଏବଂ ଯିଏ ତୁମକୁ ନିମ୍ନସ୍ତରୀୟ ପ୍ରଲୋଭନଗୁଡ଼ିକୁ ପ୍ରତିରୋଧ କରିବା ପାଇଁ ଉତ୍ସାହିତ କରିବ; ସେହିଁ ତୁମର ଯଥାର୍ଥ ବନ୍ଧୁ । ସେହି ବନ୍ଧୁ ସହିତ ତୁମେ ସଂପର୍କ ରଖିବ ଏବଂ ଏପରି ଲୋକ ସହିତ ସମ୍ବନ୍ଧ ରଖିବ ନାହିଁ, ଯାହା ସହିତ ତୁମେ କେବଳ ଖେଳ-କୌତୁକ କରୁଥିବ ଏବଂ ସେ ତୁମର ମନ୍ଦ-ବାସନାଗୁଡ଼ିକୁ ବୃଦ୍ଧି ପାଇବା ଦିଗରେ ସାହାଯ୍ୟ କରୁଥିବ । ବାସ୍ ।

### (୨)

ଯଥାର୍ଥ ହେବ, ତୁମେ ଯଦି ତୁମ ଅପେକ୍ଷା ଅଧିକ ବିଜ୍ଞ ବ୍ୟକ୍ତିଙ୍କୁ ତୁମ ବନ୍ଧୁ ରୂପେ ବାଛିବ । ତାଙ୍କୁହିଁ ତୁମେ ବନ୍ଧୁ ରୂପେ ବରଣ କରିବ, ଯାହାଙ୍କ ସାନ୍ନିଧ୍ୟ ତୁମକୁ ମହତ୍ କରିବ, ନିଜ ଉପରେ ତୁମେ ଯେପରି ପ୍ରଭୁତ୍ୱ ଆଣିବ, ସେଦିଗରେ ସେ ସାହାଯ୍ୟ କରିବେ, ତୁମକୁ ଅଗ୍ରଗତିରେ ସହାୟତା କରିବେ, ଭଲ ବାଟରେ କାମ କରିବା ପାଇଁ ଓ ସବୁକଥା ସ୍ପଷ୍ଟଭାବେ ଦେଖିବା ପାଇଁ ଯେ ତୁମକୁ ଉତ୍ତମ ପରାମର୍ଶ ଦେଇ ପାରିବେ । ଏବଂ ପରିଶେଷରେ, ତୁମେ କ'ଣ ତୁମର ସର୍ବୋତ୍ତମ ବନ୍ଧୁ ରୂପେ ଈଶ୍ୱରଙ୍କୁ ବରଣ କରି ପାରିବ ନାହିଁ ? ତାଙ୍କୁହିଁ ତୁମେ ତୁମର ସବୁକଥା କହି ପାରିବ, ତାଙ୍କରି ଆଗରେହିଁ ତୁମେ ନିଜକୁ ସଂପୂର୍ଣ୍ଣଭାବେ ପ୍ରକାଶ କରିଦେଇ ପାରିବ । କାରଣ, ସେହିଠାରେହିଁ ରହିଛି ସମସ୍ତ କରୁଣାର ଉତ୍ସ, ସମସ୍ତ ଶକ୍ତି ଓ କ୍ଷମତାର ଉତ୍ସ, ସେହିଁ କେବଳ ତାଙ୍କର ଅନନ୍ତ ଶକ୍ତି ବଳରେ ତୁମର ସମସ୍ତ ପ୍ରମାଦକୁ ସୁଧାରି ଦେଇ ପାରନ୍ତି; ଯାହାଫଳରେ କି ସେହି ଭୁଲତ୍ରୁଟି ସବୁ ପୁନର୍ବାର ତୁମ ପ୍ରକୃତିକୁ ଫେରି ଆସି ନ ପାରେ । ସେହିଁ କେବଳ ସତ୍ୟ ଉପଲବ୍ଧି ଲାଗି ତୁମ ପାଇଁ ପଥ ଖୋଲି ଦେଇ ପାରନ୍ତି । ସେହିଁ କେବଳ ସବୁ ବୁଝି ପାରନ୍ତି, ସବୁ କିଛି ଆରୋଗ୍ୟ କରି ପାରନ୍ତି, ତୁମକୁ ତୁମ ଗତିପଥରେ ସମସ୍ତ ସାହାଯ୍ୟ ଯୋଗାଇ ଦେଇ ପାରନ୍ତି, ତୁମକୁ ପତନରୁ ରକ୍ଷା କରି ପାରନ୍ତି, ବିଫଳତାରୁ ରକ୍ଷା କରି ପାରନ୍ତି, ସମସ୍ତ ଦ୍ୱନ୍ଦ୍ୱ ଓ କିଂକର୍ତ୍ତବ୍ୟ ବିମୂଢ଼ତାରୁ ମୁକ୍ତ କରି ପାରନ୍ତି ଏବଂ ସେହିଁ କେବଳ ଲକ୍ଷ୍ୟ ଦିଗରେ ତୁମକୁ ସିଧା ସଳଖ ଚଳାଇ ନେଇ ପାରନ୍ତି । ସେହିଁ ପ୍ରକୃତ ବନ୍ଧୁ । ସେହିଁ ଆମର ଭଲ ଓ ମନ୍ଦ ଦିନଗୁଡ଼ିକର ସାଥୀ । ସେହିଁ ବୁଝି ପାରନ୍ତି, ଆରୋଗ୍ୟ କରିଦେଇ ପାରନ୍ତି, ଏବଂ ତୁମର ଆବଶ୍ୟକତା ବେଳେ ତୁମ ପାଖେ ଆସି ପହଞ୍ଚି ଯାଇ ପାରନ୍ତି । ଯେତେବେଳେ ତୁମେ ତାଙ୍କୁ ନିଷ୍କାପର ଭାବେ ଡାକ, ସେତେବେଳେ ସେ ସର୍ବଦା ତୁମ ପାଖରେ ରହି ତୁମକୁ ପଥପ୍ରଦର୍ଶନ କରନ୍ତି, ତୁମକୁ ନିରାପଦରେ ଧରି ରଖନ୍ତି – ଏବଂ ଯଥାର୍ଥରେହିଁ ତୁମକୁ ଭଲପା'ନ୍ତି ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ପୂର୍ଣ୍ଣଯୋଗରେ ସଂଗ୍ରାମ, ସାହସ ଓ ବିଶ୍ୱାସ

## ଶେଖ ଅବଦୁଲ କାଶମ

ପୂର୍ଣ୍ଣଯୋଗର ସାଧନା ଏକ ଦୁଃସାହସିକ ଅଭିଯାନ। ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ ପଥ ଅଜ୍ଞାତ। ସାଧକକୁ ନିଜେ ନିଜର ରାସ୍ତା ତିଆରି କରିବାକୁ ହେବ। ପଥ ମଧ୍ୟରେ ସହସ୍ର ବାଧାବିପତ୍ତି ଅପେକ୍ଷା କରି ରହିଥା'ନ୍ତି। ପ୍ରତ୍ୟେକ ପଦପାତରେ ବିରୋଧୀ ଶକ୍ତି ପ୍ରଚଣ୍ଡ ଆକ୍ରମଣ କରିବା ଲାଗି ଉଦ୍ୟତ ହୋଇ ରହିଥା'ନ୍ତି। ସାଧନାପଥରେ ଯାଉ ଯାଉ କେତେ କେତେ ଗର୍ତ୍ତ ଭିତରେ ନିପତିତ ହେବାର ସମ୍ଭାବନା ରହିଥାଏ। ଜୀବନର ପରିସ୍ଥିତି ଏପରି ସଙ୍କଟପୂର୍ଣ୍ଣ ଓ ବିଷାଦପୂର୍ଣ୍ଣ ହୋଇପାରେ ଯେ ସାଧକ ତଦ୍ୱାରା ବିଭ୍ରାନ୍ତ ହୋଇଯାଇ ବିଶ୍ୱାସ ହରାଇ ଦେବାର ଆଶଙ୍କା ରହିଥାଏ। ଉପସ୍ଥିତ ସଙ୍କଟରେ ପରସ୍ପର ବିରୋଧୀ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇ ପାରେ। ବାରଂବାର ଭୀଷଣରୁ ଭୀଷଣତର ବାଧାବିପତ୍ତିର ମାଡ଼ ଖାଇ ସେ ହତବଳ ଓ ହତୋତ୍ସାହିତ ହୋଇଯାଇ ପାରେ। ଏହି ବାଧାଗୁଡ଼ିକ ନିଜ ଭିତରୁ ବା ବିଭିନ୍ନ ବ୍ୟକ୍ତି ଓ ଘଟଣା ଭିତରୁ ଆସିପାରେ। ଗୋଟିଏ ବିରୋଧୀ ଶକ୍ତି ଉପରେ ବିଜୟଲାଭ କଲାବେଳକୁ ଆଗକୁ ଆହୁରି ଶତେକ ବିରୋଧୀ ଶକ୍ତି ସେମାନଙ୍କ ରକ୍ତଚକ୍ଷୁ ନେଇ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହୋଇ ରହିଥା'ନ୍ତି। ଚତୁର୍ଦ୍ଦିଗରେ ଅନ୍ଧକାରହିଁ ଅନ୍ଧକାର ଦୃଶ୍ୟ ହୋଇଥାଏ। ସେତିକିବେଳେ କୌଣସି ଦେବପୁରୁଷ ବି ସହାୟତା କରିବା ଲାଗି ପାଖରେ ନଥା'ନ୍ତି। ସେହି ଯନ୍ତ୍ରଣାକାତର ମୁହ୍ୟମାନ ଅବସ୍ଥାରେ ହୃଦୟରୁ ପ୍ରାର୍ଥନାଟିଏ ବି ଉଚ୍ଚାରିତ ହୋଇପାରେ ନାହିଁ।

ସାଧକ ଭିତରେ ଯଦି ମୌଳିକ ବିଶ୍ୱାସ ଓ ନିଷ୍ଠାର ଭିତ୍ତି ନାହିଁ, ତା'ହେଲେ ଏପରି ପରିସ୍ଥିତିରେ ସେ ବିଦ୍ରୋହୀ ହୋଇ ଉଠିପାରେ, ଯୋଗଭ୍ରଷ୍ଟ ହୋଇଯାଇପାରେ ଅଥବା ଭୀଷଣ ବିରକ୍ତ ହୋଇ ସାଧନା ପଥରୁ ଓହରି ଆସିପାରେ। ଯେଉଁମାନଙ୍କ ଭିତରେ ଅହଂପୂର୍ଣ୍ଣ ଉଚ୍ଚାକାଂକ୍ଷା ଥାଏ ସେମାନଙ୍କ ଅବସ୍ଥା ସବୁଠୁ ଅଧିକ ଭୟଙ୍କର ହୋଇଉଠେ।

ସୁତରାଂ ସାଧନାର ପ୍ରାରମ୍ଭରୁ କେବଳ ଶ୍ରୀମାଙ୍କ ଉପରେ ଅଟଳ ବିଶ୍ୱାସ ଓ ନିର୍ଭରତା ରଖିବା ନିତାନ୍ତ ଆବଶ୍ୟକ। ହୃଦୟରେ ଅଜସ୍ର ସାହସ ସଞ୍ଚିତ ହୋଇ ରହିଥିବା ଉଚିତ। ସାଧନାରେ ଆମେ ଏକ କ୍ଷୁଦ୍ରତର ଚେତନାରୁ ଏକ ବିସ୍ତୃତତମ ଚେତନା ବା ଭୂମା ଭିତରେ ପ୍ରବେଶ କରିବାର ଅଭୀପ୍ସା ରଖୁ। ଏହି ଅଭୀପ୍ସାହିଁ ସାହସ। ସକଳ ବାଧାବିଘ୍ନକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ଅସୀମଙ୍କ ଆଡ଼କୁ ମାଡ଼ିଯିବା ତଥା ଅସୀମଙ୍କୁ ଏହି ପାର୍ଥିବ ଜୀବନ ଭିତରେ ଅଭିବ୍ୟକ୍ତ କରିବା ହେଉଛି ଆମ ସାଧନାର ଦାବି। ଶ୍ରୀମା ସେଥିପାଇଁ ଶିକ୍ଷାର୍ଥୀମାନଙ୍କୁ ମୂଳରୁହିଁ ବୀରଯୋଦ୍ଧା ହେବା ପାଇଁ ଆହ୍ୱାନ ଦେଇଛନ୍ତି। ହଜାରେ ଥର ପରାଜୟର ସମ୍ମୁଖୀନ ହେଲେ ମଧ୍ୟ ନିଜ ସଂଗ୍ରାମ ଓ ଉଦ୍ୟମରେ ଲାଗି ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଏଥିପାଇଁ ଅସୀମ ଧୈର୍ଯ୍ୟ ଓ ସହନଶୀଳତା ଆବଶ୍ୟକ।

ଜୀବନ ହେଉଛି ଏକ କୁରୁକ୍ଷେତ୍ର, ଏକ ଭୟଙ୍କର ସମରଭୂମି। ଏଠାରେ ବିଜୟଲାଭ ପାଇଁ ଭଗବାନହିଁ ଏକମାତ୍ର ଅବଲମ୍ବନ। ଯେଉଁମାନେ ଭୀରୁ ଓ ଦୁର୍ବଳମନା ସେମାନେ ଜୀବନ-ଯୁଦ୍ଧରୁ ପଳାୟନ କରନ୍ତି। ସେମାନେ ଜୀବନର ପ୍ରକୃତ ରସ ଆସ୍ୱାଦନ କରି ପାରନ୍ତି ନାହିଁ। ଜୀବନ ପ୍ରତି ଉଦାସୀନ ଓ ବିରକ୍ତ ହୋଇ ସେମାନେ ସନ୍ନ୍ୟାସର ଭେକ ଧାରଣ କରନ୍ତି। ସେମାନେ କୌଣସି ଯୁଦ୍ଧ ଲଢ଼ି ନଥା'ନ୍ତି ବୋଲି ସେମାନଙ୍କ ଜୀବନରେ କୌଣସି ଅଭ୍ୟୁଦୟ ଘଟେ ନାହିଁ। ସେମାନଙ୍କ ଜୀବନ ପଙ୍ଗୁ ଓ ସ୍ଥାଣୁ ହୋଇ ରହିଥାଏ। ଅପର ପକ୍ଷରେ ଶ୍ରୀଅରବିନ୍ଦ ଆମକୁ ଗତିଶୀଳ ଆତ୍ମା ବା Dynamic souls ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଗତିଶୀଳ ଆତ୍ମାମାନେହିଁ ଭୌତିକ ଜୀବନକୁ ଦିବ୍ୟ ଜୀବନରେ ରୂପାନ୍ତରିତ କରିପାରିବେ। କିନ୍ତୁ ବିଡ଼ମ୍ବନାର ବିଷୟ ହେଲା ପୃଥିବୀରେ ଏପରି ଗତିଶୀଳ ଆତ୍ମା ବା ବୀର ସାଧକମାନଙ୍କ ସଂଖ୍ୟା ଅତି ଅଳ୍ପ। ଶ୍ରୀଅରବିନ୍ଦ 'ସାବିତ୍ରୀ' ମହାକାବ୍ୟରେ କହନ୍ତି –

"The heroes and the demigods are few
To whom the close immortal voices speak..."

(Savitri, p. 689)

ନିଜର ସଂକଳ୍ପକୁ ବଳଶାଳୀ କରି ଆମକୁ ଭଗବାନଙ୍କର ବୀର୍ଯ୍ୟବାନ୍ ଯନ୍ତ୍ର ହେବାକୁ ପଡ଼ିବ, ଏହା ଶ୍ରୀଅରବିନ୍ଦଙ୍କର ଆମ ପ୍ରତି ଆହ୍ୱାନ।

'ଯୋଗ-ସମନ୍ୱୟ' ଗ୍ରନ୍ଥରେ ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ ଯେଉଁ ଅଳ୍ପ କେତେଜଣ ଗତିଶୀଳ ଆତ୍ମା ପୃଥିବୀରେ ଆବିର୍ଭୂତ ହୋଇଛନ୍ତି ସେମାନେ ପାର୍ଥିବ ଜୀବନ ମଧ୍ୟକୁ ବୀର ଭଳି ଲମ୍ଫ ପ୍ରଦାନ କରିଛନ୍ତି ("have thrown themselves upon the world") ଏବଂ ଜୀବନ ଓ ଜଗତ୍ ସହିତ ଏକ ପ୍ରେମଯୁକ୍ତ ସଂଗ୍ରାମରେ ଅବତୀର୍ଣ୍ଣ ହୋଇଛନ୍ତି ("grappled with it in a loving wrestle")। ସେମାନେ ପାର୍ଥିବ ଜୀବନକୁ ପରିବର୍ତ୍ତନ ଲାଗି ବାଧ୍ୟ କରିବାକୁ ପ୍ରୟାସ କରିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ପ୍ରୟାସ କେବଳ ମାନସିକ ପରିବର୍ତ୍ତନ ବା ନୈତିକ ପରିବର୍ତ୍ତନ ଭିତରେ ସୀମିତ ହୋଇ ରହିଛି। ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଲା ମନୁଷ୍ୟର ଦେହ, ମନ, ପ୍ରାଣ ସମେତ ସମଗ୍ର ସତ୍ତାକୁ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରିଦେବା ଓ ଜୀବନର ସକଳ ରୂପ ଓ ଅନୁଷ୍ଠାନଗୁଡ଼ିକୁ ଦିବ୍ୟ ଚେତନାର ଆଧାର କରି ଗଢ଼ି ତୋଳିବା। ଏହି ଲକ୍ଷ୍ୟ ଅତ୍ୟନ୍ତ ଦୁରୂହ ଓ କଷ୍ଟସାଧ୍ୟ। ଅତୀତର ଅନେକ ପ୍ରଥା ପରମ୍ପରା, ସଂସ୍କାର, ପୁରାତନ ବିଚାର ତଥା ଜନ୍ମ ଜନ୍ମର ସତ୍ତାଗତ ଅଭ୍ୟାସ ଆମକୁ ଏହି ଲକ୍ଷ୍ୟ ଦିଗରେ ଆଗେଇ ଯିବା ପାଇଁ ବାଧା ଦିଅନ୍ତି। ସୁତରାଂ ଅତୀତକୁ ଅତିକ୍ରମ କରି ଆମକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଭିତରକୁ ଲମ୍ଫ ପ୍ରଦାନ କରିବାକୁ ହେବ। ସୃଷ୍ଟି ମଧ୍ୟରେ କ୍ରିୟାଶୀଳ ମାତୃଶକ୍ତି ଉପରେ ପରମ ବିଶ୍ୱାସ ଓ ଭରସା ରଖି ପୂର୍ଣ୍ଣନିଷ୍ଠା, ଆନୁଗତ୍ୟ ଓ ସମର୍ପଣ ଭାବ ସହ ଆମକୁ ସାଧନା ପଥରେ ଆଗେଇ ଯିବାକୁ ହେବ। ମିଥ୍ୟାଶକ୍ତି ସହିତ ଶେଷ ପର୍ଯ୍ୟନ୍ତ ଲଢ଼ିବା ପାଇଁ ଏକ ଅଦମ୍ୟ, ଅପରାଜେୟ ସାହସ ଲୋଡ଼ା। ଶ୍ରୀମାଙ୍କ ଭିତରେ ସେଇ ଶକ୍ତି ଥିଲା। ସେ ଅନ୍ଧକାର ଶକ୍ତି ବିରୋଧରେ ସାହସର ସହିତ ଲଢ଼ିବା ପାଇଁହିଁ ଆସିଥିଲେ –

"To wrestle with the Shadow she had come"

(Savitri, p. 17)

ଶ୍ରୀଅରବିନ୍ଦ ଏହି ଲଢ଼ିବା (To wrestle) ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ''ଦିବ୍ୟଜୀବନ'' ଗ୍ରନ୍ଥରେ ସେ କହନ୍ତି – ''ଜୀବନର ସଂଗ୍ରାମକୁ ଆମେ କଦାପି ଖାଲି ବଞ୍ଚି ରହିବା ଲାଗି ଏକ ସଂଗ୍ରାମ ବୋଲି କହିପାରିବା ନାହିଁ। ଆମେ ଏହାକୁ ପରିପୂର୍ଣ୍ଣତା ତଥା ସ୍ୱାଧିକାର ପ୍ରତିଷ୍ଠା ଲାଗି ଏକ ସଂଗ୍ରାମ ବୋଲି ବି କହିପାରିବା।'' (ଦିବ୍ୟଜୀବନ, ପ୍ରଥମ ଖଣ୍ଡ, ପୃ. ୭୧୧)। ଆମକୁ ଜୁଗୁପ୍ସା (shrinking and contraction) ପରିବର୍ତ୍ତେ ତିତିକ୍ଷା (the facing, enduring and conquest of all shocks of existence)ର ଭାବ ଗ୍ରହଣ କରିବାକୁ ହେବ। ବିଶ୍ୱର ଅଭିଘାତଗୁଡ଼ିକୁ ସାହସର ସହିତ ସମ୍ମୁଖୀନ ହେବାକୁ ହେବ। ପ୍ରତିକୂଳ ଶକ୍ତି ଦ୍ୱାରା ଆଘାତ ଖାଇ ପଛକୁ ହଟି ନଆସି ଏଥର ଅବିଚଳ ଭାବରେ ଠିଆ ହୋଇ ଶିଖିବାକୁ ହେବ। ସେଗୁଡ଼ିକ ସହିତ ଲଢ଼ି ସେଗୁଡ଼ିକୁ ଜୟ କରିବାକୁ ହେବ। ଆପଣା ଭିତରେ ସମତ୍ୱବୋଧ (equality)ର ମୂଳଟିକୁ ଦୃଢ଼ ଭାବେ ପ୍ରତିଷ୍ଠା କରିବା ଏକାନ୍ତ ଆବଶ୍ୟକ। ଦୁଃଖ ଓ ଭୟରେ କାତର ହେଉଥିବା ଅହଂ ଚେତନାରୁ ମୁକ୍ତ ହୋଇ ସଚ୍ଚିଦାନନ୍ଦ-ଚେତନାକୁ ଲାଭ କରିବାକୁ ହେବ। (The Life Divine, p. 109)

'Essays on the Gita' ଗ୍ରନ୍ଥରେ ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ ବିଶ୍ୱାସ ଭଳି ଏକ କଷ୍ଟକର କାର୍ଯ୍ୟରୁହିଁ ଆମର ସାଧନା ଆରମ୍ଭ ହେବ (... the human being has to start from a great, a difficult act of faith) (CWSA, Vol. 19, p. 47)। କାରଣ ଏହି ଜଗତଟି ଆପାତତଃ ପରସ୍ପର ମଧ୍ୟରେ ସଂଗ୍ରାମରତ ନାନା ଶକ୍ତିଗୁଡ଼ିକର ଏକ ଅରାଜକତା ମାତ୍ର। ଏଇଠି ଜୀବନ ଅବିରତ ପରିବର୍ତ୍ତନଶୀଳ ଓ ମୃତ୍ୟୁ ଉପରେ ନିର୍ଭରଶୀଳ। ଚାରିପଟରୁ ଜୀବନକୁ ମାଡ଼ି ବସିଛନ୍ତି ଦୁଃଖ, ଯନ୍ତ୍ରଣା, ମନ୍ଦ ଓ ଧ୍ୱଂସ। ଏଭଳି ଏକ ଜୀବନ ଓ ଜଗତରେ ଯଥାର୍ଥଭାବେ ବଞ୍ଚିବାକୁ ହେଲେ ଆମକୁ ସେ ସବୁରି ଭିତରେ ଏକହିଁ ସର୍ବଶକ୍ତିମାନ୍ ଦିବ୍ୟସତ୍ତାଙ୍କୁ ପ୍ରତ୍ୟକ୍ଷ କରିବାକୁ ହେବ। ସବୁ ଜଟିଳ ସମସ୍ୟାର ଯେ ଏକ ସମାଧାନ ରହିଛି ଏବଂ ସବୁ ଅଜ୍ଞାନତାର ଊର୍ଦ୍ଧ୍ୱରେ ଯେ ଏକ ପରମ ଜ୍ଞାନ ରହିଛି ଏ ବିଷୟରେ ସଚେତନ ହେବାକୁ ପଡ଼ିବ। ସର୍ବୋପରି ଏପରି ଏକ ବିଶ୍ୱାସ ଉପରେ ଛିଡ଼ା ହେବାକୁ ପଡ଼ିବ ଯଦ୍ଦ୍ୱାରା ଜଣେ ଭକ୍ତ ଜବ୍(Job)ଙ୍କ ଭଳି କହି ପାରୁଥିବ, ''ହେ ଭଗବାନ୍, ତୁମେ ମୋତେ ହତ୍ୟା କଲେ ମଧ୍ୟ ମୁଁ ତୁମ ଉପରେ ଭରସା ରଖିଥିବି।''

''ସାବିତ୍ରୀ'' ମହାକାବ୍ୟରେ ବର୍ଣ୍ଣିତ ଅଛି ଯେ ଯେତେବେଳେ ସାବିତ୍ରୀ ସଚେତନ ଭାବରେ ସତ୍ୟବାନଙ୍କ ମୃତ୍ୟୁର ସମ୍ମୁଖୀନ ହେବାକୁ ଯାଉଛନ୍ତି ସେତେବେଳେ ଯଦିଓ ଭୟ ଓ ହତାଶାର ଏକ ଗମ୍ଭୀର ବାତାବରଣ ତାଙ୍କୁ ଘେରି ରହିଛି ତଥାପି ସେ ପ୍ରଶାନ୍ତ ହୋଇ ରହିଛନ୍ତି କାରଣ ତାଙ୍କ ଭିତରେ ସାହସ ରହିଛି।

"Calm was her face and
courage kept her mute."
(Savitri, p. 8)

ଅର୍ଥାତ୍,

''ତାଙ୍କର ଆନନ ପ୍ରଶାନ୍ତ ରହିଥିଲା ଏବଂ
ସାହସ ତାଙ୍କୁ ନିର୍ବାକ୍ କରି ରଖିଥିଲା ।''

ଶ୍ରୀଅରବିନ୍ଦ ''Essays on the Gita'' ଗ୍ରନ୍ଥରେ ଲେଖିଛନ୍ତି ଯେ ସତ୍ୟ ହେଉଛି ପ୍ରକୃତ ଆଧ୍ୟାତ୍ମିକତାର ଭିତ୍ତି ଏବଂ ସାହସ ହେଉଛି ତା'ର ଆତ୍ମା ("...truth is the foundation of real spirituality and courage is its soul.") । ଅନ୍ୟତ୍ର ସେ କହିଛନ୍ତି – "Courage and love are the only indispensable virtues; even if all the others are eclipsed or fall asleep, these two will save the soul alive."

(CWSA, Vol. 12, p. 455)

ଅର୍ଥାତ୍, ''ସାହସ ଓ ପ୍ରେମ ଦୁଇଟି ଅପରିହାର୍ଯ୍ୟ ଗୁଣ । ଅନ୍ୟ ସମସ୍ତ ଗୁଣ ଅନ୍ଧକାରାବୃତ ଓ ସୁପ୍ତ ହୋଇ ରହିଥିଲେ ମଧ୍ୟ ଏ ଦୁଇଟି ଗୁଣ ମନୁଷ୍ୟାତ୍ମାକୁ ଉଦ୍ଧାର କରିନେବ ।''

ସୁତରାଂ ପ୍ରେମ ଉପରେ ଆଧାରିତ ବିଶ୍ୱାସ ଏବଂ ସମତା ଉପରେ ଆଧାରିତ ସାହସ ପୂର୍ଣ୍ଣଯୋଗର ସାଧନା ପାଇଁ ଅତ୍ୟନ୍ତ ଆବଶ୍ୟକ ।

❑❑❑

## ଅପମାନ ଆଗରେ ନିଶ୍ଚଳ ରୁହ

ମନେକର, କେହି ଜଣେ ତୁମକୁ ଅପମାନିତ କରୁଛି; ଯଦି, ଏହି ଅବସ୍ଥାରେ ତୁମେ ନିଶ୍ଚଳ ହୋଇ ରହିବ, (କେବଳ ବାହ୍ୟତଃ ନୁହେଁ, ଭିତରେ ମଧ୍ୟ) ଆଦୌ ହଲ୍‌ଚଲ୍ ହେବ ନାହିଁ, କେଉଁ ଭାବରେ ବି ବିଚଳିତ ହେବ ନାହିଁ, ସେତେବେଳେ ତୁମେ ଏକ ଶକ୍ତିରେ ପରିଣତ ହୋଇଗଲ, ସେହି ଶକ୍ତି ବିରୋଧରେ କେହି କିଛି କରିପାରିବେ ନାହିଁ । ତା'ପରେ ତୁମେ କିଛି ମଧ୍ୟ ଉତ୍ତର ଦିଅ ନାହିଁ, କିଛିମାତ୍ର ପ୍ରତିକ୍ରିୟାର ଭାବଭଙ୍ଗୀ ଦେଖାଅ ନାହିଁ, ଗୋଟାଏ ଶବ୍ଦ ବି ଉଚ୍ଚାରଣ କର ନାହିଁ । ଏବେ ତୁମ ଉପରକୁ ଯେଉଁ ଅପମାନ ନିକ୍ଷିପ୍ତ କରାହେଲା, ତାହା ତୁମକୁ ଆଦୌ ସ୍ପର୍ଶ ବି କରୁ ନାହିଁ – ଭିତରେ କରୁ ନାହିଁ କି ବାହାରେ ବି କରୁ ନାହିଁ – ତୁମେ ତୁମର ହୃତ୍-ସ୍ପନ୍ଦନକୁ ପ୍ରଶାନ୍ତ ରଖ, ତୁମ ମୁଣ୍ଡ ଭିତରେ ଯାହାକିଛି ଚିନ୍ତା ବା ଭାବନା ଆସୁଥାଏ, ସେଗୁଡ଼ିକୁ ନିଶ୍ଚଳ ଓ ଶାନ୍ତ ରଖ, ସେଗୁଡ଼ିକୁ ଆଦୌ ଆନ୍ଦୋଳିତ କର ନାହିଁ, ତୁମର ମୁଣ୍ଡ ଭିତରୁ ଯେପରି ତଦ୍ରୂପ ସ୍ପନ୍ଦନସବୁ ପ୍ରତ୍ୟୁତ୍ତର ସ୍ୱରୂପ ସୃଷ୍ଟି ନ ହୁଏ । ଏବଂ ତୁମର ସ୍ନାୟୁଗୁଡ଼ିକ ଯେପରି ସମାନ ପ୍ରତ୍ୟୁତ୍ତର ସ୍ୱରୂପ କିଛି ଆଘାତ ଦେବା ଲାଗି ଉନ୍ମୁଖ ହୋଇ ନ ଉଠନ୍ତି, ଯଦି ତୁମେ ଏପରି ରହି-ପାରିବ, ତା'ହେଲେ ଜଣାଯିବ ଯେ ତୁମର ଧୃତିଶକ୍ତି ରହିଛି ବା ଅପ୍ରତିହତ କ୍ଷମତା ରହିଛି । ଏବଂ ମନେରଖ, ଏହି ଶକ୍ତିର କ୍ଷମତା, ଅପମାନକୁ ଅପମାନ ଦେଇ ସୁଝାଇ ଦେବାର ଶକ୍ତିର କ୍ଷମତାଠାରୁ ନିଶ୍ଚୟ ବହୁ ପରିମାଣରେ ଅଧିକ । ଆଘାତକୁ ଆଘାତ ଦେବାର ଶକ୍ତିଠାରୁ ଏବଂ ବିଦ୍ରୋହକୁ ବିଦ୍ରୋହ ଦ୍ୱାରା ସାବାଡ୍ କରିଦେବାର ଶକ୍ତିଠାରୁ ମଧ୍ୟ ଏହା ନିଶ୍ଚୟ ଖୁବ୍ ଅଧିକ ।

– ଶ୍ରୀମା

# ଅରୋଭିଲ୍ ଉତ୍ସର୍ଗ ଦିବସ

୧୯୬୮ ଫେବ୍ରୁଆରୀ ୨୮ ତାରିଖରେ ଅରୋଭିଲ୍ ଅଞ୍ଚଳର କେନ୍ଦ୍ରସ୍ଥଳୀରେ ଅରୋଭିଲ୍‌ର ଭିତ୍ତିସ୍ଥାପନ ଓ ଉତ୍ସର୍ଗ ଦିବସ ଅନୁଷ୍ଠିତ ହେଲା । ଉତ୍ସର୍ଗ ଆରମ୍ଭ ହେବାର ଅନେକ ପୂର୍ବରୁ ଶତାଧିକ ଦେଶରୁ ସହସ୍ର ସହସ୍ର ଦର୍ଶକ ଉପସ୍ଥିତ ହୋଇଥିଲେ । ଉତ୍ସବ ଆରମ୍ଭ ହେଲା ସକାଳ ଘ୧୦.୩୦ ମିନିଟରେ, ଅରୋଭିଲ୍ ତରଫରୁ ଅଭିନନ୍ଦନ ଜ୍ଞାପନ କରି ଶ୍ରୀମା ସିଧା ତାଙ୍କ ପ୍ରକୋଷ୍ଠରୁ କହିଥିଲେ,—

''ସଦିଚ୍ଛାସମ୍ପନ୍ନ ସମସ୍ତ ମନୁଷ୍ୟଙ୍କୁ ଅରୋଭିଲ୍ ଅଭିନନ୍ଦନ ଜଣାଉଛି ।

ଯେଉଁମାନଙ୍କର ଅଗ୍ରଗତି ପାଇଁ ପିପାସା ଓ ଉଚ୍ଚତର ଏବଂ ସତ୍ୟତର ଜୀବନ ପାଇଁ ଅଭୀପ୍ସା ରହିଛି, ସେମାନଙ୍କୁ ଅରୋଭିଲ୍‌କୁ ନିମନ୍ତ୍ରଣ କରାଯାଉଛି ।''

ମା' ଏହି ବାଣୀ ତାଙ୍କ ପ୍ରକୋଷ୍ଠରୁ କହୁଥିବା ସମୟରେହିଁ ତାହା ସିଧା ଉତ୍ସବ ସ୍ଥାନରେ ଶୁଣାଯାଇ ପାରିବାର ବ୍ୟବସ୍ଥା କରାଯାଇଥିଲା । ଏହାପରେ ଶ୍ରୀମା ଫରାସୀ ଭାଷାରେ ଅରୋଭିଲ୍‌ର ସନନ୍ଦ ପାଠ କରିଥିଲେ ।

**ଅରୋଭିଲ୍‌ର ସନନ୍ଦ :**

୧. ଅରୋଭିଲ୍ ଉପରେ କାହାର ବ୍ୟକ୍ତିଗତ ଅଧିକାର ନାହିଁ । ଅରୋଭିଲ୍ ସାରା ମାନବ-ସମାଜର । କିନ୍ତୁ ଅରୋଭିଲ୍‌ରେ ବାସ କରିବାକୁ ହେଲେ ଭଗବତ୍ ଚେତନାର ସ୍ୱେଚ୍ଛାକୃତ ସେବକ ହେବାକୁ ହେବ ।

୨. ଅରୋଭିଲ୍ ହେବ ଅନ୍ତହୀନ ଶିକ୍ଷା, ନିରବଚ୍ଛିନ୍ନ ପ୍ରଗତି ଏବଂ କାଳଜୟୀ ତାରୁଣ୍ୟର ପୀଠ ।

୩. ଅରୋଭିଲ୍ ହେବ ଅତୀତ ଓ ଭବିଷ୍ୟତ୍ ଭିତରେ ଏକ ସେତୁ ।
ଅନ୍ତର ଓ ବାହାରର ସମସ୍ତ ଆବିଷ୍କାରର ସୁଯୋଗ ନେଇ ଅରୋଭିଲ୍ ଭବିଷ୍ୟତର ସିଦ୍ଧି ଦିଗରେ ହେବ ଏକ କ୍ଷିପ୍ର ଉଲ୍ଲମ୍ଫନ ।

୪. ମାନବ-ଐକ୍ୟକୁ ବାସ୍ତବ ଓ ଜୀବନ୍ତ ଭାବରେ ରୂପାୟିତ କରିବା ପାଇଁ ଅରୋଭିଲ୍ ହୋଇଉଠିବ ଭୌତିକ ଓ ଆଧ୍ୟାତ୍ମିକ ଗବେଷଣାର ଏକ ମହାନ୍ ପୀଠ ।

ତା'ପରେ ଅରୋଭିଲ୍‌ର ଏହି ସନନ୍ଦ ତାମିଲ, ସଂସ୍କୃତ, ଇଂରାଜୀ, ଆରବିକ୍, ଚୀନ୍, ଡଚ୍, ଜର୍ମାନ୍, ଗ୍ରୀକ୍, ହିବ୍ରୁ, ଇଟାଲୀୟାନ୍, ଜାପାନିଜ୍, ନରୱେଜୀୟାନ୍, ରୁଷ୍, ସ୍ପେନିସ୍, ସ୍ୱିଡ଼ିସ୍ ଓ ତିବ୍‌ବତୀୟ – ଏହିପରି ୧୬ଟି ଭାଷାରେ ପଢ଼ା ଯାଇଥିଲା ।

ଅରୋଭିଲ୍‌ର ଏହି ସନନ୍ଦ ବିଭିନ୍ନ ଭାଷାରେ ପାଠ କରାଯାଉଥିବା ସମୟରେହିଁ ଭାରତର ବିଭିନ୍ନ ୨୪ଟି ରାଜ୍ୟ ଯଥା :— ଆଣ୍ଡାମାନ୍ ଓ ନିକୋବର, ଆନ୍ଧ୍ରପ୍ରଦେଶ, ଆସାମ, ପଶ୍ଚିମ ବଙ୍ଗଳା, ବିହାର, ଚଣ୍ଡୀଗଡ଼, ଦିଲ୍ଲୀ, ଗୋଆ, ଗୁଜରାଟ, ହରିୟାନା, ହିମାଚଳ ପ୍ରଦେଶ, ଜାମୁ ଓ କାଶ୍ମୀର, କେରଳ, ଲାକ୍ଷାଦ୍ୱୀପ, ମଧ୍ୟପ୍ରଦେଶ, ତାମିଲନାଡୁ (ମାଡ୍ରାସ), ମହାରାଷ୍ଟ୍ର, ମଣିପୁର, ମହୀଶୂର, ଓଡ଼ିଶା, ପଣ୍ଡିଚେରୀ, ପଞ୍ଜାବ, ରାଜସ୍ଥାନ ଓ ଉତ୍ତର ପ୍ରଦେଶରୁ ଓ ପୃଥିବୀର ୧୨୧ଟି ବିଭିନ୍ନ ଦେଶରୁ ଜଣେ ଲେଖାଏଁ ବାଳକ ଓ ବାଳିକା ନିଜ ନିଜ ରାଜ୍ୟ ବା ଦେଶର ମାଟି ନେଇ କେନ୍ଦ୍ରସ୍ଥଳରେ ରହିଥିବା ଏକ ପଦ୍ମପୁଷ୍ପାକୃତି ଆଧାରରେ ରଖିଥିଲେ ।

ପୃଥିବୀର ଏହିସବୁ ଦେଶଗୁଡ଼ିକ ହେଲେ — ଆଫଗାନିସ୍ତାନ, ଆଲ୍‌ବାନିଆ, ଆଲ୍‌ଜିରିଆ, ଆର୍ଜେଣ୍ଟାଇନା, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ବେଲ୍‌ଜିୟମ୍, ଭୁଟାନ୍, ବଲିଭିଆ, ବ୍ରାଜିଲ୍, ବୁଲଗେରିଆ, ବର୍ମା, ବୁରୁଣ୍ଡି, ଚୀନ, କାମ୍ବୋଡ଼ିଆ, କାମାରୁନ୍, କାନାଡ଼ା, କେନ୍ଦ୍ର ଆଫ୍ରିକା ରିପବ୍ଲିକ୍, ସିଂହଳ, ଚାଦ୍, ଚିଲ୍ଲି, କଲମ୍ବିଆ, କଙ୍ଗୋ (କିଂସାସା), କୋଷ୍ଟାରିକା, କ୍ୟୁବା, ସାଇପ୍ରସ୍, ଚେକୋସ୍ଲୋଭାକିଆ, ଡାହୋମେ, ଡେନ୍‌ମାର୍କ, ଡୋମିନିକାନ୍ ରିପବ୍ଲିକ୍, ଇକ୍ୟୁଏଡ଼ର୍, ଏଲ୍‌ସାଲ୍‌ଭାଡ଼ର, ଇଥିଓପିଆ, ଫିଜି, ଫିନ୍‌ଲାଣ୍ଡ୍, ଫ୍ରାନ୍‌ସ୍, ଗାବନ୍, ଜର୍ମାନୀ, ଘାନା, ଗ୍ରୀସ୍, ଗୁଆଟାମାଲା, ଗିନି, ହାଇତି, ହଣ୍ଡୁରାସ୍, ହଙ୍ଗେରୀ, ଆଇସ୍‌ଲାଣ୍ଡ, ଇଣ୍ଡୋନେସିଆ, ଇରାନ୍, ଇରାକ୍, ଆୟାରଲାଣ୍ଡ, ଇସ୍‌ରାଏଲ୍, ଇଟାଲି, ଆଇଭରିକୋଷ୍ଟ, ଜାମାଇକା, ଜାପାନ୍, ଜୋର୍ଡ଼ାନ୍, କେନିଆ, କୋରିଆ, କୁଏତ୍, ଲାଓସ୍, ଲେବାନନ୍, ଲାଇବେରିଆ, ଲିବ୍ୟା, ଲକ୍‌ସମ୍‌ବର୍ଗ, ମାଲାଗାସି, ମାଲ୍‌ଟା, ମାଲୟେସିଆ, ମରିସସ୍, ମାଲି, ମରୋକ୍‌କୋ, ମାରିଟିଆନା, ମେକ୍‌ସିକୋ, ମଙ୍ଗୋଲିଆ,

ମୋଜାମ୍ବିକ୍, ନେପାଳ, ନେଦରଲାଣ୍ଡ, ନିଉଜିଲାଣ୍ଡ, ନିକାରାଗୁଆ, ନାଇଜର ରିପବ୍ଲିକ୍, ନାଇଜେରିଆ ଫେଡ଼େରେସନ୍, ନରୱେ, ପାକିସ୍ତାନ, ପାନାମା, ପାରାଗୁଏ, ପେରୁ, ଫିଲିପାଇନ୍ସ୍, ପୋଲାଣ୍ଡ, ପର୍ତୁଗାଲ୍, କାତାର, ରୋଡ଼େସିଆ, ରୁମାନିଆ, ରୋଆଣ୍ଡା, ସାଉଦି ଆରବିଆ, ସେନେଗାଲ୍, ସିକ୍କିମ୍, ସୋମାଲିଆ, ସାଉଥ୍ ଆଫ୍ରିକା, ସାଉଥ୍ ୟେମାନ୍, ସ୍ପେନ୍, ସୁଦାନ୍, ସ୍ୱିଡ଼େନ୍, ସ୍ୱିଜରଲାଣ୍ଡ, ସିରିଆ, ତାଞ୍ଜାନିଆ, ଥାଇଲାଣ୍ଡ, ଟୋଗୋ, ଟ୍ୟୁନିସିଆ, ତୁର୍କୀ, ତିବ୍ବତ୍, ଉଗାଣ୍ଡା, ସୋଭିଏଟ୍ ୟୁନିଅନ୍, ସଂଯୁକ୍ତ ଆରବରାଷ୍ଟ୍ର, ବ୍ରିଟିଶ ଯୁକ୍ତରାଜ୍ୟ, ଆମେରିକା ଯୁକ୍ତରାଷ୍ଟ୍ର, ଅପର୍ ଭୋଲ୍‌ଟା, ଉରୁଗୁଏ, ଭେନ୍‌ଜୁଆଲା, ଭିଏତ୍‌ନାମ୍, ୟୁଗୋସ୍ଲୋଭିଆ ଓ ଜାମ୍ବିଆ ।

ଏଇସବୁ ଦେଶର ମାଟି ପଡ଼ିବା ପୂର୍ବରୁ ପ୍ରଥମେ ଆଶ୍ରମର ମାଟି ଓ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଏକ ପାତ୍ରରେ ଅରୋଭିଲ୍ ସନନ୍ଦ ଉପରୋକ୍ତ ପଦ୍ମାକୃତି ଆଧାରରେ ରଖାଯାଇଥିଲା । ସବୁ ଦେଶର ମାଟି ପଡ଼ି ସାରିବା ପରେ ଅରୋଭିଲ୍‌ର ପତାକା ଧାରଣ ସହ ଅରୋଭିଲ୍‌ର ମାଟି ତହିଁରେ ରଖାଗଲା । ସର୍ବଶେଷରେ ଆଶ୍ରମ ସେକ୍ରେଟାରୀ ଶ୍ରୀ ନଳିନୀ କାନ୍ତ ଗୁପ୍ତ ଏହି ଆଧାରଟିର ମୁଖ ବନ୍ଦ କରି ଦେଇଥିଲେ । ଉତ୍ସବର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ଶାନ୍ତ, ସୁମଧୁର, ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଥିବା ଯନ୍ତ୍ରବାଦ୍ୟର ବ୍ୟବସ୍ଥା ହୋଇଥିଲା ।

ଭିତ୍ତିସ୍ଥାପନ ଉତ୍ସବର ପରିସମାପ୍ତି ପରେ ଅରୋଭିଲ୍‌ର ସ୍ଥପତିଙ୍କ ପରିକଳ୍ପିତ ବିଭିନ୍ନ ନକ୍‌ସାର ପ୍ରଦର୍ଶନୀ ସକଳଙ୍କ ପାଇଁ ଉନ୍ମୁକ୍ତ ରଖା ଯାଇଥିଲା ।

ସମସ୍ତ ଉତ୍ସବଟି ଏକ ଗଭୀର ଶାନ୍ତି, ପ୍ରଦୀପ୍ତ ଉତ୍ସାହ ଓ ପ୍ରେରଣା ଭିତରେ ଶେଷ ହୋଇଥିଲା ।

## ଅରୋଭିଲ୍ ଉତ୍ସର୍ଗ ଦିବସରେ ଶ୍ରୀମା'ଙ୍କ ବାଣୀ :

ପରିଶେଷରେ ଏପରି ଏକ ସ୍ଥାନର ଅସ୍ତିତ୍ୱ ସମ୍ଭବ ହୋଇଛି ଯେଉଁଠି କେବଳ ପ୍ରଗତି କରିବା ଏବଂ ନିଜକୁ ଅତିକ୍ରମ କରିଯିବା ପାଇଁ କେହି ଚିନ୍ତା କରି ପାରିବ ।

ପରିଶେଷରେ ଏପରି ଏକ ସ୍ଥାନର ଅସ୍ତିତ୍ୱ ସମ୍ଭବ ହୋଇଛି ଯେଉଁଠି ସକଳ ଜାତି, ଧର୍ମ ଓ ଉଚ୍ଚାଭିଳାଷ ମଧ୍ୟରେ କୌଣସି ବିରୋଧ ଓ ପ୍ରତିଦ୍ୱନ୍ଦ୍ୱିତା ନ କରି କେହି ଶାନ୍ତିରେ ବାସ କରିପାରିବ ।

ପରିଶେଷରେ ଏପରି ଏକ ସ୍ଥାନର ଅସ୍ତିତ୍ୱ ସମ୍ଭବ ହୋଇଛି ଯେଉଁଠି କୌଣସି କିଛିର ନିଜକୁ ଏକମାତ୍ର ସତ୍ୟ ଭାବରେ ଧାର୍ଯ୍ୟ କରିବାର ଅଧିକାର ରହିବ ନାହିଁ ।

*

ଅରୋଭିଲ୍ ହେଉଛି ଜ୍ଞାନ, ଶାନ୍ତି ଓ ଏକତାର ଭବିଷ୍ୟତ୍ ଦିଗରେ ଦ୍ରୁତ ଅଗ୍ରଗତି କରିବାକୁ ଚାହୁଁଥିବା ସକଳ ବ୍ୟକ୍ତିଙ୍କ ନିମିତ୍ତ ଏକମାତ୍ର ଆବାସ ସ୍ଥଳ ।

*

ମାନବଜାତି ପାର୍ଥିବ ସୃଷ୍ଟିର ଚରମ ସ୍ତର ନୁହେଁ । କ୍ରମବିବର୍ତ୍ତନ ଆଗେଇ ଚାଲିଛି ଏବଂ ମାନବଜାତିକୁ ଅତିକ୍ରମ କରି ଦେଖାଦେବ ଅନ୍ୟ ଏକ ଜାତି ।

ନୂତନଜାତିର ଆଗମନରେ ଅଂଶ ଗ୍ରହଣ କରିବାକୁ ଚାହିଁବା ବା ନ ଚାହିଁବା – ପ୍ରତ୍ୟେକଙ୍କୁ ନିର୍ଣ୍ଣୟ କରିବାକୁହିଁ ହେବ ।

(୨୮.୦୨.୧୯୬୮) ❑

(ମାତୃମନ୍ଦିର ଭିତ୍ତିସ୍ଥାପନର ଶିଳାନ୍ୟାସ ଉପଲକ୍ଷେ ଶ୍ରୀମାଙ୍କ ବାର୍ତ୍ତା ।)
ମାତୃମନ୍ଦିର ହୋଇଉଠୁ ଭଗବାନଙ୍କ ପାଇଁ ଅରୋଭିଲ୍‌ର ଅଭୀପ୍ସାର ଏକ ଜୀବନ୍ତ ପ୍ରତୀକ ।

୨୧ ଫେବ୍ରୁଆରୀ, ୧୯୭୧

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୧୫)

### ସମବେତ ଅଧ୍ୟାତ୍ମ-ସାଧନାରେ ଧ୍ୟାନଧାରଣାର ଅୟମାରମ୍ଭ (୧)

୨୧ ଅଗଷ୍ଟ ୧୯୫୭ର 'ପ୍ରଶ୍ନୋତ୍ତର' କ୍ଲାସରେ ଶ୍ରୀମା'ଙ୍କ ଉତ୍ତରରୁ ଉଦ୍ଧୃତି : ''ଅନେକ କାଳ ପର୍ଯ୍ୟନ୍ତ ଆଶ୍ରମ କେବଳ ବ୍ୟକ୍ତି ବିଶେଷଙ୍କ (individuals)ର ସମାବେଶ ହୋଇ ରହିଥିଲା । ପ୍ରତ୍ୟେକେ କୌଣସି ନା କୌଣସି ଉଲ୍ଲେଖଯୋଗ୍ୟ ବିଷୟର ପ୍ରତିନିଧିତ୍ୱ କରୁଥିଲେ, ମାତ୍ର ଜଣେ ବ୍ୟକ୍ତି ହିସାବରେହିଁ ପ୍ରତିନିଧିତ୍ୱ କରୁଥିଲେ । ସେତେବେଳେ କୌଣସି ସାମୂହିକ ସଙ୍ଗଠନ (collective organisation) ନଥିଲା । ସେମାନେ ସତେଅବା ସତରଞ୍ଜ(ଚେସ୍) ଖେଳର ଚିତ୍ରିତ ପଟା ଉପରେ ସ୍ୱତନ୍ତ୍ର ରୂପେ ଗୋଟିଏ ଗୋଟିଏ ଗୋଟି ହୋଇ ରହିଥିଲେ । ଅର୍ଥାତ୍ ବାହ୍ୟ ରୂପରେ ଏକତ୍ରିତ ହୋଇ ରହିଥିଲେ କିଂବା ଅଧିକ ଯଥାର୍ଥ ଭାବରେ କହିଲେ, ଖାଣ୍ଟି ଉପରଠାଉରିଆ ରୀତିରେ ଯାଞ୍ଚ କଲେ ସେମାନେ ସମ୍ମିଳିତ ଭାବରେ କେତୋଟି, ଅର୍ଥାତ୍ ଖୁବ୍ କମ୍ କେତୋଟି ଅଭ୍ୟାସର ଅନୁଶୀଳନ କରି ଏକତ୍ର ଓ ସମାନ ସ୍ଥାନରେ ବାସ କରୁଥିଲେ । ପ୍ରତ୍ୟେକେ ନିଜ ନିଜର ସାମର୍ଥ୍ୟ ଅନୁସାରେ ଏବଂ ଅନ୍ୟମାନଙ୍କ ସହିତ ଯଥାସମ୍ଭବ କମ୍ ସମ୍ପର୍କ ରଖି ଅଗ୍ରଗତି କରୁଥିଲେ, ହୁଏତ ଅଗ୍ରଗତି ବି କରୁ ନଥିଲେ । ତେଣୁ ଆଶ୍ରମର ଏହି ପ୍ରଥମ ପିଢ଼ିର ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ମୂଲ୍ୟବୋଧ ଉପରେହିଁ ଅସାମ୍ୟ (odd) ସମାବେଶ ବା ଗୋଷ୍ଠୀଟି ଗଠିତ ହୋଇ ରହିଥିଲା । ଏହି ସଙ୍ଗଠନଟିରେ, ଜଣେ କହିପାରେ ଯେ ଏକ ସାଧାରଣ ମୂଲ୍ୟବୋଧ ରହିଥିଲା, କିନ୍ତୁ ଏହା ଅତ୍ୟନ୍ତ ଅସ୍ପଷ୍ଟ ବା ଏହାର କୌଣସି ନିର୍ଦ୍ଦିଷ୍ଟ ରୂପରେଖ ନଥିଲା । ଏଥିରେ କୌଣସି ଗୋଷ୍ଠୀଗତ ବାସ୍ତବତା (collective reality) ନଥିଲା । ଏପରି ଅନେକ କାଳ ଧରି ରହିଥିଲା ଏବଂ ଏବେ, ପ୍ରକୃତରେ ଏଇ ଅଳ୍ପ କିଛି ବର୍ଷ ପୂର୍ବରୁହିଁ ଏକ ସମଷ୍ଟିଗତ ବାସ୍ତବତାର ଆବଶ୍ୟକତା ଅନୁଭୂତ ହେବାକୁ ଆରମ୍ଭ କରିଛି, ଯାହାକି ଅପରିହାର୍ଯ୍ୟ ଭାବରେ କେବଳ ଆଶ୍ରମ ମଧ୍ୟରେହିଁ ସୀମାବଦ୍ଧ ନୁହେଁ, ମାତ୍ର ଯେଉଁମାନେ ପ୍ରାସଙ୍ଗିକ ଭାବରେ (materially) ନୁହେଁ କିନ୍ତୁ ସେମାନଙ୍କର ଆନ୍ତର ଚେତନାରେ ନିଜକୁ ଶ୍ରୀଅରବିନ୍ଦଙ୍କର ଅନୁଗାମୀ ବୋଲି ଦୃଢ଼ତାର ସହିତ ଘୋଷଣା କରିଛନ୍ତି ଏବଂ ଶ୍ରୀଅରବିନ୍ଦଙ୍କର ପ୍ରଦର୍ଶିତ ଯୋଗ-ମାର୍ଗରେ ଜୀବନ ଅତିବାହିତ କରିବାକୁ ସଚେଷ୍ଟ ଅଛନ୍ତି,— ଏହିମାନେ ମଧ୍ୟ ସେହି ସମଷ୍ଟିଗତ ବାସ୍ତବତାର ଅନ୍ତର୍ଭୁକ୍ତ ହୋଇ ରହିଛନ୍ତି । ଏହି ସମଷ୍ଟିର ପ୍ରତ୍ୟେକଙ୍କ ମଧ୍ୟରେ, ଏବଂ ଅଧିକ ଦୃଢ଼ ଭାବରେ ପୃଥିବୀପୃଷ୍ଠରେ ଅତିମାନସ ଦିବ୍ୟ ଚେତନା ଓ ଦିବ୍ୟ ଶକ୍ତିର ଅଭିବ୍ୟକ୍ତି ପରଠାରୁ, ସମସ୍ତଙ୍କ ମଧ୍ୟରେ ଏକ ଯଥାର୍ଥ ସାମ୍ପ୍ରଦାୟିକ ଜୀବନ (communal life)ର ଅପରିହାର୍ଯ୍ୟତା ଜାଗ୍ରତ ହୋଇଛି ଯାହାକି କେବଳ ତୁଚ୍ଛା ପାର୍ଥିବ ପରିସ୍ଥିତିସବୁ ମଧ୍ୟରେ ଆଧାରିତ ହୋଇ ରହିବ ନାହିଁ, କିନ୍ତୁ ଗଭୀରତର ଏକ ସତ୍ୟର ପ୍ରତିନିଧିତ୍ୱ କରିବ ଏବଂ ଏହାହିଁ ହେବ ଯାହାକୁ ଶ୍ରୀଅରବିନ୍ଦ ଏକ ଅତିମାନସିକ ବା ଆଧ୍ୟାତ୍ମିକ ଜ୍ଞାନସମ୍ପନ୍ନ ଗୋଷ୍ଠୀ(gnostic community) ବୋଲି କହିଛନ୍ତି । ଏହି ଗୋଷ୍ଠୀଟିର ପ୍ରାରମ୍ଭିକ ଗଠନ ଦିଗରେ ଏବେ ଏକ ପଦକ୍ଷେପ ନେବା ସଦୃଶ ବୋଲି କୁହାଯିବ ।...

''ଶ୍ରୀଅରବିନ୍ଦ ଅବଶ୍ୟ ଏକଥା ବି ଉଲ୍ଲେଖ କରିଛନ୍ତି ଯେ ଏଥିସହକାରେ ଅବଶ୍ୟ ଗୋଷ୍ଠୀଟିର ପ୍ରତ୍ୟେକ ସଦସ୍ୟଙ୍କର ଅତିମାନସ ଚେତନାର ଉପଲବ୍ଧି ହୋଇଥିବା ଆବଶ୍ୟକ । ମାତ୍ର ବ୍ୟକ୍ତିଗତ କ୍ଷେତ୍ରରେ ଏହି ପରିପୂର୍ଣ୍ଣତାକୁ ହାସଲ ନକଲେ ମଧ୍ୟ, ଏପରିକି ସେହି ଉପଲବ୍ଧିଟିକୁ ଆଦୌ ଲାଭ ନକରି ମଧ୍ୟ, କହିବାକୁ ଗଲେ ଏହି 'ଗୋଷ୍ଠୀଧର୍ମୀ ବ୍ୟକ୍ତିତ୍ୱ' (collective individuality)ର ସୃଷ୍ଟି ଲାଗି ଯୁଗପତ୍ ଭାବରେ ଏକ ଆନ୍ତର ପ୍ରଚେଷ୍ଟାର ଆରମ୍ଭ ହୋଇ ଯାଇଥିଲା । ଏକ ପ୍ରକୃତ ମିଳିତାବସ୍ଥା ବା ଏକ ଗଭୀରତର ବନ୍ଧନ-ସୂତ୍ରର ଆବଶ୍ୟକତା ଅନୁଭୂତ ହେବାକୁ ଆରମ୍ଭ କରିଥିଲା ଏବଂ ସେଇଟିର ଉପଲବ୍ଧି ଲାଗି ଅନୁରୂପ ପ୍ରଚେଷ୍ଟା ମଧ୍ୟ ଜାରି ରହିଥିଲା ।...

''... (ଏତଦ୍ୱାରା) ତୁମେ ଜଣେ ବ୍ୟକ୍ତି ହିସାବରେ ଯେଉଁ ଉଦ୍ୟମଟି କରିବ, ସେଇଟି କେବଳ ଏକ ବ୍ୟକ୍ତିଗତ

ଅଗ୍ରଗତି ନିମିତ୍ତହିଁ ସହାୟକ ନହୋଇ ଏହା ନିଜକୁ ନିଶ୍ଚିତ ରୂପେ ବ୍ୟାପ୍ତ କରିଦେବ, ଅର୍ଥାତ୍ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସାମୂହିକ ଫଳାଫଳକୁ ମଧ୍ୟ ସମ୍ଭବ କରାଇବ ।...

''ଯଦି ଆମେ ଇଚ୍ଛା କରୁ ଯେ ଏହି ଆଶ୍ରମର ଜୀବନଧାରା ତିଷ୍ଠି ରହୁ ତେବେ ଏହି ପ୍ରକାର ସାମୂହିକ ଜୀବନର ଏକାନ୍ତ ପ୍ରୟୋଜନ ରହିଥିଲା ବୋଲି ମାନିବାକୁ ପଡ଼ିବ । ଯେଉଁସବୁର ଅଗ୍ରଗତି ବନ୍ଦ ହୋଇ ଯାଇଥାଏ, ଅପରିହାର୍ଯ୍ୟ ରୂପେ ସେସବୁର ଅବନତି ଘଟେ ଓ ବିନଷ୍ଟ ହୋଇଯାଏ । ଏବଂ ଏହି ଆଶ୍ରମଟି ଯେପରି ଦୀର୍ଘସ୍ଥାୟୀ ହୋଇ ରହିବ, ସେଥିଲାଗି ଏହାକୁ ଏହାର ଚେତନାରେ ଅଗ୍ରଗତି କରିବାର ଆବଶ୍ୟକତା ରହିଥିଲା ଏବଂ ଏକ ଜୀବନ୍ତ, ସୁସ୍ପଷ୍ଟ ଅସ୍ତିତ୍ୱ ଥିବା ସଙ୍ଗଠନ (living entity)ଟିଏ ହୋଇ ଉଠିବାର ଥିଲା ।...''

(MCW, Vol. 9, pp. 172 - 73 ଦ୍ରଷ୍ଟବ୍ୟ)

ଶ୍ରୀମା'ଙ୍କର ଉପରୋକ୍ତ ବକ୍ତବ୍ୟଟି ଥିଲା ୧୯୫୭ ମସିହା ଅଗଷ୍ଟ ୨୧ତାରିଖର । ଏବେ ଆମେ ବର୍ଣ୍ଣନା କରିବୁ ଆଶ୍ରମ ଗଠନ ହେବାର ପୂର୍ବାବସ୍ଥା ସମ୍ପର୍କରେ । ଶ୍ରୀମା ୧୯୨୦-୨୧ ବେଳକୁ ପଣ୍ଡିଚେରୀକୁ ସ୍ଥାୟୀ ରୂପେ ଆଗମନ କରିଥା'ନ୍ତି ଏବଂ ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''...(ମୋର) ସାଧନା ଓ କର୍ମ ଶ୍ରୀମା'ଙ୍କର ଆଗମନ ସକାଶେ ଅପେକ୍ଷା କରୁଥିଲା ।'' ୧୯୨୦ରୁ କହିବାକୁ ଗଲେ ୧୯୨୬ର 'ସିଦ୍ଧି ଦିବସ' ପୂର୍ବ ପର୍ଯ୍ୟନ୍ତ ଶ୍ରୀମା ଅନ୍ତରାଳରେ ରହି ଶ୍ରୀଅରବିନ୍ଦଙ୍କର ସାଧନା ଓ କର୍ମରେ ସାହାଯ୍ୟ କରି ଚାଲିଥିଲେ । କହିବା ବାହୁଲ୍ୟ, ଶ୍ରୀମା'ଙ୍କର ଏହି ଆଗମନ ପରେ ପରେହିଁ ଅନ୍ତେବାସୀଙ୍କର ସମବେତ ଅଧ୍ୟାତ୍ମ-ସାଧନା ତଥା ଧ୍ୟାନ-ଧାରଣାର ସୂତ୍ରପାତ ହୋଇଥିଲା ।

ଆଶ୍ରମର ଅନ୍ତେବାସୀ ଏ. ବି. ପୁରାଣୀଙ୍କ ଉକ୍ତିରେ : ''୧୯୨୧ରେ ସମବେତ ଧ୍ୟାନ ଆରମ୍ଭ ହେଲା । ସେତେବେଳେ ଶ୍ରୀଅରବିନ୍ଦ 'ଗେଷ୍ଟ୍ ହାଉସ୍' (ନଂ ୪୧, ରୁ୍ୟ ଫ୍ରାଁସୁଆ ମାର୍ତ୍ୟାଁ)ରେ ରହୁଥିଲେ । ସନ୍ଧ୍ୟା ୪ଟାରେ ଅନ୍ତେବାସୀଗଣ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟରେ ଉପର ମହଲା ବାରଣ୍ଡାରେ ଉପସ୍ଥିତ ରହି ଏହି ଧ୍ୟାନରେ ଯୋଗ ଦେଉଥିଲେ ।

''୧୯୨୨ରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ 'ଲାଇବ୍ରେରି ହାଉସ୍' (ନଂ ୯, ରୁ୍ୟ ଦ ଲା ମାରିନ୍)କୁ ଚାଲି ଆସିବା ପରେ ସେହି ସମାନ ସମୟରେ ଉପର ମହଲା ବାରଣ୍ଡାରେ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟରେ ସମବେତ ଧ୍ୟାନ ହେଉଥିଲା ଏବଂ ଧ୍ୟାନ ପରେ 'ସାନ୍ଧ୍ୟ ବୈଠକ' ବସୁଥିଲା ।''

(Life of Sri Aurobindo : pp. 178, 183)

କୋଦଣ୍ଡ ରାମା ରାଓ ଥିଲେ ଶ୍ରୀମାଶ୍ରୀଅରବିନ୍ଦଙ୍କର ପ୍ରଥମ ପିଢ଼ିର ଜଣେ ନୈଷ୍ଠିକ ଭକ୍ତ । ସେ ସେତେବେଳେ ଆଶ୍ରମକୁ ଦର୍ଶନାର୍ଥୀ ହିସାବରେ ଆସି ଆଶ୍ରମ ବାହାରେ ଘର ଭଡ଼ା ନେଇ କିଛି ମାସ ରହି ପୁଣି ଘରକୁ ଫେରି ଯାଉଥିଲେ । ଏଠାରେ ରହିଥିବା ସମୟରେ ଶ୍ରୀଅରବିନ୍ଦଙ୍କ ଅନୁମତି କ୍ରମେ ଅନ୍ତେବାସୀଙ୍କ ଗହଣରେ ଆଶ୍ରମର ଧ୍ୟାନାଦି ପ୍ରତିଟି ଅନୁଷ୍ଠାନରେ ଅଂଶ ଗ୍ରହଣ କରୁଥିଲେ । ତାଙ୍କରି ଉକ୍ତିରୁ :

''ସେହି ସମୟ (୧୯୨୧-୨୪)ରେ ସାନ୍ଧ୍ୟ-ଧ୍ୟାନରେ ଆମେ ଗୁରୁଙ୍କୁ ଘେରି ଚେୟାରରେ ବସୁଥିଲୁ । ଏହା ୪ଟାରୁ ଆରମ୍ଭ ହୋଇ ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିଲା । ସାଢ଼େ ୪ଟାରୁ ପ୍ରାରମ୍ଭିକ ଆଳାପ-ଆଲୋଚନାରେ ପ୍ରାୟ ବିଭିନ୍ନ ଆଲୋଚ୍ୟ ଓ ତର୍କ-ବିତର୍କର ବିଷୟବସ୍ତୁ ତଥା ସାମ୍ପ୍ରତିକ ଘଟଣାଦି ସମ୍ବନ୍ଧରେ ଆଲୋଚନା ହେଉଥିଲା ।...

''(ଧ୍ୟାନ ସମୟରେ) ସେତେବେଳେ ଶ୍ରୀଅରବିନ୍ଦ ତାଙ୍କ ନିକଟ ସାନ୍ନିଧ୍ୟରେ ଉପସ୍ଥିତ ସାଧକମାନଙ୍କୁ ସ୍ୱୀୟ ଜ୍ୟୋତିଃ ଓ ଆଲୋକ ବିକୀର୍ଣ୍ଣ ପୂର୍ବକ ହୋଇ ଉଠୁଥିଲେ ଏକ ପ୍ରବଳ ଶକ୍ତିସମ୍ପନ୍ନ ଚୁମ୍ବକୀୟ ଡାଇନାମୋ । ଯଦି ଉପସ୍ଥିତ ଶିଷ୍ୟବର୍ଗ ଧୀର, ସ୍ଥିର ଓ ଗ୍ରହଣକ୍ଷମ ଥିବେ ତେବେ ପ୍ରତ୍ୟେକେ ନିଶ୍ଚିତ ରୂପେ ସେଇଟିକୁ ତୀବ୍ର ଭାବରେ ଅନୁଭବ କରୁଥିଲେ ।... ସେ ସେହି ମୁହୂର୍ତ୍ତରେ ହୋଇ ଉଠୁଥିଲେ ଏକ ଅତିମାନସ ସତ୍ତା ଯାହାଙ୍କ ଦିବ୍ୟ ସାନ୍ନିଧ୍ୟରେ ଆମେ ତୀବ୍ର ଭାବରେ ଅନୁଭବ କରୁଥିଲୁ ଚେତନାର ଏକ ଜ୍ୟୋତିଃ, ଏକ ପ୍ରବଳ ଶକ୍ତି, ସକ୍ରିୟ କାର୍ଯ୍ୟକାରିଣୀ ଶକ୍ତିର ଏକ ପାରାବାର ।...''

('At the Feet of the Master',
pp. 17, 25, 29 - 31 ଦ୍ରଷ୍ଟବ୍ୟ)

ଚମ୍ପକଲାଲଙ୍କ ବର୍ଣ୍ଣନାରୁ : ''ମୁଁ ଚିରଦିନ ସକାଶେ ଜୁନ୍ ୧୯୨୩ରେ ଆଶ୍ରମକୁ ଚାଲି ଆସିଲି ।... ସେତେବେଳେ ଅନୁମତିପ୍ରାପ୍ତ ଦର୍ଶନାର୍ଥୀମାନଙ୍କୁ ଶ୍ରୀଅରବିନ୍ଦ ସକାଳେ ସାକ୍ଷାତ୍ କରୁଥିଲେ । ଅମୃତ ଖବରକାଗଜ ଧରି (ଲାଇବ୍ରେରି ହାଉସର) ଉପର ମହଲା ବାରଣ୍ଡାକୁ ଆସି ଶ୍ରୀଅରବିନ୍ଦଙ୍କୁ ହସ୍ତାନ୍ତରିତ କରିବା ପରେ ସେଦିନ ଯେଉଁମାନଙ୍କର ତାଙ୍କ ସହିତ ସାକ୍ଷାତ୍ କରିବାର ଅଛି ଜଣାଇ ଦେଉଥିଲେ ଏବଂ ତଳକୁ ଆସି

ଯେଉଁମାନେ ଯେଉଁ କ୍ରମରେ ଉପରକୁ ଯିବେ ସେ ସମ୍ବନ୍ଧେ ଘୋଷଣା କରୁଥିଲେ । ସାକ୍ଷାତ୍‌କାର ସମାପ୍ତ ହେଲେ ଶ୍ରୀଅରବିନ୍ଦ ସେହି ବାରଣ୍ଡାରେ ଖବରକାଗଜ ପଢୁଥିଲେ । ଏହି ସମୟରେ ଅନୁମତିପ୍ରାପ୍ତ ଅନ୍ତେବାସୀ ସାଧକଗଣ (ସାଧାରଣତଃ ତିରୁପତି, ରାଜଙ୍ଗମ, କାନାଇଁ ଓ ମୁଁ ନିଜେ) ଉପରକୁ ଉଠିଯାଇ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟରେ ଧ୍ୟାନରେ ବସୁଥିଲୁ । ଆମେ ତାଙ୍କ ସାମନାରେ ଚେୟାରରେହିଁ ବସୁଥିଲୁ । (ଏହାକୁ 'ଖବରକାଗଜ ଧ୍ୟାନ' ବୋଲି କୁହାଯାଉଥିଲା ।)...

('ଚମ୍ପକଲାଲ କହନ୍ତି', ପୃ. ୧୯-୨୦)

ପୁରାଣୀଙ୍କ ଉକ୍ତିରେ : ''ଏହି 'ଖବରକାଗଜ ଧ୍ୟାନ'ର ସୂତ୍ରପାତ ହୁଏ ଯେତେବେଳେ ଶ୍ରୀଅରବିନ୍ଦଙ୍କ ସାଧନାର ତୀବ୍ରତା ବୃଦ୍ଧିପ୍ରାପ୍ତ ହୋଇ ଉଠିଥିଲା ଏବଂ ସେ ସନ୍ଧ୍ୟା ସମୟର 'ସମବେତ ଧ୍ୟାନ' ଏବଂ 'ସାନ୍ଧ୍ୟ-ବୈଠକ' ବନ୍ଦ କରି ଦେଇଥିଲେ । 'ଖବରକାଗଜ ଧ୍ୟାନ' ୨୭ ଜାନୁଆରୀ ୧୯୨୪ରୁ ଆରମ୍ଭ ହୋଇଥିଲା ଏବଂ ୩୦ ଜାନୁଆରୀ ୧୯୨୪ରୁ 'ସାନ୍ଧ୍ୟ ବୈଠକ'ର ପୁନରାରମ୍ଭ ହେଲା । ଖୁବ୍ ସମ୍ଭବତଃ ୨ ସେପ୍‌ଟେମ୍ବର ୧୯୨୬ରୁ ଶ୍ରୀମା'ଙ୍କ ସହିତ ତିନି ଜଣ କି ଚାରି ଜଣ ଅନ୍ତେବାସୀ ସାଧିକା ସମବେତ ଧ୍ୟାନ ଆରମ୍ଭ କରିଥିଲେ ।...''

('Life of Sri Aurobindo', p. 209)

ଚମ୍ପକଲାଲଙ୍କ ବର୍ଣ୍ଣନାରୁ : ''... ଶ୍ରୀଅରବିନ୍ଦଙ୍କ କକ୍ଷରେହିଁ ସାଧିକାମାନଙ୍କ ସହିତ ଶ୍ରୀମା ସମବେତ ଧ୍ୟାନର ଆୟୋଜନ କରିଥିଲେ । ଶ୍ରୀମା ଏହି ଧ୍ୟାନ ସମୟରେ ଶ୍ରୀଅରବିନ୍ଦଙ୍କ ଶଯ୍ୟାଧାରରେ ବସୁଥିଲେ । ଦିନେ ଶ୍ରୀମା ନିଜେ ମୋତେ ଏହି ଧ୍ୟାନରେ ଯୋଗ ଦେବାକୁ କହିଲେ ଏବଂ ଏହି ସମୟରେ ମୋର ନିର୍ଦ୍ଧାରିତ କର୍ମକୁ ପରେ କରିବାକୁ ଜଣାଇଲେ । ଅନ୍ୟ ଅନ୍ତେବାସୀଗଣ ଏହି ଘଟଣାରୁ ମୋତେ ଉପହାସ କରି କହୁଥିଲେ ଯେ ଚମ୍ପକଲାଲ ଜଣେ ନାରୀ ।... କିନ୍ତୁ କ୍ରମଶଃ ଜଣଙ୍କ ପରେ ଜଣେ ସାଧକ ଏହି ଧ୍ୟାନରେ ଆସି ଯୋଗ ଦେବାକୁ ଶ୍ରୀମା'ଙ୍କ ଅନୁମତି ଚାହିଁଲେ । ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ (ଖୁବ୍ ସମ୍ଭବତଃ 'ସିଦ୍ଧି ଦିବସ'ର ଅବ୍ୟବହିତ ପୂର୍ବରୁ) ଶ୍ରୀଅରବିନ୍ଦଙ୍କ ସହିତ ସାନ୍ଧ୍ୟ ସମବେତ ଧ୍ୟାନଟି ବନ୍ଦ ହୋଇ ଯାଇଥିଲା ।''

('ଚମ୍ପକଲାଲ କହନ୍ତି', ପୃ. ୪୨ - ୪୩)

ପବିତ୍ର ଓ ହାରାଧନଙ୍କର 'ପୂର୍ବସ୍ମୃତିର ବିବରଣୀ'ରୁ ଆମେ ଅବଗତ ହେଉ ଯେ ଶ୍ରୀମା ପ୍ରଥମେ ତାଙ୍କ ଉପସ୍ଥିତିରେ ଧ୍ୟାନ କରିବାକୁ ଅଭୀପ୍ସୁ ସାଧକମାନଙ୍କୁ ବ୍ୟକ୍ତିଗତ ଭାବରେ ସୁଯୋଗ ଦେଉଥିଲେ । ତା'ପରେ ସେମାନେ ସେମାନଙ୍କର ଯୋଗ୍ୟତା ଓ ପ୍ରସ୍ତୁତି ଅନୁଯାୟୀ ଅନୁମତି ପ୍ରାପ୍ତ ହେଉଥିଲେ ।

ଏହି ପରିପ୍ରେକ୍ଷୀରେ ଶ୍ରୀମା 'ପ୍ରଶ୍ନୋତ୍ତର' କ୍ଲାସରେ ଅନ୍ୟତ୍ର ଉଲ୍ଲେଖ କରିଥିବା ଉକ୍ତିରୁ କିଛି ଉଦ୍ଧୃତି : ''ବିଭିନ୍ନ ଧରଣର ଅବସ୍ଥା ବା ସ୍ଥିତିରେ ତୁମେ ଧ୍ୟାନ କରିପାର ଏବଂ ପ୍ରତ୍ୟେକଟି ସ୍ଥିତି ଅନୁଯାୟୀ ସକ୍ରିୟ ବା ଅବତରି ଆସୁଥିବା ଶକ୍ତିସବୁର କ୍ରିୟାର ଫଳାଫଳ ମିଳିଥାଏ । ତୁମେ ଏକାକୀ ଧ୍ୟାନରେ ବସୁଥିବା ବେଳେ ତୁମର ନିଜସ୍ୱ ଆନ୍ତର ଓ ବାହ୍ୟସ୍ଥିତି ଉପରେହିଁ ନିର୍ଭର କରିଥାଅ । ଯଦି ତୁମେ ଅନ୍ୟମାନଙ୍କ ସହିତ ସମବେତ ଧ୍ୟାନରେ ବସ ତେବେ ଉପସ୍ଥିତ ବ୍ୟକ୍ତିମାନଙ୍କର ସମଷ୍ଟିଗତ ସାଧାରଣ ସ୍ଥିତିହିଁ ମୁଖ୍ୟ ପ୍ରାଧାନ୍ୟ ଲାଭ କରିଥାଏ । କିନ୍ତୁ ଉଭୟ କ୍ଷେତ୍ରରେ ସ୍ଥିତିସବୁ ସର୍ବଦା ପରିବର୍ତ୍ତିତ ହୋଇଥାଏ ଏବଂ ଏହାର ପ୍ରତ୍ୟୁତ୍ତର ଦେଉଥିବା ଶକ୍ତିରାଜି ମଧ୍ୟ କସ୍ମିନ୍‌କାଳେ ଦୁଇଥର ସମାନ ହୁଏ ନାହିଁ । ଯଥାର୍ଥ ଭାବରେ ଅନୁଷ୍ଠିତ ଏକ ସମବେତ ଏକାଗ୍ରତାରେ ଏକ ଅସାଧାରଣ ଶକ୍ତିସମ୍ପନ୍ନ ପ୍ରତ୍ୟୁତ୍ତର ମିଳିଥାଇ ପାରେ । ଗୋଟିଏ ପୌରାଣିକ କିଂବଦନ୍ତୀ ଅଛି ଯେ ବାରଜଣ ଆନ୍ତରିକ ବ୍ୟକ୍ତି ଏକତ୍ର ସେମାନଙ୍କର ସଂକଳ୍ପ ଓ ଆସ୍ପୃହାର ସହିତ ଭଗବାନଙ୍କୁ ପ୍ରାର୍ଥନା ଜଣାଇଲେ ଭଗବାନ୍ ସେମାନଙ୍କ ସମ୍ମୁଖରେ ଆବିର୍ଭୂତ ହେବାକୁ ବାଧ୍ୟ ହୁଅନ୍ତି । କିନ୍ତୁ ଏଥିନିମିତ୍ତ ସମବେତ ସଂକଳ୍ପଟି ସମ୍ପୂର୍ଣ୍ଣତଃ ଏକମୁଖୀ (one-pointed) ହେବା ଉଚିତ ଏବଂ ଆସ୍ପୃହାଟି ମଧ୍ୟ ଆନ୍ତରିକ ହେବା ଉଚିତ । କାରଣ ଯଦି ନିଷ୍କ୍ରିୟ ଭାବାପନ୍ନ (inertia) ଅଥବା ଏପରିକି ତ୍ରୁଟିପୂର୍ଣ୍ଣ ବା ଅଶିଷ୍ଟ (mistaken or perverse) କାମନା-ବାସନା ଥିବା ବାରଜଣ ବ୍ୟକ୍ତି ଏକତ୍ର ହୋଇ ଏକାଗ୍ର ହୁଅନ୍ତି, ତେବେ ଖୁବ୍ ସମ୍ଭବତଃ ଭୟାବହ (disastrous) ଫଳାଫଳ ମିଳିଥାଏ ।''

(୨୩ ଜୁନ୍ ୧୯୨୯)

(MCW, Vol., 3; p. 98)

ପୁନଶ୍ଚ ଶ୍ରୀମା'ଙ୍କ ଉକ୍ତିରେ : ''ଦେଖ, ପୂର୍ବେ ଆମେ ପଇଁତିରିଶ, ଛତିଶଜଣରୁ (ଆଧ୍ୟାତ୍ମିକ-ଜୀବନଧାରା) ଆରମ୍ଭ କରିଥିଲୁ; କିନ୍ତୁ ତଥାପି ଶହେ ପଚାଶ ଅନ୍ତେବାସୀ ହୋଇଯିବା ପର୍ଯ୍ୟନ୍ତ ସମାନ ପରିସ୍ଥିତି ଥିଲା ।... ମୋ ଚେତନା ମଧ୍ୟରେ ସମସ୍ତେ ଏକ ଅଣ୍ଡା-ଖୋଳ (egg-shell) ଭିତରେ ରହିଥିବା

ସଦୃଶ ରହିଥିଲେ, ଅର୍ଥାତ୍ ମୋ ସାନ୍ନିଧ୍ୟର ଏତେ ନିକଟରେ ରହିଥିଲେ ଯେ ମୁଁ ପ୍ରତ୍ୟେକଙ୍କର ଉଭୟ ଆନ୍ତର ଓ ବାହ୍ୟ ଗତିବିଧିସବୁକୁ ସର୍ବଦା ପରିଚାଳିତ କରି ପାରୁଥିଲି, ସବୁକିଛି ମୋର ପୂରା ନିୟନ୍ତ୍ରଣରେ ଥିଲା, ଦିବାନିଶି, ଅହରହଃ, ଅବିରତ । ତେଣୁ ସ୍ୱଭାବତଃ, ମୋର ବିଶ୍ୱାସ ସେହି ସମୟରେ ସେମାନେ କେତେକ ଅଗ୍ରଗତି କରିଥିଲେ । ସମ୍ପୂର୍ଣ୍ଣତଃ ଏକଥା ବି ସତ୍ୟ ଯେ ମୁଁ ସେମାନଙ୍କ ସକାଶେ ସାଧନା କରୁଥିଲି, (ସେହି ସମୟରେ) ସର୍ବଦା ! (all the time !)...''

(୨୫ ଅଗଷ୍ଟ ୧୯୫୪)

(MCW, Vol. 6, p. 297)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

# କିଏ ମୋତେ ଡାକେ

## ଧର୍ମ କୁମାର ଶତପଥୀ

କିଏ ମୋତେ ଡାକେ !
ହାତ ଠାରି ବାର ବାର ଡାକେ !
ତା' ଡାକର ଐକାନ୍ତିକତାରେ
ଯୁଗ ଯୁଗର ତନ୍ଦ୍ରା ମୋର ଭାଜି ଯାଏ
କେବେ କେବେ ନିଦ ହଜିଯାଏ,
ତା' ଡାକର ମାଧୁର୍ଯ୍ୟ ମୋତେ ଭାବବିହ୍ୱଳ କରେ,
କିଏ ମୋତେ ଡାକେ,
ଅବିରତ ଡାକେ !

ସେ ଡାକରେ ନଈପଠା,
ନିରୋଳା ରାତି ଜୀବନ୍ତ ହୁଏ,
ଥୁଣ୍ଟାଗଛେ ମୁକୁଳିତ ହୁଏ ନବ କିଶଳୟ,
ମନରାଜ୍ୟେ ଉଙ୍କିମାରେ
ଭିନ୍ନ ଏକ ପୃଥ୍ୱୀ ମାନଚିତ୍ର,
ଏଇ ସୀମା ସରହଦ, ବନ୍ଧ ପାର ହୋଇ
ଭିନ୍ନ ଏକ ଦୁନିଆଁକୁ ଖୋଜିବୁଲେ
ଏକାକାର ହୋଇଯାଏ ଭୂମି ଆଉ ଭୂମା !!

ବାରଂବାର ସେ ଡାକରେ ମୋ ଭିତରେ
କିଛି ପୁଣି ସଚେତନ ହୁଏ,
ଭାଙ୍ଗିଯାଏ ମୋର ଯେତେ ଆନମନା ପଣ
ସ୍ନାୟୁତନ୍ତ୍ରୀରେ ଉଚ୍ଛୁଳେ ଉଷୁମ ଉତ୍ତାପ,
ଅଙ୍ଗେ ଅଙ୍ଗେ ପୁଲକର ଉତ୍ତାଳ ଲହରୀ !
ନିରୁଦ୍ଦିଷ୍ଟ ବାଟବଣା ବିହଙ୍ଗ ମୁଁ
ପାଇଛି ମୋ ଇପ୍ସିତ ନୀଡ଼ !

ହଁ, ମୁଁ ଠିକ୍ ଜାଣିଛି,
ସେଇ ଡାକ, ସେଇ ସ୍ୱର ଅଚିହ୍ନା ନୁହେଁ ତ !
ନିହାତି ଚିହ୍ନା, ଅତି ଆପଣାର,
ସେଇ ହାତ ଇଙ୍ଗିତ ମୋର ବେଶ୍ ପରିଚିତ !
ସେଇ ଛାୟା ଛବି ମୋର ଏକାନ୍ତ ଆରାଧ୍ୟ,
ଯିଏ ମୋତେ ବାର ବାର ଡାକେ
ସିଏ ପରମା କଲ୍ୟାଣୀ,
ମୋର ପରମା ଜନନୀ ।

❑❑❑

# ସଂକ୍ଷେପରେ ରାମାୟଣ ଚରିତ

## ରାମକୃଷ୍ଣ ଦାସ

### ଅଯୋଧ୍ୟାକାଣ୍ଡ

ଦଶରଥ ମହାରାଜାଙ୍କର ଥିଲା ଶ୍ରୀରାମଙ୍କ ପ୍ରତି ବିଶେଷ ସ୍ନେହ । କୁଳପ୍ରଥାନୁସାରେ ମହାରାଜା ଶ୍ରୀରାମଙ୍କୁ ଯୁବରାଜ ପଦରେ ଅଭିଷିକ୍ତ କରିବାକୁ ଚାହୁଁଥିଲେ । କିନ୍ତୁ ଭରତଙ୍କ ମାତା କୈକେୟୀ ମହାରାଜାଙ୍କଠାରୁ ଛଳନାରେ ଶ୍ରୀରାମଙ୍କୁ ଚଉଦ ବର୍ଷ ବନବାସ ଓ ଭରତଙ୍କ ପାଇଁ ରାଜ୍ୟାଭିଷେକର ବରଦାନ ମାଗି ନେଲେ । ସତ୍ୟବାଦୀ ରାଜା ନିଜ ସତ୍ୟ ପାଳନ କଲେ । ଶ୍ରୀରାମଙ୍କ ସଙ୍ଗେ ତାଙ୍କ ପତ୍ନୀ ଜନକ ରାଜତନୟା ପତିବ୍ରତା-ଶିରୋମଣି, ପତିପରାୟଣା, ସମସ୍ତ ଦିବ୍ୟଗୁଣଯୁକ୍ତା ନାରୀଶ୍ରେଷ୍ଠା, ଶୋଭାଯୁକ୍ତା ଆଦ୍ୟାଶକ୍ତି ସୀତାଦେବୀ ପତିଙ୍କ ସେବା ସକାଶେ ବନ ଗମନ କଲେ । ଶ୍ରୀରାମଙ୍କ ଅନୁଗମନ କଲେ ଲକ୍ଷ୍ମଣ ।

ମନ୍ତ୍ରୀ ସୁମନ୍ତ୍ର ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କୁ ରଥରେ ବସାଇ ବନକୁ ନେଇଗଲେ । ଅଯୋଧ୍ୟାବାସୀ ଶ୍ରୀରାମଙ୍କ ବିନା ଅଯୋଧ୍ୟାରେ ନ ରହିବା ସ୍ଥିର କରି ଶ୍ରୀରାମଙ୍କ ସହିତ ବନବାସ କରିବା ଉଦ୍ଦେଶ୍ୟରେ ଶ୍ରୀରାମଙ୍କ ରଥ ପଶ୍ଚାତରେ ଗମନ କଲେ । ରାତ୍ରିରେ ନିବାସ କଲେ ତମସା ନଦୀ କୂଳରେ । ଏଥିରୁ ସ୍ପଷ୍ଟ ବୁଝାଯାଉଛି ଶ୍ରୀରାମ କିପରି ଜନପ୍ରିୟ ଥିଲେ ।

ଶ୍ରୀରାମଙ୍କ ବନବାସରେ ଅଯୋଧ୍ୟାବାସୀଙ୍କୁ ବହୁତ କଷ୍ଟ ହେବ ଜାଣି ସେମାନେ ଶୋଇଥିବା ସମୟରେ ଶ୍ରୀରାମ ଚାଲିଗଲେ । ଦ୍ୱିତୀୟ ଦିନ ନିଷାଦ ରାଜାଙ୍କ ରାଜଧାନୀ ଶୃଙ୍ଗବେରପୁରରେ ଗଙ୍ଗାକୂଳରେ ନିବାସ କଲେ । ତହିଁ ଆରଦିନ ଶ୍ରୀରାମ ଓ ଲକ୍ଷ୍ମଣ ବର କ୍ଷୀରରେ ମସ୍ତକ କେଶକୁ ଜଟା ପରି ତିଆରି କଲେ ଏବଂ ସୁମନ୍ତ୍ରଙ୍କୁ ବହୁତ ବୁଝାଇ କହି ବିଦା କଲେ ।

ଶ୍ରୀରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣଙ୍କୁ ବନରେ ଛାଡ଼ି ଫେରିବା ସମୟରେ ସୁମନ୍ତ୍ରଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । କିନ୍ତୁ ରଥ ଟାଣିବା ଘୋଡ଼ାଙ୍କୁ ଫେରାଇବା ସମୟରେ ସେସବୁ ଶ୍ରୀରାମଚନ୍ଦ୍ରଙ୍କ ଆଡ଼କୁ ଚାହିଁ କାତର ହ୍ରେଷାରବ କରି ଫେରିବାକୁ ଆଦୌ ଚାହୁଁ ନ ଥିଲେ । ସେମାନଙ୍କ ଚକ୍ଷୁରୁ ଲୋତକ ବୃଷ୍ଟି ହେଉଥିଲା । ନିଷାଦରାଜ ଦୁଇଜଣ ସେବକ ସୁମନ୍ତ୍ରଙ୍କ ସଙ୍ଗେ ଦେଲେ । ସେମାନେ ଘୋଡ଼ାଙ୍କୁ ଧରି କୌଣସିମତେ ରଥ ଫେରାଇ ଅଯୋଧ୍ୟାକୁ ଯାତ୍ରାକଲେ ।

ଶ୍ରୀରାମ ଗଙ୍ଗା ପାରିହେବା ସକାଶେ ନାବିକକୁ ଡାକିବାରୁ ସେ ହାତଯୋଡ଼ି କହିଲେ, ''ଆପଣଙ୍କ ପଦଧୂଳି ଲାଗି ପଥରଟି ପାଲଟି ଯାଇଛି ନାରୀ ଅହଲ୍ୟା ରୂପେ । ଏହି କାଠ ନାବଟି ଯଦି ଆପଣଙ୍କ ପଦଧୂଳି ଲାଗି ନାରୀ ହୋଇଯାଏ ତେବେ ମୋ ପରିବାର ଖାଇବା ବିନା ମରିବେ । ମୋ ଆଶଙ୍କା ଦୂର କରିବା ସକାଶେ ଆପଣଙ୍କ ପଦ ପ୍ରକ୍ଷାଳନର ଅନୁମତି ମିଳିଲେ ମୁଁ ପାରିକରି ଦେବି ।'' ତାହାହିଁ ହେଲା । ଶ୍ରୀରାମ ଗଙ୍ଗା ପାରି ହୋଇ ମାର୍ଗରେ ବିଶ୍ରାମ କଲେ । ପ୍ରୟାଗରେ ଭରଦ୍ୱାଜ ମୁନିଙ୍କୁ ଦର୍ଶନ କରି ତାଙ୍କରି ନିର୍ଦ୍ଦେଶରେ ଚିତ୍ରକୂଟ ପର୍ବତରେ ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କ ସହିତ ଉପନୀତ ହେଲେ । ସେଠାରେ ପର୍ଣ୍ଣକୁଟୀର ତିଆରି କରି ନିବାସ କଲେ ।

ଶ୍ରୀରାମ-ବିହୀନ ରଥ ପ୍ରତ୍ୟାବର୍ତ୍ତନ କରିବାର ଦେଖି ଅଯୋଧ୍ୟାବାସୀ ବିଳାପ କରିବାକୁ ଲାଗିଲେ । ଶ୍ରୀମହାରାଜା ସୁମନ୍ତ୍ରଙ୍କଠାରୁ ଶ୍ରୀରାମଙ୍କ ବନଯିବା ସମ୍ବାଦ ପାଇବା ମାତ୍ରେ 'ହା ରାମ, ହା ରାମ' କହି ଶରୀର ତ୍ୟାଗ କଲେ । ସେ ସମୟରେ ଭରତ ଓ ଶତ୍ରୁଘ୍ନ ଥିଲେ ଭରତଙ୍କ ମାତୁଳଗୃହ ପଞ୍ଜାବରେ । ବଶିଷ୍ଠଙ୍କ ଆଦେଶରେ ଦୂତ ଯାଇ ଭରତଙ୍କୁ କୌଣସି ଖବର ନ ଦେଇ କେବଳ ଗୁରୁ ଡାକିଛନ୍ତି ବୋଲି କହିଲେ । ଭରତ ବହୁତ ଶୀଘ୍ର ଆସି ଅଯୋଧ୍ୟାରେ ପହଞ୍ଚି ଅଯୋଧ୍ୟାର ଅବସ୍ଥା ଦେଖି ବହୁତ ଶଙ୍କିତ ହୋଇ ପଡ଼ିଲେ । ସିଧା ମାତା କୈକେୟୀଙ୍କ ମହଲକୁ ଯାଇ ପିତାଙ୍କ ମରଣ ଶୁଣି ଶୋକରେ ଅଭିଭୂତ ହୋଇଗଲେ । କିନ୍ତୁ ନିଜେ ରାଜା ହେବା ପାଇଁ ଶ୍ରୀରାମଙ୍କ ବନବାସ ପ୍ରାପ୍ତହେବା ଜାଣି ଅତ୍ୟନ୍ତ ବ୍ୟଥିତ ହେଲେ । ଏହାର କାରଣ ଥିଲେ ନିଜ ମା କୈକେୟୀ । ସେଇଥି ପାଇଁ ମାତାଙ୍କୁ ତ୍ୟାଗ କରି କୌଶଲ୍ୟା ମହଲକୁ ଆସିଲେ । କୈକେୟୀ ବଞ୍ଚିଥିବା ପର୍ଯ୍ୟନ୍ତ ଭରତ ତାଙ୍କ ମୁଖ ଦେଖି ନ ଥିଲେ । ମାତା ଓ ଗୁରୁଙ୍କ ଆଦେଶରେ ସେ ପିତାଙ୍କ ମୃତ ଶରୀର ସଂସ୍କାର କଲେ; ବିଶେଷ ବିଧିବିଧାନରେ ଶ୍ରାଦ୍ଧ ସମାପ୍ତ ହେଲା । ପ୍ରଜା, ମନ୍ତ୍ରୀ, ଗୁରୁ ତଥା ମାତାମାନଙ୍କ ଆଗ୍ରହ ସତ୍ତ୍ୱେ

ଭରତ ରାଜଗାଦି ସ୍ୱୀକାର ନ କରି ଶ୍ରୀରାମଙ୍କୁ ଫେରାଇ ଆଣିବା ସକାଶେ ଅଯୋଧ୍ୟାବାସୀଙ୍କ ସହିତ ଅରଣ୍ୟ ଅଭିମୁଖେ ଗମନ କଲେ । ପଥରେ ଭରଦ୍ୱାଜ ଆଶ୍ରମରେ ନିବାସ କରି ସେଠାରୁ ଶ୍ରୀରାମଙ୍କ ଖବର ପାଇ ସେ ଚିତ୍ରକୂଟ ପର୍ବତରେ ଯାଇ ପହଞ୍ଚିଲେ । ପର୍ବତ ଶିଖରରେ ଋଷିମଣ୍ଡଳୀ ମଧ୍ୟରେ ଶ୍ରୀ ଜନକ ନନ୍ଦିନୀ ସୀତାଙ୍କ ସହିତ ଶ୍ରୀରାମ ବସିଥିବା ସମୟରେ ଭରତ ଦୂରରୁ ଦର୍ଶନ କଲେ । ଦର୍ଶନ ମାତ୍ରେ ସେ ନିଜର ସମସ୍ତ ଦୁଃଖ, ତାପ ଓ ଗ୍ଳାନି ଭୁଲିଗଲେ । ହୃଦୟରେ ପ୍ରେମ ଉଚ୍ଛୁଳି ପଡ଼ିଲା । ନେତ୍ରରୁ ପ୍ରେମାଶ୍ରୁ ବୃଷ୍ଟି ହେଲା । 'ତ୍ରାହି ପ୍ରଭୁ, ତ୍ରାହି ପ୍ରଭୁ' କହି ସେ ଭୂମିରେ ଦଣ୍ଡ ସଦୃଶ ପଡ଼ିଗଲେ । ଭରତ ପ୍ରଣାମ କରିବା କଥା ଲକ୍ଷ୍ମଣଙ୍କଠାରୁ ଶୁଣି ଶ୍ରୀରାମ ପ୍ରେମରେ ଅଧୀର ହୋଇ କେଉଁଠି ଧନୁ, କେଉଁଠି ତୂଣୀର,..., କେଉଁଠି ବଲ୍କଳ ବସ୍ତ୍ର ପକାଇ ଦେଇ ବ୍ୟଗ୍ର ହୋଇ ଉଠି ଭରତଙ୍କୁ ବଳପୂର୍ବକ ଉଠାଇ ଆଲିଙ୍ଗନ କଲେ । ଶ୍ରୀରାମ ଏବଂ ଭରତଙ୍କର ଏହି ପ୍ରେମମିଳନ ଦେଖି ସମସ୍ତ ବ୍ୟକ୍ତି ତାଙ୍କ ପ୍ରେମ ପ୍ରଭାବରେ ଶରୀର-ଜ୍ଞାନ ଭୁଲିଗଲେ । ଶ୍ରୀରାମ, ଭରତଙ୍କ ମିଳନ-ପ୍ରେମ କୌଣସି ବ୍ୟକ୍ତି ବର୍ଣ୍ଣନା କରିବାରେ ସମର୍ଥ ହେବ କିପରି ? ସେ ପ୍ରେମ ବ୍ରହ୍ମା, ବିଷ୍ଣୁ, ଶଙ୍କରଙ୍କ ସକାଶେ ଅଗମ୍ୟ । ଗୁରୁ ବଶିଷ୍ଠଙ୍କୁ ତଥା ମାତାମାନଙ୍କୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଦେବୀ ପ୍ରଣାମ କଲେ, ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ଦେଖାକରି କୁଶଳ ପ୍ରଶ୍ନ କଲେ । ଦେଖା-ସାକ୍ଷାତ୍ ହେବାପରେ ସେମାନେ ଶ୍ରୀରାମଙ୍କ ସମୀପରେ ନିବାସ କଲେ । ପରେ ଶ୍ରୀ ଜନକରାଜା ନିଜ ମନ୍ତ୍ରୀ, ପୁରୋହିତ, ସେବକ, ସାମନ୍ତ ସହିତ ମଧ୍ୟ ଚିତ୍ରକୂଟରେ ଉପସ୍ଥିତ ହେଲେ । ଭରତ ଏବଂ ଗୁରୁଜନ, ମନ୍ତ୍ରୀ ଓ ପ୍ରଜାମାନଙ୍କର ପ୍ରବଳ ଆଗ୍ରହ ତଥା ଅନୁରୋଧ ସତ୍ତ୍ୱେ ପିତୃ-ସତ୍ୟ ଭଙ୍ଗକରି ଅଯୋଧ୍ୟାକୁ ଫେରିବା ସକାଶେ ଶ୍ରୀରାମ ସ୍ୱୀକାର କଲେ ନାହିଁ । ଶେଷରେ ଶ୍ରୀରାମଙ୍କ ଚରଣପାଦୁକା (କଠାଉ) ନେଇ ଭରତ ଅଯୋଧ୍ୟା ଫେରି ଆସିଲେ । ରାଜଗାଦିରେ ଶ୍ରୀରାମଙ୍କ ଚରଣପାଦୁକା ରଖି, ଶ୍ରୀରାମ ସ୍ୱୟଂ ବିରାଜମାନ ହୋଇଛନ୍ତି ଜାଣି ନିଜକୁ ତାଙ୍କ ସେବକ ରୂପେ ରାଜ୍ୟ-ଶାସନ କାର୍ଯ୍ୟର ବ୍ୟବସ୍ଥା ଉତ୍ତମ ରୂପେ କଲେ । ଅଯୋଧ୍ୟାରୁ କିଛି ଦୂର ନନ୍ଦିଗ୍ରାମରେ ପର୍ଣ୍ଣକୁଟୀର ତିଆରି କରି ସେହିଠାରେ ସେ ତପସ୍ୟା କରିବାକୁ ଆରମ୍ଭ କଲେ । ବନବାସରେ ଶ୍ରୀରାମଙ୍କର ଯେପରି ତପସ୍ୟା ଥିଲା ତାହାଠାରୁ କଠୋର ତପସ୍ୟା ଥିଲା ଭରତଙ୍କର ରାଜଧାନୀ ଅଯୋଧ୍ୟାରେ । ସେ ଜଟା ଧାରଣ କରି ସମସ୍ତ ପ୍ରକାର ଭୋଗବିଳାସ ତ୍ୟାଗକରି ତପସ୍ୱୀ, ମୁନି, ଋଷିମାନଙ୍କ ସଦୃଶ କଠିନ ନିୟମନିଷ୍ଠା ହର୍ଷରେ ପାଳନ କରୁଥିଲେ । କଠୋର ବ୍ରତ ନିୟମ ଦ୍ୱାରା ତାଙ୍କ ଶରୀର କ୍ରମଶଃ ଦୁର୍ବଳ ହେଉଥିଲା । କିନ୍ତୁ ମୁଖମଣ୍ଡଳର ତେଜଃ ଏବଂ ଶ୍ରୀରାମଙ୍କ ପ୍ରତି ପ୍ରେମ ନିତ୍ୟନୂତନ ଭାବେ ବଢୁଥିଲା ।

## ଅରଣ୍ୟ କାଣ୍ଡ

ଭରତ ଅଯୋଧ୍ୟାରେ ତପସ୍ୟାରତ ହୋଇ ଶ୍ରୀରାମଙ୍କ ସେବା ଭାବରେ ରାଜ୍ୟଶାସନ କାର୍ଯ୍ୟ କରୁଥିଲେ । ଶ୍ରୀରାମ ସୀତାଦେବୀ ଓ ଲକ୍ଷ୍ମଣଙ୍କ ସହିତ ଚିତ୍ରକୂଟ ପର୍ବତରେ ବାସ କଲେ । ଦିନେ ଶ୍ରୀରାମଙ୍କ ବଳ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଇନ୍ଦ୍ରପୁତ୍ର ଜୟନ୍ତ କାକରୂପ ହୋଇ ଜଗଜ୍ଜନନୀ ସୀତାଦେବୀଙ୍କ ଚରଣରେ ଚଞ୍ଚୁ ଆଘାତ କଲା । ରକ୍ତ ବହିବା ଦେଖି ଶ୍ରୀରାମ ଗୋଟିଏ କୁଶ ସଦୃଶ ଘାସକୁ ବାଣରୂପେ ଅଭିମନ୍ତ୍ରିତ କରି ଧନୁରେ ଯୋଖି ଛାଡ଼ିଦେଲେ । ସେ ଶରରୁ ରକ୍ଷାପାଇବା ସକାଶେ କାକରୂପଧାରୀ ଜୟନ୍ତ ସମସ୍ତ ବ୍ରହ୍ମାଣ୍ଡ ବୁଲି ଆସିଲା । ମାତାପିତା ତଥା ଅନ୍ୟାନ୍ୟ କୌଣସି ଦେବାଦେବୀ ଶ୍ରୀରାମଙ୍କ ଦ୍ରୋହୀକୁ ଶରଣରେ ରଖିଲେ ନାହିଁ, ଶେଷରେ ସେ ଶ୍ରୀରାମଙ୍କ ଶରଣରେ ଆସିବାରୁ ତା'ର ଗୋଟିଏ ଆଖି ଫୋଡ଼ି ଦେଇ ତା' ଜୀବନ ରକ୍ଷା କଲେ । ଶ୍ରୀରାମଚନ୍ଦ୍ର ଚିତ୍ରକୂଟରେ କିଛିଦିନ ନିବାସ କରିବା ପରେ ସମସ୍ତ ଋଷିମୁନିଙ୍କଠାରୁ ବିଦାହୋଇ ଋଷି ଅତ୍ରିଙ୍କ ଆଶ୍ରମ ଦେଇ ଦଣ୍ଡକାରଣ୍ୟ ଅଭିମୁଖେ ଯାତ୍ରା କଲେ । ରାସ୍ତାରେ ବିରାଧ ରାକ୍ଷସକୁ ଦେଖି ତାକୁ ବିନାଶ କରି ଶରଭଙ୍ଗ ଋଷିଙ୍କ ଆଶ୍ରମରେ ପହଞ୍ଚିଲେ । ଋଷି ଶ୍ରୀରାମଙ୍କୁ ଦର୍ଶନ କରି ଯୋଗଯୁକ୍ତ ହୋଇ ଶରୀର ତ୍ୟାଗ କରି ବୈକୁଣ୍ଠ ପ୍ରାପ୍ତ ହେଲେ । ଶ୍ରୀରାମ ମୁନିମଣ୍ଡଳୀଙ୍କ ସହିତ ଅଗସ୍ତ୍ୟ ଋଷିଙ୍କ ଶିଷ୍ୟ ସୁତିକ୍ଷଣଙ୍କ ଆଶ୍ରମକୁ ଯିବା ସମୟରେ ଅସୁରଙ୍କ ଦ୍ୱାରା ଭକ୍ଷିତ ଋଷିଙ୍କ ଅସ୍ଥିସମୂହ ଦେଖି ପୃଥିବୀକୁ ନିଶାଚର-ଶୂନ୍ୟ କରିବା ସକାଶେ ପ୍ରତିଜ୍ଞା କଲେ । ସୁତିକ୍ଷଣଙ୍କ ଅତିଶୟ ପ୍ରୀତି ଦେଖି ସ୍ୱୟଂ ଶ୍ରୀରାମ ତାଙ୍କ ହୃଦୟରେ ସୀତା ଏବଂ ଲକ୍ଷ୍ମଣଙ୍କ ସହିତ ପ୍ରକଟ ହେବାରୁ ସେ ସମାଧିସ୍ଥ ହୋଇ ବସିପଡ଼ିଲେ । ଶ୍ରୀରାମ ତାଙ୍କ ସୀମପକୁ ଯାଇ ବହୁତ ପ୍ରକାର ଜାଗ୍ରତ୍ କରାଇବା ସତ୍ତ୍ୱେ ବାହ୍ୟଜ୍ଞାନ ନ ଆସିବାରୁ ତାଙ୍କ ହୃଦୟରୁ ସେ ନିଜ ରୂପ ଦୂର କରିନେଲେ । ହୃଦୟରେ ଋଷି ଶ୍ରୀରାମଙ୍କୁ ନ ଦେଖି ବ୍ୟାକୁଳ

ହୋଇ ଆଖି ଖୋଲି ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କୁ ନିଜ ସମୀପରେ ଦର୍ଶନ କରି ବହୁତ ଆନନ୍ଦିତ ହେଲେ । ସୁତିକ୍ଷଣଙ୍କୁ ସଙ୍ଗରେ ନେଇ ଅଗସ୍ତ୍ୟଙ୍କ ଆଶ୍ରମରେ ଶ୍ରୀରାମ ଉପନୀତ ହେଲେ । ଅଗସ୍ତ୍ୟ ଶୁଣିବା ମାତ୍ରେ ଶ୍ରୀରାମଙ୍କୁ ଭେଟିବା ସକାଶେ ଦୌଡ଼ି ଆସିଲେ । ଶ୍ରୀରାମ, ସୀତା ଓ ଲକ୍ଷ୍ମଣ ଋଷିଙ୍କୁ ପ୍ରଣାମ କଲେ । ଶ୍ରୀରାମଙ୍କୁ ଦର୍ଶନ କରି ଋଷିଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେଠାରେ ଶ୍ରୀରାମ ଆତିଥ୍ୟ ସ୍ୱୀକାର କରି ଅଗସ୍ତ୍ୟଙ୍କ ନିର୍ଦ୍ଦେଶରେ ଗୋଦାବରୀ କୂଳରେ ପଞ୍ଚବଟୀଠାରେ ପର୍ଣ୍ଣକୁଟୀର ନିର୍ମାଣ କରି ନିବାସ କଲେ ।

ଦିନେ ରାବଣର ଭଉଣୀ ସୂର୍ପଣଖା ବୁଲି ବୁଲି ପଞ୍ଚବଟୀରେ ଶ୍ରୀରାମଙ୍କୁ ଦେଖି ତାଙ୍କ ରୂପରେ ମୋହିତ ହୋଇ ମାୟାରେ ସୁନ୍ଦର ରୂପ ଧାରଣ କରି ଶ୍ରୀରାମଙ୍କୁ ପତି ରୂପେ ଚାହିଁଲା । ଶ୍ରୀରାମ ଅସ୍ୱୀକାର କଲେ । ତାହା ଶୁଣି ସେ ସୀତାଙ୍କୁ ଭକ୍ଷଣ କରିବାକୁ ଯିବାରୁ ଶ୍ରୀରାମଙ୍କ ନିର୍ଦ୍ଦେଶରେ ଲକ୍ଷ୍ମଣ ତା' ନାକ, କାନ କାଟିଦେଲେ । ସୂର୍ପଣଖା କ୍ରୁଦ୍ଧ ହୋଇ ଖରଦୂଷଣ ଓ ତ୍ରିଶିରାଙ୍କୁ ଖବର ଦେଲା । ସେମାନେ ଚଉଦ ହଜାର ସେନା ସହିତ ଶ୍ରୀରାମଙ୍କୁ ଆକ୍ରମଣ କଲେ । ଶ୍ରୀରାମଙ୍କ ଆଦେଶରେ ସୀତାଙ୍କ ରକ୍ଷାରେ ରହିଲେ ଲକ୍ଷ୍ମଣ । ଶ୍ରୀରାମ ଏକା ସମସ୍ତ ରାକ୍ଷସଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ସଂହାର କଲେ । ସୂର୍ପଣଖା ରାବଣଙ୍କୁ ସମାଚାର ଦେବାରୁ ରାବଣ ଦଣ୍ଡକାରଣ୍ୟ ଅଭିମୁଖେ ଯାତ୍ରାକଲା ।

ରାବଣ ପହଞ୍ଚିବା ପୂର୍ବରୁ ଲକ୍ଷ୍ମଣ କନ୍ଦମୂଳ, ଫଳ ଆଣିବାକୁ ଯାଇଥିବା ସମୟରେ ଶ୍ରୀରାମ ସୀତା ଦେବୀଙ୍କୁ କହିଲେ, ''ମୁଁ ନରଲୀଳା କରିବାକୁ ଚାହେଁ; ତୁମ ସଦୃଶ ପ୍ରତିବିମ୍ବ ମାୟା ସୀତାଙ୍କୁ ମୋ ପାଖରେ ରଖି ତୁମେ ଅଗ୍ନିରେ ପ୍ରବେଶ କରିଯାଅ । ଶ୍ରୀରାମଙ୍କ ଆଦେଶରେ ମହାରାଣୀ ସୀତା ତାହାହିଁ କଲେ । କିନ୍ତୁ ଏହି ରହସ୍ୟ ଲକ୍ଷ୍ମଣ ମଧ ଜାଣି ପାରିଲେ ନାହିଁ । ରାବଣ ଆଦେଶରେ ମାରୀଚ ରାକ୍ଷସ ମାୟାମୃଗ ହୋଇ ସୀତାଦେବୀଙ୍କ ସମ୍ମୁଖକୁ ଆସିଲା । ସୀତାଦେବୀଙ୍କ ଆଗ୍ରହରେ ଶ୍ରୀରାମ ମୃଗବଧ କରିବା ସକାଶେ ବହୁଦୂର ଚାଲିଗଲେ । ଶ୍ରୀରାମଙ୍କ ବାଣରେ ମରିବା ସମୟରେ ମାରୀଚ ଶ୍ରୀରାମଙ୍କ ସ୍ୱର ଅନୁକରଣ କରି ଲକ୍ଷ୍ମଣଙ୍କୁ ଡାକିଲା । ଲକ୍ଷ୍ମଣ ଅନେକ ବୁଝାଇବା ସତ୍ତ୍ୱେ ସୀତାଦେବୀ ନ ବୁଝି ଶ୍ରୀରାମଙ୍କୁ ସାହାଯ୍ୟ କରିବା ପାଇଁ ଲକ୍ଷ୍ମଣଙ୍କୁ ଯିବା ସକାଶେ ନିର୍ଦ୍ଦେଶ ଦେଲେ । ଲକ୍ଷ୍ମଣ ଧନୁଶର ଦ୍ୱାରା ଭୂମିରେ ରେଖା କାଟି କହିଗଲେ, ''ଏହି ରେଖା ମଧ୍ୟରେ ଥିଲେ କୌଣସି ବିପଦ ହେବ ନାହିଁ ।'' ଲକ୍ଷ୍ମଣଙ୍କ ଯିବାପରେ ସନ୍ନ୍ୟାସୀ ବେଶରେ ରାବଣ ସୀତାଙ୍କ ପାଖକୁ ଭିକ୍ଷା ସକାଶେ ଆସିଲା । ସୀତାଦେବୀ ଲକ୍ଷ୍ମଣଙ୍କ ରେଖା ଉଲ୍ଲଙ୍ଘନ କରି ରାବଣକୁ ଭିକ୍ଷା ଦେବା ସମୟରେ ସେ ସୀତା ଦେବୀଙ୍କୁ ନେଇ ପୁଷ୍ପକ ବିମାନରେ ବସାଇ ଆକାଶ ମାର୍ଗରେ ଲଙ୍କାଭିମୁଖେ ଯାତ୍ରା କଲା । ସୀତାଦେବୀଙ୍କ ରୋଦନ ଶୁଣି ଗୃଧ୍ରରାଜ ଜଟାୟୁଃ ରାବଣ ସହିତ ଯୁଦ୍ଧ କରି ରାବଣକୁ ଆହତ କଲା, କିନ୍ତୁ ରାବଣର ଖଡ଼୍‌ଗରେ ତା' ପକ୍ଷ କଟିଯିବାରୁ ସେ ପୃଥିବୀରେ ପଡ଼ି ଶ୍ରୀରାମଙ୍କ ଦର୍ଶନ ସକାଶେ ଅପେକ୍ଷା କଲା । ଆକାଶମାର୍ଗରେ ଯିବା ସମୟରେ ଋଷ୍ୟମୂକ ପର୍ବତରେ ସୁଗ୍ରୀବଙ୍କୁ ସୀତାଦେବୀ ଦେଖି ନିଜ ବସ୍ତ୍ରରେ ଅଳଙ୍କାର ବାନ୍ଧି ପକାଇ ଦେଲେ । ରାବଣ ପରମସତୀ ସୀତାଦେବୀଙ୍କୁ ବହୁ ପ୍ରଲୋଭନ ଦେଖାଇ ଶେଷରେ ନିରାଶ ହୋଇ ଲଙ୍କା ଅନ୍ତର୍ଗତ ସୁନ୍ଦର ବଗିଚା ଅଶୋକ ବନରେ ରଖାଇ ରାକ୍ଷସୀଙ୍କୁ ପ୍ରହରିଣୀ ଭାବେ ନିଯୁକ୍ତ କରିଦେଲା ।

ଶ୍ରୀରାମ ମାୟାମୃଗ ବଧ କରି ଲକ୍ଷ୍ମଣଙ୍କ ସହିତ ଆସି ପର୍ଣ୍ଣକୁଟୀରରେ ସୀତାଦେବୀଙ୍କୁ ନ ଦେଖି ବ୍ୟାକୁଳ ଭାବେ ବିଳାପ କରି ତାଙ୍କୁ ଖୋଜିବା ଉଦ୍ଦେଶ୍ୟରେ ଯାତ୍ରା କଲେ । ରାସ୍ତାରେ ମୃତ୍ୟୁ ଅପେକ୍ଷାରେ ଥିବା ଜଟାୟୁଃଠାରୁ ସୀତାଙ୍କ ଖବର ପାଇଲେ ଏବଂ ଗୃଧ୍ରରାଜଙ୍କୁ ପରମଧାମ ଦେଇ ଶବରୀ ଆଶ୍ରମରେ ପ୍ରଭୁ ଲକ୍ଷ୍ମଣଙ୍କ ସହିତ ପହଞ୍ଚିଲେ । ଶବରୀ ଶ୍ରୀରାମଙ୍କୁ ଦେଖି ଆନନ୍ଦରେ ନିଜକୁ ଭୁଲିଗଲେ । ବହୁ ଦିନରୁ ସଂଗ୍ରହ କରିଥିବା କନ୍ଦମୂଳ, ଫଳ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଦେଲେ । ଶ୍ରୀରାମ ବହୁତ ପ୍ରଶଂସା କରି ଭୋଜନ କରିବାକୁ ଲାଗିଲେ । ଶ୍ରୀରାମଙ୍କୁ ଦର୍ଶନ କରୁଥିବା ଅବସ୍ଥାରେ ସ୍ତୁତି କରି ଯୋଗାଗ୍ନିରେ ତନୁ ତ୍ୟାଗ କରି ଶବରୀ ଶ୍ରୀରାମଙ୍କ ପରମଧାମକୁ ପ୍ରାପ୍ତ ହେଲେ । ସେ ବନ ତ୍ୟାଗକରି ଶ୍ରୀରାମ ପମ୍ପା ସରୋବରରେ ସ୍ନାନ କରି ସୁନ୍ଦର ବୃକ୍ଷଛାୟାରେ ବିଶ୍ରାମ କଲେ । ସେହି ସମୟରେ ବହୁ ଦେବତା ଓ ମୁନି ଆସି ଶ୍ରୀରାମଙ୍କୁ ଦର୍ଶନ କରି ସ୍ତୁତି କରି ଫେରିଗଲେ । ଶ୍ରୀରାମ ଲକ୍ଷ୍ମଣଙ୍କୁ ବହୁ ପ୍ରକାର ପୌରାଣିକ କଥା କହିବା ସମୟରେ ଶ୍ରୀ ନାରଦ ଉପନୀତ ହୋଇ ହାତଯୋଡ଼ି କହିଲେ, ''ପ୍ରଭୁ ମୁଁ ମୋହବଶ ହୋଇ ଯେବେ ବିବାହ କରିବାକୁ ଚାହିଁଥିଲି ତୁମ୍ଭେ ତାହା କରାଇ ଦେଲ ନାହିଁ କାହିଁକି ?''

ଶ୍ରୀରାମ କହିଲେ, ''ଯେ କେହି ସକଳ ଭରସା ଛାଡ଼ି

ମୋ ଉପରେ ନିର୍ଭରଶୀଳ ହୁଏ, ଶିଶୁକୁ ମାତା ରକ୍ଷାକରିବା ସଦୃଶ ତାକୁ ମୁଁ ରକ୍ଷା କରେ । ଅଧ୍ୟାତ୍ମ ସାଧନାରେ କାମ, କ୍ରୋଧ, ଲୋଭ, ମୋହ, ମଦ ମହାନ୍ ଶତ୍ରୁ; କିନ୍ତୁ ଏହା ମଧ୍ୟରୁ ପ୍ରବଳ ବାଧକ କାମ । ମନୁଷ୍ୟ ନାରୀମୋହଗ୍ରସ୍ତ ହେଲେ ତା'ର ଜପ, ତପ, ନିୟମ, ସଂଯମ ସମସ୍ତ ନଷ୍ଟ ହୁଏ । ସେହି କାରଣରୁ ମୁଁ ତୁମକୁ ବିବାହ କରିବାକୁ ଦେଇ ନ ଥିଲି ।'' ନାରଦ ଶ୍ରୀରାମଙ୍କୁ ପ୍ରଣାମ କରି ବ୍ରହ୍ମଲୋକ ଗମନ କଲେ ।

(କ୍ରମଶଃ)

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ, ଦ୍ୱିତୀୟ ଖଣ୍ଡ, ପୃ. ୬୬୨ -୬୬୬) ❑

> ଥରେ ଥରେ ଏମିତି ମନେ ହୋଇପାରେ ଯେ ଯେଉଁସବୁ ଘଟଣା ମୋଟେ ଘଟି ନାହିଁ, ବାସ୍ତବରେ ସେହିସବୁହିଁ ଗୁରୁତ୍ୱପୂର୍ଣ୍ଣ । ସେସବୁ ତୁଳନାରେ ଅନେକ ଐତିହାସିକ କୃତି ମଳିନ ଓ ଅର୍ଥହୀନ ଦିଶେ ।
>
> — ଶ୍ରୀଅରବିନ୍ଦ


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଆଧୁନିକ ଭାରତ ଓ ଯୁବ-ସମାଜ

## (୨)

## ପ୍ରପତ୍ତି

### ଆଧୁନିକ ଭାରତର ଉତ୍ଥାନ :

ଆଧୁନିକ ଭାରତର ଉତ୍ଥାନ ଓ ଅଗ୍ରଗତିରେ ଆମ୍ଭେମାନେ ସାଧାରଣତଃ ତିନୋଟି ସ୍ତର ଦେଖୁ । ପ୍ରଥମଟି ଆଧ୍ୟାତ୍ମିକ, ଦ୍ୱିତୀୟଟି ନୈତିକ, ତୃତୀୟଟି ଅର୍ଥନୈତିକ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଏକ ନୂତନ ଭାରତର ଜାଗରଣ ସମ୍ଭବ ହେଲା । ସେତେବେଳେ ସମଗ୍ର ଦେଶ ଯେ କେବଳ ବିଦେଶୀମାନଙ୍କର କବଳିତ ତାହା ନୁହେଁ ବରଂ ଦେଶର ଆଭ୍ୟନ୍ତରୀଣ ଆଲୋକ ସ୍ତିମିତ ପ୍ରାୟ । ବିଦେଶୀ ଶାସନ ସଙ୍ଗେ ସଙ୍ଗେ ବିଦେଶୀ ଧର୍ମ ଓ ବିଦେଶାଗତ ନାସ୍ତିକତା ଦେଶରେ କ୍ରମଶଃ ପ୍ରଚାରିତ ହୋଇ ଚାଲିଥିଲା । ଭାରତ, ଭାରତ ହୋଇ ରହିବ କି ନାହିଁ ଏକଥାରେ ବି ସନ୍ଦେହ ଦେଖା ଦେଇଥିଲା । ଏହି ସମୟରେ ପରମ ପୁରୁଷ ଶ୍ରୀରାମକୃଷ୍ଣଙ୍କ ଆବିର୍ଭାବ ଏବଂ ଭାରତର ଶୁଦ୍ଧ ଅଧ୍ୟାତ୍ମଶକ୍ତି, ଐଶ୍ୱର୍ଯ୍ୟ ଓ ସିଦ୍ଧିର ପୁନଃପ୍ରକାଶ ଓ ପ୍ରତିଷ୍ଠା ହୋଇଥିଲା । ଶ୍ରୀରାମକୃଷ୍ଣହିଁ ଜୀବନ୍ତ ଆଧ୍ୟାତ୍ମିକତାର ବିଶୁଦ୍ଧ ମୂର୍ତ୍ତି ଏବଂ ସେହିଁ ହେଲେ ଭାରତର ନବ ଜାଗରଣର ସୂତ୍ରଧର । ସେ ଥିଲେ ଲେଖା-ପଢ଼ାହୀନ ସାଧାରଣ ପୂଜକ ବ୍ରାହ୍ମଣ, କିନ୍ତୁ ଭାଗବତ ସିଦ୍ଧିର ଉଚ୍ଚତମ ସୋପାନରେ ଆରୋହଣ କଲେ ଓ ସେହି ସିଦ୍ଧିକୁ ମୂର୍ତ୍ତ କଲେ । ବିବେକାନନ୍ଦ ଯେତେବେଳେ ପାଶ୍ଚାତ୍ୟ ତର୍କ-ବିଚାର, ଦର୍ଶନର ଅଜ୍ଞେୟବାଦ ଓ ସନ୍ଦେହବାଦର ଉତ୍ତାଳ ତରଙ୍ଗରେ ପଡ଼ି କୂଳ-କିନାରା ପାଉ ନଥିଲେ ସେତେବେଳେ ସେ ପରମହଂସ ଦେବଙ୍କୁ ଯେଉଁ ଐତିହାସିକ ପ୍ରଶ୍ନ ପଚାରି ଥିଲେ, ''ଆପଣ ଈଶ୍ୱରଙ୍କୁ ପ୍ରତ୍ୟକ୍ଷରେ ଦେଖିଛନ୍ତି କି ?'' ଆଉ ପରମହଂସଦେବ ଯେଉଁ ଉତ୍ତର ଦେଇଥିଲେ, ''ହଁ, ଠିକ୍ ତୋତେ ଯେପରି ଦେଖୁଛି ।'' ତାହାହିଁ ହେଲା ଭାରତର ଅନ୍ତରାତ୍ମିକ ସତ୍ୟର ଓ ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟର ଏକ ବିରାଟ ବିସ୍ଫୋରଣ ଯାହା ଫଳରେ ପୁନର୍ବାର ଭାରତର ଅନ୍ତଃସତ୍ତା ଜାଗ୍ରତ୍ ହୋଇ ଉଠିଲା ଏବଂ ପୁନର୍ବାର ତା'ର ଜ୍ଞାନ, ଆଲୋକ ଓ ଶକ୍ତି ଦ୍ୱାରା ସମଗ୍ର ପୃଥିବୀକୁ ଚମତ୍କୃତ କରିବ ବୋଲି ବଦ୍ଧପରିକର ହେଲା । ଭାରତ ନବଜନ୍ମର ଏହି ପରମ ରହସ୍ୟ ଉପଲବ୍ଧି କରିବା ଆମ୍ଭମାନଙ୍କ ପକ୍ଷରେ କଷ୍ଟକର ହୋଇପାରେ କିନ୍ତୁ ସୁଦୂର ଅତୀତର ବିଲୁପ୍ତ ପରମ୍ପରା ଓ ଐତିହ୍ୟ ମଧ୍ୟରେ ସଂଯୋଗ ସ୍ଥାପନ କରି ଶ୍ରୀରାମକୃଷ୍ଣ ଓ ତଦୀୟ ଶିଷ୍ୟ ଆଧ୍ୟାତ୍ମିକତାର ଶୁଭ୍ର ବରାହମୂର୍ତ୍ତି ବିବେକାନନ୍ଦ ଯେଉଁ କାର୍ଯ୍ୟ କଲେ ତାହା ଅକଳ୍ପନୀୟ । ବିବେକାନନ୍ଦଙ୍କର ପ୍ରଶ୍ନ ଥିଲା ସମଗ୍ର ମାନବ-ସମାଜର, ବିଶେଷତଃ ସନ୍ଦେହସଙ୍କୁଳ ସନ୍ଦିଗ୍ଧମନା ତରୁଣ ଭାରତବାସୀଙ୍କର ପ୍ରଶ୍ନ । ସେ ଥିଲେ ଗୋଟାଏ ସମଗ୍ର ମାନବ ଗୋଷ୍ଠୀର ପ୍ରତିନିଧି, ଭାରତର ବିରାଟ ଯୁବ-ପ୍ରାଣ ଓ ଛାତ୍ରସମାଜର ପ୍ରତୀକ । ତାଙ୍କର ପ୍ରଶ୍ନରେ ରହିଛି ଭାରତର ଅନ୍ତର୍ନିହିତ ପରମ ସତ୍ୟର ଅସ୍ତିତ୍ୱର ପ୍ରଶ୍ନ – ସେ ପ୍ରଶ୍ନର ସମାଧାନ ପରମହଂସଦେବ କରିଛନ୍ତି – ଭାରତ ବଞ୍ଚି ରହିଛି – ସ୍ୱୟଂ ନାରାୟଣହିଁ ଜାତି ଗର୍ଭରେ ବିଦ୍ୟମାନ – ଜାତୀୟ ଉତ୍ଥାନର ପଶ୍ଚାତରେ ତାଙ୍କର ଇଙ୍ଗିତ ରହିଛି । ନବୀନ ଭାରତର ଏହି ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟକୁ ମସ୍ତକରେ ଧାରଣ କରି ବିବେକାନନ୍ଦ ଦିଗ୍‌ବିଜୟୀ ହେଲେ । ତନ୍ଦ୍ରାଗ୍ରସ୍ତ ଭାରତବାସୀଙ୍କ କର୍ଣ୍ଣକୁହରରେ ବାରଂବାର ଘୋଷଣା କଲେ, ''ଉତ୍ତିଷ୍ଠତଃ ଜାଗ୍ରତ୍ ପ୍ରାପ୍ୟ ବରାନ୍ନିବୋଧତ ।'' ଏହି ସଙ୍ଗେ ସଙ୍ଗେ ସେ ଭାରତ-ଉତ୍ଥାନର ବୈଶିଷ୍ଟ୍ୟ ଓ ବିଶେଷତ୍ୱ ଘୋଷଣା କରିବାକୁ ଲାଗିଲେ :

''ଆମର ପ୍ରକୃତି ଅନୁରୂପ ଆମେ ଗଢ଼ି ଉଠିବୁ । ଆମ ଦେଶରେ ବିଦେଶୀ ସମାଜ ଦ୍ୱାରା ପ୍ରବର୍ତ୍ତିତ କର୍ମପନ୍ଥା ଅନୁସରଣ କରିବା ନିଷ୍ଫଳ, ବସ୍ତୁତଃ ତାହା ଅସମ୍ଭବ । ଅନ୍ୟ କୌଣସି ଜାତିର ଛାଞ୍ଚରେ ପକାଇ ଆମକୁ ପୁନର୍ଗଠିତ କରିବା ପନ୍ଥା ଭଗବାନଙ୍କ କୃପାରୁ ସମ୍ପୂର୍ଣ୍ଣ ଅସମ୍ଭବ । ଅନ୍ୟାନ୍ୟ ମାନବ ଗୋଷ୍ଠୀର ପ୍ରଥା ସମୂହ ନିନ୍ଦନୀୟ ନୁହେଁ । ସେସବୁ ସେମାନଙ୍କ ପକ୍ଷରେ ଆଦରଣୀୟ, କିନ୍ତୁ ଆମ୍ଭମାନଙ୍କ ନିକଟରେ ତାହା କାର୍ଯ୍ୟକାରୀ ହେବ ନାହିଁ । ସେମାନଙ୍କ ଜୀବନଯାପନ ପ୍ରଣାଳୀ ଭିନ୍ନ, ବିଜ୍ଞାନ ଭିନ୍ନ ଓ ସଂସ୍ଥା ବିଭିନ୍ନ ଐତିହ୍ୟ ଉପରେ ଗଢ଼ି ଉଠିଛି । ସେହିପରି ହଜାର ହଜାର ବର୍ଷର ଐତିହ୍ୟ ଓ ସଂସ୍କାର-ପ୍ରସୂତ ଆମ ଜୀବନଧାରା ସ୍ୱତନ୍ତ୍ର ଗତିରେ ପ୍ରବାହିତ ହେବା ସ୍ୱାଭାବିକ । ଏହି ମୂଳ ଲକ୍ଷ୍ୟ ପ୍ରତି ସଚେତ ରହି ଆମକୁ ଅଗ୍ରସର ହେବାକୁ ହେବ ।''

ବିବେକାନନ୍ଦ ଦୃଢ଼ ଭାବରେ ପାଶ୍ଚାତ୍ୟାନୁରାଗୀ ହେବାକୁ ବାରଣ କରିଛନ୍ତି — ତଦ୍ଦ୍ୱାରା ହେବ ଭାରତର ଅସ୍ତିତ୍ୱ ଲୋପ, ବିନାଶ ଓ ଧ୍ୱଂସ :

''ଆମେ ପାଶ୍ଚାତ୍ୟାନୁରାଗୀ ହୋଇପାରିବୁ ନାହିଁ । କାର୍ଯ୍ୟତଃ ପାଶ୍ଚାତ୍ୟ ଜାତିର ଅନୁକରଣ କରିବା ଆମ ପକ୍ଷରେ ନିର୍ବୋଧତା । ତୁମେ ଯଦି ଏପରି ଅନୁକରଣରେ ଯଥାର୍ଥରେ ସକ୍ଷମ ହୁଅ, ତାହାହେଲେ ସେହି ମୁହୂର୍ତ୍ତରେ ତୁମ ବ୍ୟକ୍ତିତ୍ୱର ଲୋପ ଅବଶ୍ୟମ୍ଭାବୀ ।

...ପାଶ୍ଚାତ୍ୟ ଆଦର୍ଶ ହେଲା ପାନାହାର ଓ ଭୋଗବିଳାସ । ଏହି ରୀତିନୀତି ଯଦି କେହି ଭାରତରେ ପ୍ରଚାର କରେ ଆଉ ଜଡ଼ ଜଗତକୁ ଦେବତା ଆସନରେ ବସାଇବାକୁ ଚାହେଁ ତାହାହେଲେ ସେ ବ୍ୟକ୍ତି ମିଥ୍ୟାଶ୍ରୟୀ । ପାଶ୍ଚାତ୍ୟ ସଭ୍ୟତାର ଯାବତୀୟ ଚାକଚକ୍ୟ, ଆଡ଼ମ୍ବର ଓ ବିସ୍ମୟକର କ୍ଷମତା ପ୍ରକାଶ ସତ୍ତ୍ୱେ, ମୁଁ ସେମାନଙ୍କୁ ସ୍ପଷ୍ଟଭାବେ କହୁଛି ଯେ ଏସବୁ ନିରର୍ଥକ — ଏକାନ୍ତ ଅସାର । ଏକମାତ୍ର ଈଶ୍ୱରହିଁ ସାର — ଏକମାତ୍ର ଆତ୍ମାହିଁ ଶାଶ୍ୱତ । ତେଣୁ କେବଳ ଆଧାତ୍ମିକତାରେହିଁ ସାର୍ଥକତା ।''

ସ୍ୱାମୀଜୀ ଏହିସବୁ ଉକ୍ତିରେ ଆଧାତ୍ମିକତା ଯେ ଭାରତୀୟ ସଂସ୍କୃତି ଓ ଚିନ୍ତାଧାରାର ବୈଶିଷ୍ଟ୍ୟ ଓ ମୂଳପିଣ୍ଡ, ଏକଥା ସ୍ପଷ୍ଟ କରିଛନ୍ତି । ଗୁରୁଗମ୍ଭୀର ଭାବେ ଅତି ଦୃଢ଼କଣ୍ଠରେ ସ୍ୱାମୀଜୀ ପୁନଶ୍ଚ କହୁଛନ୍ତି, ''ଆଧାତ୍ମିକତାକୁ ବର୍ଜନ କରି ଜଡ଼ାଶ୍ରୟୀ ପାଶ୍ଚାତ୍ୟ ସଭ୍ୟତା ପ୍ରତି ଆସକ୍ତ ହେଲେ ତିନି ପୁରୁଷରେ ଏହି ଜାତିର ବିନାଶ ଅନିବାର୍ଯ୍ୟ । ଜାତିର ମେରୁଦଣ୍ଡ ଭାଙ୍ଗି ପଡ଼ିବ, ଜାତୀୟ ସୌଧ ଭୁଶୁଡ଼ି ପଡ଼ିବ, ପରିଣାମରେ ସାମଗ୍ରିକ ଧ୍ୱଂସ ଅନିବାର୍ଯ୍ୟ ।... ଭାରତବର୍ଷ ଜଗତକୁ ଦେଇଛି ପରମାର୍ଥର ସନ୍ଧାନ, ଆଉ ଶିଖାଇଛି ଅଜ୍ଞାନ ଅନ୍ଧକାର ଭେଦ କରି ମାନବାତ୍ମାର ଗୂଢ଼ ରହସ୍ୟ ଉଦ୍‌ଘାଟନ କରିବାର ଉପାୟ ।''

ସୁତରାଂ ଭାରତର ଅସ୍ତିତ୍ୱ ଯଦି ବଜାୟ ରଖିବାକୁ ହୁଏ ଏବଂ ତା'ର ପରମ୍ପରା ଏବଂ ବିଧି-ନିର୍ଦ୍ଦିଷ୍ଟ ସାଧନା ପ୍ରତି ଦୃଷ୍ଟି ଦେବାକୁ ହୁଏ ତେବେ ଏହି ଅଧ୍ୟାତ୍ମ ପ୍ରେରଣା ତା'ର ଜୀବନ-ଦର୍ଶନ, ରାଷ୍ଟ୍ରୀୟ-ଦର୍ଶନ ଓ ରାଷ୍ଟ୍ରୀୟ ଲକ୍ଷ୍ୟରେ ପର୍ଯ୍ୟବସିତ ହେବା ଉଚିତ । ବିବେକାନନ୍ଦ ତତ୍କାଳୀନ ଭାରତୀୟ ରାଷ୍ଟ୍ରୀୟ ବ୍ୟାପାରରେ ନିଜକୁ ସମ୍ପୃକ୍ତ କରି ନଥିଲେ ବା ଏହି ଶୁଦ୍ଧ ଆଧାତ୍ମିକତାକୁ ରାଜନୈତିକ କାର୍ଯ୍ୟରେ ଉପଯୋଗ କରି ନଥିଲେ । କିନ୍ତୁ ଠିକ୍ ତା'ର ପରେ ପରେ ଅଧ୍ୟାତ୍ମ-ଭାବଧାରା ରାଷ୍ଟ୍ରୀୟ ବିଚାରଧାରାରେ ସ୍ପଷ୍ଟ ରୂପେ ଆତ୍ମ-ପ୍ରକାଶ କରିଛି । ଲୋକମାନ୍ୟ ତିଳକ, ବିପିନ ପାଲ, ଲାଲା ଲାଜପତ ରାୟ ପ୍ରଭୃତି ସ୍ୱନାମଧନ୍ୟ ଜାତୀୟ ବୀରମାନେ ଆଧାତ୍ମିକତାକୁ ଜାତୀୟତାର ମୂଳଭିତ୍ତି କରି 'ଭାରତ'କୁ ଏକ ମହତୀ ଦିବ୍ୟଶକ୍ତି ରୂପେ ଆବାହନ କଲେ । ଏହି ଶୁଦ୍ଧଚିତ୍ତ ଭଗବତ୍-ପ୍ରେମିକ ମହାପୁରୁଷମାନଙ୍କର ଅଶେଷ ଚେଷ୍ଟା ଓ ଉଦ୍ୟମ ବଳରେ ଆଧୁନିକ ଭାରତର ଏକ ନବଜନ୍ମ ସଂଘଟିତ ହେଲା — ଭାରତର ଯଥାର୍ଥ ସ୍ୱରୂପ, ସ୍ୱଧର୍ମ ଓ ସାଧନା ଜଗତ୍ ସମ୍ମୁଖରେ ରଖାଗଲା । ଶ୍ରୀଅରବିନ୍ଦ ଏହି ସମୟରେ ବାରଂବାର ଘୋଷଣା କଲେ ଯେ ଜାତୀୟତାହିଁ ଭଗବାନଙ୍କର ଦାନ । ଏହି ଜାତୀୟତାର କର୍ଣ୍ଣଧାର ସ୍ୱୟଂ ନାରାୟଣ, ସ୍ୱୟଂ ବାସୁଦେବ ଅଥବା ''ଯେଉଁ ଶକ୍ତିକୁ ଆମ୍ଭେମାନେ କହୁ ଭାରତ, ଭବାନୀ, ଭାରତୀ ତାହା ତ୍ରିଂଶକୋଟି ଲୋକଙ୍କର ଏକତାବଦ୍ଧ ଜୀବନ୍ତ ଶକ୍ତି ।'' ଆଧୁନିକ ଭାରତର ଅଭ୍ୟୁତ୍ଥାନ ପଶ୍ଚାତରେ ଏହି ଯେଉଁ ଶାଶ୍ୱତ ଜ୍ୟୋତିର୍ମୟ ସତ୍ୟ ନିହିତ ଅଛି ତାହାକୁ ଭାରତୀୟ ଯୁବକ ପ୍ରାଣରେ ପ୍ରତିଷ୍ଠା କରିବାକୁ ହେବ । କେବଳ ଦେଶକୁ ଗୋଟାଏ ଭୌଗୋଳିକ ବସ୍ତୁ ବୋଲି ଧରି ନେଲେ ଠିକ୍ ହେବ ନାହିଁ । ଆଧାତ୍ମିକତାହିଁ ଭାରତୀୟତାର ମୂଳସୂତ୍ର ।

ଆଧୁନିକ ଭାରତର ଜାଗରଣର ଦ୍ୱିତୀୟ ପାବଚ୍ଛ ହେଲା ଏକ ନୈତିକ ଆଦର୍ଶ ଏବଂ ତୃତୀୟ ପାବଚ୍ଛ ପୂର୍ଣ୍ଣ ରୂପେ ଅର୍ଥନୈତିକ । ଏ ବିଷୟ ଆମ୍ଭେମାନେ ପରବର୍ତ୍ତୀ ପ୍ରବନ୍ଧରେ ଆଲୋଚନା କରିବୁ ।

(କ୍ରମଶଃ) ❑

ତୁମେ ଯଦି ତୁମ ଚେତନାକୁ ପରିବର୍ତ୍ତନ କର, ତେବେ ଜଗତ୍ ତୁମ ଲାଗି ନିଜକୁ ପରିବର୍ତ୍ତନ କରିଦେଇ ପାରେ ।

— ଶ୍ରୀମା

**ସିନ୍ଧୁରୁ ବିନ୍ଦୁଏ :**

# ବିଫଳତା ବି ବନ୍ଧୁ

## ସନ୍ତୋଷ ରଥ

ଜୀବନଟା ନୁହେଁ ଗୋଲାପି ଗାଲିଚା
ଆଷାଢ଼ୀ ଆକାଶ ବର୍ଷା ଝଡ଼ି
କେତେ ବୈଶାଖୀ ଚଇତାଳି ତାତି
ସଜଡ଼ା ଉଜୁଡ଼ା ରଙ୍ଗ ଅଜାଡ଼ି । (୧)

ବାଟ ଖାଲ ଖମା ଭରିଛି ଅରମା
ଖସଡ଼ା ପାହାଚ ଧାଡ଼ି କି ଧାଡ଼ି
ପତନ ଉତ୍ତାରୁ ଉତ୍ଥାନର ଆଶା
ଧାପେ ଧାପେ କରି ଉଠଇ ଶିଡ଼ି । (୨)

ଅନ୍ଧାର ଆଲୁଅ ଲୁଚକାଳି ଖେଳ
ବେଳାବୁକେ ଭରା ବିପଣି ମାଳା
ଆଶାର କଉଡ଼ି ଅଣ୍ଟିରେ ସଜାଡ଼ି
ଜୀବନ ବୋଇତ ବାନ୍ଧିଛି ଭେଳା । (୩)

ସାଥୀ ଅନୁଭୂତି ଦରଭୁଲା ସ୍ମୃତି
ଫୁଟା କଣ୍ଢା ପାଦୁ ପାରିଲେ କାଢ଼ି
ଅଧାବାଟୁ ଡରି କେହି ଗଲେ ଫେରି
ଅଭିଜ୍ଞତା ସ୍ୱାଦ ଯାଏ ଉଜୁଡ଼ି । (୪)

ନୁହେଁ ପରିପକ୍ୱ ନିମିତ୍ତ ମାତ୍ରକ
ସର୍ବେ ସବ୍ୟସାଚୀ ଜୀବନ ରଣେ
ଜୟ ପରାଜୟ ନୁହଁଇ ପ୍ରମେୟ
ପୂର୍ଣ୍ଣତା ପ୍ରୟାସ ପ୍ରତିଟି କ୍ଷଣେ । (୫)

ବିଫଳତା ଭୟ ବୁଦ୍‌ବୁଦ ପ୍ରାୟ
କ୍ଷଣେ ଜିଇ ପୁଣି ଯାଏ ଉଭାଇ
ଆଦିମ ଅର୍ଦଳି ନ ବାନ୍ଧେ ପୁଟୁଳି
ଘୁଞ୍ଚେ ବିଭାବରୀ ବିକଚେ କଇଁ । (୬)

ହେଉ କାରାଗାର ଅବା ସ୍ୱର୍ଗଦ୍ୱାର
ସମର ପ୍ରାଙ୍ଗଣ ଜୀବନ ପଣ
ମୁକ୍ତ ବାତାୟନ ଶେଷ ସମାଧାନ
ଭରଣା ଗଉଣି ଶୁଝାଏ ଋଣ । (୭) ❑

"...it is certain that the experience of a life of failure and defeat is just as useful to the soul's growth as the experience of a life of success and victory;"

(CWM, Vol. 10, p. 56) – The Mother

''...ଏକଥା ନିଶ୍ଚିତ ଯେ ବିଫଳତା ଓ ପରାଜୟ ଭୋଗ କରିଥିବା ଜୀବନର ଅଭିଜ୍ଞତା; ସଫଳତା ଓ ବିଜୟ ପ୍ରାପ୍ତ କରିଥିବା ଜୀବନର ଅଭିଜ୍ଞତା ସହ ସମାନ ଏବଂ ଆତ୍ମାର ଅଭିବୃଦ୍ଧି ସାଧନରେ ସମ ଭାବରେ ଉପଯୋଗୀ ହୋଇଥାଏ ।''

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୭୦)

**ମହେନ୍ଦ୍ରନାଥ ସ୍ୱାଇଁ**

**ସୂକ୍ଷ୍ମ ଦର୍ଶନ :**

ଶ୍ରୀମାଙ୍କର ଜାନୁଆରୀ ୨୪, ୧୯୧୪ର ପ୍ରାର୍ଥନାଟି ହେଲା – "O THOU who art the sole reality of our being, O sublime Master of love, Redeemer of life, let me have no longer any other consciousness than of Thee at every instant and in each being. When I do not live solely with Thy life, I agonise, I sink slowly towards extinction; for Thou art my only reason for existence, my one goal, my single support. I am like a timid bird not yet sure of its wings and hesitating to take its flight; let me soar to reach definitive identity with Thee." (Prayers and Meditations, Page. 59)

ଅର୍ଥାତ୍, ''ହେ ପ୍ରଭୁ, ତୁମେ ଯେକି ଆମ୍ଭମାନଙ୍କର ସତ୍ତାର ଏକମାତ୍ର ବାସ୍ତବ ସତ୍ୟ, ହେ ପ୍ରେରଣା ପ୍ରଦାନକାରୀ ପ୍ରେମର ସର୍ବୋତ୍ତମ ପ୍ରଭୁ, ଜୀବନର ତ୍ରାଣକର୍ତ୍ତା, ମୁକ୍ତିଦାତା, ପ୍ରତି ମୁହୂର୍ତ୍ତରେ ଏବଂ ପ୍ରତ୍ୟେକ ସତ୍ତା ଭିତରେ ତୁମ ବ୍ୟତୀତ ଅନ୍ୟ କୌଣସି ଚେତନା ଆଉ ଯେପରି ମତେ ପ୍ରାପ୍ତ ନ ହୁଏ । ଯେତେବେଳେ ମୁଁ ତୁମ ଭିତରେ ତୁମ ଜୀବନରେ ଜୀବନ ମିଶାଇ ନ ଚାଲେ, ସେତେବେଳେ ମୋର ଶ୍ୱାସ ରୁଦ୍ଧ ହୁଏ, ମୁଁ ବ୍ୟଥିତ ହୋଇଥାଏ, ମୁଁ ଧୀରେ ଧୀରେ ନିଶ୍ଚିହ୍ନତା ଭିତରକୁ ବୁଡ଼ି ଯାଉଥାଏ; କାରଣ ତୁମେ ହେଉଛ ମୋର ଏଠାରେ ତିଷ୍ଠି ରହିବାର ଏକମାତ୍ର ଅବଲମ୍ବନ, ମୋର ଏକମାତ୍ର ଲକ୍ଷ୍ୟସ୍ଥଳ, ମୋର ଏକମାତ୍ର ଆଶ୍ରୟ । ମୁଁ ହେଉଛି ଏକ ଭୀରୁ ପକ୍ଷୀଶାବକ ସଦୃଶ, ଯିଏକି ନିଜ ଡେଣାର ଶକ୍ତି ଉପରେ ଏପର୍ଯ୍ୟନ୍ତ ନିଶ୍ଚିତ ଭାବରେ ନିର୍ଭର କରିପାରି ନାହିଁ ଏବଂ ଉପରକୁ ଉଡ଼ିଯିବା ପାଇଁ ଦ୍ୱିଧା ବୋଧ କରୁଛି; ହେ ଭଗବାନ୍, ଊର୍ଦ୍ଧ୍ୱକୁ ଉଡ଼ି ଯାଇ ତୁମ ସହିତ ସର୍ବଶେଷରେ ଏକାକାର ହୋଇଯିବା ପାଇଁ ମୋତେ ସାମର୍ଥ୍ୟ ପ୍ରଦାନ କର ।''

ଉକ୍ତ ପ୍ରାର୍ଥନାଟି ଆମ୍ଭମାନଙ୍କ ଜୀବନର ଏକମାତ୍ର ସତ୍ୟ ଏବଂ ଏହି ସଂସାରରେ ଆମ ଅସନ୍ତୋଷର ସମାଧାନର ଉପାୟ ମଧ୍ୟ । ପ୍ରତ୍ୟେକ ବାହ୍ୟ ଏବଂ ପାର୍ଥିବ କାମନାବାସନା ପଶ୍ଚାତରେ ରହିଛି ଅମରତ୍ୱ ଲାଭର ତୃଷ୍ଣା ଓ କ୍ଷୁଧା, ଦିବ୍ୟଜୀବନ ପ୍ରାପ୍ତ ହେବାର ଅଭିଳାଷ ଏବଂ ସର୍ବଶେଷରେ ପରମପ୍ରଭୁଙ୍କ ସହିତ ଏକାକାର ହୋଇଯିବାର ଅଭୀପ୍ସା । ପରମପ୍ରଭୁଙ୍କ ପ୍ରତି ଜୀବାତ୍ମାର ଏହି ତୃଷ୍ଣା ଜୀବନ ନିର୍ବାହର ଅଧିକାଂଶ ସୋପାନରେ ସ୍ୱାଦହୀନ, ଅର୍ଥହୀନ ଏବଂ ରସହୀନ ମନେ ହେଉଥିଲେ ମଧ୍ୟ ସାଧକ-ଭକ୍ତ ସେଥିରେ ଲାଗି ରହିଥାଏ । ଆଶା ଅନନ୍ତ, ଅଭିଳାଷର ତୃଷ୍ଣା କେବେହେଲେ ନିବାରିତ ହୋଇ ନଥାଏ । ଅନ୍ୟ ରାଜ୍ୟକୁ ଜୟ କରିଥିବା ରାଜାଟିଏ ଯେପରି ପରାଜିତ ରାଜ୍ୟର ସମସ୍ତ ପ୍ରଜାଙ୍କୁ ବନ୍ଦୀ କରିବାକୁ ନିର୍ଦ୍ଦେଶ ଦେଇଥାଏ, ସମସ୍ତଙ୍କର ଧନ-ସମ୍ପତ୍ତି ଲୁଣ୍ଠନ କରିବାକୁ ଆଦେଶ ଦେଇଥାଏ, ନିଜ ରାଜଧାନୀରେ ସକଳ ଲୁଣ୍ଠନ ଦ୍ରବ୍ୟ ବୋହି ଆଣି ଠୁଳ କରିଥାଏ; ସେତିକିରେ ତା'ର କ୍ଷୁଧାର ପରିସମାପ୍ତି ଘଟି ନଥାଏ, ସେ ଦେବତାମାନଙ୍କର ସମ୍ପତ୍ତି ଲୁଣ୍ଠନ କରିବାକୁ ଯୋଜନା କରେ; ପରିଶେଷରେ ନିଜର ପତନକୁ ନିଜେ ଡାକି ଆଣେ । ଏହିପରି ହୋଇଥାଏ, କାରଣ ସେ ଆତ୍ମ-ସନ୍ତୋଷକୁ ଖୋଜୁଥାଏ, କିନ୍ତୁ ଭୁଲ୍ ବାଟରେ ଯାଇ ହତାଶ ହେଉଥାଏ । ଥରେ ଯଦି ଜାଣତରେ ହେଉ ବା ଅଜାଣତରେ ହେଉ ମଣିଷର ପାଦ ଭଗବାନଙ୍କ ଆଡ଼କୁ ପଡ଼ିଥିବା ରାସ୍ତାରେ ପଡ଼ିଯାଏ, ସେ ଅବଲୀଳାକ୍ରମେ ତାଙ୍କ ଆଡ଼କୁ ଟାଣି ହୋଇ ଚାଲି ଯାଇଥାଏ । ତତ୍ପରେ ଆରମ୍ଭ ହୁଏ ତାଙ୍କ ସହ ମିଳନର ପ୍ରକ୍ରିୟା; ପ୍ରାରମ୍ଭରେ ଏହି ମିଳନ ଆଂଶିକ ହୋଇପାରେ, ଅସମ୍ପୂର୍ଣ୍ଣ ହୋଇପାରେ କିନ୍ତୁ ସେଥିରେ ବ୍ୟକ୍ତିକୁ ଯାହା ପ୍ରାପ୍ତ ହୁଏ ସାମ୍ପ୍ରତିକ ପରିସ୍ଥିତି ଏବଂ ପରିବେଶର ପୂର୍ଣ୍ଣତା ନିମନ୍ତେ ସେତିକିହିଁ ଯଥେଷ୍ଟ । ମାୟା ଓ ମିଥ୍ୟାର ବନ୍ଧନ ତାକୁ ଆଉ ଯନ୍ତ୍ରାରେ ପୂରାଇ କଲବଲ କରିପାରେ ନାହିଁ ।

ସେଥିପାଇଁ ଦିବ୍ୟଜନନୀ ଶ୍ରୀମା ଉକ୍ତ ପ୍ରାର୍ଥନାରେ କହୁଛନ୍ତି ଯେ, ଯେତେବେଳେ ସେ ପରମପ୍ରଭୁଙ୍କ ସହିତ ମିଳିତ

ହୋଇ ରହିପାରନ୍ତି ନାହିଁ, ସେହି ସମୟରେ ତାଙ୍କୁ ନିଶ୍ଚେତନା ଭିତରକୁ କ୍ରମଶଃ ବୁଡିଗଲା ପରି ମନେହୁଏ, ମନ ବିଷାଦଗ୍ରସ୍ତ ହୋଇପଡ଼େ, କାରଣ ସେ ହେଉଛନ୍ତି ଏଠାରେ ତିଷ୍ଠି ରହିବାର ଏକମାତ୍ର କାରଣ, ତାଙ୍କର ଏକମାତ୍ର ଲକ୍ଷ୍ୟସ୍ଥଳ ଏବଂ ଏକମାତ୍ର ତ୍ରାଣକର୍ତ୍ତା, ସୁରକ୍ଷା ପ୍ରଦାନକାରୀ ପ୍ରଭୁ ।

ଯେତେବେଳେ ପ୍ରଭୁଙ୍କ ସହିତ ମିଳନ ହେବାର କଥାଟିକୁ ଜୀବାତ୍ମା ଭୁଲିଯାଏ ସେତେବେଳେ ସବୁଆଡ଼ ଅନ୍ଧାର ଦିଶେ ଏବଂ ସେହି ଅନ୍ଧକାର ଅସହ୍ୟ ହୋଇଉଠେ, ଧନସମ୍ପତ୍ତି ଥିଲେ ମଧ୍ୟ ଦାରିଦ୍ର୍ୟ ଗ୍ରାସ କରେ, ପାର୍ଥିବ ଆନନ୍ଦ ସୁଖକର ହୁଏ ନାହିଁ ଏବଂ ସମସ୍ତ ସଫଳତା ଏକ ବୋଝ ପରି ଅନୁଭୂତ ହୁଏ । ସୁତରାଂ ଦିବ୍ୟଜନନୀ ପ୍ରାର୍ଥନାଟିର ଶେଷାର୍ଦ୍ଧରେ ଯାହା କହୁଛନ୍ତି, ତା'ର ମର୍ମାର୍ଥ ଏହିପରି –

ହେ ପ୍ରଭୁ ! ଉଚ୍ଚତର ଚେତନାକୁ ଉଡ଼ିଯିବା ନିମନ୍ତେ ଆମ୍ଭମାନଙ୍କର ଭକ୍ତିର ଡେଣା ଅତ୍ୟନ୍ତ ଦୁର୍ବଳ, ସେଥିପାଇଁ ଆମକୁ ଶକ୍ତି ପ୍ରଦାନ କରନ୍ତୁ, ଉପରକୁ ଉଡ଼ିଯିବା ନିମନ୍ତେ ଆମର ଅଭୀପ୍ସାକୁ ସହାୟତା କରନ୍ତୁ, ଉଡ୍ଡାଣକୁ କ୍ଷିପ୍ରତର କରନ୍ତୁ । ଆପଣଙ୍କର ସାନ୍ନିଧ୍ୟର ଉଦ୍ଦୀପ୍ତ ସୂର୍ଯ୍ୟକିରଣକୁ ସହ୍ୟ କରିବାର ସାମର୍ଥ୍ୟ ଲାଭ କରିବା ପାଇଁ ଆମେ ଯେପରି ଚେତନାର ସେହି ଶୀର୍ଷଦେଶରେ ପାଦ ଥାପିବାକୁ ଅଭୀପ୍ସା କରୁ ସେଥିପାଇଁ ଆମକୁ ଦିଗ୍‌ଦର୍ଶନ ପ୍ରଦାନ କରନ୍ତୁ, ବାଟ କଢ଼ାଇ ନିଅନ୍ତୁ ।

ଆଲୋଚ୍ୟ ପ୍ରାର୍ଥନାଟିରେ ଶ୍ରୀମା ପରମପ୍ରଭୁଙ୍କୁ ନିବେଦନ କରିଛନ୍ତି ଆମ ସମସ୍ତଙ୍କ ନିମନ୍ତେ । ପରମପ୍ରଭୁଙ୍କ ଭିତରେ ବାସ ନ କରିବାର ଅର୍ଥ ରସାତଳକୁ ଚାଲିଯିବା, ନିମ୍ନ ଚେତନା ଭିତରକୁ ନିମଜ୍ଜିତ ହୋଇଯାଇ ନିଶ୍ଚେତନା ଭିତରେ ପ୍ରବେଶ କରିବା । ଶ୍ରୀମା ସର୍ବଦା ଗୁହ୍ୟ ଚେତନା ରାଜ୍ୟରେ ପ୍ରବେଶ କରି ତାଙ୍କ ସୂକ୍ଷ୍ମ ଦିବ୍ୟ-ଦୃଷ୍ଟିରେ ଅନେକ କଥା ଦେଖୁଥିଲେ । ଏହି ପରିପ୍ରେକ୍ଷୀରେ ମା'ଙ୍କର ଏକ ସୂକ୍ଷ୍ମ ଦର୍ଶନ ଏଠାରେ ଉପସ୍ଥାପନା କଲେ ଅତ୍ୟୁକ୍ତି ହେବ ନାହିଁ ।

ଶ୍ରୀମା ୧୯୦୬ ଏବଂ ୧୯୦୭ ମସିହାରେ ଆଫ୍ରିକାର ଆଲଜେରିଆରେ ଗୁହ୍ୟବିଦ୍ୟା ଶିକ୍ଷା କରୁଥିବା ସମୟରେ ଦେଖିଥିବା ଏକ ସୂକ୍ଷ୍ମଦର୍ଶନ ବିଷୟରେ ହୁତାଙ୍କୁ 'ସାବିତ୍ରୀ' କାବ୍ୟ ଉପରେ ଆଧାରିତ ଧ୍ୟାନ ସମ୍ବନ୍ଧୀୟ ଚିତ୍ର ଅଙ୍କନ ("Meditation on Savitri Painting"), ସମୟରେ ଯାହା କହିଥିଲେ ତାହା ହେଲା –

ଶ୍ରୀମା କହିଲେ, ''ଗୁହ୍ୟ-ବିଦ୍ୟା ଶିକ୍ଷା କରୁଥିବା ସମୟରେ ମୋତେ ଏକ ଅନୁଭୂତି ପ୍ରାପ୍ତ ହେଲା, ତାହାହେଲା ଏକ ସୂକ୍ଷ୍ମଦର୍ଶନ ବା (Vision) । ମୋର ମନେ ହେଲା ମୁଁ ଏକ ଗଭୀର ସମୁଦ୍ର ଭିତରେ ନିମ୍ନରୁ ଆହୁରି ନିମ୍ନକୁ ବୁଡି ଯାଉଛି ଏବଂ ସେଠାରେ ନାନାବିଧ ଅଦ୍ଭୁତ ରୂପମାନଙ୍କୁ ଦେଖୁଛି; ନିମ୍ନ ପ୍ରଦେଶରେ ପାଦ ଦେଇ ଦେଖିଲି ଅଳ୍ପ ଦୂରରେ ଏକ ଆଲୋକର ଶିଖା, ସେହି ଆଲୋକ ଆଡ଼କୁ ଅଗ୍ରସର ହେଲି, ଦେଖିଲି ଆଲୋକ ରେଖାଟିଏ ଏକ ଗଭୀର ଅନ୍ଧକାର ଗୁମ୍ଫା ଭିତରୁ ଆସୁଛି, ("shining out of a deep dark cave.") ମୁଁ ଗୁମ୍ଫାଟିର ଭିତରକୁ ଚାହିଁଲି ଏବଂ ଦେଖିଲି ଗୁମ୍ଫାର ପଶ୍ଚାତ୍ ଭାଗରେ ଏକ ସତ୍ତା ('Being') ନିଘୋଡ଼ ନିଦରେ ଶୋଇଛନ୍ତି ।'' ଶ୍ରୀମା କହନ୍ତି, "It was neither a man nor a woman, and did not look like any of the gods, Shiva or Vishnu or whoever." ଅର୍ଥାତ୍ ''ଏହି ସତ୍ତାଟି ପୁରୁଷ ନୁହେଁ କିଂବା ସ୍ତ୍ରୀ ନୁହେଁ ଏବଂ କୌଣସି ଦେବତା ଯଥା : ଭଗବାନ୍ ଶିବ ବା ବିଷ୍ଣୁ ବା ଅନ୍ୟ କୌଣସି ଦେବତାଙ୍କ ସଦୃଶ ନୁହନ୍ତି ।'' ଏହା ଏକ ଅଦ୍ଭୁତ ଦିବ୍ୟ-ସତ୍ତା, "divine being", ଏବଂ ତାଙ୍କଠାରୁ ଇନ୍ଦ୍ରଧନୁର ସପ୍ତରଙ୍ଗ ଯୁକ୍ତ ଆଲୋକ ରଶ୍ମି ବିକିରିତ ହେଉଥିଲା । ଶ୍ରୀମା ଏହି କଥାକୁ ଏକାଧିକବାର ପ୍ରକାଶ କରିଛନ୍ତି । ଥରେ ଶ୍ରୀମା କହିଥିଲେ, ''ମୁଁ ଭାବୁଛି ସିଏ ହେଉଛନ୍ତି ଏହି ସୃଷ୍ଟିର ପ୍ରଥମ ଅବତାର, 'the divine soul involved in matter' – 'ଏକ ଦିବ୍ୟ-ଆତ୍ମା ଯେକି ଏହି ଭୌତିକ ଜଡ଼ ଭିତରେ ନିମଜ୍ଜିତ ହୋଇଛନ୍ତି ।' କାରଣ ସେହି ଦିବ୍ୟ-ଆତ୍ମା ସେଠାରେ ଏକ ପ୍ରକାର ଧ୍ୟାନମଗ୍ନ ଅବସ୍ଥାରେ ରହିଥିଲେ । ଗଭୀର ନିଦ୍ରାରେ ମଗ୍ନ ଥିଲେ ଏବଂ ତାଙ୍କର ସକଳ ଆଲୋକ, ଚେତନା, ଆନନ୍ଦ ଏବଂ ଶକ୍ତିକୁ ବିଚ୍ଛୁରିତ କରୁଥିଲେ, ବିବର୍ତ୍ତନର ପ୍ରକ୍ରିୟା ମଧ୍ୟ କ୍ରମଶଃ ଉର୍ଦ୍ଧ୍ୱଗାମୀ ହେଉଥିଲା ।''

(The English of Savitri, Vol. 1, p. 419 by Shraddhavan)

ଅନ୍ୟ ଏକ ସମୟରେ ଶ୍ରୀମା ସତ୍‌ପ୍ରେମଙ୍କୁ କହିଥିଲେ, ''ମୁଁ ସେଠାରେ ଦଣ୍ଡାୟମାନ ହୋଇ ସେହି 'Being' ବା ସତ୍ତାଟି ଉପରେ ମୋର ଦୃଷ୍ଟିନିବଦ୍ଧ କରିଥିଲି ଏବଂ ଦେଖିଥିଲି ଯେ ସିଏ ତାଙ୍କର ଚକ୍ଷୁ ଆସ୍ତେ ଆସ୍ତେ ଉନ୍ମୀଳନ କରୁଛନ୍ତି – ଏହାର ଅର୍ଥ ଏକ ନୂତନ ସଚେତନତା ଜାଗ୍ରତ୍ ହେଉଛି ଏହି ବିବର୍ତ୍ତନ ପ୍ରକ୍ରିୟା ଭିତରେ ।''

ଏହି ପରିପ୍ରେକ୍ଷୀରେ ପ୍ରଭୁ ଶ୍ରୀଅରବିନ୍ଦ ମନ୍ତ୍ରମୟୀ

ମହାକାବ୍ୟ ''ସାବିତ୍ରୀ''ର ପ୍ରଥମପର୍ବ – ପଞ୍ଚମ ଅଧ୍ୟାୟରେ ଏକ ଚମତ୍କାର ବର୍ଣ୍ଣନା କରିଛନ୍ତି । ତାହାହେଲା –

"A sleeping deity opened deathless eyes:
He saw the unshaped thought
in soulless forms,
Knew Matter pregnant with spiritual sense,
Mind dare the study of the Unknowable,
Life its gestation of the Golden Child."

(Savitri, Book - 1, Canto - V, p. 76)

ଉପରୋକ୍ତ ପଂକ୍ତିଗୁଡ଼ିକର ଭାବାନୁବାଦ : –

''ନିଦ୍ରାମଗ୍ନ ଦେବୀ ଉନ୍ମୋଚିତ କଲେ ଶାଶ୍ୱତ ଦୃଷ୍ଟି ଦୁଇଟି :
ଅରୂପ ଚିନ୍ତାକୁ ଦେଖିଦେଲେ ସିଏ ଆତ୍ମାହୀନ ରୂପ ଗୋଟି,
ଅଧ୍ୟାତ୍ମ ଦୃଷ୍ଟିରେ ଦେଖି ପାରିଲେ ସେ **ଜଡ଼** ଗର୍ଭବତୀ ଅଛି,
ସେଥିପାଇଁ ମନ **ଅଜ୍ଞେୟ** ନିମନ୍ତେ ସାହସ ତ କରୁଅଛି,
ବିଶ୍ୱଗତ ପ୍ରାଣ ଗର୍ଭରେ ଧରିଛି **ସୁ**ବର୍ଣ୍ଣ **ଶି**ଶୁର ଭ୍ରୁଣ ।''

'ସାବିତ୍ରୀ' ମହାକାବ୍ୟରେ ପ୍ରଭୁ ଶ୍ରୀଅରବିନ୍ଦ "A sleeping deity opened deathless eyes" କଥା ଉଲ୍ଲେଖ କରିଛନ୍ତି । ଅଶ୍ୱପତି ଦେଖୁଛନ୍ତି ଜଡ଼ର ଅଭ୍ୟନ୍ତରରେ ଏକ ଦିବ୍ୟ-ଶକ୍ତି ନିଜ ଚକ୍ଷୁ ଖୋଲୁଛନ୍ତି ଏବଂ ଜାଗ୍ରତ୍ ହେଉଛନ୍ତି । ପୁନଶ୍ଚ ଜଗଜ୍ଜନନୀ ଶ୍ରୀମା ତାଙ୍କ ସୂକ୍ଷ୍ମ ଦର୍ଶନରେ 'ଦେବୀ'ଙ୍କୁ ଦେଖି ପାରିଛନ୍ତି ଏବଂ 'ହୁତା' ଓ 'ସତ୍‌ପ୍ରେମ'ଙ୍କୁ ସେ ବିଷୟରେ କହିଛନ୍ତି ।

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers and Meditations – The Mother;
(୨) Musing on the Mother's Prayers and Meditations – Shyam Kumari

The Mother of all godheads and all strengths
Who, mediatrix, binds earth to the Supreme.

*(Savitri, p. 313)* - Sri Aurobindo

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 175.00**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

# ଦ୍ୱୀପାନ୍ତରର କଥା

## (ଦ୍ୱିତୀୟ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ଅକୂଳର ପରିଚୟ
### (୨)

ବନ୍ୟ ପକ୍ଷୀ ଏଠାରେ ପ୍ରାୟ ନଥିଲେ । ଯାହାଥିଲା, ତାହା ପୁଣି ଭାରତର ଉପକୂଳ ନିକଟରେ ମିଳେ ନାହିଁ; ଆଣ୍ଡାମାନର ଆଟାମସ୍, ଓରିଓଲାସ ଓ ଦୂରବର୍ତ୍ତୀ ଜାଭାରେ ଦେଖାଯାଏ । ଏଠାକାର ଶ୍ରାଇକ(shrike) ପକ୍ଷୀ ଚୀନ ଦେଶରେ ଏବଂ ଫିଲିପାଇନ୍ସ୍ ଦ୍ୱୀପରେ ମିଳିଥାଏ । ପାରା, ମାଛରଙ୍କା ଏବଂ କାଠହଣା ଚଢ଼େଇ କିଛି କିଛି ଥିଲେ । ଏଠାରେ ଉପନିବେଶ ସ୍ଥାପନ କରିବା ପରେ ସରକାର ପଞ୍ଜୁରୀ ପଞ୍ଜୁରୀ ଭର୍ତ୍ତି କରି କୁଆ, ଶାରୀ, ବଣି ଚଢ଼େଇ, ଶୁଆ, ଖଇରିଆ ଚିଲ, ଛଞ୍ଚାଣ, ବଗ ଇତ୍ୟାଦିଙ୍କୁ ଆଣି ଛାଡ଼ି ଦିଅନ୍ତି; ବର୍ତ୍ତମାନ ସେଇମାନଙ୍କର ସଂଖ୍ୟାହିଁ ବଢ଼ୁଛି । ମୟୂର ମଧ ଅଣା ଯାଇଛି । ଏକ ପ୍ରକାର ବାଦୁଡ଼ି ମଧ ପୂର୍ବରୁ ଏଠାରେ ରହିଛନ୍ତି ।

ବନ୍ୟ ପଶୁମାନଙ୍କ ମଧ୍ୟରେ ଥିଲେ ଘୁଷୁରି, ବଣ ବିରାଡ଼ି ଓ ପିଠିରେ ଧାଡ଼ି ଧାଡ଼ି ହୋଇ ବଡ଼ ବଡ଼ ଲୋମଥିବା ଏକପ୍ରକାର ମୂଷା । ବର୍ତ୍ତମାନ ଗୃହପାଳିତ ପଶୁ ହେଲେ ଗୋ, ମହିଷ, ଛେଳି ଇତ୍ୟାଦି ଏବଂ ବନ୍ୟ ହରିଣ, ଶୃଗାଳ ଓ କୁକୁରମାନଙ୍କୁ ଆଣି ବସବାସ କରାଯାଇଛି; ସେମାନେ ଆମମାନଙ୍କ ପରି ଚିରଦିନ ପାଇଁ ଦ୍ୱୀପାନ୍ତରିତ । ବ୍ୟାଘ୍ର, ଭଲ୍ଲୁକ ପ୍ରଭୃତି ହିଂସ୍ରଜନ୍ତୁ ଏଠାରେ ଆଦୌ ନାହାଁନ୍ତି । ସାମୁଦ୍ରିକ ଜୀବମାନଙ୍କର ଯେ କେତେ ବୈଚିତ୍ର୍ୟ, କେତେ ଜାତି, ତାହାର କିଏ କଳନା କରିବ ? ଶଙ୍ଖ, ସିପ, ବଡ଼ ଶାମୁକା, ଛୋଟ ଶାମୁକା ଏବଂ କଚ୍ଛପର ଇନ୍ଦ୍ରଧନୁ ଜିଣା ରୂପ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ; କେତେ ଯେ ଅଦ୍ଭୁତ ଆକାର, କେତେ ଯେ ବର୍ଣ୍ଣ-ବୈଚିତ୍ର୍ୟ, ତାହା ଆଉ କ'ଣ କହିବି ! ଘୋଡ଼ା ମାଛ ଅଛି, ତା'ର ମୁହଁ ଠିକ୍ ଘୋଡ଼ା ପରି । ପ୍ରକୃତିର ଏ କି ପରିହାସ, କିଏ ଜାଣେ ! ଦୀର୍ଘ ଚଞ୍ଚୁଥିବା କାଉ ମାଛ, କୁମ୍ଭୀର ପରି ''ବଦ୍‌ମାସ'' ମାଛ, ନରମୁଣ୍ଡ ପରି ଗୋଲ ବ୍ଲାଡ଼ାର ମାଛ, ଅଳ୍ପ ଟିକିଏ ସ୍ୱଚ୍ଛ ବରଫ ପରି ଜେଲି ମାଛ – କେତେ ନାମ କହିବି ? ଶାର୍କ ମାଛ ଅପର୍ଯ୍ୟାପ୍ତ – ଶାଙ୍କୁଚ ମାଛ ମଧ ପ୍ରଚୁର; ତା'ର ଲାଞ୍ଜରେ ସୁନ୍ଦର ଚାବୁକ ତିଆରି କରାଯାଏ; ଲାଞ୍ଜର ଗୋଟିଏ ଛାଟରେ ପାଦର ମାଂସ କାଟି ହାଡ଼ ଭାଙ୍ଗି ଦେଇପାରେ; ବ୍ଲାଡ଼ାର ମାଛ ଡରିଗଲେ ଫୁଲିଉଠି କଟା ନରମୁଣ୍ଡ ପରି ହୋଇ ଫୁତ୍କାର କରି ମୁଖରୁ ଜଳ ବାହାର କରେ ଏବଂ ଡବ ଡବ କରି ଚାହିଁ ରହେ । ଏକ ପ୍ରକାର ମାଛ ଅଛି, ତାହା ଡରିଗଲେ ପାଟିରୁ ଲାଳ ବାହାର କରି କିଛି ଜଳକୁ କଳା, ଗୋଳିଆ କରି ପଳାଏ ।

ଏଠାକାର ଉତ୍ପନ୍ନ ପଣ୍ୟଦ୍ରବ୍ୟ ବେଶୀ ନୁହେଁ, ପୋର୍ଟ ବ୍ଲେୟାର ଏବଂ ନିକୋବର ନାରିକେଳର ପ୍ରଧାନ ସ୍ଥାନ; ବଣର ଶାଳ, ପିଆଶାଳ, ଅର୍ଜୁନ, ପାଦୁକ (Padouk), କୋକୋ ପ୍ରଭୃତି ମୂଲ୍ୟବାନ୍ କାଠ ଏବଂ ନାରିକେଳହିଁ ଏ ଦେଶର ବ୍ୟବସାୟର ଅସଲ ପଣ୍ୟଦ୍ରବ୍ୟ । ଏହି ବନ ଭୂମିର ସାମାନ୍ୟ ଅଂଶରେହିଁ ଲୋକମାନଙ୍କର ବସତି ଏବଂ ଚାଷ ଇତ୍ୟାଦି ହୁଏ; ସେଇ ଛୋଟ ଅଂଶଟିର ନାମ ପୋର୍ଟ ବ୍ଲେୟାର; ମଧ ଏବଂ ଉତ୍ତର ଆଣ୍ଡାମାନରେ ବସତିସ୍ଥାପନ କରିବାର ଛୋଟ ଛୋଟ ବ୍ୟବସ୍ଥା ମଧ ଅଛି । ଏହି ବିଶାଳ ଦ୍ୱୀପମାଳାର ବାକୀ ସମସ୍ତ ଭାଗହିଁ ଗଭୀର ଓ ପ୍ରାୟ ଦୁର୍ଭେଦ୍ୟ ବନ ପ୍ରଦେଶ; ସରକାରୀ ବନ-ବିଭାଗ ଏଇ ସମସ୍ତ ବନକୁ ମାପି ତାହାର ନକ୍ସା ତିଆରି କରିଛନ୍ତି; ପ୍ରତ୍ୟେକ ମାଇଲରେ କେତୋଟି ଗଛ ଅଛି, କେଉଁଠାରେ ପାନୀୟ ଜଳର କୁଣ୍ଡ ଅବା ନିର୍ଝର ରହିଛି, ଏଇସବୁ ସେଇ ନକ୍ସାଗୁଡ଼ିକରେ ଦିଆଯାଇଛି । ଏହି ସବୁ ନକ୍ସା ଅଧିକାଂଶହିଁ ହେମ୍-ଦାଙ୍କର ଅଙ୍କା ।

ଆଉ ଏକ ପ୍ରକାର ସରକାରୀ ଏକ-ଚାଟିଆ ବ୍ୟବସାୟ ଅଛି; ସେ ପଣ୍ୟର ନାମ Edible bird's nest । କଳା କଳା ଛୋଟ ସୁଇପ୍‌ଟ ପକ୍ଷୀ ତା' ମୁହଁର ଲାଳ ଦେଇ ଏକ ପ୍ରକାର ବସା ତିଆରି କରେ, ଏଇ ବସା ଧାତୁ ଦୌର୍ବଲ୍ୟର ଔଷଧ । ଏହା ଧଳା ମହମ ପରି ଜିନିଷ; ଖାଇବାରେ କୌଣସି ସ୍ୱାଦ ନାହିଁ, କ୍ଷୀର ସହିତ ଖିଆଯାଏ । ରେଙ୍ଗୁନ ଏବଂ ଚୀନ ଦେଶରେ ଏହାର ପ୍ରଚଳନ ବିଶେଷ ଦେଖାଯାଏ ।

ପୋର୍ଟ ବ୍ଲେୟାରରେ ପ୍ରଥମ ବନ୍ଦୀ ଉପନିବେଶ

ସ୍ଥାପନର ପ୍ରୟାସ ଇତିହାସର ସିପାହୀ ବିଦ୍ରୋହ ସମୟର କଥା । ତାହା ପୂର୍ବରୁ ଇତିବୃତ୍ତି ସବୁ ଅସ୍ପଷ୍ଟ ।

ଆରବ ଭ୍ରମଣକାରୀ ମାର୍କୋପୋଲୋ ଓ ନିକୋଲୋ-କଣ୍ଟି ପ୍ରଭୃତିଙ୍କର ଲେଖାରେ ଆଣ୍ଡାମାନର ନାମ ଉଲ୍ଲେଖ ରହିଛି । ବଙ୍ଗଳା ୧୭୯୭ ଖ୍ରୀଷ୍ଟାବ୍ଦର ଚତୁର୍ଥ ରେଗୁଲେଶନ ଅନୁଯାୟୀ ନିଜାମତ୍ ଅଦାଲତକୁ ପ୍ରଥମ କରି ସମୁଦ୍ର ଆର ପାରିରେ ଦ୍ୱୀପାନ୍ତର ଦଣ୍ଡ ଦେବାର କ୍ଷମତା ଦିଆ ଯାଇଥିଲା । ସେତେବେଳେ ସିଙ୍ଗାପୁର, ପେନାଙ୍ଗ, ମଲାକ୍କା, ଟେନ୍‌ସେରିମ ପ୍ରଭୃତି ଥିଲା ଦ୍ୱୀପାନ୍ତରର ଦ୍ୱୀପ । ୧୭୮୮-୧୭୮୯ ଖ୍ରୀଷ୍ଟାବ୍ଦରେ ଆଣ୍ଡାମାନକୁ ଦ୍ୱୀପାନ୍ତରର ଉପନିବେଶ କରିବାର ପ୍ରଥମ ଚେଷ୍ଟା କରିଥିଲେ ଇଞ୍ଜିନିୟର କୋଲ୍‌ବ୍ରୁକ ଓ କ୍ୟାପ୍‌ଟେନ୍ ବ୍ଲେୟାର ଏହି ପ୍ରୟାସର ପ୍ରଥମ ଉଦ୍ୟୋଗୀ । ଦକ୍ଷିଣ ଆଣ୍ଡାମାନର ଚ୍ୟାଥାମ ଦ୍ୱୀପରେ ଓ ଉତ୍ତର ଆଣ୍ଡାମାନର କର୍ଣ୍ଣୱାଲିସ୍ ବନ୍ଦରରେ ଦୁଇଥର ଦ୍ୱୀପାନ୍ତରର ଚେଷ୍ଟା କରାଯାଇଥିଲା; କିନ୍ତୁ ଦୁଇଥର ଯାକ ବିଫଳ ହୋଇଥିଲା; କାରଣ ସେତେବେଳେ ଏଇସବୁ ଅସ୍ୱାସ୍ଥ୍ୟକର ସ୍ଥାନରେ ମଣିଷ ବଞ୍ଚୁ ନଥିଲେ; ବିଦ୍ରୋହ ହେବା ପରେ ଡାକ୍ତର ଏଫ୍. ମୁଆଟ୍ (Dr. F. Mouat) ପୁଣି ଥରେ ଆସି ଚ୍ୟାଥାମ୍‌ରେ କଏଦୀମାନଙ୍କୁ ରଖିବାର ବ୍ୟବସ୍ଥା କଲେ । ୧୮୫୮ ମସିହାରେ ରାଜବିଦ୍ରୋହୀ କଏଦୀମାନଙ୍କୁ ନେଇ ଏଇ ନୂତନ ନଗରର ଭିତ୍ତି ପ୍ରତିଷ୍ଠା କରାଗଲା । ସାଧାରଣ କଏଦୀ ୧୮୬୩ ମସିହାରୁ ଏଠାକୁ ଆସିବାକୁ ଆରମ୍ଭ କଲେ । ୧୮୭୦ ମସିହାରେ କର୍ଣ୍ଣେଲ ହେନ୍‌ରୀମ୍ୟାନ ଜଙ୍ଗଲ ପରିଷ୍କାର କରି ଖାଡ଼ିସବୁ ବନ୍ଦ କରି ଦେଇ ଆଣ୍ଡାମାନକୁ ସ୍ୱାସ୍ଥ୍ୟକର କରି ଗଢ଼ି ତୋଳିବାକୁ ଚେଷ୍ଟା କଲେ । ଏଠାରେ ପ୍ରାୟ ୧୩୦୦ ପୁରୁଷ କଏଦୀ ଏବଂ ୭୦୦ରୁ ୮୦୦ ପର୍ଯ୍ୟନ୍ତ ସ୍ତ୍ରୀ କଏଦୀ ରହନ୍ତି । ସ୍ୱାଧୀନ ବାସିନ୍ଦାଙ୍କ ସଂଖ୍ୟା ପ୍ରାୟ ୨୦୦୦ ।

ଏ ଦ୍ୱୀପର ଆଦିମ ଅଧିବାସୀମାନେ ଅସଭ୍ୟ, ଉଲଗ୍ନ, ଜଙ୍ଗଲୀ; ସେମାନଙ୍କର ନାମ ଜାର୍‌ରାୱାଲା । ସେମାନେ ଅବ୍ୟର୍ଥ ତୀରନ୍ଦାଜ୍; ମଣିଷ ଦେଖିବା ମାତ୍ରେ ତୀର ବିଦ୍ଧ କରି ମାରି ଦିଅନ୍ତି । ମାଳୟ ଦେଶର ସେମାଂ ଜାତି ପରି ଜାର୍‌ରା ଜାତିର ମଣିଷଗୁଡ଼ିକ ଛୋଟ ଛୋଟ, ବର୍ଣ୍ଣ କଳା, କାନ ଖୁବ୍ ସୁଗଠିତ ଏବଂ ଛୋଟ, ମୁଣ୍ଡର କେଶ ଥାକ ଥାକ, କୁଞ୍ଚିତ ଏବଂ ଖୁବ୍ ଛୋଟ । ଏକ ପ୍ରକାର ଦୀର୍ଘାକୃତି ଲମ୍ବା କେଶୀ ଜାର୍‌ରା ରଟ୍‌ଲ୍ୟାଣ୍ଡ ଏବଂ ଇଣ୍ଟର୍‌ଭିଉ ଦ୍ୱୀପରେ ମଧ୍ୟ ଅଛନ୍ତି । ଏହା ସମ୍ଭବତଃ ଅନ୍ୟ ଜାତି ସହ ସମ୍ମିଶ୍ରଣର ଫଳ । ସାଧାରଣ ଜାର୍‌ରା ପ୍ରାୟ ସାଢ଼େ ଚାରିଫୁଟ ଉଚ୍ଚ, ଉଲଗ୍ନ ଓ ଶ୍ମଶ୍ରୁବିହୀନ; ଧଳା ଏବଂ ନାଲି ମାଟି ଦେଇ ସେମାନେ ସାରା ଦେହକୁ ଚିତ୍ର ବିଚିତ୍ର କରି ଥାଆନ୍ତି । ସେମାନଙ୍କର ଆହାର ମାଛ, କଇଁଛ, ମହୁ ଏବଂ ବନ୍ୟ ଫଳ । ଏମାନେ ବୀର ଜାତିର । ଛଅ ଫୁଟ ଲମ୍ବା ଶକ୍ତ କାଠର ଧନୁରେ ଥରେ ତୀର ସଂଯୋଜନା କଲେ ଆଉ ରକ୍ଷା ନାହିଁ; ବଣର ପଶୁ ପଲ ଭଳି ଅଲକ୍ଷ୍ୟରେ ଏବଂ ନିଃଶବ୍ଦରେ ଏମାନେ ଆସନ୍ତି ଯେ ସେମାନଙ୍କୁ କେହି ଦେଖି ପାରନ୍ତି ନାହିଁ; ଅଥଚ ସେମାନେ ଦୂରରୁ ଦେଖି ଅବ୍ୟର୍ଥ ତୀର ସନ୍ଧାନ କରି ପାରନ୍ତି । ଇଂରେଜ ଶକ୍ତି ସହ ସେମାନଙ୍କର ଆଜି ପର୍ଯ୍ୟନ୍ତ ବି ସନ୍ଧି ହୋଇ ନାହିଁ; ରାଇଫଲ୍ ଏବଂ ତୋପ ଭୟରେ ସେମାନେ ବହୁ ଦୂରରେ ଜଙ୍ଗଲ ମଧ୍ୟରେ ଥାଆନ୍ତି । କେବେକେବେ ବଣର ଧାରକୁ ଆସି ଜଣେ-ଦୁଇଜଣ ମଣିଷ ମାରିବା ପରେ ତଡ଼ା ଖାଇ ଚାଲି ଯାଆନ୍ତି । ଏମାନେ ଏକପତ୍ନୀକ, ସନ୍ତରଣପଟୁ, ସଂଖ୍ୟାରେ ବୋଧହୁଏ ଆଠ କି ଦଶ ହଜାର ହେବେ ।

ପୋର୍ଟ ବ୍ଲେୟାର ସ୍ଥାପନ ହେବାର ପାଞ୍ଚବର୍ଷ ପରେ ଦଳେ ଜଙ୍ଗଲୀ ଆଦିବାସୀ ଇଂରେଜମାନଙ୍କ ପାଖରେ ପୋଷା ମାନି ରହିଥିଲେ । ଏମାନଙ୍କ ନାମ ବର୍ତ୍ତମାନ ଆଉ 'ଜାର୍‌ରା' ନୁହେଁ, ଏମାନଙ୍କୁ 'ଜଙ୍ଗଲୀ' କୁହାଯାଏ । ଅସଲ ଜାର୍‌ରାମାନେ ଏମାନଙ୍କୁ ଦେଖିଲେ ପ୍ରାଣ ଶେଷ କରି ଦେବାକୁ ଛାଡ଼ନ୍ତି ନାହିଁ । ସରକାର ବାହାଦୁର ଏମାନଙ୍କ ପାଇଁ କେତେଗୁଡ଼ିଏ ବ୍ୟାରାକ୍ ତିଆରି କରି ଦେଇଛନ୍ତି । ଜଙ୍ଗଲରେ ବୁଲି ବୁଲି ମହୁ, କଇଁଛ ହାଡ଼, ଶଙ୍ଖ, କଉଡ଼ି, ଶାମୁକା, ଏହିପରି ବନ୍ୟଜାତ ଓ ସାମୁଦ୍ରିକ ଅନେକ ଜିନିଷ ନେଇ ଏମାନେ ଏଇ ଜଙ୍ଗଲୀ ବ୍ୟାରାକକୁ ଫେରି ଆସନ୍ତି । ଏହି ବ୍ୟାରାକର ମୁନ୍‌ସୀ ସେଇସବୁ ଜିନିଷ ନେଇ ତା' ବଦଳରେ ତମାଖୁ, ଚା, ଚିନି, କାଚର ମାଳୀ – ଏଇ ପ୍ରକାର ଯିଏ ଯାହା ଚାହେଁ ସେମାନଙ୍କୁ ଦିଅନ୍ତି ଏବଂ ସେମାନଙ୍କର ଆଣିଥିବା ଜିନିଷଗୁଡ଼ିକ ବିକ୍ରୟ ପାଇଁ ଗୋଦାମରେ ରଖନ୍ତି ଏବଂ ରସର ସୋ ରୁମ୍‌କୁ ପଠାନ୍ତି । ଏଠାରେ ଏମାନେ ଆଠ ଦଶ ଦିନ ରହି ଶ୍ରାନ୍ତି ଦୂର ହେଲେ ପୁଣି ବଣକୁ ବୁଲିବାକୁ ବାହାରି ଯାଆନ୍ତି । ଏମାନଙ୍କର ପୁରୁଷମାନେ ୩/୪ ଇଞ୍ଚ ଚଉଡ଼ାର କପଡ଼ା ଲେଙ୍ଗୁଟି ପିନ୍ଧନ୍ତି । ସ୍ତ୍ରୀମାନେ ଗଛର ପତ୍ର ପିନ୍ଧନ୍ତି, କୌଣସି କୌଣସି ଗଛର ଛାଲିକୁ ଝାଲର କରି ପିନ୍ଧନ୍ତି ! ଏହା କ୍ରମିକ ସଭ୍ୟତାର ଲକ୍ଷଣ । ଏଇ ଜଙ୍ଗଲୀ ବ୍ୟାରାକରେ ଛୋଟ ଛୋଟ ପୁଅଝିଅ ଦେଖିଛି, କାହାର କାହାର ବାପା ଓଡ଼ିଆ

ତ’ କାହାର ସାହେବ । ଗୋଟିଏ ଝିଅ – ସମ୍ଭବତଃ କୌଣସି ଶ୍ୱେତାଙ୍ଗ ଔରସ ଜାତ । ସେ ଏତେ ସୁନ୍ଦରୀ ଯେ ଜଙ୍ଗଲୀ ପରି ବୋଧ ହୁଏନା । ସେ ପ୍ରାୟହିଁ ସଭ୍ୟତାର ଚିହ୍ନ ଲୁଗାପଟାକୁ ଫୋପାଡ଼ି ଦେଇ ପଳାଏ ଓ ମନ ଖୁସିରେ ଜଙ୍ଗଲରେ ଘୂରି ବୁଲେ । ମୁକ୍ତ ଆକାଶର ପକ୍ଷୀର ସ୍ୱଭାବ ତା’ର ଆଉ ଗଲା ନାହିଁ ।

ଏମାନଙ୍କର ଭାଷା ଦୁର୍ବୋଧ, ଟିକିଏ ଅନୁନାସିକ, ଶବ୍ଦ-ବହୁଳ ଆଦୌ ନୁହେଁ । ଗଳାର ସ୍ୱର ଖୁବ୍ କ୍ଷୀଣ, ମେମ୍ ସାହେବମାନେ ଯାହାକୁ ଅଭ୍ୟାସ କରି କରି କହିବାକୁ ଚେଷ୍ଟା କରନ୍ତି; କିନ୍ତୁ ସେମାନଙ୍କର ତାହା ସ୍ୱଭାବଦତ୍ତ ।

ଜଙ୍ଗଲୀ ବ୍ୟାରାକର ସୋର ପଏଣ୍ଟ (shore point) ଷ୍ଟେସନ ନିକଟରେ, ଜଙ୍ଗଲୀ ଡାକ୍ତରଖାନା ହାଡ୍ଡୋ ଷ୍ଟେସନ ନିକଟରେ । ଆଜି ପର୍ଯ୍ୟନ୍ତ ଦୁଇଜଣ ଜଙ୍ଗଲୀ ଝିଅ ଇଂରାଜୀ ଶିଖି ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୋଇଛନ୍ତି । ତା’ ମଧ୍ୟରୁ ଜଣେ ଜଙ୍ଗଲୀ ଡାକ୍ତରଖାନାରେ ମ୍ୟାଟ୍ରନ୍ (matron) ଏବଂ ଅନ୍ୟଜଣକ ଚିଫ୍ କମିଶନରଙ୍କ ପତ୍ନୀଙ୍କର ସହଚରୀ ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ

❑❑❑

# ଭାବନାରେ ମାତୃମନ୍ଦିର

**ନୈବେଦ୍ୟ**



ନିର୍ଲିପ୍ତ ଭାବନାରେ
ଲିପ୍ତ ହୋଇ ମୁହୂର୍ତ୍ତଗୁଡ଼ିକ
ଅସୀମ ଆଡ଼କୁ
ଟାଣି ହୋଇଯାଏ ॥

ଶାନ୍ତ ବଟ ବୃକ୍ଷ ଏବଂ
କଥା କହୁଥିବା ପଥର ଖଣ୍ଡ
କିମ୍ବା ଘାସର ଗାଲିଚା ଉପରେ
ଖାଲି ପାଦରେ ଚାଲିବା ବେଳେ
ସ୍ୱର୍ଗୀୟ ଆନନ୍ଦ ହୁଏ ଅନୁଭୂତ ॥

ପକ୍ଷୀଟିଏ ଗୀତ ଗାଏ
ପବନ ମୃଦୁ ସଙ୍ଗୀତ ଶୁଣାଏ
ପୁଣି ହଜି ଯାଇ ହୁଏ
ଧରିତ୍ରୀର କୋଳ ଓ
ଆକାଶର ପରିସୀମା ମଧ୍ୟରେ ॥

❑❑❑

# ନୀରବତା

## (୪)

## ଗୟାଧର ଦାଶ

ଶ୍ରୀଅରବିନ୍ଦଙ୍କ ସାହିତ୍ୟାକାଶରେ 'ନୀରବତା' ଏକ ଅମ୍ଳାନ ଜ୍ୟୋତିଷ୍କ ଭଳି ଏତେ ଜାଜ୍ୱଲ୍ୟମାନ ହୋଇ ରହିଛି ଯେ ଯାହାକୁ ସ୍ଥୂଳଦୃଷ୍ଟିରେ ଦେଖିବା ଅସମ୍ଭବ, ଭାଷାରେ ପ୍ରକାଶ କରିବା ଦୁରୂହ ବ୍ୟାପାର । ଶ୍ରୀଅରବିନ୍ଦ ତାଙ୍କର 'Silence is all' (CWSA, Vol. 2, p. 644) କବିତାରେ ଲେଖିଛନ୍ତି –

"Silence is all, say the sages.
Silence watches the work of the ages;
In the book of Silence the cosmic Scribe has written his cosmic pages:
Silence is all, say the sages."

ଅର୍ଥାତ୍,

''ସକଳହିଁ ନୀରବତା କହନ୍ତି ମୁନିରଷିଗଣ ।
ନୀରବତା କରେ ଯୁଗ ଯୁଗ ବ୍ୟାପୀ କର୍ମର ନିରୀକ୍ଷଣ,
ବିଶ୍ୱଲେଖକ ନୀରବତା ପୁସ୍ତକେ ବିଶ୍ୱ ଇତିହାସ କରିଛି ଲିଖନ :
ସକଳହିଁ ନୀରବତା, କହନ୍ତି ମୁନିରଷି ଗଣ ।''

"What then of the word, O speaker?
What then of the thought, O thinker?
Thought is the wine of the soul and the word is the beaker;
Life is the banquet-table as the soul of the sage is the drinker."

ଅର୍ଥାତ୍,

''ଭାଷା ତେବେ କ'ଣ, ହେ ଭାଷକ ?
ଚିନ୍ତା ତେବେ କ'ଣ, ହେ ଚିନ୍ତକ ?
ଚିନ୍ତା ଅଟେ ସୁରା ଆତ୍ମାର ଏବଂ ଭାଷା ଅଟେ ପାନପାତ୍ର;
ଜୀବନ ହେଉଛି ଭୋଜନ ଟେବୁଲ,
ଋଷି ଆତ୍ମା ଅଟେ ସୁରାପ ।''

ଶ୍ରୀଅରବିନ୍ଦ ଏହି କବିତାରେ କହିଛନ୍ତି ଯେ ଏହି ସମଗ୍ର ବିଶ୍ୱ ନୀରବତାର ଅଭିବ୍ୟକ୍ତି । ନୀରବତା ଓ ପରମ ଚେତନା ଏକ ଓ ଅଭିନ୍ନ । ସେହି ନୀରବତାହିଁ ସର୍ବବ୍ୟାପକ । ବିଶ୍ୱପ୍ରକୃତିର ସକଳ କ୍ରିୟା ନୀରବତା ଭିତରେ ଯୁଗ ଯୁଗ ଧରି ଚାଲିଛି । ସେହି ପରମ ଚେତନା ସ୍ୱୟଂ ଖେଳ, ଖେଳାଳି ଓ ଖେଳପଡ଼ିଆ । ସେହିଁ ଲେଖକ, ଲେଖା ଓ ଲେଖନୀ । ସେହିଁ ଭାଷା, ସେହିଁ ଭାଷକ । ସେହିଁ ଚିନ୍ତା, ସେହିଁ ଚିନ୍ତକ । ନୀରବତାର ମହା-ସମୁଦ୍ରରେ ସବୁ ହୁଏ ଏକାକାର । ସେହି ନୀରବତା କେବଳ ବିଶ୍ୱ ପ୍ରକୃତିରେ ଅଭିବ୍ୟକ୍ତ ନୁହେଁ, ତାହା ପ୍ରତିଟି ବସ୍ତୁ ଓ ଜୀବ ମଧ୍ୟରେ ଅଭିବ୍ୟକ୍ତ । ଆମର ଅନ୍ତର ଭିତରେ ସେହି ନୀରବତା ବିରାଜିତ । ସେହି ନୀରବତା ମଧ୍ୟରେ ଆମର ଆନ୍ତରପୁରୁଷ ବାସ କରୁଛନ୍ତି । ତାହା ଏପରି ଏକ ସ୍ଥିତି ଯେଉଁଠି ମନ ଓ ବାକ୍ ପହଞ୍ଚି ପାରେ ନାହିଁ । ସେ ଅଚିନ୍ତ୍ୟ, ଅକଳ୍ପନୀୟ ଓ ଅବ୍ୟକ୍ତ । ତୈତ୍ତିରୀୟ ଉପନିଷଦ୍‌ରେ ଏହି ପରିପ୍ରେକ୍ଷୀରେ କୁହାଯାଇଛି – 'ଯତୋ ବାଚୋ ନିବର୍ତ୍ତନ୍ତେ ଅପ୍ରାପ୍ୟ ମନସା ସହ ।' ଅର୍ଥାତ୍, ବାକ୍ ଓ ମନ ସେହି ପରମ ସ୍ଥିତିରେ ପହଞ୍ଚି ନପାରି ଫେରି ଆସନ୍ତି । ସେହି ପରମ ନିଶ୍ଚଳ ପରମାନନ୍ଦ ସ୍ଥିତିହିଁ ପରଂବ୍ରହ୍ମଙ୍କର ଅବସ୍ଥିତି । ସେହି ପରଂବ୍ରହ୍ମ ବା ପରମାତ୍ମା ଆମ ଭିତରେ ଆତ୍ମା ରୂପେ ବିରାଜମାନ ।

ପୁନଶ୍ଚ ଶ୍ରୀଅରବିନ୍ଦ ଏହି ମାନବ ଜୀବନକୁ ଏକ ବିରାଟ ଭୋଜନାଳୟର ଭୋଜନ-ଟେବୁଲ (Dining Table) ସହ ତୁଳନା କରିଛନ୍ତି । ସେହି ଟେବୁଲ ଉପରେ ପାନପାତ୍ର ରହିଛି ଏବଂ ପାନପାତ୍ର(Beaker)ରେ ସୁରା ରହିଛି । ପାନପାତ୍ର ହେଉଛି ବାକ୍ । ଚିନ୍ତା ବା ଭାବନା ହେଉଛି ସେହି ସୁରା । ଋଷିମାନଙ୍କର ଆତ୍ମା ସେହି ସୁରାକୁ ପାନ କରନ୍ତି । ମନ ଓ ବାକ୍ ସେହି ଆତ୍ମାର ବାହ୍ୟ ଅଭିବ୍ୟକ୍ତି, ବାହ୍ୟ ତରଙ୍ଗ ପରି ଚଳଚଞ୍ଚଳ ଓ ଶବ୍ଦାୟମାନ । ସେହି କବିତାରେ ପୁନର୍ବାର ଶ୍ରୀଅରବିନ୍ଦ କହନ୍ତି –

"How shalt thou know the Word when it comes, O seeker?
How shalt thou know the Light when it breaks, O witness?
I shall hear the voice of the God within me and grow wiser and meeker;

I shall be the tree that takes in the light as its food, I shall drink its nectar of sweetness."

(CWSA, Vol. 2, p. 645)

ଅର୍ଥାତ୍,

''ସେହି ଶବ୍ଦ ଶକ୍ତି କେତେବେଳେ ଆସେ ତୁମେ କିପରି ଜାଣିବ
ହେ ଅନିସନ୍ଧିସୁ ?
ସେହି ଦିବ୍ୟଜ୍ଞାନର ଜ୍ୟୋତି କେତେବେଳେ ପ୍ରକାଶିତ ହୁଏ
ତୁମେ କିପରି ଜାଣିବ ହେ ସାକ୍ଷୀପୁରୁଷ ?
ମୁଁ ମୋ ଭିତରେ ଦିବ୍ୟବାଣୀ ଶୁଣିପାରିବି ଏବଂ ଅଧିକ ଜ୍ଞାନୀ
ଓ ନମ୍ର ହୋଇପାରିବି;
ମୁଁ ସେହି ବୃକ୍ଷ ହେବି ଯିଏ ଆଲୋକକୁ
ଖାଦ୍ୟ ରୂପେ ଗ୍ରହଣ କରେ,
ମୁଁ ତାହାର ମାଧୁରିମାର ଅମୃତକୁ ପାନ କରିବି ।''

ଶ୍ରୀଅରବିନ୍ଦ ନୀରବତାର ମହାସମୁଦ୍ର ଭିତରୁ ଏହା କହିଛନ୍ତି ।

ଶ୍ରୀମା ତାଙ୍କର ଡିସେମ୍ବର ୫, ୧୯୧୨ ମସିହାର 'ଧ୍ୟାନ ଓ ପ୍ରାର୍ଥନା'ରେ ଲେଖିଛନ୍ତି, ''ଶାନ୍ତି ଓ ନିଶ୍ଚଳ ନୀରବତା ଭିତରେ ଶାଶ୍ୱତଙ୍କର ପ୍ରକାଶ ହୁଏ, କୌଣସି ବସ୍ତୁ ଦ୍ୱାରା ନିଜକୁ ବିଚଳିତ ହେବାକୁ ଦେବ ନାହିଁ, ତା' ହେଲେ ଶାଶ୍ୱତ ପ୍ରଭୁ ପ୍ରକାଶିତ ହେବେ; ସକଳ ଅବସ୍ଥାରେ ପୂର୍ଣ୍ଣ ସମତା ରଖ, ତା' ହେଲେ ସେ ବିରାଜମାନ କରିବେ... ହେ ପ୍ରଭୁ, ତୁମକୁ ଖୋଜିବାରେ ଅତିରିକ୍ତ ଉଗ୍ରତା ବା କଷ୍ଟସାଧ୍ୟ ପ୍ରୟାସ ରଖିବା ଉଚିତ ନୁହେଁ । ସେହି ଉଗ୍ରତା ଓ ପ୍ରୟାସହିଁ ତୁମ ସମ୍ମୁଖରେ ଏକ ଆବରଣ ପରି ହୋଇଯାଏ । ତୁମକୁ ଦେଖିବା ପାଇଁ ମଧ୍ୟ ଆମର କୌଣସି କାମନା ରହିବା ଉଚିତ ନୁହେଁ, କାରଣ ତାହା ମଧ୍ୟ ଏକ ପ୍ରକାର ମାନସିକ ଉତ୍ତେଜନା ଯାହା ତୁମର ଶାଶ୍ୱତ ଉପସ୍ଥିତିକୁ ଆବୃତ କରେ । ଯେଉଁଠାରେ ପୂର୍ଣ୍ଣତମ ଶାନ୍ତି, ପ୍ରସନ୍ନତା ଓ ସମତା ସେଠାରେ ସବୁକିଛିହିଁ ତୁମେ ଓ ତୁମେହିଁ ସବୁକିଛି, ଏବଂ ଏହି ପୂର୍ଣ୍ଣତମ ବିଶୁଦ୍ଧ ଓ ପ୍ରଶାନ୍ତ ପରିବେଶ ମଧ୍ୟରେ ସାମାନ୍ୟତମ ସ୍ପନ୍ଦନହିଁ ତୁମ ପ୍ରକାଶରେ ଅନ୍ତରାୟ ହୋଇଉଠେ । କୌଣସି ତ୍ୱରା ନାହିଁ, ଚଞ୍ଚଳତା ନାହିଁ, ଉତ୍ତେଜନା ନାହିଁ, କେବଳ ତୁମେହିଁ ରହିଛ, ତୁମ ବ୍ୟତୀତ ଆଉ କିଛି ନାହିଁ । ବିଶ୍ଳେଷଣ କରି, ଜ୍ଞାନର ବିଷୟ କରି ତୁମକୁ ପାଇହୁଏ ନାହିଁ; ତୁମେ ରହିଛ, ସେଥିରେ ବିନ୍ଦୁମାତ୍ର ସନ୍ଦେହ ନାହିଁ, କାରଣ ସବୁକିଛି ହୋଇ ଉଠିଛି ବିଶୁଦ୍ଧ ଶାନ୍ତି ଓ ଏକ ଦିବ୍ୟ ନୀରବତା ।

''ଏହାହିଁ ହେଲା ପୃଥିବୀର ସମସ୍ତ ଧ୍ୟାନଠାରୁ ଶ୍ରେଷ୍ଠ ।''

ଆମର ବାହ୍ୟ ଚେତନା ଓ ଆନ୍ତର ଚେତନା ମଧ୍ୟରେ ନୀରବତାର ଏକ ପ୍ରାଚୀର ଗଢ଼ାଯାଇ ପାରିଲେ ଆମେ ତାହା ଭିତର ଦେଇ ଅନ୍ତର ଓ ବାହାର ସହିତ ଏକ ସୁଦୃଢ଼ ସମ୍ପର୍କ ପ୍ରତିଷ୍ଠା କରିପାରିବା । ଆମର ଅନ୍ତରାତ୍ମାହିଁ ନୀରବତାକୁ ଧାରଣ କରିଛନ୍ତି । ସେହି ଅନ୍ତରାତ୍ମାର ପ୍ରକାଶରେ ବାହ୍ୟ ପ୍ରକୃତି ଶାନ୍ତ ହୋଇଯାଏ, ଜୀବନର ସକଳ କ୍ରିୟାରେ ଅନ୍ତରାତ୍ମାର ବିଶାଳ ନୀରବତା ଫୁଟିଉଠେ ଏବଂ ଜୀବନ ମଧୁମୟ ହୋଇ ଉଠେ । ନୀରବତା କେବଳ ସନ୍ନ୍ୟାସୀମାନଙ୍କର ସାଧନା ପଥ ନୁହେଁ । ଏହା ହେଉଛି ପ୍ରତ୍ୟେକ ମନୁଷ୍ୟର ମୂଳ ପ୍ରକୃତି । ଯେତେବେଳେ ମନୁଷ୍ୟ ଦୁଃଖ, ଯନ୍ତ୍ରଣାର ଶିକାର ହୁଏ, ସେ ନୀରବ ରହିବାକୁ ଚାହେଁ । ସେଥିରୁ ମୁକ୍ତ ହେବା ପାଇଁ ସେ ଭଗବାନଙ୍କୁ ଡାକେ, ଶାନ୍ତିକୁ ଆବାହନ କରେ । ସେହି ନୀରବତାରୁ ମନୁଷ୍ୟର ସୃଷ୍ଟି, ସେହି ନୀରବତା ମଧ୍ୟରେ ତା'ର ସ୍ଥିତି ଏବଂ ସେହି ନୀରବତାରେ ତା'ର ବିଲୟ ବା ମୁକ୍ତି । ମନୁଷ୍ୟ ଯେତେ ନୀରବତା ଠାରୁ ଦୂରେଇ ଗଲେ ବି ନୀରବତା ଦୂରେଇ ଯାଏନା, ବରଂ ତା'ର ପଛେ ପଛେ ଗୋଡ଼ାଇ ତାକୁ ଧରିବାକୁ ଚେଷ୍ଟା କରେ । ନିଃଶବ୍ଦ ଶବ୍ଦକୁ ଗୋଡ଼ାଏ, ନୀରବତା ଚଞ୍ଚଳତାକୁ ଧରିବାକୁ ଚେଷ୍ଟା କରେ । ଯେଉଁ ଅବିଦ୍ୟା ବିଦ୍ୟାରୁ ଜନ୍ମ, ଯେଉଁ ଶବ୍ଦ ନିଃଶବ୍ଦରୁ ଜାତ, ସେହି ଶବ୍ଦ ଓ ଅବିଦ୍ୟା ତା'ର ମାଆକୁ କିପରି ଛାଡ଼ି ପାରିବ ? ସେହି ନୀରବତାର ମାଆ ସକଳ ଅସୁବିଧା ଓ ଦୁଃଖ ସମୟରେ ସହିବାକୁ ଶକ୍ତି ଓ ସାହସ ଯୋଗାଏ । ସକଳ ପ୍ରେରଣା ଓ ସୃଜନୀ ଶକ୍ତିର ଉତ୍ସ ହେଉଛି ନୀରବତା ।

କଠୋପନିଷଦ୍‌ରେ କୁହାଯାଇଛି ଯେ ନୀରବତା ବାହ୍ୟ ଇନ୍ଦ୍ରିୟର ସଂଯମ ନୁହେଁ । ଏହା ଚୈତ୍ୟଶକ୍ତି ବା ସାଧନ ଯାହା କିଛି ନକହିଲେ ମଧ୍ୟ କାର୍ଯ୍ୟ କରୁଥାଏ । ନୀରବତାହିଁ ଆତ୍ମା । ଶ୍ରୀଅରବିନ୍ଦ 'In the silence of the midnight' କବିତାରେ କିପରି ଅନନ୍ତଙ୍କ ବଂଶୀଧ୍ୱନି ଶୁଣି ପାରନ୍ତି ତାହା ବର୍ଣ୍ଣନା କରିଛନ୍ତି । Silent self ରୂପେ ସେ ତାଙ୍କର 'Soul, my soul' କବିତାରେ ନୀରବ ଆତ୍ମାର ଆରୋହଣ ଓ ଅବତରଣ ବିଷୟ ବର୍ଣ୍ଣନା କରିଛନ୍ତି । ବୁଦ୍ଧଦେବ 'Noble silence'ର କଥା କହିଛନ୍ତି ଯାହା ସୃଷ୍ଟିର ସୂକ୍ଷ୍ମତତ୍ତ୍ୱ । ଯେଉଁ ଋତ ବା ବିଶ୍ୱ ବିଧାନ ସମଗ୍ର ବିଶ୍ୱକୁ ଧାରଣ କରିଛି, ପରିଚାଳିତ କରୁଛି ତାହା ବିଶ୍ୱର ସକଳ ବସ୍ତୁ ମଧ୍ୟରେ ମୂର୍ତ୍ତିମାନ୍ । ତାହାହିଁ ନୀରବତାର ଅଭିବ୍ୟକ୍ତି ।

(କ୍ରମଶଃ) ❑

ପ୍ରଣାମ ନାରୀଶକ୍ତି (୬) :

# ଏଲିଜାବେଥ୍ ବ୍ଲାକ୍‌ୱେଲ୍


## ସୂର୍ଯ୍ୟକାନ୍ତି ମହାନ୍ତି


ଏଲିଜାବେଥ୍ ବ୍ଲାକ୍‌ୱେଲ୍ ଜଣେ ଇଂରେଜ ଚିକିତ୍ସକ ଥିଲେ ଯେ କି ମେଡ଼ିକାଲ୍ ଡିଗ୍ରୀ ଲାଭ କରିବାରେ ଏବଂ ଜେନେରାଲ୍ ମେଡ଼ିକାଲ କାଉନ୍‌ସିଲରେ ତାଲିକାଭୁକ୍ତ ହେବାରେ ପ୍ରଥମ ମହିଳା ଥିଲେ । ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇଂଲଣ୍ଡ ଉଭୟ ଦେଶରେ ସାମାଜିକ ଓ ନୈତିକ ସଂସ୍କାରକ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପାଦନ କରିଥିଲେ ଏବଂ ମହିଳାମାନଙ୍କର ଚିକିତ୍ସା ଶାସ୍ତ୍ର ଶିକ୍ଷା କ୍ଷେତ୍ରରେ ଜଣେ ପ୍ରଥମ ପ୍ରବର୍ତ୍ତକ ଭାବରେ ପଥ ପ୍ରସ୍ତୁତ କରିଥିଲେ ।

ଏଲିଜାବେଥ୍‌ଙ୍କର ଜନ୍ମ ୧୮୨୧ ମସିହା ଫେବ୍ରୁଆରୀ ୩ ତାରିଖରେ ଇଂଲଣ୍ଡର ବ୍ରିଷ୍ଟଲ୍‌ରେ ହୋଇଥିଲା । ତାଙ୍କର ପିତାଙ୍କ ନାମ ସାମୁଏଲ ବ୍ଲାକ୍‌ୱେଲ୍ (Samuel Blackwell) ଏବଂ ମାତାଙ୍କ ନାମ ହାନା ବ୍ଲାକ୍‌ୱେଲ୍ (Hannah Blackwell) । ତାଙ୍କ ପିତାଙ୍କର ଥିଲା ଲାଭଦାୟକ ଚିନି ବ୍ୟବସାୟ । ମାତ୍ର ଏକ ଆକସ୍ମିକ ଅଗ୍ନିକାଣ୍ଡ କାରଣରୁ ସେ ତାଙ୍କ ବ୍ୟବସାୟ ହରାଇଲେ । ତା'ପରେ ତାଙ୍କ ପରିବାର ବ୍ରିଷ୍ଟଲ୍‌ରୁ ଆମେରିକାର ନ୍ୟୁୟର୍କକୁ ସ୍ଥାନାନ୍ତରିତ ହେଲେ । ସେଠାରେ ବ୍ଲାକ୍‌ୱେଲ୍ ପରିବାରରେ ବିଭିନ୍ନ ପ୍ରକାର ସାମାଜିକ ଅସମାନତା ଉପରେ ଆଲୋଚନା ହେଉଥିଲା । ଏ ଆଲୋଚନା ମଧ୍ୟରେ ଥିଲା ମହିଳା ଅଧିକାର, ଦାସତ୍ୱ ପ୍ରଥା, ଶିଶୁ ଶ୍ରମିକ ପ୍ରଥା ଇତ୍ୟାଦି । ଏହା ପ୍ରଭାବ ପକାଇଲା ମା' ହାନାଙ୍କ ଉପରେ । ମାତାପିତା ତାଙ୍କ ପିଲାମାନଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଦେଲେ । ଏପରିକି ତାଙ୍କ ଝିଅମାନଙ୍କର ପ୍ରତିଭାର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଲାଗିଲେ ଯେତେବେଳେ କି ସମାଜରେ ଏ ପ୍ରକାର ଚିନ୍ତାଧାରା ବିରଳ ଥିଲା । ସେ ସମୟରେ ବିଶ୍ୱାସ ଥିଲା ଯେ ନାରୀର ସ୍ଥାନ ଘରେ କିଂବା ଶିକ୍ଷକତା କରିବାରେ ।

ଏଲିଜାବେଥ୍‌ଙ୍କୁ ସତର ବର୍ଷ ବୟସ ହୋଇଥିବା ବେଳେ ତାଙ୍କ ପିତାଙ୍କର ମୃତ୍ୟୁ ହେବାରୁ ଆର୍ଥିକ ଅବସ୍ଥା ଅସ୍ୱଚ୍ଛଳ ହୋଇଗଲା । ଏହି ସଙ୍କଟର ମୁକାବିଲା କରିବାପାଇଁ ସେମାନେ ଓହିଓ (Ohio)କୁ ଚାଲିଗଲେ । ସେଠାରେ ଭଉଣୀ ଆନା (Anna) ଓ ମାରିଆନ୍ (Marrian)ଙ୍କ ସହ ମିଶି ଏଲିଜାବେଥ୍ ଏକ ସ୍କୁଲ ଆରମ୍ଭ କଲେ । ଏହାର ନାମ ଥିଲା ''The cincinnatic English and French Academy for young ladies'' । ଏହି ସ୍କୁଲରେ ପଢ଼ିବା ଓ ରହିବା ପାଇଁ ଛାତ୍ରୀମାନେ ଯେଉଁ ଅର୍ଥ ଦେଉଥିଲେ ତାହା ବହୁତ କମ୍ ଥିଲା । ପୁନଶ୍ଚ ୧୮୪୦ ମସିହାର ପ୍ରାରମ୍ଭରେ ନାରୀ ଅଧିକାର ଉପରେ ବିଭିନ୍ନ ନିବନ୍ଧ ଲେଖି ଏଲିଜାବେଥ୍ ବ୍ଲାକ୍‌ୱେଲ୍ ରାଜନୈତିକ ଅଭିଯାନରେ ଯୋଗ ଦେଲେ ।

ମାତ୍ର ଏଥିରେ ସନ୍ତୁଷ୍ଟ ନହୋଇ ପୁନଶ୍ଚ ୧୮୪୪ ମସିହାରେ ଭଉଣୀ ଆନାଙ୍କ ସହାୟତାରେ କେଣ୍ଟୁକି (Kentucky)ର ହେଣ୍ଡରସନ(Henderson)ରେ ବାର୍ଷିକ ଏକ ହଜାର ଡଲାର ଦରମାରେ ଶିକ୍ଷକତା କାର୍ଯ୍ୟ ପାଇଲେ । ଯଦିଓ ସେ ଶିକ୍ଷାଦାନରେ ସନ୍ତୁଷ୍ଟ ଥିଲେ, ମାତ୍ର ସାମାଜିକ ସ୍ତରରେ ନାରୀଙ୍କ ପ୍ରତି ବହୁତ ଅନ୍ୟାୟ ଚାଲିଥିବାରୁ ପ୍ରାୟ ଏକ ବର୍ଷ ପରେ ସେ ଇସ୍ତଫା ଦେଇ ଦେଲେ । ଏହାପରେ ଅଧିକ ଉତ୍ସାହପ୍ରଦ ପଥ ଖୋଜି ସେଥିରେ ତାଙ୍କ ଜୀବନ ଅତିବାହିତ କରିବାକୁ ସ୍ଥିର କଲେ । ଏହି ସମୟ ମଧ୍ୟରେ ଏଲିଜାବେଥ୍‌ଙ୍କର ଜଣେ ମହିଳା ବନ୍ଧୁ ଅସୁସ୍ଥ ହେବା କାରଣରୁ ଏବଂ ଜଣେ ମହିଳା ଡାକ୍ତର ତାଙ୍କ ବନ୍ଧୁଙ୍କର ଚିକିତ୍ସା କରିଥିଲେ ସେ ଏତେ ମାତ୍ରାରେ କଷ୍ଟ ପାଇ ନଥା'ନ୍ତେ ବୋଲି ଏଲିଜାବେଥ୍ ଅନୁଭବ କଲେ । ଏଣୁ ଏଲିଜାବେଥ୍ ନିଜେ ଡାକ୍ତରୀ ଶିକ୍ଷା ପାଇଁ ଆଗ୍ରହାନ୍ୱିତ ହୋଇ ମେଡ଼ିକାଲ୍ ସ୍କୁଲରେ ପଢ଼ିବା ପାଇଁ ସ୍ଥିର କଲେ ।

ଏହା ମଧ୍ୟରେ ପୁଣି ଥରେ ଭଉଣୀ ଆନାଙ୍କ ସହାୟତାରେ ଏକ ସଙ୍ଗୀତ ଶିକ୍ଷା ପ୍ରତିଷ୍ଠାନ (ନର୍ଥ କାରୋଲିନା)ରେ ଚାକିରି ପାଇଲେ । ଏଠାରେ ବାର୍ଷିକ ଦରମା ତିନି ହଜାର ଡଲାର ପାଇ ଭବିଷ୍ୟତରେ ମେଡ଼ିକାଲ ଶିକ୍ଷା ପାଇଁ କିଛି ସଞ୍ଚୟ କରିବାକୁ ଲାଗିଲେ । ଏହିଠାରେହିଁ ଜଣେ ସମ୍ମାନନୀୟ ଚିକିତ୍ସକ ଜନ୍ ଡିକ୍‌ସନ୍ (John Dickson)ଙ୍କ ସହ ତାଙ୍କର ପରିଚୟ ହେଲା । ଡାକ୍ତର ଜଣକ ଏହି ପ୍ରତିଭାସମ୍ପନ୍ନା ମହିଳାଙ୍କର ମେଡ଼ିକାଲ୍ ଶିକ୍ଷା ପ୍ରତି ଉତ୍ସାହ ଦେଖି ସେଠାକାର

ଲାଇବ୍ରେରିରେ ଥିବା ମେଡ଼ିକାଲ ପୁସ୍ତକ ପଠନ ପାଇଁ ଅନୁମତି ଦେଲେ । ଏହାପରେ ଜନ୍ ଡିକସନ୍‌ଙ୍କ ଭାଇ ବିଖ୍ୟାତ ଚିକିତ୍ସକ ସାମୁଏଲ ହେନରୀ ଡିକସନ୍‌ଙ୍କୁ ଏଲିଜାବେଥ୍ ଭେଟିଲେ । ତାଙ୍କଠାରୁ ସେ ପ୍ରେରଣା ଲାଭ କରି ୧୮୪୭ ମସିହାରେ ନିଉୟର୍କ ଗଲେ ମେଡ଼ିକାଲ୍ ଶିକ୍ଷାଲାଭର ଅନୁସନ୍ଧାନ କରିବା ପାଇଁ । ସବୁଠାରୁ ଆଶ୍ଚର୍ଯ୍ୟ ଥିଲା ଯେ ଏକ ମେଡ଼ିକାଲ୍ ସ୍କୁଲରେ ତାଙ୍କୁ ଗ୍ରହଣ କରାଗଲା । ଏଥିରେ ଏଲିଜାବେଥ୍ ଖୁବ୍ ଖୁସି ହେଲେ ଏବଂ ସମସ୍ତ ପ୍ରତିବନ୍ଧକକୁ ସାମନା କରିବାକୁ ଦୃଢ଼ ପ୍ରତିଜ୍ଞ ହେଲେ ।

ଏଠାରେ ଡକ୍ଟର ଜୋନାଥନ୍ ଏମ୍ ଆଲେନ୍ (Dr. Jonathan M Allen)ଙ୍କ ସହ ଶରୀର ବିଜ୍ଞାନ ପଢ଼ିଲେ ଏବଂ Dr. William Elderଙ୍କ ସହାୟତାରେ ଶିକ୍ଷା ଚାଲିଲା । ମାତ୍ର ପ୍ରାୟ ସବୁ କ୍ଷେତ୍ରରେ ସେ ପ୍ରତିରୋଧର ସମ୍ମୁଖୀନ ହେଲେ । ଅଧିକାଂଶ ଚିକିତ୍ସକ ମତ ଦେଲେ ଯେ ସେ ପଢ଼ିବା ପାଇଁ ପ୍ୟାରିସ୍ ଚାଲିଯା'ନ୍ତୁ କିଂବା ପୁରୁଷର ଛଦ୍ମବେଶରେ ରହି ଚିକିତ୍ସା ବିଜ୍ଞାନ ଶିକ୍ଷା କରନ୍ତୁ । ଏହାର ମୁଖ୍ୟ କାରଣ ହେଉଛି – ସେ ଜଣେ ମହିଳା ଥିବାରୁ ବୁଦ୍ଧିମତ୍ତାରେ ପୁରୁଷଙ୍କ ଠାରୁ ନିକୃଷ୍ଟ । ତଥାପି ବି ଯଦି ସେ ଶିକ୍ଷା କ୍ଷେତ୍ରରେ ସମାନତା ପ୍ରମାଣ କରିବେ, ସେ ଆଶା କରିପାରିବେ ନାହିଁ ଯେ ପୁରୁଷମାନେ ଜଣେ ନାରୀ ଆଗରେ ମଥାନତ କରିବେ । ଏପରି ନୈରାଶ୍ୟଜନକ ସ୍ଥିତିରେ ବାରଟି ଛୋଟ ଛୋଟ ମେଡ଼ିକାଲ୍ ସ୍କୁଲରେ ଭର୍ତ୍ତି ହେବା ଲାଗି ସେ ଆବେଦନ କଲେ ।

ଯାହା ହେଉ ୧୮୪୭ ଅକ୍ଟୋବରରେ ଜେନେଭା ମେଡ଼ିକାଲ କଲେଜରେ ଜଣେ ମେଡ଼ିକାଲ ଷ୍ଟୁଡେଣ୍ଟ ଭାବରେ ଏଲିଜାବେଥ୍‌ଙ୍କୁ ଗ୍ରହଣ କରାଗଲା । ଏହି କଲେଜର ବର୍ତ୍ତମାନର ନାମ ହେଉଛି State University of New York Upstate Medical University at Syracuse, New York.

ମାତ୍ର ଏଥିପାଇଁ ଏଲିଜାବେଥ୍‌ଙ୍କୁ ବହୁ ପ୍ରତିବନ୍ଧକର ସାମନା କରିବାକୁ ପଡ଼ିଥିଲା । ବିଶ୍ୱବିଦ୍ୟାଳୟର ନିୟମ ଅନୁଯାୟୀ ସାଧାରଣତଃ ବିଶ୍ୱବିଦ୍ୟାଳୟର ମୁଖ୍ୟ (Dean) ଏବଂ ଶିକ୍ଷକ ସମୂହ (faculty) ପ୍ରାର୍ଥୀଙ୍କର ମନୋନୟନ କରନ୍ତି । ମାତ୍ର ଏଲିଜାବେଥ୍‌ଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ହେଲା । ଏହି ଛାତ୍ରୀଟି ପାଇଁ ସେଠାରେ ପଢୁଥିବା ୧୫୦ଜଣ ଛାତ୍ରଙ୍କ ଉପରେ ଏ ଦାୟିତ୍ୱ ନ୍ୟସ୍ତ କରାଗଲା । କଥାଟା ଏପରି ଥିଲା ଯେ ଯଦି ଜଣେ ବି ଛାତ୍ର ଏଥିରେ ପ୍ରତିବାଦ କରିବ, ତା'ହେଲେ ଏଲିଜାବେଥ୍‌ଙ୍କ ନାମ କାଟି ଦିଆଯିବ । ମାତ୍ର ଯୁବକମାନେ ସର୍ବସମ୍ମତ ଭାବେ ତାଙ୍କୁ ମନୋନୟନ କରିବା ପାଇଁ ମତ ପ୍ରକାଶ କଲେ ।

ଯେତେବେଳେ ସେ କଲେଜରେ ପହଞ୍ଚିଲେ, ତାଙ୍କ ପାଇଁ ସେ ପରିବେଶ, ଶିକ୍ଷାର୍ଥୀ, ଶିକ୍ଷକ – ସବୁକିଛି ଅଜଣା ଥିଲା । ସେ ଜାଣି ନଥିଲେ କେଉଁଠାରୁ ସେ ତାଙ୍କ ବହି ପାଇବେ । ଏପରିକି ଜେନେଭା ସହରର ଲୋକମାନେ ବି ଏହି ମେଡ଼ିକାଲ ଛାତ୍ରୀଟିକୁ ଛୋଟ ନଜରରେ ଦେଖୁଥିଲେ ଯେପରି ସେ ଜଣେ ଅପରାଧୀ ! ଏହିପରି ଭାବରେ ସେ ଏକ ବନ୍ଧୁହୀନ ଛାତ୍ରଜୀବନ ଅତିବାହିତ କଲେ । ଧୀରେ ଧୀରେ ଏଲିଜାବେଥ୍‌ଙ୍କୁ ଗ୍ରହଣ କରାଗଲା । ତଥାପି ବି କିଛି ରେସିଡେଣ୍ଟ ଡାକ୍ତର ତାଙ୍କ ସହିତ କାମ କରିବାକୁ ମନା କରି ଦେଲେ । ଏହିପରି ପରିସ୍ଥିତିରେ ତାଙ୍କର ଶିକ୍ଷା ଆଗେଇ ଚାଲିଥିଲା । ଶେଷରେ ଡିଗ୍ରୀ ପାଇବା ପାଇଁ ସେ ଯେଉଁ ଗବେଷଣାତ୍ମକ ଲେଖା(thesis) ଉପସ୍ଥାପିତ କରିଥିଲେ, ତାହା ଥିଲା ଟାଇଫସ୍ (typhus) ଉପରେ ଯାହା ପରବର୍ତ୍ତୀ କାଳରେ ତାଙ୍କର ସଂସ୍କାରମୂଳକ କାର୍ଯ୍ୟରେ ସହାୟକ ହୋଇଥିଲା ।

୧୮୪୯ ମସିହା ଜାନୁଆରୀ ୨୩ ତାରିଖରେ ବ୍ଲାକ୍‌ୱେଲ ପ୍ରଥମ ମହିଳା ଭାବରେ ମେଡ଼ିକାଲ ଡିଗ୍ରୀ ହାସଲ କଲେ । ସେତେବେଳେ ଆମେରିକାର ସ୍ଥାନୀୟ ସଂବାଦପତ୍ରରେ ତାଙ୍କ ନାମରେ ଉଚ୍ଚ ପ୍ରଶଂସା କରାଯାଇଥିଲା । ସବୁଠାରୁ ଆଶ୍ଚର୍ଯ୍ୟର କଥା ଥିଲା ଯେ ଡିନ୍ Dr. Charles Lee ତାଙ୍କୁ ଡିଗ୍ରୀ ପ୍ରଦାନ କରିବା ସମୟରେ ନିଜ ଆସନରୁ ଉଠିପଡ଼ି ଏଲିଜାବେଥ୍ ବ୍ଲାକ୍‌ୱେଲଙ୍କ ଆଗରେ ମୁଣ୍ଡ ନୁଆଁଇ ଥିଲେ ।

୧୮୪୯ ମସିହା ଏପ୍ରିଲରେ ଏଲିଜାବେଥ୍ ସ୍ଥିର କଲେ ୟୁରୋପରେ ତାଙ୍କ ଶିକ୍ଷା ଚାଲୁ ରଖିବା ପାଇଁ । ଏଣୁ ବ୍ରିଟେନ୍ ଓ ପ୍ୟାରିସରେ କେତେକ ହସ୍‌ପିଟାଲ ଯାଇ ସେ କଥାବାର୍ତ୍ତା କଲେ । ମାତ୍ର ଜଣେ ମହିଳା ବୋଲି ତାଙ୍କୁ ଅନେକ ହସ୍‌ପିଟାଲ ପ୍ରତ୍ୟାଖ୍ୟାନ କରିଦେଲେ । ତେବେ ଜୁନ୍‌ରେ ସେ ଯୋଗ ଦେଲେ La Maternité ହସ୍‌ପିଟାଲରେ ଏହି ସର୍ତ୍ତରେ ଯେ ତାଙ୍କୁ ବିବେଚନା କରାଯିବ ଜଣେ ଧାଇ (midwife) ଛାତ୍ରୀ ଭାବରେ, ଡାକ୍ତର ଭାବରେ ନୁହେଁ । ତଥାପି ସେ ଯୋଗ ଦେଇ ବହୁ ଅଭିଜ୍ଞତା ହାସଲ କଲେ । ସେହି ବର୍ଷ ଶେଷ ଆଡ଼କୁ ସେହି ଅନୁଷ୍ଠାନ ତାଙ୍କ ସପକ୍ଷରେ ମତ ଦେଇଥିଲେ ଯେ ସେ

ଜଣେ ସର୍ବୋତ୍ତମ ଓ ପ୍ରସିଦ୍ଧ (Obsterician) ସ୍ତ୍ରୀ ରୋଗ ବିଶେଷଜ୍ଞ ।

୧୮୫୦ ମସିହାରେ ଲଣ୍ଡନର St. Bartholo-mew's Hospital ରେ ପୁନଶ୍ଚ ସେ ଯୋଗ ଦେଲେ । ମାତ୍ର ସେଠାରେ ଅନୁଭବ କଲେ ଯେ କୁସଂସ୍କାର ବହୁ ପରିମାଣରେ ରହିଛି ଓ ନାରୀମାନଙ୍କ ପ୍ରତି ପକ୍ଷପାତିତା ହେଉଛି । ଏଣୁ ଏଲିଜାବେଥ୍ ନ୍ୟୁୟର୍କକୁ ପୁଣି ଫେରି ଆସିଲେ ୧୮୫୧ରେ । ତାଙ୍କର ଆଶା ଥିଲା ଯେ ଏହିଠାରେ ସେ ତାଙ୍କର ଡାକ୍ତରୀ ବିଦ୍ୟାର ଅଭ୍ୟାସ (practice) କରିବେ । ସେଠାରେ ବହୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ 'The New York Tribune' ସଂସ୍ଥାର ସାହାଯ୍ୟ ପାଇ ସେଠାରେ କାର୍ଯ୍ୟ ଆରମ୍ଭ କଲେ । ୧୮୫୨ରେ ସେ ବକ୍ତୃତା ଦେବା ଆରମ୍ଭ କରିବା ସହିତ ଏକ ପୁସ୍ତକ ପ୍ରକାଶିତ କରିଥିଲେ । ଏହାର ନାମ 'The Laws of Life – with special reference to the Physical Education of Girls.' ଏହା ତାଙ୍କର ପ୍ରଥମ ଉଦ୍ୟମ ଥିଲା ବାଳିକାମାନଙ୍କର ଶାରୀରିକ ଓ ମାନସିକ ବିକାଶ ନିମିତ୍ତ ।

୧୮୫୩ରେ ଏଲିଜାବେଥ୍ ସ୍ଥାପିତ କଲେ ଏକ ଛୋଟ ଡିସ୍‌ପେନ୍‌ସେରି । ଏହି ସମୟରେ ପୋଲାଣ୍ଡର ଜଣେ ପୋଲିସ ମହିଳା ଡାକ୍ତର (Polish woman doctor) Marie Zakrzewska ଙ୍କ ସହ ତାଙ୍କର ପରିଚୟ ହେଲା ଏବଂ ତାଙ୍କୁ ଗୁରୁ ବା ଉପଦେଷ୍ଟା ଭାବରେ ବ୍ଲାକ୍‌ୱେଲ ଗ୍ରହଣ କଲେ । ଏହି ପୋଲାଣ୍ଡର ଡକ୍‌ଟରଙ୍କ ସହାୟତାରେ ସେହି ଛୋଟ ଡିସ୍‌ପେନ୍‌ସେରିଟି New York infirmary ରେ ପରିଣତ ହେଲା ଏବଂ ବର୍ଷକୁ ବର୍ଷ ରୋଗୀ ସଂଖ୍ୟା ବଢ଼ି ଚାଲିଲା ଏବଂ ଏଠାରେ ଏକ ନର୍ସିଂ ସ୍କୁଲ ମଧ୍ୟ ସେ ଖୋଲିଥିଲେ । ଯେତେବେଳେ ଆମେରିକାରେ ଗୃହଯୁଦ୍ଧ ଆରମ୍ଭ ହେଲା, ସେତେବେଳେ ନର୍ସିଂ ଶିକ୍ଷାରେ ସାହାଯ୍ୟ କରିବାକୁ ପୁରୁଷ ଡାକ୍ତରମାନେ ମନା କରିଦେଲେ । ତଥାପି ବି ଏଥିରେ ହତୋତ୍ସାହିତ ନ ହୋଇ ତାଙ୍କ ଭଉଣୀ ଏମିଲି ବ୍ଲାକ୍‌ୱେଲ (ଯିଏ କି ମେଡ଼ିକାଲ ଡିଗ୍ରୀ ପାଇଥିଲେ)ଙ୍କ ସହ ମିଶି ଏହି ପରିସ୍ଥିତିର ମୁକାବିଲା କରିଥିଲେ ।

୧୮୫୮ରେ ମେଡ଼ିକାଲ ଆକ୍‌ଟ ଅନୁଯାୟୀ ଏଲିଜାବେଥ୍ ବ୍ଲାକ୍‌ୱେଲ ପ୍ରଥମ ମହିଳା ଡାକ୍ତର ଭାବରେ General Medical Council's medical register (1.1.1859)ରେ ରେଜେଷ୍ଟ୍ରିଭୁକ୍ତ ହୋଇଥିଲେ । ୧୮୬୬ ସୁଦ୍ଧା ପ୍ରତି ବର୍ଷ ପ୍ରାୟ ୭୦୦୦ ରୋଗୀଙ୍କୁ ସେ ଚିକିତ୍ସା କରୁଥିଲେ । ୧୮୬୮ରେ Infirmary ରେ ସେ ଚାରିବର୍ଷିଆ ଟ୍ରେନିଂ ମେଡ଼ିକାଲ୍ କଲେଜ୍ ଫର୍ ଓମେନ୍ ପ୍ରତିଷ୍ଠା କଲେ । ଏହିପରି ଭାବରେ ସେ ଜଣେ ମେଡ଼ିକାଲ ଶିକ୍ଷାର ନୂତନ ପ୍ରବର୍ତ୍ତକ ହୋଇ ପାରିଥିଲେ ।

୧୮୬୯ ଜୁଲାଇରେ ସେ ପୁଣି ବ୍ରିଟେନ୍‌କୁ ଚାଲିଆସିଲେ । ୧୮୭୪ରେ ଲଣ୍ଡନରେ A women's medical school ପ୍ରତିଷ୍ଠା କଲେ । ଏହାପରେ ୧୮୭୭ରେ ମେଡ଼ିକାଲ କାର୍ଯ୍ୟରୁ ଅବ୍ୟାହତି ନେଇ ସମାଜ ସଂସ୍କାର କାର୍ଯ୍ୟରେ ମନୋନିବେଶ କଲେ । ଏହି ସମୟରେ ସେ ୟୁରୋପ ଭ୍ରମଣ କରି ମହିଳାମାନଙ୍କର ସାମାଜିକ ସ୍ଥିତିର ଉନ୍ନତି ପାଇଁ ବହୁ କାର୍ଯ୍ୟ ହାତକୁ ନେଇଥିଲେ । ତାଙ୍କର ମଧ୍ୟ ଫ୍ଲୋରେନସ୍ ନାଇଟିଙ୍ଗେଲଙ୍କ ସହ ସାକ୍ଷାତ୍ ହୋଇଥିଲା ଏବଂ ସେମାନେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।

୧୮୯୫ରେ ତାଙ୍କର ଆତ୍ମଜୀବନୀ 'Pioneer work in opening the Medical Profession to women' ସେ ପ୍ରକାଶ କରିଥିଲେ । ୧୯୦୭ରେ ସେ ସ୍କଟଲାଣ୍ଡକୁ ଯାଇଥିବା ସମୟରେ ଉଡ଼ାଜାହାଜର ଶିଡ଼ି ପାହାଚରୁ ଖସିପଡ଼ି ଶାରୀରିକ ଓ ମାନସିକ ଭାବରେ ଅକର୍ମଣ୍ୟ ହୋଇଗଲେ । ୧୯୧୦ ମସିହା ମେ ୩୧ ତାରିଖରେ Sussex ରେ ଥିବା ନିଜ ଗୃହରେ ସେ ଶରୀର ତ୍ୟାଗ କଲେ । St. Munn's Parish Church, Kilmunରେ ଏହି ଚିରକୁମାରୀ ଚିକିତ୍ସକଙ୍କର ଶବକୁ କବର ଦିଆଯାଇଥିଲା । ଏହି ମହାନ୍ ଆତ୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରକାଶିତ ହୋଇଥିଲା 'The British Medical Journal' ଏବଂ 'The Lancet'ରେ ।

ଏଲିଜାବେଥ୍ ବ୍ଲାକ‌ୱେଲ୍ (Elizabeth Blackwell)ଙ୍କ ସମ୍ମାନାର୍ଥେ ଯୁକ୍ତରାଷ୍ଟ୍ର ଆମେରିକାର ଡାକ ବିଭାଗ ଏକ ସ୍ମାରକ ଡାକଟିକେଟ ୧୯୭୪ ମସିହାରେ ପ୍ରକାଶିତ କରିଥିଲେ, ଯାହାର ଦାମ୍ ଥିଲା ୧୮ ସେଣ୍ଟ୍ ।

ସମଗ୍ର ବିଶ୍ୱରେ ନାରୀମାନଙ୍କର ଚିକିତ୍ସା ବିଜ୍ଞାନ ଶିକ୍ଷାର ପ୍ରଥମ ପଥ ପ୍ରଦର୍ଶକ ଏହି ମହାନ୍ ନାରୀଙ୍କୁ କୋଟି କୋଟି ପ୍ରଣାମ ।

(ତଥ୍ୟସବୁ Internet ରୁ ସଂଗୃହୀତ ।)

❑❑❑

ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୧୫) :

# ଆମ ଶିକ୍ଷାକେନ୍ଦ୍ରର ଅପା/ଭାଇ

## ପ୍ରସାଦ ତ୍ରିପାଠୀ

*ପ୍ରଶ୍ନ : ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ କେଉଁ ଭଳି ଶିକ୍ଷକ, ଶିକ୍ଷୟିତ୍ରୀ ରହିବା ଉଚିତ ଏବଂ ସେମାନଙ୍କର ଭୂମିକା କ'ଣ ହେବା ଉଚିତ ?*

ଉତ୍ତର : ମୂଳରୁ କହି ରଖେ ଶିକ୍ଷାକେନ୍ଦ୍ରରେ ଆମେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସାର, ମାଡ଼ାମ୍, ଦିଦି ପରିବର୍ତ୍ତେ ଅପା, ଭାଇ ବୋଲି ସମ୍ବୋଧନ କରୁ । ତେଣୁ ଆମ ଅନୁଷ୍ଠାନରେ ଅପାଭାଇମାନେ କିପରି ହେବା ଆବଶ୍ୟକ ସେ ସମ୍ପର୍କରେ କିଛି ଆଲୋଚନା କରିବା । ଆଗରୁ କୁହାଯାଇଛି ଯେ ଗୋଟିଏ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସାଧାରଣ ଶିକ୍ଷାକେନ୍ଦ୍ର ସହିତ ସମ୍ପୂର୍ଣ୍ଣ ସମାନ ଲାଗୁଥିଲେ ମଧ୍ୟ ଲକ୍ଷ୍ୟ ଦୃଷ୍ଟିରୁ ଏହା ଏକ ସମ୍ପୂର୍ଣ୍ଣ ଭିନ୍ନ ଧରଣର ଅନୁଷ୍ଠାନ । ଠିକ୍ ସେମିତି ଆମ ଶିକ୍ଷାକେନ୍ଦ୍ରର ଅପାଭାଇମାନେ ବାହାରକୁ ସାଧାରଣ ଶିକ୍ଷକ, ଶିକ୍ଷୟିତ୍ରୀ ଭଳି ଦିଶୁଥିଲେ ମଧ୍ୟ ସେମାନେ ଆଦୌ ତାହା ହେବେ ନାହିଁ । ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀରେ ଯେଉଁମାନେ ଆଶ୍ରମ ଅଧିବାସୀ ଭାବେ ଯୋଗ ଦେବାକୁ ଚାହାନ୍ତି, ସେମାନେ କେଉଁ ବିଭାଗରେ କାର୍ଯ୍ୟ କରିବେ ତାହ ମା' ନିର୍ଦ୍ଧାରଣ କରିଥାଆନ୍ତି । ସେମାନେ ଆସି ଥାଆନ୍ତି ମା'ଙ୍କ ନିମନ୍ତେ, ମା'ଙ୍କ ପାଖରେ ନିଜକୁ ଉତ୍ସର୍ଗ କରିବା ନିମନ୍ତେ । ଯଦି ସେମାନଙ୍କୁ ଶିକ୍ଷାକେନ୍ଦ୍ରରେ କାମ କରିବା ନିମନ୍ତେ କୁହାଯାଏ ତେବେ ନିଜର ଆତ୍ମାର ଆବିଷ୍କାର ପାଇଁ, ସାଧନାରେ ଅଗ୍ରଗତି ପାଇଁ, ଏହାହିଁ ସେମାନଙ୍କର ମାଧ୍ୟମ ହୋଇଉଠେ । ସେମାନେ ପ୍ରଥମେହିଁ ସାଧକ; ମନ, ପ୍ରାଣ ଓ ଶରୀର ଅତିମାନସ ତତ୍ତ୍ୱରେ ରୂପାନ୍ତର ସେମାନଙ୍କର ଏକମାତ୍ର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ସେମାନେ ହୁଏତ ବାବାଜି ମହାରାଜଙ୍କ ଭଳି ଡାଇନିଂ ରୁମ୍‌ରେ ବାସନ ମାଜି ପାରନ୍ତି, ନଳିନୀଦା'ଙ୍କ ଭଳି ଚିଠିପତ୍ରର ଉତ୍ତର ଦେଇ ପାରନ୍ତି । ଦ୍ୟୁମାନ ଭାଇଙ୍କ ଭଳି ଆଶ୍ରମ ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିପାରନ୍ତି, ପବିତ୍ରଙ୍କ ଭଳି ଶିକ୍ଷାକେନ୍ଦ୍ରରେ ଅଧ୍ୟାପନା କାର୍ଯ୍ୟ କରିପାରନ୍ତି କିଂବା ପ୍ରଣବଦା'ଙ୍କ ଭଳି ଶାରୀରିକ ଶିକ୍ଷା କାର୍ଯ୍ୟକ୍ରମର ପୂର୍ଣ୍ଣ ଦାୟିତ୍ୱ ନେଇପାରନ୍ତି । ତେବେ ଏସବୁ ଲକ୍ଷ୍ୟପ୍ରାପ୍ତିର କେବଳ ଉପାୟ ମାତ୍ର । ଲକ୍ଷ୍ୟ ବ୍ୟତିରେକେ ଏସବୁ ବାହ୍ୟ କାର୍ଯ୍ୟର କୌଣସି ଅର୍ଥ ନାହିଁ । ସାଧାରଣ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କର ଶିକ୍ଷାକେନ୍ଦ୍ରଟି କର୍ମସ୍ଥଳୀ ମାତ୍ର, ଆମ ଶିକ୍ଷାକେନ୍ଦ୍ରର ଅପାଭାଇମାନଙ୍କର ଶିକ୍ଷାକେନ୍ଦ୍ରଟି ସାଧନାର ସ୍ଥଳୀ । ଆମ ଅପାଭାଇମାନେ ଶ୍ରୀଅରବିନ୍ଦ ଆଶ୍ରମ ଅଧିବାସୀଙ୍କ ଭଳି ପ୍ରଥମେ ସାଧକ । ଏହାହିଁ ତାଙ୍କର ଯଥାର୍ଥ ପରିଚୟ । ଆମର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ହେଲା ଶ୍ରୀଅରବିନ୍ଦ ପାଠଚକ୍ରର ଏକ ବିଭାଗ ମାତ୍ର । ସ୍ଥାନ ବିଶେଷରେ ଶ୍ରୀଅରବିନ୍ଦ ପାଠଚକ୍ରର ଅନ୍ୟାନ୍ୟ ବିଭାଗ ମଧ୍ୟ ରହିଛି । ଯିଏ ଯେଉଁ ବିଭାଗରେ କାର୍ଯ୍ୟ କରୁନା କାହିଁକି, ସେମାନେ ସମସ୍ତେ ମା'ଙ୍କ କାର୍ଯ୍ୟହିଁ କରୁଛନ୍ତି । ଅନ୍ତରାତ୍ମା ଦ୍ୱାରା ପ୍ରତ୍ୟକ୍ଷ ବା ପରୋକ୍ଷରେ ପ୍ରେରିତ ହୋଇ ସେମାନେ ଏହି ସ୍ଥାନକୁ ଆସିଛନ୍ତି । ତେଣୁ ସେମାନେ ସିଧାସଳଖ ଏକ ଦିବ୍ୟକର୍ମରେ ସମ୍ପୃକ୍ତ ହୋଇ ସେହି ମନୋଭାବରେ କାର୍ଯ୍ୟ କରିବେ । ଯେତେବେଳେ ଓଡ଼ିଶାରେ ପ୍ରଥମେ ଶିକ୍ଷାକେନ୍ଦ୍ର ଆରମ୍ଭ ହେଲା ବାବାଜି ମହାରାଜ ପରାମର୍ଶ ଦେଉଥିଲେ – ଯେଉଁମାନେ ପାଠଚକ୍ର କରୁଛନ୍ତି ସେମାନଙ୍କର ନିଜ ପିଲାମାନେ କିଂବା ପାଠଚକ୍ରରେ ବସୁଥିବା ପିଲାମାନେ ଶିକ୍ଷକ ରହିବା ଉଚିତ ହେବ । କେବେହେଲେ ପାଠଚକ୍ର ପ୍ରତି ସମ୍ପର୍କକୁ ଗୁରୁତ୍ୱ ନଦେଇ, କେବଳ ଶିକ୍ଷାଗତ ଯୋଗ୍ୟତାକୁ ଗୁରୁତ୍ୱ ଦେଇ ଶିକ୍ଷକ ନିର୍ବାଚନ ନ କରିବା ପାଇଁ ସେ ପରାମର୍ଶ ଦେଉଥିଲେ । ତା'ର କାରଣ ଥିଲା ପାଠଚକ୍ର ସହିତ ସମ୍ପର୍କ ଥିଲେ ଅନ୍ତତଃ ଜୀବନର ଲକ୍ଷ୍ୟ, ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନ, ଶିକ୍ଷାଧାରା ଇତ୍ୟାଦି ପ୍ରତି ସେମାନେ ସଚେତନ ଥିବେ – ତେଣୁ ସେହି ଧାରାରେ କିଛି ପରୀକ୍ଷା ନିରୀକ୍ଷା କରିପାରିବେ । ମାତ୍ର ସେଥିପ୍ରତି ଆଦୌ ଆଗ୍ରହ ନଥାଇ କେବଳ ଅଧ୍ୟାପନା କରିବା ଉଦ୍ଦେଶ୍ୟ ନେଇ ଆସୁଥିବା ଅପାଭାଇମାନେ ଅନୁଷ୍ଠାନ ପ୍ରତି ବୋଝ ହେବାର ସମ୍ଭାବନା ଯଥେଷ୍ଟ ଅଧିକ । ତେଣୁ ଆମ ଅପାଭାଇମାନଙ୍କ ନିକଟରେ ନିମ୍ନଲିଖିତ ବିଷୟ କେତୋଟି ରହିବା ନିମନ୍ତେ ଦୃଷ୍ଟି ଦିଆଯାଇପାରେ ।

୧. ପୂର୍ବରୁ ଯେପରି କୁହାଯାଇଛି ଯେ ପୂର୍ଣ୍ଣାଙ୍ଗ

ଶିକ୍ଷାକେନ୍ଦ୍ରର ପରିଚାଳକମାନେ ପାଠଚକ୍ରର ସକ୍ରିୟ ସଭ୍ୟ ହେବା ଏକାନ୍ତ ବାଞ୍ଛନୀୟ, ଠିକ୍ ସେମିତି ଅପାଭାଇମାନେ ମଧ୍ୟ ପାଠଚକ୍ରର ସଦସ୍ୟ ହେବା ଏକାନ୍ତ ଆବଶ୍ୟକ ଏବଂ ପାଠଚକ୍ରର ସଦସ୍ୟ କହିଲେ ସେମାନଙ୍କ ପାଇଁ ଯେଉଁ ଆବଶ୍ୟକତା ଉଲ୍ଲେଖ କରାଯାଇଥିଲା ଏମାନଙ୍କ ପାଇଁ ମଧ୍ୟ ଅବିକଳ ସେଇଆ ।

୨. ଯଦିଓ ପରିଚାଳକମାନେ ସ୍କୁଲର ମୋଟାମୋଟି ସମସ୍ତ ଆବଶ୍ୟକତାର ପୂରଣ ପାଇଁ ଦାୟିତ୍ୱ ନେବେ ତେବେ ଅପାଭାଇମାନେ ଶିକ୍ଷାକେନ୍ଦ୍ରରେ ଅଧିକ ସମୟ ରହୁଥିବାରୁ ଶିକ୍ଷାକେନ୍ଦ୍ରର ଅଧିକାଂଶ ଦାୟିତ୍ୱ ସେମାନଙ୍କ ଉପରେହିଁ ନ୍ୟସ୍ତ ରହିବ । ଅଧ୍ୟାପନା ତାଙ୍କର ଅନେକ ଦାୟିତ୍ୱ ମଧ୍ୟରୁ ଗୋଟିଏ ଥିବ । ତେଣୁ କେବଳ ଅଧ୍ୟାପନା କରିଦେଲା ପରେ ତାଙ୍କ ଦାୟିତ୍ୱ ସରିଗଲା ବୋଲି ସେମାନେ କେବେ ବି ଭାବିବେ ନାହିଁ ।

୩. ଅଧ୍ୟାପନା ସମୟରେ ଛୋଟ ଛୋଟ ଛାତ୍ରଛାତ୍ରୀମାନେ ଅବାଧ ଏବଂ ବିଶୃଙ୍ଖଳ ହେବା ସ୍ୱାଭାବିକ । ଅପାଭାଇମାନେ ସେହି ସମୟଟି ସେମାନଙ୍କ ପାଇଁ ଏକ ପରୀକ୍ଷାର ସମୟ ଭଳି ଗ୍ରହଣ କରିବେ । ସାଧାରଣ ଶିକ୍ଷାକେନ୍ଦ୍ର ଭଳି ମାଡ଼, ଗାଳି, ଧମକ କିଂବା ଅନ୍ୟ କୌଣସି ପ୍ରକାରର ଦଣ୍ଡ ପ୍ରୟୋଗ କରି ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ କରିବା ପାଇଁ କେବେହେଲେ ଉଦ୍ୟମ କରିବେ ନାହିଁ । ଏହାଦ୍ୱାରା ଦଣ୍ଡ ଦେଉଥିବା ଏବଂ ଦଣ୍ଡ ପାଉଥିବା ଉଭୟଙ୍କରହିଁ କ୍ଷତି ହୋଇଥାଏ । ଦଣ୍ଡ ଦେଉଥିବା ବ୍ୟକ୍ତିର ଚେତନା ପୂରା ଆଚ୍ଛନ୍ନ ହୋଇଯାଏ ଏବଂ ଦଣ୍ଡିତ ପିଲାମାନଙ୍କର ଚରିତ୍ର ନଷ୍ଟ ହୋଇଯାଏ । ମା' କହିଛନ୍ତି ଥଟ୍ଟାରେ ସୁଦ୍ଧା ପିଲାମାନଙ୍କ ଦେହରେ ହାତ ଦେବା ଉଚିତ ନୁହେଁ ଏବଂ ଯେଉଁ ଭୁଲ୍ ପାଇଁ ଶିଶୁଟି ଅନୁତାପ କରେ ସେଥିପାଇଁ ତାକୁ ଆଦୌ ଦଣ୍ଡ ଦେବା ଉଚିତ ନୁହେଁ ।

୪. ଯେଉଁ ବିଷୟ ବା ବିଷୟଗୁଡ଼ିକର ଅଧ୍ୟାପନାର ଦାୟିତ୍ୱ ସେ ନେବେ ତାକୁ ସବୁ ସମୟରେ ଏକ ଭିନ୍ନ ଦୃଷ୍ଟିକୋଣରୁ ଉପସ୍ଥାପନା କରିବା ପାଇଁ ଉଦ୍ୟମ କରିବେ । କାରଣ ଆମର ପ୍ରତ୍ୟେକ ଉଦ୍ୟମ ଏକ ନୂତନ ମାନବଜାତି ଗଠନ ଦିଗରେ ପ୍ରୟାସ ବୋଲି ଆମେ ଅନୁଭବ କରିବା ଉଚିତ । ଶ୍ରେଣୀଗୃହକୁ ଆସି ସିଧାସଳଖ ବିଷୟଟିର ଅବତାରଣା ନକରି ଅନ୍ତତଃ ସେ ସମ୍ପର୍କରେ ସାମାନ୍ୟ ଏକାଗ୍ର ହୋଇ କେଉଁ ଧାରାରେ ଉପସ୍ଥାପନ କଲେ ତାହା ଛାତ୍ରଛାତ୍ରୀମାନଙ୍କ ଉପରେ ଏକ ପ୍ରଭାବ ପକାଇବାରେ ସହାୟକ ହେବ ତାହା ଉଦ୍ୟମ କରିବେ । କହିବା ବାହୁଲ୍ୟ ଏ ଧାରାରେ ଚେଷ୍ଟା କରୁଥିବା ଅନେକ ଅପାଭାଇ ନିଜ ନିଜ ଶିକ୍ଷାକେନ୍ଦ୍ରରେ ଦୃଷ୍ଟାନ୍ତ ହୋଇ ସାରିଲେଣି ।

୫. ଆମ ଶିକ୍ଷାକେନ୍ଦ୍ରର ଅପାଭାଇମାନେ କେବେହେଲେ କେବଳ କୌଣସି ଗୋଟିଏ ବିଷୟରେ specialised ହେବେ ନାହିଁ । ସମସ୍ତଙ୍କର ସବୁ ବିଷୟ ପ୍ରତି ଅନ୍ତତଃ ଶ୍ରଦ୍ଧା ରହିବା ଆବଶ୍ୟକ । ଆମ ଶିକ୍ଷାକେନ୍ଦ୍ରମାନଙ୍କରେ ମାନସିକ ଶିକ୍ଷା, ପ୍ରାଣିକ ଶିକ୍ଷା, ଶାରୀରିକ ଶିକ୍ଷା ପ୍ରଭୃତି ସମାନ ଗୁରୁତ୍ୱର ସହ ପ୍ରଦାନ କରାଯିବ । ପାଠ୍ୟ-ପୁସ୍ତକ ବା ପରୀକ୍ଷା ପ୍ରଭୃତି ଉପରେ ଅଧିକ ଗୁରୁତ୍ୱ ନଦେଇ ସଙ୍ଗୀତ, ନୃତ୍ୟ, ଚିତ୍ରକଳା, କ୍ରୀଡ଼ା, ହସ୍ତକର୍ମ ଭଳି ବିଷୟଗୁଡ଼ିକ ପାଇଁ ସମାନ ଭାବେ ଶ୍ରଦ୍ଧା, ଆଗ୍ରହ ଏବଂ ଉତ୍ସାହ ସୃଷ୍ଟି କରିବା ଆବଶ୍ୟକ । ଏହି ବିଷୟଗୁଡ଼ିକ ପାଇଁ ପରୀକ୍ଷା ନ ହେଉଥିବା ଯୋଗୁଁ ଛାତ୍ରଛାତ୍ରୀମାନେ ଅପେକ୍ଷାକୃତ କମ୍ ଗୁରୁତ୍ୱ ଦେବା ପାଇଁ ଇଚ୍ଛା କରିବାଟା ଅସ୍ୱାଭାବିକ ନୁହେଁ । ପୁଣି ଯଦି ମାତ୍ର ଜଣେ ଅପା କିଂବା ଭାଇ ଦାୟିତ୍ୱ ନେଇ ସେଇ ବିଷୟଟି ପିଲାମାନଙ୍କ ପାଖରେ ଉପସ୍ଥାପନ କରିବେ ତେବେ ତାହା ସେମାନଙ୍କ ପାଇଁ ବିରକ୍ତିକର ହୋଇପାରେ । ଅନୁଷ୍ଠାନର ପ୍ରାୟ ଅଧିକାଂଶ ଯଦି ଏଇ ବିଷୟମାନଙ୍କରେ ସମ୍ପୃକ୍ତ ହୁଅନ୍ତି ତେବେ ତା'ର ଗୁରୁତ୍ୱ ବଢ଼େ ଏବଂ ତାହା ଅଧିକ ଆଗ୍ରହପ୍ରଦ ହୁଏ ।

୬. ଆମ ଅନୁଷ୍ଠାନ ଏକ ଆଧ୍ୟାତ୍ମିକ ଅନୁଷ୍ଠାନ । ଏହାର ଶୃଙ୍ଖଳା ସମରବାହିନୀର ଶୃଙ୍ଖଳାଠାରୁ ମଧ୍ୟ ଅଧିକ ଦୃଢ଼, ମାତ୍ର ଫରକ ହେଲା ସମରବାହିନୀରେ ଶୃଙ୍ଖଳା ଅତ୍ୟନ୍ତ ଶୁଷ୍କ; ମାତ୍ର ଆମ ଅନୁଷ୍ଠାନରେ ଶୃଙ୍ଖଳାଟି ପ୍ରେମପୂର୍ଣ୍ଣ । ଏହା ମାନିବାରେ କେବେହେଲେ ଦ୍ୱିରୁକ୍ତି ନଥାଏ ବରଂ ଆନନ୍ଦ ଥାଏ । ନିଜକୁ ଯେତେ ଅସୁବିଧା ଲାଗୁଥିଲେ ମଧ୍ୟ ପ୍ରତ୍ୟେକଟି ସାଧାରଣ ଶୃଙ୍ଖଳାକୁ ସମସ୍ତେ ମାନି ନେବା ନିହାତି ଆବଶ୍ୟକ । ନଚେତ୍ ଆମ ଛାତ୍ରଛାତ୍ରୀମାନଙ୍କ ପାଇଁ ଆମେ ଏକ ଅନୁଚିତ ଦୃଷ୍ଟାନ୍ତ ହୋଇଯିବା ।

୭. ଆମ ଶିକ୍ଷାକେନ୍ଦ୍ରରେ ଅଭିଭାବକମାନଙ୍କର ନିଶ୍ଚୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ତେଣୁ ସେମାନଙ୍କ ମତାମତ, ପରାମର୍ଶ ଇତ୍ୟାଦିକୁ ସମ୍ଭବ ମୁତାବକ ଗ୍ରହଣ କରିବାକୁ ହେବ, ମାତ୍ର ଯେଉଁଠାରେ ତାହା ଆମ ଆଦର୍ଶର ବିରୋଧ କରିବ ସେଠାରେ ଅତ୍ୟନ୍ତ ବିନମ୍ରତାର ସହିତ ସେମାନଙ୍କୁ ବୁଝାଇ ଦେଇ

ନିଜର ଅକ୍ଷମତା ପ୍ରକାଶ କରିବାକୁ ହେବ । ଅନେକ ସମୟରେ ଏପରି କାର୍ଯ୍ୟ କଲେ ଅଭିଭାବକମାନେ ଅସନ୍ତୁଷ୍ଟ ହେବେ, ସେପରି କଲେ ସେମାନେ ପିଲା ଉଠାଇ ନେବେ ଇତ୍ୟାଦି ଅଭିଯୋଗ ଶୁଣିବାକୁ ମିଳେ । ମାତ୍ର, ବାସ୍ତବରେ ଆମେ ନିଜେ ସେହିସବୁ ସିଦ୍ଧାନ୍ତରେ ବୋଧହୁଏ ସନ୍ତୁଷ୍ଟ ନଥାଉ, ତେଣୁ ଅଭିଭାବକମାନଙ୍କୁ ଠିକ୍ ବୁଝାଇପାରୁ ନାହିଁ । ପରେ ସେମାନଙ୍କୁ ଦାୟୀ କରୁ । ମୂଳକଥା ହେଲା ଆମେ ଯେଉଁ ଯେଉଁ ଉପାୟ ଆମ ଅନୁଷ୍ଠାନରେ ଅବଲମ୍ବନ କରୁଛୁ ସେସବୁ ବିଷୟରେ ନିଜେ ସମ୍ପୂର୍ଣ୍ଣ ଦୃଢ଼ ହେବା, କାହିଁକି ସେ ପ୍ରକାରର ବ୍ୟବସ୍ଥା ଆମ ଅନୁଷ୍ଠାନରେ କରାଯାଉଛି ତାହା ଭଲ ଭାବରେ ବୁଝିବା ଏବଂ ତା'ପରେ ତାକୁ ଅନ୍ୟକୁ ବୁଝାଇବା । ଏସବୁ ସତ୍ତ୍ୱେ ଯଦି କୌଣସି ଅଭିଭାବକ ସନ୍ତୁଷ୍ଟ ନହେବେ ତେବେ ସେମାନଙ୍କୁ ସେମାନଙ୍କର ସିଦ୍ଧାନ୍ତ ଉପରେ ଛାଡ଼ିଦେବାକୁ ପଡ଼ିବ । ମାତ୍ର କୌଣସି ସର୍ତ୍ତରେ ମଧ୍ୟ ଆମ ଆଦର୍ଶ ସହିତ ସନ୍ଧି (compromise) କରାଯିବ ନାହିଁ ।

୮. ଶ୍ରୀଅରବିନ୍ଦ କହିଛନ୍ତି ''Teacher ought to be a Yogi.'' ଅର୍ଥାତ୍, ''ଶିକ୍ଷକ, ଶିକ୍ଷୟତ୍ରୀମାନେ ଯୋଗୀ ହେବା ଉଚିତ ।'' ତେବେ କେବଳ ଅପାଭାଇମାନେ ନୁହଁନ୍ତି ଆମ ସମସ୍ତଙ୍କୁ ଯୋଗୀ ହେବାକୁ ପଡ଼ିବ ।

୯. ସର୍ବୋପରି ଅପାଭାଇମାନେ ସେମାନଙ୍କର ସାମର୍ଥ୍ୟ ମୁତାବକ ପିଲାମାନଙ୍କୁ ମା'ଶ୍ରୀଅରବିନ୍ଦଙ୍କର ନିକଟତର କରାଇବାକୁ ଉଦ୍ୟମ କରିବେ । ଏହା ସବୁଠାରୁ ଆବଶ୍ୟକ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଏତିକି କରାଯାଇ ପାରିଲେ ଅପାଭାଇମାନଙ୍କର ଅନେକ ଦାୟିତ୍ୱ କମିଯିବ । ସେମାନେ ଯେମିତି ସମସ୍ତ କାର୍ଯ୍ୟ ଆରମ୍ଭରୁ ଶେଷଯାଏଁ ମା'ଙ୍କୁ ସ୍ମରଣ ଏବଂ ସମର୍ପଣ କରୁଥିବେ, ପିଲାମାନଙ୍କୁ ମଧ୍ୟ ସେମିତି ଶିଖାଇ ଦେବେ । ମୂଳକଥା ହେଲା – ଆମର ଯାବତୀୟ କାର୍ଯ୍ୟର ସମସ୍ତ ଅନ୍ତର୍ନିହିତ ରହସ୍ୟ ଯାହାଙ୍କ ପାଖରେ କେନ୍ଦ୍ରୀଭୂତ ତାଙ୍କ ନିକଟରେ ସମସ୍ତ ଅପାଭାଇ, ଛାତ୍ରଛାତ୍ରୀ, ପରିଚାଳକବୃନ୍ଦ ଏବଂ ଅଭିଭାବକଗଣ ଏକତ୍ର ହେବା ଏକାନ୍ତ ଅପରିହାର୍ଯ୍ୟ ।

ଆମ ଅନୁଷ୍ଠାନରେ ଅପାଭାଇମାନଙ୍କ ପାଇଁ ଏପରି କେତୋଟି ଆବଶ୍ୟକୀୟ ସାମର୍ଥ୍ୟ ରହିବା ନିତାନ୍ତ ଆବଶ୍ୟକ ।

('ପୂର୍ଣ୍ଣତା ପଥେ', ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ) ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ସନାତନ ଧର୍ମ

## (୩)

## କୁମାର ଚନ୍ଦ୍ର ମିଶ୍ର

କ'ଣ ଏହି ସନାତନ ଧର୍ମ ?

ମହାଯୋଗୀ ଶ୍ରୀଅରବିନ୍ଦ କହିଛନ୍ତି :

''The religious culture which now goes by the name of Hinduism ... ... gave itself no name, because it set itself no sectarian limits; it claimed no universal adhesion, asserted no sole infallible dogma, set up no single narrow path or gate of salvation; it was less a creed or cult than a continuously enlarging tradition of the Godward endeavour of the human spirit. An immense many-sided many staged provision for a spiritual self-building and self-finding, it had some right to speak of itself by the only name it knew, the eternal religion, *sanãtana dharma*.''

(CWSA, Vol. 20, p. 179)

ଏହାର ଓଡ଼ିଆ ଭାବାନୁବାଦ ହେଲା –

''ଯେଉଁ ଧର୍ମୀୟ ସଂସ୍କୃତିଟି ବର୍ତ୍ତମାନ ହିନ୍ଦୁ ଧର୍ମ ନାମରେ ପରିଚିତ ... ... ତାହା ଆପଣାକୁ କୌଣସି ନାମରେ ନାମିତ କରି ନାହିଁ, କାରଣ ତାହା କୌଣସି ସାଂପ୍ରଦାୟିକ ସୀମା ମଧ୍ୟରେ ଆପଣାକୁ ସୀମିତ କରି ରଖି ନାହିଁ; ଏହା କୌଣସି ବିଶ୍ୱଜନୀନ-ସଂପୃକ୍ତି ଦାବି କରେ ନାହିଁ, କୌଣସି ଅଭ୍ରାନ୍ତ ସିଦ୍ଧାନ୍ତକୁ ସାବ୍ୟସ୍ତ କରେ ନାହିଁ, ଗୋଟିଏ ମାତ୍ର ସଂକୀର୍ଣ୍ଣ ପଥକୁ ବା ମୋକ୍ଷର ଦ୍ୱାରକୁ ଉନ୍ମୋଚିତ କରି ରଖି ନାହିଁ । ଏହା କେବଳ କୌଣସି ଧର୍ମବିଶ୍ୱାସ ବା ଧାର୍ମିକ ପଦ୍ଧତି ମଧ୍ୟରେ ଆପଣାକୁ ଆବଦ୍ଧ କରି ରଖି ନାହିଁ; ବରଂ ଏହା ଦିବ୍ୟ ପରମସତ୍ତାଙ୍କ ଦିଗରେ ଅଗ୍ରସର ହେବା ନିମିତ୍ତ ମାନବୀୟ ଚେତନାର ନିରନ୍ତର-ପ୍ରସାରଣକ୍ଷମ ଏକ ପ୍ରୟାସର ପରମ୍ପରା । ଆଧ୍ୟାତ୍ମିକ ଆତ୍ମ-ବିକାଶ ଓ ଆତ୍ମ-ଆବିଷ୍କାର ନିମିତ୍ତ ଏହା ଏକ ବିପୁଳ, ବହୁମୁଖୀ ଓ ବହୁସ୍ତରୀୟ ବିଧାନ ମାତ୍ର । ଆପଣାକୁ ସେହି ଗୋଟିଏ ନାମରେ ନାମିତ କରିବାର ଅଧିକାର ଏହାର ରହିଛି ଯାହା ସେ ଜାଣେ – ଶାଶ୍ୱତ ଧର୍ମ ବା ସନାତନ ଧର୍ମ ।''

ପ୍ରତିମା ଉପାସନା (idolatry) ଠାରୁ ଆରମ୍ଭ କରି ବହୁ ଈଶ୍ୱରବାଦ (polytheism), ସର୍ବେଶ୍ୱରବାଦ (pantheism), ବେଦାନ୍ତ ଦର୍ଶନ (ଆଧୁନିକ ବୈଜ୍ଞାନିକ ଆବିଷ୍କାର ଯାହାର ପ୍ରତିଧ୍ୱନି ପରି ମନେହୁଏ), ବୌଦ୍ଧମାନଙ୍କର ଅବିଜ୍ଞେୟବାଦ (agnosticism), ଜୈନମାନଙ୍କର ନାସ୍ତିକତା (atheism) – ଏସବୁକିଛିର ହିନ୍ଦୁ ଧର୍ମରେ ସ୍ଥାନ ରହିଛି । ଏହି ପରିପ୍ରେକ୍ଷୀରେ ଶ୍ରୀମଦ୍ ଭଗବଦ୍‌ଗୀତାରେ କୁହାଯାଇଛି :

''ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି ଧନଞ୍ଜୟ ।
ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ ॥''

(୭/୭)

ଅର୍ଥାତ୍, ''ହେ ଧନଞ୍ଜୟ ! ମୋଠାରୁ ଅଧିକ ସତ୍ୟ ବା ଉନ୍ନତ ସତ୍ୟ କିଛି ନାହିଁ । ସୂତାରେ ମଣି ଗୁନ୍ଥା ହେଲା ପରି ସବୁ ମୋ'ଠାରେ ଗୁନ୍ଥା ହୋଇ ରହିଛି ।''

**ତିନୋଟି ମୁଖ୍ୟ ଓ ମୌଳିକ ଭାବନା :**

ଭାରତୀୟଙ୍କର ଧାର୍ମିକ ମାନସିକତା ଉପରେ ଆଧାରିତ ଐକ୍ୟ ଓ ସମନ୍ୱୟକାରୀ ଗୁଣଧର୍ମକୁ ଗୁରୁତ୍ୱ ଦେବା ଆବଶ୍ୟକ ମନେହୁଏ, ଅନ୍ୟଥା ଆମେ ଭାରତୀୟ ଜୀବନର ସାରମର୍ମ, ଭାରତୀୟ ସଂସ୍କୃତିର ସମଗ୍ର ନିର୍ଯାସ ଓ ଚିନ୍ତା-ଚେତନାର ଗୁରୁତ୍ୱ ହରାଇ ବସିବା । ଏପରି ବ୍ୟାପ୍ତ ସଂପ୍ରସାରିତ ନମନୀୟ ଚରିତ୍ରକୁ ଚିହ୍ନିବା ଦ୍ୱାରାହିଁ ଗୋଷ୍ଠୀଗତ ଜୀବନରେ ଓ ବ୍ୟକ୍ତିଗତ ଜୀବନରେ ତା'ର ସମଗ୍ର ପ୍ରଭାବକୁ ହୃଦୟଙ୍ଗମ କରି ପାରିବା । ଆମକୁ ଯଦି ପ୍ରଶ୍ନ କରାଯାଏ : ''ହିନ୍ଦୁଧର୍ମର ଅର୍ଥ କ'ଣ, ତାହା କି ଶିକ୍ଷାଦିଏ, କ'ଣ ଅଭ୍ୟାସ କରାଏ, ତାହାର ସାଧାରଣ ନୀତି ବା ସହାୟକ ଉପାଦାନଗୁଡ଼ିକ କ'ଣ ?'' ତେବେ ଆମର ଉତ୍ତର ହେବ ଯେ ହିନ୍ଦୁଧର୍ମ ତିନୋଟି ମୁଖ୍ୟ ଭାବନା ଉପରେ ଆଧାରିତ, କିଂବା ତିନୋଟି ମୌଳିକ ସର୍ବୋଚ୍ଚ ବ୍ୟାପକତମ ଆଧ୍ୟାତ୍ମିକ

ଉପଲବ୍ଧି ଉପରେ ପର୍ଯ୍ୟବସିତ । **ପ୍ରଥମଟି** ହେଲା ''ଏକଂ ସତ୍ ବିପ୍ରାଃ ବହୁଧାଃ ବଦନ୍ତି'' । (ଏହା ଋଗ୍‌ବେଦର ବହୁଚର୍ଚ୍ଚିତ ଶ୍ଳୋକର ଦ୍ୱିତୀୟ ପଂକ୍ତିର ଅର୍ଦ୍ଧାଂଶ ମାତ୍ର । ପୂର୍ଣ୍ଣ ଶ୍ଳୋକଟି ହେଲା :

''ଇନ୍ଦ୍ରଂ ମିତ୍ରଂ ବରୁଣମଗ୍ନିମାହୁରଥୋ
ଦିବ୍ୟଃ ସ ସୁପର୍ଣ୍ଣୋ ଗରୁତ୍ମାନ୍ ।''
''ଏକଂ ସଦ୍ ବିପ୍ରାଃ ବହୁଧା ବଦନ୍ତ୍ୟଗ୍ନିଂ
ଯମଂ ମାତରିଶ୍ୱାନମାହୁଃ ॥''
(ଋଗ୍‌ବେଦ :୧:୧୬୪ : ୪୬)

ଶ୍ଳୋକଟିର ଆକ୍ଷରିକ ଅର୍ଥ ହେଲା – ''ସେ (ଈଶ୍ୱର) ଇନ୍ଦ୍ର, ବରୁଣ, ଅଗ୍ନି ରୂପରେ ପରିଚିତ ହୁଅନ୍ତି, ହଁ, ସେ ଦିବ୍ୟ ପକ୍ଷ ଯୁକ୍ତ ସ୍ୱର୍ଗର ଗରୁଡ଼ ମଧ୍ୟ । ଯିଏ 'ଏକ'– ମନୀଷୀଗଣ ତାଙ୍କୁ ବହୁନାମରେ ଡାକିଥା'ନ୍ତି – ଅଗ୍ନି, ଯମ ମାତରିଶ୍ୱା ।''

ପରମସତ୍ୟ ଏକ, 'ସତ୍ତା' ଏକ । କିନ୍ତୁ ସେ ବହୁ ନାମରେ ନାମିତ ହୋଇଥା'ନ୍ତି । ରାମକୃଷ୍ଣ ପରମହଂସ ଏହାକୁ ଅତି ସରଳ ଭାବରେ ବୁଝାଇଛନ୍ତି । ଆପଣା ଧର୍ମହିଁ ଏକମାତ୍ର ଅଭ୍ରାନ୍ତ ଧର୍ମ ବୋଲି ମନେ କରିବା ଠିକ୍ ନୁହେଁ । ଈଶ୍ୱର ଏକ, ଦୁଇ ନୁହଁନ୍ତି । ବିଭିନ୍ନ ଲୋକ ବିଭିନ୍ନ ନାମରେ ତାଙ୍କୁ ଡାକନ୍ତି । କିଏ କହେ ଆଲ୍ଲା, କିଏ କହେ ଯୀଶୁ, କିଏ କହେ ଈଶ୍ୱର, ଅନ୍ୟମାନେ କହିଥା'ନ୍ତି କୃଷ୍ଣ, ଶିବ, ବ୍ରହ୍ମା; ଏହା ପୁଷ୍କରିଣୀର ଜଳ ପରି । କେତେଜଣ ତାହା ପାନ କରି କହନ୍ତି, ଏ ହେଲା 'ଜଳ', ଆଉ କେତେଜଣ କହନ୍ତି 'ପାଣି', ଅନ୍ୟମାନେ କହନ୍ତି 'ଓ୍ୱାଟର' । ହିନ୍ଦୁ ଯାହାକୁ କହେ 'ଜଳ', ଖ୍ରୀଷ୍ଟିଆନ ତାହାକୁ କହେ ଓ୍ୱାଟର ଓ ମୁସଲମାନ କହେ 'ପାନି' । ବିଭିନ୍ନ ଧର୍ମ ହେଲା ବିଭିନ୍ନ ପଥ ଯାହା ପରମେଶ୍ୱରଙ୍କ ନିକଟକୁ ନେଇ ଯାଏ । ପରମେଶ୍ୱରଙ୍କୁ କେଉଁ ନାମ ଓ କେଉଁ ରୂପରେ ଉପାସନା କରୁ – ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଗୁରୁତ୍ୱପୂର୍ଣ୍ଣ ହେଲା – ଭାବ, ଭକ୍ତି ଓ ଆଧ୍ୟାତ୍ମିକ ଅନୁଭୂତି ।

ପରମହଂସଙ୍କ ଦ୍ୱାରା କଥିତ ନିମ୍ନୋକ୍ତ ଗଳ୍ପଟି ଉପରୋକ୍ତ ତତ୍ତ୍ୱଟିକୁ ବୁଝିବା ଲାଗି ସାହାଯ୍ୟ କରେ ।

ଏକଦା ଜଣେ କାଠୁରିଆ ଜଙ୍ଗଲରେ ନିମ୍ବ ଗଛରେ ଗୋଟିଏ ବିଚିତ୍ର ଛୋଟ ଜୀବଟିଏ ଦେଖିଲା । ଗାଁକୁ ଫେରିଲା ପରେ ତା'ର ବନ୍ଧୁମାନଙ୍କୁ କହିଲା 'ମୁଁ ଆଜି ଜଙ୍ଗଲରେ ଗୋଟିଏ ନାଲି ରଙ୍ଗର ଏଣ୍ଡୁଅ ଦେଖିଲି ।' ଜଣେ ବନ୍ଧୁ ସଙ୍ଗେ ସଙ୍ଗେ କହିଲା : 'ସେହି ଜଙ୍ଗଲରେ ନିମ୍ବ ଗଛରେ ମୁଁ ବି ଗୋଟିଏ ଏଣ୍ଡୁଅ ଦେଖିଲି କିନ୍ତୁ ତା'ର ବର୍ଣ୍ଣ ସବୁଜ ଥିଲା, ଠିକ୍ ଗଛର ପତ୍ର ପରି ।' ଆଉ ଜଣେ କହିଲା : 'ମୁଁ ମଧ୍ୟ ସେହି ଏଣ୍ଡୁଅଟିକୁ ଦେଖିଛି, କିନ୍ତୁ ତା'ର ବର୍ଣ୍ଣ ହଳଦିଆ ଥିଲା ।' କିଏ ଜଣେ କହିଲା ଏଣ୍ଡୁଅର ବର୍ଣ୍ଣ 'ଧଳା' ତ କିଏ କହିଲା 'ନୀଳ' । ସେମାନଙ୍କ ମଧ୍ୟରେ କଳିଗୋଳ ଆରମ୍ଭ ହୋଇଗଲା । ସେମାନେ ସ୍ଥିର କଲେ ଯେ ସେମାନେ ଜଙ୍ଗଲର ସେହି ନିମଗଛ ନିକଟକୁ ଯାଇ ସ୍ୱଚକ୍ଷୁରେ ଦେଖିବେ ଓ ଜାଣିବେ ଏଣ୍ଡୁଅର ବର୍ଣ୍ଣ ପ୍ରକୃତରେ କ'ଣ ? ସେମାନେ ବୃକ୍ଷ ନିକଟକୁ ଯାଇ ଦେଖିଲେ ଯେ ଜଣେ ସାଧୁ ଗଛମୂଳେ ଧ୍ୟାନମୁଦ୍ରାରେ ବସିଛନ୍ତି । ସମସ୍ତେ ସାଧୁଙ୍କୁ ସମ୍ମାନ ଜଣାଇ ପଚାରିଲେ : 'ଆପଣ ଏ ଗଛରେ ଆତଯାତ ହେଉଥିବା ଏଣ୍ଡୁଅଟିକୁ ଦେଖିଛନ୍ତି କି ? ଯଦି ଦେଖିଛନ୍ତି, ତେବେ ତା'ର ବର୍ଣ୍ଣ କ'ଣ ?' ସାଧୁ ସଙ୍ଗେ ସଙ୍ଗେ ଉତ୍ତର ଦେଇ ସମସ୍ୟାଟିର ସମାଧାନ କରିଦେଲେ । ସେ କହିଲେ : 'ମୁଁ ସେହି ଏଣ୍ଡୁଅଟିକୁ ଦିନପରେ ଦିନ ଦେଖି ଆସୁଛି । କେତେବେଳେ ତା'ର ବର୍ଣ୍ଣ ନାଲି ତ କେତେବେଳେ ସବୁଜ, କେତେବେଳେ ନୀଳ, କେତେବେଳେ ଧଳା ତ କେତେବେଳେ ପାଉଁଶିଆ ବା ବାଦାମୀ ରଙ୍ଗର ହୋଇଥାଏ ।' ବନ୍ଧୁମାନେ ପ୍ରକୃତ ସତ୍ୟଟିକୁ ଜାଣି ପାରିଲେ । ଠିକ୍ ସେହିପରି ଧର୍ମର ସ୍ୱରୂପ ଦେଶ, କାଳ, ପାତ୍ର ଅନୁଯାୟୀ ଭିନ୍ନ ଭିନ୍ନ ହୋଇଥାଏ । ତେଣୁ ପରମ ଦିବ୍ୟସତ୍ତା ପରମେଶ୍ୱର, ବ୍ରହ୍ମ, ଯୀଶୁ, ଆଲ୍ଲା ବହୁ ନାମରେ ପରିଚିତ ହୋଇଥା'ନ୍ତି । ଏ କ୍ଷେତ୍ରରେ ବାଦବିବାଦ ଅର୍ଥହୀନ, ଅଯୌକ୍ତିକ, ବୃଥା ଓ ନିଷ୍ଫଳ ।

ପ୍ରତ୍ୟେକ ବନ୍ଧୁଙ୍କ କଥାରେ ସତ୍ୟତା ରହିଛି । ସେମାନେ ଯାହା ଦେଖିଛନ୍ତି, ତାହାହିଁ ବ୍ୟକ୍ତ କରିଛନ୍ତି – ସେଥିରେ କିଛି ଭୁଲ୍, ଭ୍ରାନ୍ତି ନାହିଁ । ତେବେ ବୃକ୍ଷମୂଳେ ନିରନ୍ତର ଧ୍ୟାନରତ ସାଧୁହିଁ ସାମଗ୍ରିକ ସତ୍ୟର ସନ୍ଧାନ ପାଇଛନ୍ତି । ଠିକ୍ ସେହିପରି ପରମେଶ୍ୱରଙ୍କ ସହ ନିରନ୍ତର ସଂପୃକ୍ତ ହୋଇ ରହିଥିବା ଐକ୍ୟ ବା ତାଦାତ୍ମ୍ୟ ଲାଭ କରିଥିବା ବ୍ୟକ୍ତିହିଁ ପରମେଶ୍ୱରଙ୍କ ଯଥାର୍ଥ ସ୍ୱରୂପ ସମ୍ପର୍କରେ ଅବଗତ ହୋଇ ପାରନ୍ତି ।

ନଦୀ ଏକ, ନାମ ଅନେକ – ଯେପରି ପରମପାବନୀ ଗଙ୍ଗା କେଉଁଠି ଅଳକାନନ୍ଦା, ମନ୍ଦାକିନୀ, ଭାଗୀରଥି, ଜାହ୍ନବୀ ତ କେଉଁଠି ଶୁଭ୍ରା, କେଉଁଠି ବିଷ୍ଣୁପଦୀ ବା ସପ୍ତେଶ୍ୱରୀ ନାମରେ ପୂଜିତ ହୋଇଥା'ନ୍ତି । ଅସଂଖ୍ୟ ନାମରୂପ ସମ୍ୱଳିତ ଏହି ଅଭିବ୍ୟକ୍ତ ସୃଷ୍ଟିର ମୂଳଉତ୍ସ ଏକ । ଉପନିଷଦୀୟ ବାଣୀ ହେଲା : ''ଏକମେବାଦ୍ୱିତୀୟଂ ବ୍ରହ୍ମ'' । ଏହା ଛାନ୍ଦୋଗ୍ୟ ଉପନିଷଦ୍

(୬:୨:୧) ଓ ଶ୍ରୀଅରବିନ୍ଦୋପନିଷଦ୍‌ର ପ୍ରଥମ ଶ୍ଳୋକର ଏକ ବାକ୍ୟାଂଶ ଅଟେ । ମହାଯୋଗୀ ଶ୍ରୀଅରବିନ୍ଦ ୧୯୧୪ ମସିହାରେ ୧୯ଟି ଶ୍ଳୋକର ସମାହାରରେ ଏହି ଉପନିଷଦ୍‌ଟି ରଚନା କରିଥିଲେ । ତେବେ ୧୯୭୮ ମସିହାରେ ଶ୍ରୀଅରବିନ୍ଦଙ୍କ ସମ୍ପୂର୍ଣ୍ଣ ରଚନା ସଂଗ୍ରହ ପ୍ରକାଶିତ ହେଲାବେଳେ ଏହା ପ୍ରଥମେ ଲୋକଲୋଚନକୁ ଆସିଥିଲା । ୧୮ଟି ଶ୍ଳୋକ ସମ୍ବଳିତ ଈଶ ଉପନିଷଦ୍ ପରି ଏହା ଏକ କ୍ଷୁଦ୍ର ଉପନିଷଦ୍ ହେଲେ ବି ଏହାର ଭାବଧାରା ଭାଷାତୀତ, ଅନନ୍ୟ ଓ ଅତୁଳନୀୟ । ଏହି ଅମୂଲ୍ୟ ଅପୂର୍ବ ଉପନିଷଦ୍‌ର ପ୍ରଥମ ଶ୍ଳୋକଟି ହେଲା :

''ଓଁ ଏକମେବାଦ୍ୱିତୀୟଂ ବ୍ରହ୍ମ, [ତତ୍] ସତ୍-ଅସତ୍-ରୂପଂ
ସତ୍-ଅସତ୍-ଅତୀତମ୍ ।
[ତଦ୍ ବିହାୟ] ଅନ୍ୟତ୍ କିଞ୍ଚିତ୍ ନାସ୍ତି ।
ତ୍ରିକାଳ-ଧୃତଂ, ତ୍ରିକାଳ-ଅତୀତଂ
ବା ସର୍ବଂ ତୁ ଖଳୁ ଏକଂ ବ୍ରହ୍ମ ।
ଜଗତ୍ୟାଂ ଯତ୍ କିଞ୍ଚ ଅଣୁ ବା ମହତ୍ ବା, ଉଦାରଂ
ବା ଅନୁଦାରଂ ବା, ତତ୍ ବ୍ରହ୍ମ ଏବ, ବ୍ରହ୍ମ ଏବ ।
ଜଗତ୍ ଅପି ବ୍ରହ୍ମ, [ତତ୍] ସତ୍ୟଂ ନ ମିଥ୍ୟା ॥''

ଉପରୋକ୍ତ ଶ୍ଳୋକଟିରେ ସନାତନ ଧର୍ମର ମୁଖ୍ୟ ଓ ମୌଳିକ ତତ୍ତ୍ୱଟିକୁ ପ୍ରାଞ୍ଜଳ ରୂପେ ଉପସ୍ଥାପନ କରାଯାଇଛି । ତେଣୁ ଉଭୟ ଇଂରାଜୀ ଓ ଓଡ଼ିଆରେ କେବଳ ତାହାର ଭାବାନୁବାଦ ନିମ୍ନରେ ଉଲ୍ଲେଖ କରାଗଲା । ଭାଷ୍ୟ ବା ବ୍ୟାଖ୍ୟା ଲାଗି ଏକ ବୃହତ୍ ଗ୍ରନ୍ଥର ପରିକଳ୍ପନା କରାଯାଇପାରେ ।

"There is Brahman alone, the One without a second. Being and non-being are its forms and it is also beyond Being and Non-Being. There is nothing else except That. All that is contained in the three times and all that is beyond the three times is indeed that One Brahman alone. Whatever is in the universe, small or large, noble or mean, is Brahman alone, Brahman alone. The world is also Brahman. It is true, not false."

(https://upanishads.org.in/upanishads/10/1)

ଅର୍ଥାତ୍, ''କେବଳ ବ୍ରହ୍ମହିଁ ବିଦ୍ୟମାନ, ଏକ ଓ ଅଦ୍ୱିତୀୟ, ସତ୍ ଓ ଅସତ୍ ହେଉଛି ତାଙ୍କରି ସ୍ୱରୂପ ଓ ସେ ସତ୍ ଓ ଅସତ୍‌ର ପରପାରରେ ମଧ୍ୟ ବିଦ୍ୟମାନ । ତାଙ୍କରି ବିନା ଆଉ ଅନ୍ୟ କିଛି ନାହିଁ । ଯାହାକିଛି ତ୍ରିକାଳ ମଧ୍ୟରେ ରହିଛି ଓ ଯାହାକିଛି ତ୍ରିକାଳାତୀତ ସେ ସମସ୍ତ ହେଲେ ସେ – କେବଳ ଏକ ବ୍ରହ୍ମ । ବିଶ୍ୱରେ ଯାହାକିଛି ରହିଛି, କ୍ଷୁଦ୍ର ବା ବିଶାଳ, ମହତ୍ ବା ନ୍ୟୂନ ସେ ସମସ୍ତ କେବଳ ବ୍ରହ୍ମ, କେବଳ ବ୍ରହ୍ମ । ଜଗତ୍ ହେଲା ବ୍ରହ୍ମ । ଏହା ସତ୍ୟ, ଏହା ମିଥ୍ୟା ନୁହେଁ ।''

ସେ ହେଲେ ବୌଦ୍ଧମାନଙ୍କର ପରମ (Absolute) ବା ଆସ୍ତିକ(Atheist)ମାନଙ୍କର ପରମେଶ୍ୱର ବା ପୁରୁଷୋତ୍ତମ ବା ସଚ୍ଚିଦାନନ୍ଦ – ଯିଏ ଆତ୍ମାରେ ଓ ବିଶ୍ୱପ୍ରକୃତିରେ ତାଙ୍କରି ଶକ୍ତିକୁ ଧାରଣ କରି ରହିଛନ୍ତି – ଗୋଟିଏ ପଦରେ କହିବାକୁ ଗଲେ ସେ ହେଲେ ଅନନ୍ତ, ଶାଶ୍ୱତ ଓ ଅସୀମ । ଏହା ହେଲା ପ୍ରଥମ ସାଧାରଣ ଭିତ୍ତିଭୂମି – କିନ୍ତୁ ମାନୁଷୀ ମନୀଷା ବିଭିନ୍ନ ଧାରାରେ, ଅନ୍ତହୀନ ବିଭିନ୍ନ ସୂତ୍ରଗୁଡ଼ିକର ମାଧ୍ୟମରେ ଏହାକୁ ଅଭିବ୍ୟକ୍ତ କରିଛି । ଏହି ନିତ୍ୟ, ଅସୀମ ଶାଶ୍ୱତଙ୍କୁ ଆବିଷ୍କାର କରିବା, ତାଙ୍କ ପ୍ରତି ଅଗ୍ରସର ହେବା, ତାଙ୍କ ସହ ଐକ୍ୟ ବା ତାଦାତ୍ମ୍ୟ ଲାଭ କରିବା ହେଲା ସର୍ବୋଚ୍ଚ ଓ ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ଅନୁଭୂତି । ଭାରତର ଆଧ୍ୟାତ୍ମିକ ମାନସିକତାର ଏହା ହେଉଛି ସାର୍ବଜନୀନ ଓ ସର୍ବପ୍ରଥମ ମୂଳମନ୍ତ୍ର ।

ଏହି ମୂଳଭିତ୍ତିର ଯେକୌଣସି ସୂତ୍ରକୁ ସ୍ୱୀକାର କରି ଭାରତରେ ସ୍ୱୀକୃତ ଯେକୌଣସି ଗୋଟିଏ ପଥକୁ ଅନୁସରଣ କରି, ଏପରିକି ସଦ୍ୟ ଆବିଷ୍କୃତ ଯେକୌଣସି ନୂତନ ଉପପଥ ବା ଶାଖାପଥକୁ ଅନୁସରଣ କରି ଆମେ ଧର୍ମର ସାରତତ୍ତ୍ୱ ବା ମୂଳକେନ୍ଦ୍ର (Core)ରେ ପହଞ୍ଚି ପାରିବା । କାରଣ ତାହାର ଦ୍ୱିତୀୟ ମୌଳିକ ଭାବନା ହେଲା ଶାଶ୍ୱତ ଅସୀମଙ୍କ ନିକଟବର୍ତ୍ତୀ ହେବା ଲାଗି ରହିଛି ଅସଂଖ୍ୟ ମାର୍ଗ, ବହୁବିଧ ପଦ୍ଧତି, କାରଣ ପରମଙ୍କ ମଧ୍ୟରେ ଅସୀମତା ଭରି ରହିଛି । ଏବଂ ସେହି ଅସୀମତା ମଧ୍ୟରୁ ପ୍ରତ୍ୟେକଟି ହେଲା ଚିରନ୍ତନ ବା ଶାଶ୍ୱତ । ଏଠାରେ, ଏହି ବିଶ୍ୱରେ ଭଗବାନ୍ ବିଭିନ୍ନ ଧାରାରେ ଆପଣାକୁ ଅଭିବ୍ୟକ୍ତ କରି, ଉପଲବ୍ଧି କରିଥା'ନ୍ତି, ମାତ୍ର ପ୍ରତ୍ୟେକଟି ପଥ ହେଲା ଚିରନ୍ତନ ଶାଶ୍ୱତଙ୍କ ପଥ । କାରଣ ପ୍ରତ୍ୟେକ ସସୀମ ମଧ୍ୟରେ ଆମେ ଅସୀମଙ୍କୁ ଆବିଷ୍କାର କରିପାରିବା ଓ ପ୍ରତ୍ୟେକ ବସ୍ତୁକୁ ତାଙ୍କରି ରୂପ ଓ ପ୍ରତୀକ ରୂପେ ଗ୍ରହଣ କରିପାରିବା । ସମସ୍ତ ଜାଗତିକ ଶକ୍ତି ତାଙ୍କରିଠାରୁ ଉଦ୍ଭୂତ, ସେ ସବୁ ସେହି ଏକମେବାଦ୍ୱିତୀୟଙ୍କରହିଁ ଶକ୍ତି । ବିଶ୍ୱପ୍ରକୃତିର ପଶ୍ଚାତ୍‌ରେ କ୍ରିୟାଶୀଳ ଯାବତୀୟ ଦେବତାମାନଙ୍କୁ ସ୍ୱୀକାର କରାଯାଏ ଓ

ଏକମାତ୍ର ଈଶ୍ୱରତ୍ୱ ବା ଈଶ୍ୱରଙ୍କ ଶକ୍ତି, ନାମାବଳୀ ଓ ବ୍ୟକ୍ତିତ୍ୱ ରୂପେ ଆରାଧନା କରାଯାଏ । ଏକ ଅସୀମ ଚେତନ ଶକ୍ତି, କ୍ରିୟାଶୀଳଶକ୍ତି, ଦିବ୍ୟସଂକଳ୍ପ ବା ଦିବ୍ୟବିଧାନ, ମାୟା, ପ୍ରକୃତି, ଶକ୍ତି ବା କର୍ମ ସବୁ ଘଟଣାର ପଶ୍ଚାତ୍‌ରେ ରହିଛି – ସେସବୁ ଆମ ଲାଗି ଭଲ କିଂବା ମନ୍ଦ, ଗ୍ରହଣୀୟ କିଂବା ବର୍ଜନୀୟ, ଅନୁକୂଳ କିଂବା ପ୍ରତିକୂଳ ମନେ ହୋଇପାରେ । ସେହି 'ଅସୀମ' ଯେତେବେଳେ ସୃଷ୍ଟି କରନ୍ତି ସେତେବେଳେ ସେ ବ୍ରହ୍ମା, ଯେତେବେଳେ ପାଳନ କରନ୍ତି ସେତେବେଳେ ସେ ବିଷ୍ଣୁ ଓ ଯେତେବେଳେ ସଂହାର କରନ୍ତି ସେତେବେଳେ ସେ ରୁଦ୍ର । ସେହି ପରମାଶକ୍ତି ଅନୁକୂଳ ହେଲେ ପୋଷଣ କରନ୍ତି, ସୁରକ୍ଷା ପ୍ରଦାନ କରନ୍ତି କିଂବା ଜଗତର ମାତୃଶକ୍ତିରୂପେ ଆପଣାକୁ ଅଭିବ୍ୟକ୍ତ କରିଥା'ନ୍ତି । ମଙ୍ଗଳମୟୀ ସଂହାରକର ମୁଖା ପିନ୍ଧି ମଧ୍ୟ ସେ ହିତକାରିଣୀ ଚଣ୍ଡୀ ବା କାଳୀ ରୂପରେ ଆବିର୍ଭୂତା ହୋଇଥା'ନ୍ତି । ସେହି ଏକହିଁ ଐଶ୍ୱରିକ ଶକ୍ତି ବିଭିନ୍ନ ଦେବଦେବୀ ରୂପରେ, ବିଭିନ୍ନ ନାମରେ ଆପଣାକୁ ଅଭିବ୍ୟକ୍ତ କରିଥା'ନ୍ତି । ବୈଷ୍ଣବର ସେ ହେଲେ ଦିବ୍ୟପ୍ରେମର ଦେବତା, ଶାକ୍ତ ବା ଶକ୍ତି ପୂଜକର ସେ ହେଲେ ଦିବ୍ୟଶକ୍ତିର ଦେବତା । ଦୁଇଟି ଭିନ୍ନ ଈଶ୍ୱର ରୂପରେ ପ୍ରତିଭାତ ହୋଇଥା'ନ୍ତି, କିନ୍ତୁ ସେ ଦୁହେଁ ଅଭିନ୍ନ ରୂପରେ (କୃଷ୍ଣ ଓ କାଳୀ) ଏକହିଁ ଅସୀମ ଦିବ୍ୟସତ୍ତା । ଏହି ବିଭିନ୍ନ ନାମ ଓ ରୂପ ମାଧ୍ୟମରେ ଜଣେ ସେହି ପରମେଶ୍ୱରଙ୍କ ଅନ୍ୱେଷଣ କରିପାରେ, ସଜ୍ଞାନରେ ହେଉ କିଂବା ଅଜ୍ଞାନରେ ହେଉ, ସେମାନଙ୍କ ମାଧ୍ୟମରେ କିଂବା ସେମାନଙ୍କୁ ଅତିକ୍ରମ କରି ଶେଷରେ ସେହି ଚରମ ଅନୁଭୂତି ପ୍ରାପ୍ତ କରିପାରେ ।

ଦିବ୍ୟ ଉପଲବ୍ଧି ଲାଗି ପଥ ଅନେକ ଓ ସୂତ୍ର ଅନେକ ।

ହିନ୍ଦୁ ଧର୍ମର ଭିତ୍ତିଭୂମି ରୂପେ ପ୍ରବଳ ପରିଣତି ବହନ କରୁଥିବା **ତୃତୀୟ** ଭାବନାଟି ଆନ୍ତର ଆଧ୍ୟାତ୍ମିକ ଜୀବନ ଲାଗି ସର୍ବଶକ୍ତିଶାଳୀ ହୋଇ ରହିଛି । ଏକ ବିଶ୍ୱଜନୀନ ଚେତନା ମଧ୍ୟରେ ସେହି ପରମ ଦିବ୍ୟସତ୍ତା ବା ପରମୋଚ୍ଚ ପ୍ରଭୁଙ୍କ ନିକଟବର୍ତ୍ତୀ ହୋଇପାରିବା – ଯାବତୀୟ ଆନ୍ତର ଓ ବାହ୍ୟ ବିଶ୍ୱପ୍ରକୃତିକୁ ଭେଦ କରି ପ୍ରତିଟି ଆତ୍ମା ଦ୍ୱାରା ସେ ଉପଲବ୍ଧ ହୋଇପାରନ୍ତି । କାରଣ ଆତ୍ମା ସେହି ଦିବ୍ୟସତ୍ (Divine Existence) ସହ ନିବିଡ଼ଭାବେ ଜଡ଼ିତ; କିଂବା ଅତିକମ୍‌ରେ ଏପରି କିଛି ଆପଣା ମଧ୍ୟରେ ରହିଛି ଯାହା ସେହି ଦିବ୍ୟସତ୍‌ର ଏକ ଅଂଶରୂପେ ତତ୍‌ସହ ଓତପ୍ରୋତ ଭାବେ ସମ୍ପର୍କିତ । ହିନ୍ଦୁଧର୍ମର ମୁଖ୍ୟ ଉଦ୍ଦେଶ୍ୟ ହେଲା – ସେପରି ଜୀବନଯାପନ କରିବା, ସେପରି ଅଭିବୃଦ୍ଧି ଲାଭ କରିବା, ଯଦ୍ୱାରା ଆମେ ଅଜ୍ଞାନତାରୁ ମୁକ୍ତ ହୋଇ ପାରିବା । ଯାହା ଆମ ଆତ୍ମଜ୍ଞାନକୁ ଆବୃତ କରି ରଖିଛି, ଯେଉଁ ଆବରଣ ଆମ ଆତ୍ମ-ଜ୍ଞାନକୁ ଆମ ମନ ଓ ଜୀବନଠାରୁ ଦୂରେଇ ରଖିଛି, ଆମ ଦିବ୍ୟତ୍ୱ ଠାରୁ ଆମକୁ ଭିନ୍ନ କରି ରଖିଛି, ସେହି ଆବରଣଟିକୁ ଅପସାରିତ କରିନେବା, ସ୍ୱୟଂ ଦିବ୍ୟସତ୍ତାରେ ପରିଣତ ହେବା ।

ଏହି ତିନୋଟି ବିଷୟ ଏକତ୍ରିତ ସମଗ୍ର ହିନ୍ଦୁଧର୍ମର ତାତ୍ପର୍ଯ୍ୟ, ତାହାର ମୌଳିକ ତତ୍ତ୍ୱ ଓ ଯଦି କୌଣସି ମୂଳମନ୍ତ୍ର (credo)ର ଆବଶ୍ୟକତା ଥାଏ, ତେବେ ଏହା ହେଲା ତା'ର ମୂଳମନ୍ତ୍ର ।

(CWSA, Vol. 20, p. 193-195 ଦ୍ରଷ୍ଟବ୍ୟ)

## ମଣିଷର ଚାରୋଟି ଆବଶ୍ୟକତା : ଧର୍ମ, ଅର୍ଥ, କାମ, ମୋକ୍ଷ :

ପ୍ରାଚୀନ ଭାରତୀୟ ସଭ୍ୟତା ସ୍ପଷ୍ଟରୂପେ ଚାରିଟି ମାନବୀୟ ଆବଶ୍ୟକତା ଉପରେ ଆଧାରିତ । ପ୍ରଥମଟି ହେଲା କାମ ବା ଭୋଗ; ଦ୍ୱିତୀୟଟି ହେଲା ଜଡ଼ଗତ ଭୌତିକ ଆବଶ୍ୟକତା (ଅର୍ଥ); ତୃତୀୟଟି ହେଲା ନୈତିକ ଆଚରଣ ତଥା ସମାଜ ଓ ବ୍ୟକ୍ତି ପାଇଁ ଉଦ୍ଦିଷ୍ଟ ଯଥାର୍ଥ ବିଧି-ବିଧାନ ବା ନୀତି-ନିୟମ (ଧର୍ମ); ପରିଶେଷରେ ଆଧ୍ୟାତ୍ମିକ ମୁକ୍ତି (ମୋକ୍ଷ) – କାମ, ଅର୍ଥ, ଧର୍ମ, ମୋକ୍ଷ । ଜନସାଧାରଣଙ୍କ ଲାଗି ଏଗୁଡ଼ିକ ସମ୍ପର୍କରେ ଦିଗ୍‌ଦର୍ଶନ ଦେବା, ସନ୍ତୋଷ ବିଧାନ କରିବା, ସାହାଯ୍ୟ ଓ ସମର୍ଥନ ପ୍ରଦାନ କରିବା ହେଲା ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନଗୁଡ଼ିକର ଦାୟିତ୍ୱ ଓ କର୍ତ୍ତବ୍ୟ । ଏସବୁର ରୂପରେଖ ଓ ଉଦ୍ଦେଶ୍ୟ ମଧ୍ୟରେ ଏକ ସମଞ୍ଜସତା ବା ସମନ୍ୱୟ ପ୍ରତିଷ୍ଠା କରିବାରେ ସମାଜ ଓ ସଂସ୍କୃତିର ଭୂମିକା ରହିଛି । ଅତି ବିରଳ କେତୋଟି ଘଟଣା ବା ପରିସ୍ଥିତିକୁ ବାଦ୍ ଦେଲେ, ମୋକ୍ଷ ଲାଗି ପ୍ରୟାସ କରିବା ପୂର୍ବରୁ ପ୍ରାରମ୍ଭରୁ ଅନ୍ୟ ତିନୋଟି ନିତିଦିନିଆ ପାର୍ଥିବ ବିଷୟଗୁଡ଼ିକ ଉପରେ ପ୍ରାଥମିକତା ଆରୋପ କରାଯାଇ ଥାଏ, କାରଣ ପରିବାର ପ୍ରତି, ସମାଜ ପ୍ରତି ରହିଥିବା ଋଣ ବା କର୍ତ୍ତବ୍ୟକୁ ଅବହେଳା ବା ଅଣଦେଖା କରାଯାଇ ନପାରେ । ସଂସାର ତା'ର ପ୍ରାପ୍ୟ ପାଇବା ଆବଶ୍ୟକ, ଯଦିଓ ତା'ର ପରପାରିରେ ସ୍ୱର୍ଗ ଓ ପରମ ଶାନ୍ତିର ମହିମା ରହିଛି । ସଂସାରକୁ ଆସିବା ସଙ୍ଗେସଙ୍ଗେ ପର୍ବତ ଗୁହା

କିଂବା ପର୍ଣ୍ଣକୁଟୀରକୁ ଦ୍ରୁତବେଗରେ ଦୌଡ଼ି ଚାଲିଯିବା ଲାଗି ପ୍ରଚାର କରାଯାଇ ନାହିଁ ।

(CWSA, Vol. 20, p. 125 - 126 ଦ୍ରଷ୍ଟବ୍ୟ)

ଜଣେ ହିନ୍ଦୁ ଧର୍ମ, ଅର୍ଥ, କାମ ଓ ମୋକ୍ଷକୁ ଜୀବନର ଲକ୍ଷ୍ୟରୂପେ ଗ୍ରହଣ କରିଥାଏ, ମାତ୍ର ଅର୍ଥ ଓ କାମ ଅପେକ୍ଷା ଧର୍ମକୁହିଁ ଅଧିକ ଗୁରୁତ୍ୱ ଦେଇଥାଏ । ଧର୍ମକୁହିଁ ଅର୍ଥ ଓ କାମର ଆଧାର ରୂପେ ବିନିଯୋଗ କରାଯାଇଥାଏ । ସ୍ୱଧର୍ମ ଅନୁଯାୟୀ ନିଷ୍କାମ କର୍ମ ସମ୍ପାଦନ କରି ଅର୍ଥ ଉପାର୍ଜନ କରାଯାଏ । ଧର୍ମକୁ ଅନୁସରଣ କରି ଅର୍ଜନ କରାଯାଇଥିବା ଅର୍ଥକୁହିଁ ଜୀବନରେ କାମନା-ବାସନା ଓ ସୁଖ-ଭୋଗକୁ ଚରିତାର୍ଥ କରିବା ଲାଗି ବ୍ୟବହାର କରାଯାଇଥାଏ । ତେବେ ହିନ୍ଦୁ ପକ୍ଷେ ବ୍ରହ୍ମ ଉପଲବ୍ଧି କରି ମୋକ୍ଷ ପ୍ରାପ୍ତ କରିବା ଜୀବନର ଅନ୍ତିମ ଲକ୍ଷ୍ୟ ହୋଇ ରହିଥାଏ ।

**ସମାଜରେ ଚତୁର୍ବିଧ ଶୃଙ୍ଖଳା :**

ଅତୀତର ଚାତୁର୍ବର୍ଣ୍ଣ୍ୟକୁ ପରବର୍ତ୍ତୀ କାଳର ଅର୍ଥହୀନ ହାସ୍ୟ-ଉଦ୍ଦୀପକ-କବିତା (parody) ପରି ଖଣ୍ଡିତ ବିକୃତ ଜାତି ପ୍ରଥାରୂପେ ବିଚାର କରିବା କଦାପି ଉଚିତ ନୁହେଁ । ଏହା ସଠିକ ରୂପେ ଅନ୍ୟାନ୍ୟ ସଭ୍ୟତାରେ ଯେଉଁ ଶ୍ରେଣୀ ବିଭାଗ ରହିଛି – ଯଥା – ପୁରୋହିତ, ସମ୍ଭ୍ରାନ୍ତ ଶ୍ରେଣୀ, ବ୍ୟବସାୟୀ, ଚାକର ବା ଶ୍ରମିକଗଣ – ଏହା ତଦନୁରୂପ ନୁହଁ । ଏହା ବାହ୍ୟତଃ ସେହିପରି ଏକ ପ୍ରାରମ୍ଭ ବିନ୍ଦୁ ରୂପେ ଆରମ୍ଭ ହୋଇଥାଇ ପାରେ, ମାତ୍ର ସେଥିରେ ରହିଛି ଏକ ଭିନ୍ନ ପ୍ରକାର ପ୍ରକଟିତ ତାତ୍ପର୍ଯ୍ୟ । ପ୍ରାଚୀନ ଭାରତୀୟ ଧାରଣା ହେଲା – ମଣିଷମାନେ ସେମାନଙ୍କ ସ୍ୱଭାବ ଅନୁଯାୟୀ ମୁଖ୍ୟତଃ ଚାରୋଟି ଶ୍ରେଣୀରେ ବିଭକ୍ତ ହୋଇପାରନ୍ତି । ପ୍ରଥମ ଓ ଶ୍ରେଷ୍ଠ ବର୍ଗର, ଯେଉଁମାନେ ଶିକ୍ଷା, ଚିନ୍ତା-ଚେତନା, ଜ୍ଞାନ-ଗରିମା ଦୃଷ୍ଟିରୁ ଉଚ୍ଚସ୍ତରର ମଣିଷ; ପର ଶ୍ରେଣୀରେ ଆସନ୍ତି ବୀର, ବଳବାନ୍, କର୍ମନିଷ୍ଠ, ଶାସକ, ଯୋଦ୍ଧା, ନେତା, ପ୍ରଶାସକ; ତୃତୀୟ ସ୍ତରରେ ଥା'ନ୍ତି ଅର୍ଥନୀତି ସମ୍ପର୍କିତ ବ୍ୟବସାୟୀ, କାରିଗର, କୃଷକ, ଉତ୍ପାଦନ ଓ ଉପାର୍ଜନକ୍ଷମ ମଣିଷ । ଏମାନେ ହେଲେ ଦ୍ୱିଜ – ଯେଉଁମାନେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟରୂପେ ଦୀକ୍ଷା ନେଇଥା'ନ୍ତି । ସର୍ବଶେଷ ସ୍ତରରେ ଆସନ୍ତି ଅଶିକ୍ଷିତ ମଣିଷ, ଯେଉଁମାନେ ପୂର୍ବୋକ୍ତ ଉଚ୍ଚସ୍ତର ଗୁଡ଼ିକ ଲାଗି ଅନୁପଯୁକ୍ତ, ଯେଉଁମାନେ ଶୌର୍ଯ୍ୟବିହୀନ, ନିର୍ବୁଦ୍ଧିଆ, ସୃଜନ ଅକ୍ଷମ, ଯେଉଁ ମଣିଷ କେବଳ ଅନିପୁଣ ଶ୍ରମିକ କିଂବା ନ୍ୟୂନ କର୍ମ କରିବା ଲାଗି ଉପଯୁକ୍ତ – ଶୂଦ୍ର । ସମାଜରେ ଅର୍ଥନୈତିକ ଶୃଙ୍ଖଳା ନିମିତ୍ତ ଏହିପରି ବିଭାଗୀକରଣ ବା ଶ୍ରେଣୀବିଭାଗ କରାଯାଇଥିଲା । ବ୍ରାହ୍ମଣ ଶ୍ରେଣୀରୁ ସମାଜକୁ ପୁରୋହିତ, ମନୀଷୀ, ପଣ୍ଡିତ, ନୀତିନିୟମ ଓ ଆଇନ ପ୍ରଣେତା, ବିଦ୍ୱାନ୍, ଧର୍ମପରାୟଣ ନେତୃବୃନ୍ଦ ଓ ମାର୍ଗଦର୍ଶକଗଣଙ୍କର ଅବଦାନ ରହିଥିଲା । କ୍ଷତ୍ରିୟମାନେ ସମାଜକୁ ଦାନ କଲେ ରାଜା, ମହାରାଜା, ବୀରଯୋଦ୍ଧା, ଶାସକ, ପ୍ରଶାସକଗଣଙ୍କୁ । ବୈଶ୍ୟ ସଂପ୍ରଦାୟ ଯୋଗାଇଥିଲେ ନିର୍ମାତା, କୃଷକ, ଶିଳ୍ପୀ, କାରିଗର, ବଣିକ ଓ ବ୍ୟବସାୟୀଗଣଙ୍କୁ । ଶୂଦ୍ର ଗଣ ନ୍ୟୂନକର୍ମୀ (menials) ସେବକ, ଭୃତ୍ୟମାନଙ୍କର ଆବଶ୍ୟକତା ପୂରଣ କରିଥିଲେ । ଯେତେଦିନଯାଏ ଏହି ପଦ୍ଧତି ଚାଲିଥିଲା, ସେଥିରେ କୌଣସି ଅସ୍ୱାଭାବିକତା ନଥିଲା । ଏହି ପଦ୍ଧତିର ଅସାଧାରଣ ସ୍ଥାୟିତ୍ୱ ଓ ବୋଧହୁଏ ଧର୍ମ, ଉଚ୍ଚଚିନ୍ତା ଓ ପାଣ୍ଡିତ୍ୟ ବା ବିଦ୍ୱତ୍ତା ପ୍ରତି ଅତିଶୟ ଉଚ୍ଚତମ ପ୍ରାଧାନ୍ୟ ବ୍ୟତୀତ ଅନ୍ୟକୌଣସି ବୈଚିତ୍ର୍ୟ ନଥିଲା । ଏସବୁର କେବଳ ଶକ୍ତିଶାଳୀ ଆଧିପତ୍ୟ ନଥିଲା ।– ଅବଶ୍ୟ ଅନ୍ୟ ଗୋଟିଏ କିଂବା ଦୁଇଟି ସଭ୍ୟତାରେ ସମାନ୍ତରାଳରେ ସମକାଳୀନ ଏହି ବ୍ୟବସ୍ଥା ରହିଥିଲା ।

(The Renaissance in India and other Essays on Indian Culture p. 170 - 171 ଦ୍ରଷ୍ଟବ୍ୟ)

ଏହା ଅତ୍ୟନ୍ତ ଧ୍ୟାନ ଆକର୍ଷଣକାରୀ ଓ ପ୍ରଭାବଶାଳୀ ବ୍ୟବସ୍ଥାରୂପେ ରହିଥିଲା । ଭାରତୀୟ ଚିନ୍ତାଚେତନା ବା ଶୁଦ୍ଧ ଭାବନାରେ ଜଣେ ମଣିଷର ସାମାଜିକ ସ୍ଥିତି ତାହାର ଜନ୍ମ କିଂବା କୁଳ ଦ୍ୱାରା ନିର୍ଦ୍ଧାରିତ ନହୋଇ ତା'ର ସାମର୍ଥ୍ୟସମୂହ ଓ ଆନ୍ତର ସ୍ୱଭାବ ଦ୍ୱାରା ନିର୍ଦ୍ଧାରିତ ହେଉଥିଲା । ଏହି ନିୟମକୁ ଯଦି କଠୋର ରୂପେ ପାଳନ କରାଯାଇଥା'ନ୍ତା ତେବେ ତାହା ଏକ ବୈଶିଷ୍ଟ୍ୟ ଓ ଅନନ୍ୟ ଅଦ୍ୱିତୀୟ ଶ୍ରେଷ୍ଠତ୍ୱର ଅତି ସ୍ପଷ୍ଟ ନିଶାଣ ରୂପେ ରହିଥା'ନ୍ତା । ମାତ୍ର ଏକ ସର୍ବୋତ୍ତମ ସମାଜ ମଧ୍ୟ ସର୍ବଦା ଗୋଟିଏ କଳ-ସଦୃଶ ତା'ର ଭୌତିକ ଆବଶ୍ୟକତା ଓ ମାନଦଣ୍ଡ (standard) ଚତୁଃପାର୍ଶ୍ୱରେ ଘୂରି ବୁଲୁଥାଏ । ଏହି ସୂକ୍ଷ୍ମ ମନସ୍ତାତ୍ତ୍ୱିକ ଭିତ୍ତି ଉପରେ କାର୍ଯ୍ୟ କରିବା ଲାଗି ସେ ଯୁଗରେ ଏକ କଷ୍ଟସାଧ୍ୟ ପ୍ରୟାସ ନିଷ୍ଫଳ ହୋଇଥା'ନ୍ତା । ବାସ୍ତବ କ୍ଷେତ୍ରରେ ଆମେ ଲକ୍ଷ୍ୟକରୁ ଯେ ଜନ୍ମହିଁ ବର୍ଣ୍ଣ ବା ଜାତିର ନିର୍ଦ୍ଧାରକ ହୋଇ ରହିଛି । ଆମେ ଅନ୍ୟ କ୍ଷେତ୍ରରେହିଁ ଶକ୍ତିଶାଳୀ ଓ ବିଭେଦକାରୀ ସଙ୍କେତଗୁଡ଼ିକୁ ଅନ୍ୱେଷଣ କରିବାକୁ ହେବ

ଯାହା ଆମ ସମାଜକୁ ଅନନ୍ୟ ଅଦ୍ୱିତୀୟ ବୋଲି ପ୍ରତିପାଦନ କରିପାରେ ।

(The Renaissance in India and other Essays on Indian Culture p. 170 - 171 ଦ୍ରଷ୍ଟବ୍ୟ)

ଏ ସଂକ୍ରାନ୍ତରେ ମହାଯୋଗୀ ଶ୍ରୀଅରବିନ୍ଦ ତାଙ୍କର ବିଚାର ଓ ସୂତ୍ରାବଳୀରେ କହନ୍ତି :

"The old Indian social ideal demanded of the priest voluntary simplicity of life, purity, learning and the gratuitous instruction of the community, of the prince, war, government, protection of the weak and the giving up of his life in the battle-field, of the merchant, trade, gain and the return of his gains to the community by free giving, of the serf, labour for the rest and material havings. In atonement for his serfhood, it spared him the tax of self-denial, the tax of blood and the tax of his riches." (CWM, Vol. 10, p. 266 - 267)

ଏହାର ଓଡ଼ିଆ ଭାବାନୁବାଦ ହେଲା – ''ପ୍ରାଚୀନ ଭାରତର ସାମାଜିକ ଆଦର୍ଶ ବ୍ରାହ୍ମଣଠାରୁ ଏକ ସ୍ୱେଚ୍ଛାକୃତ ସରଳଜୀବନ, ଶୁଦ୍ଧତା, ବିଦ୍ୟାର୍ଜନ ଏବଂ ସମାଜ ପାଇଁ ନିଃଶୁଳ୍କ ଶିକ୍ଷାଦାନର ଦାବି କରୁଥିଲା, ରାଜ୍ୟ ଶାସକଠାରୁ ଯୁଦ୍ଧ, ଶାସନ, ଦୁର୍ବଳର ସୁରକ୍ଷା ଏବଂ ସମର କ୍ଷେତ୍ରରେ ପ୍ରାଣବଳି ଦେବାର ପ୍ରତ୍ୟାଶା ରଖୁଥିଲା; ବୈଶ୍ୟଠାରୁ ବାଣିଜ୍ୟ, ଲାଭ ଏବଂ ଦାନ ଦ୍ୱାରା ସେହି ଲାଭକୁ ସମାଜକୁ ପ୍ରତ୍ୟର୍ପଣ କରିବାର ଆଶା ରଖୁଥିଲା । ଶୂଦ୍ରଠାରୁ ଅନ୍ୟମାନଙ୍କ ଲାଗି ଶ୍ରମ କରିବା ଓ ଭୌତିକ ସମ୍ପନ୍ନତାର ବୃଦ୍ଧି କରାଇବା ବିଷୟରେ ପ୍ରତ୍ୟାଶା ରଖୁଥିଲା । ଆପଣା ଦାସତ୍ୱର କ୍ଷତିପୂରଣ ସ୍ୱରୂପ ଆତ୍ମ-ଅପରିଗ୍ରହ, ରକ୍ତଦାନ ଏବଂ ତା' ନିଜ ଧନଦାନ ରୂପକ ଦାୟିତ୍ୱରୁ ତାକୁ ମୁକ୍ତ କରାଯାଇଥିଲା ।''

(ମାତୃରଚନାବଳୀ-୧୦, ପୃ. ୩୮୪)

(କ୍ରମଶଃ) ❑

## ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ହୋଲି ଶିବିର, ସୁବର୍ଣ୍ଣ ଜୟନ୍ତୀ – ୨୦୨୩

ଶ୍ରୀ ପ୍ରଫୁଲ୍ଲ କୁମାର ପଣ୍ଡା, ସଂପାଦକ, ଉଦୀୟମାନ ମାତୃକ୍ଷେତ୍ର, ଦେଦର ନୂଆପାଲି, ପୋ. ଜୟନ୍ତପୁର, ଜି. ସମ୍ବଲପୁର, ପିନ୍ - ୭୬୮ ୧୧୨, ମୋବାଇଲ୍ : ୯୪୩୭୨୬୩୮୦୭ ଜଣାଇଛନ୍ତି ଯେ ସମ୍ବଲପୁର ସହରରୁ ୧୩ କି. ମି. ଦୂରରେ ଦେବଗଡ଼ ରାସ୍ତାରେ କେନ୍ଦୁଘାଟି ଛକଠାରୁ ୨.୫ କି.ମି. ଦୂରତାରେ ଅବସ୍ଥିତ ଉଦୀୟମାନ ମାତୃକ୍ଷେତ୍ର, ଦେଦର ନୂଆପାଲିଠାରେ ସବୁ ବର୍ଷ ପରି ଏବର୍ଷ (୨୦୨୩ରେ) ମଧ୍ୟ ଆସନ୍ତା **ମାର୍ଚ୍ଚ ୫, ୬, ୭ ଓ ୮** ଏହି ଚାରି ଦିନ ଧରି ୫୦ତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ହୋଲି ଶିବିରର ସୁବର୍ଣ୍ଣ ଜୟନ୍ତୀ ଅନୁଷ୍ଠିତ ହେବ । ଏହି ଶିବିରରେ ସର୍ବଶ୍ରୀ ଆଲୋକ ପାଣ୍ଡେ, ଅଧ୍ୟାପକ ବିଶ୍ୱନାଥ ରାୟ, ପ୍ରସାଦ ତ୍ରିପାଠୀ, ଡା. ବିରଞ୍ଚି ନାରାୟଣ ମହାପାତ୍ର, ଭାଗୀରଥି ମହାପାତ୍ର, ସରୋଜ କାନ୍ତ ମିଶ୍ର ତଥା ଓଡ଼ିଶାର ଅନ୍ୟାନ୍ୟ ବିଶିଷ୍ଟ ମାତୃପ୍ରେମୀ ବକ୍ତାମାନେ ଉଦ୍‌ବୋଧନ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏଥିରେ ଯୋଗଦାନକାରୀଙ୍କ ଲାଗି ସହଯୋଗ ରାଶି ୩୦.୦୦ ଟଙ୍କା ରଖାଯାଇଛି । ସବିଶେଷ ବିବରଣୀ ପାଇଁ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବା ଲାଗି ଅନୁରୋଧ । ପରିସ୍ଥିତିକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ Offline / Onlineରେ ଅନୁଷ୍ଠିତ ହେବ ।

ଉଦୀୟମାନ ମାତୃକ୍ଷେତ୍ରର ମୋବାଇଲ ନମ୍ବର : **୮୨୮୦୧୬୦୪୩୫**

ଇତିହାସର କେତୋଟି ମୁହୂର୍ତ୍ତ :

# 'ତୁମ ଆବଶ୍ୟକତା ମୋ ତୁଳନାରେ ଅଧିକ !'

## ମନୋଜ ଦାସ

ଷୋଡ଼ଶ ଶତାବ୍ଦୀର ଇଂଲଣ୍ଡ । ସାମନ୍ତକୁଳ ଭିତରେ ଜାଜ୍ୱଲ୍ୟମାନ ଏକ ଚରିତ୍ର ସାର୍ ଫିଲିପ୍ ସିଡ୍‌ନି ।

ସାମନ୍ତବାଦର ସେ ସୁବର୍ଣ୍ଣଯୁଗରେ ସମ୍ଭ୍ରାନ୍ତ ବଂଶୋଦ୍ଭବ ଯୁବକମାନେ ଭୋଗବିଳାସରେ କାଳାତିପାତ କରିବାହିଁ ସେମାନଙ୍କ ଆଭିଜାତ୍ୟର ପ୍ରମାଣ ବୋଲି ଧରି ନେଇଥିଲେ । କିନ୍ତୁ ଫିଲିପ୍ ସିଡ୍‌ନିଙ୍କ ପ୍ରକୃତି ଥିଲା ଭିନ୍ନ । ସେ ଥିଲେ ଜଣେ ଭାବୁକ ତଥା କବି । ସେ ଯୁଗର ବରେଣ୍ୟ କବି ସ୍ପେନ୍‌ସର୍ ଥିଲେ ତାଙ୍କ ବନ୍ଧୁ । ଫିଲିପ୍ ସିଡ୍‌ନିଙ୍କ ପ୍ରେମପ୍ରଧାନ ଉପନ୍ୟାସ ଆର୍କାଡ଼ିଆ (Arcadia) ଅଦ୍ୟାବଧି ଇଂରାଜୀ ସାହିତ୍ୟର ଏକ ସମୁଜ୍ଜ୍ୱଳ କୃତି ରୂପେ ପରିଗଣିତ । ଉପନ୍ୟାସଟି ଭିତରେ ମଝେ ମଝେ ପଢ଼ିବାକୁ ମିଳେ ହୃଦୟଗ୍ରାହୀ କେତୋଟି କବିତା । (ଆର୍କାଡ଼ିଆ ଏକ ପାର୍ବତ୍ୟ ମୁଲକ । ତହିଁ ଥାଏ ଚିର ବସନ୍ତ । ଚତୁର୍ଦ୍ଦିଗରେ ଅଜସ୍ର ପୁଷ୍ପରାଜି ।)

ଥରେ ଇଂଲଣ୍ଡ ସହ ଏକ ସ୍ପେନୀୟ ସୈନ୍ୟବାହିନୀର ଯୁଦ୍ଧ ଲାଗିଗଲା । ଇଂଲଣ୍ଡର ହୋଇ ଯେଉଁମାନେ ଲଢ଼ୁଥିଲେ, ସେମାନେ ବାସ୍ତବରେ ସ୍ପେନ୍ କବଳରୁ ଏକ ଅବରୁଦ୍ଧ ମୁଲକକୁ ମୁକ୍ତ କରିବାର ଆଦର୍ଶରେ ଅନୁପ୍ରାଣିତ ହୋଇଥା'ନ୍ତି । ସେହି ମୁକ୍ତି ବାହିନୀର ଅନ୍ତର୍ଭୁକ୍ତ ଏକ ସୈନ୍ୟଦଳର ନେତୃତ୍ୱ ନେଇଥିଲେ ସାର୍ ଫିଲିପ୍ ସିଡ୍‌ନି । ସାରାଦିନ ସେ ଥିଲେ ଯୁଦ୍ଧକ୍ଷେତ୍ରରେ । ଅସାଧାରଣ କୌଶଳରେ ସେ ତାଙ୍କ ସୈନ୍ୟଦଳକୁ ପରିଚାଳିତ କରି ଶତ୍ରୁପକ୍ଷକୁ ଛିନ୍ନଛତ୍ର କରି ଦେଉଥିଲେ । ଶେଷ ଅପରାହ୍ଣରେ କିନ୍ତୁ ଶତ୍ରୁପକ୍ଷରୁ ଏକ ବର୍ଚ୍ଛା ତାଙ୍କ ଜାନୁକୁ ବିଦ୍ଧ କଲା । ସେ ଘୋଡ଼ା ଉପରୁ ତଳେ ପଡ଼ିଗଲେ ।

ଆଘାତ ଅବଶ୍ୟ ଗୁରୁତର, କିନ୍ତୁ ତା'ର ପ୍ରତିକ୍ରିୟାରୁ ସେ ଯଥା ସମୟରେ ଚିକିତ୍ସା ଓ ବିଶ୍ରାମ ମାଧ୍ୟମରେ ଉତ୍ତୀର୍ଣ୍ଣ ହୋଇ ପାରିଥା'ନ୍ତେ । ସେହି ମୁହୂର୍ତ୍ତରେ ଯାହା ଥିଲା ତାଙ୍କର ଆବଶ୍ୟକ, ତାହା ମୁନ୍ଦିଏ ପାଣି । ସାରାଦିନ ସେ ଦାନାଏ ଖାଦ୍ୟ ଖାଇ ନଥିଲେ କି ବିନ୍ଦୁଏ ପାଣି ମଧ୍ୟ ପିଇ ନଥିଲେ ।

ତାଙ୍କର ଜଣେ ପରିଚାରକ ଦୌଡ଼ି ଆସନ୍ତେ ସେ ତାକୁ ପିଇବା ପାଣି ଆଣିବାକୁ ନିର୍ଦ୍ଦେଶ ଦେଲେ । ପରିଚାରକ ବହୁ କଷ୍ଟ କରି କିଛି ସମୟ ଭିତରେ ଗୋଟିଏ ପାତ୍ରରେ ସାମାନ୍ୟ ପାଣି ଆଣି ତାଙ୍କୁ ପିଆଇବାକୁ ଯାଉଛି, ତାଙ୍କର ଆଖି ପଡ଼ିଗଲା ଅଦୂରରେ ଛଟପଟ ହେଉଥିବା ଜଣେ ସୈନିକ ଉପରେ । ସେ ସୈନିକ ମଧ୍ୟ ଭୀଷଣ ତୃଷ୍ଣାତୁର ବୋଲି ବୁଝି ହେଉଥିଲା । ସାର୍ ଫିଲିପ୍‌ଙ୍କ ପରିଚାରକ ଆଣିଥିବା ପାଣି ଉପରେ ତା'ର ଦୁର୍ବଳ ଦୃଷ୍ଟି ଥାଏ ନିବଦ୍ଧ ।

ସାର୍ ଫିଲିପ୍ ତାଙ୍କ ପରିଚାରକଙ୍କୁ କହିଲେ, ''ମୋର ପାଣି ଲୋଡ଼ା ନାହିଁ । ଏତିକି ସେ ସୈନିକକୁ ପିଆଇ ଦିଅ ।'' ପରିଚାରକ ଦ୍ୱିଧାବୋଧ କରନ୍ତେ ସାର୍ ଫିଲିପ୍ ତାଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଆଦେଶ ଦେଲେ । ସେନାପତିଙ୍କ ଆଦେଶ ଶିରୋଧାର୍ଯ୍ୟ ।

କିନ୍ତୁ ସେ ଆହତ ସୈନିକ ନିଜେ ଆପତ୍ତି କଲା । କହିଲା, ''ସାର୍ ! ମୋତେ କ୍ଷମା କରନ୍ତୁ । ସେ ପାଣି ଆପଣହିଁ ପିଅନ୍ତୁ ।''

''ନା, ତୁମ ଆବଶ୍ୟକତା ମୋ ତୁଳନାରେ ଅଧିକ !'' (Thy need is greater than mine !)

ତାହାହିଁ ଥିଲା ସେ ମହାନୁଭବଙ୍କର ଶେଷ ଉଚ୍ଚାରଣ । ମାତ୍ର ଏକତିରିଶ ବର୍ଷ ବୟସରେ, ୧୫୮୬ ସେପ୍‌ଟେମ୍ବର ୨୨ ତାରିଖ ଦିନ ଯୁଦ୍ଧକ୍ଷେତ୍ରରେ ପ୍ରାଣତ୍ୟାଗ କଲେ ସାର୍ ଫିଲିପ୍ ସିଡ୍‌ନି ।

('ମନୋଜ ଦାସ ପରିବେଷିତ ଅର୍ଦ୍ଧଶତ କିଶୋର କାହାଣୀ'ରୁ ସଂଗୃହୀତ, ପୃ. ୧୫୮-୧୫୯)

❑❑❑

সৌন্দর্য্যর তপস্যা :

# ଏକଲବ୍ୟର ସାଧନା

## (୬)

[''ମନର ସାର୍ବଭୌମ କ୍ଷମତା ମାନବଜାତିକୁ ଚିକିତ୍ସକମାନଙ୍କର ତଥା ସେମାନଙ୍କ ଚିକିତ୍ସାର ପ୍ରତିବିଧାନସବୁର ଗୋଲାମ କରି ଦେଇଛି । ଏବଂ ପରିଣାମସ୍ୱରୂପ ରୋଗବ୍ୟାଧିସବୁ ସଂଖ୍ୟାରେ ଓ ଭୟାବହ ଆକାରରେ ଅଧିକରୁ ଅଧିକ ବୃଦ୍ଧି ପାଇବାରେ ଲାଗିଛି ।

''ମାନବଜାତି ସକାଶେ ଏକମାତ୍ର ଯଥାର୍ଥ ପରିତ୍ରାଣର ପନ୍ଥା ହେଉଛି ପରମ ଦିବ୍ୟ ପରିଚାଳନାର ପ୍ରଭାବ ନିକଟରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ ପୂର୍ବକ ଏଥି ପ୍ରତି ଉନ୍ମୁକ୍ତ ରହି ମାନସିକ ଆଧିପତ୍ୟରୁ ନିଜକୁ ମୁକ୍ତ କରି ଆଣିବା ।''

(MCW, Vol. 10, p. 327) — ଶ୍ରୀମା]

### ରୋଗବ୍ୟାଧିର ପ୍ରତିରୋଧ ଓ ପ୍ରତିକାର (ଖ) :

କେତେକ ଶାରୀରିକ ପ୍ରତିକ୍ରିୟା ରହିଛି, ଯାହାକି ଯୋଗ ଶକ୍ତିର ଚାପ ଫଳରେହିଁ ଦେଖା ଦେଇଥାଏ ଏବଂ କେବେ କେବେ ଆମମାନଙ୍କ ମଧ୍ୟରେ ଏକ ଭିତ୍ତିହୀନ ଭୟ ସୃଷ୍ଟି କରିଥାଏ । ଏହା ଆମର ବେଶ୍ କ୍ଷତି ଘଟାଇପାରେ ଯଦି ଆମେ ସେହି ଭୟଟିକୁ ପ୍ରଥମରୁହିଁ ପ୍ରତ୍ୟାଖ୍ୟାନ କରିବାକୁ ଦୃଢ଼ ସଂକଳ୍ପ-ବଦ୍ଧ ନହେଉ । ଉଦାହରଣ ସ୍ୱରୂପ, ଆମମାନଙ୍କର ସାଧନାର ପ୍ରାରମ୍ଭିକ ସ୍ଥିତିରେ ଆମ ଭିତରୁ ଅନେକଙ୍କର ମସ୍ତିଷ୍କରେ ଏକ ପ୍ରକାର ଚାପ ଅନୁଭୂତ ହୋଇଥାଏ । ଏପରି ଘଟିଥାଏ ଯେତେବେଳେ ଉର୍ଦ୍ଧ୍ୱରୁ ଅବତରି ଆସୁଥିବା ଦିବ୍ୟ ସାହାଯ୍ୟ ପ୍ରତି ମନଃସ୍ତରଟି ତଥାପି ଉନ୍ମୁକ୍ତ ନଥାଏ । ତେଣୁ ସ୍ୱଭାବତଃ ଏକ ବାଧା ବା ପ୍ରତିରୋଧ ଉପୁଜିଥାଏ । ଆମେ ଯଦି ସଚେତନ ଥାଉ ଯେ ଏହି ପ୍ରକାର ଅସୁବିଧାଟି ଯୋଗଶକ୍ତିର ଚାପରୁ ଉପୁଜିଛି, ଯେଉଁ ଶକ୍ତି ପ୍ରତି ଆମେ ଉନ୍ମୁକ୍ତ ରହିବାକୁ ସତତ ପ୍ରୟାସ ଚଳାଇଛୁ ତେବେ ସେହି ଦିବ୍ୟଶକ୍ତି ଆମର ଶରୀରଟି ଉପରେ ଅଧିକ ଶକ୍ତିଶାଳୀ ଭାବରେ ଅବାଧରେ କ୍ରିୟା କରିବାକୁ ଆରମ୍ଭ କରେ ଏବଂ ରୂପାନ୍ତର କ୍ରିୟାକୁ ତ୍ୱରାନ୍ୱିତ କରି ଦେଇଥାଏ । ସ୍ଥିର ଚିତ୍ତରେ ଏହି ଅସୁବିଧାର ସମୟଟିକୁ ଅତିକ୍ରମ କରିଗଲେ ଏହା ଆମକୁ ଆମର ଦୈହିକ ଓ ମାନସିକ କ୍ଷେତ୍ରରେ ଏକ ଆନନ୍ଦଘନ ଅନୁଭୂତି ଆଣି ଦେଇଥାଏ ।

କିନ୍ତୁ ଆମେ ଯଦି ଏହି ସମୟ-କାଳଟି ଭିତରେ ଭୟଭୀତ ହୋଇଉଠୁ, ତା'ହେଲେ ନିଶ୍ଚିତ ରୂପେ ଆମେ ଏକ ଅତ୍ୟନ୍ତ ଅପ୍ରୀତିକର ମୁଣ୍ଡବ୍ୟଥା ଭୋଗିଥାଉ, ଏପରିକି ଆମେ ଜ୍ୱରାକ୍ରାନ୍ତ ହୋଇଉଠୁ । ଏହା ହେଉଛି ଆମ ସ୍ୱଭାବରେ ଏକ ପ୍ରତିରୋଧ ଯୋଗୁଁ ଶରୀରଟିରେ ଉପୁଜିଥିବା ଅପ୍ରୀତିକର ପରିଣାମ । ଯଦି ଆମେ ସଚେତନ ରହି ଶ୍ରୀମା'ଙ୍କ ଶକ୍ତି ପ୍ରତି ସାଧମତେ ଉନ୍ମୁକ୍ତ ରହିଥାଉ, ତେବେ ପର ମୁହୂର୍ତ୍ତରେ ଆମେ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରୁ, ନଚେତ୍ ଭୟଭୀତ ହୋଇ ପଡ଼ିଲେ ଅପ୍ରୀତିକର ସ୍ଥିତିଟି ଅଧିକ ଭୟାନକ ହୋଇ ଉଠିଥାଏ ।

(MCW, Vol. 3, p. 91 ଦ୍ରଷ୍ଟବ୍ୟ)

ଆଶ୍ରମରେ ଘଟିଥିବା ଗୋଟିଏ ଘଟଣା ବର୍ଣ୍ଣନା କରୁଛୁ । ସାଧକ ଜଣଙ୍କ ସମଗ୍ର ଶରୀରରେ ଭୟଙ୍କର ଭାବରେ ତୀବ୍ର ଯନ୍ତ୍ରଣା ଭୋଗୁଥା'ନ୍ତି । ବେଶ୍ କିଛି ମାସ ଧରି ବିଭିନ୍ନ ଧରଣର ଚିକିତ୍ସା କରି ମଧ୍ୟ କିଛି ସୁଫଳ ନ ମିଳିବାରୁ ଶେଷରେ ବାଧ୍ୟ ହୋଇ ଶ୍ରୀମା'ଙ୍କୁ ସବୁକଥା ଲିଖିତ ଆକାରରେ ଜଣାଇଲେ । ଶ୍ରୀମା ସ୍ୱହସ୍ତରେ ତାଙ୍କୁ ଇଂରାଜୀରେ ଲେଖି ଦେଇଥିଲେ ।

ଏହାର ମର୍ମାନୁବାଦ : ''ନିଜ ସମ୍ବନ୍ଧେ ଓ ତୁମର ସ୍ୱାସ୍ଥ୍ୟ ସମ୍ବନ୍ଧେ କମ୍ ଚିନ୍ତା କର — ନିଶ୍ଚିତ ଭାବରେ ତୁମେ ଅପେକ୍ଷାକୃତ ସୁସ୍ଥ ଓ ବଳିଷ୍ଠ ହୋଇ ଉଠିବ ।

''କିନ୍ତୁ ତୁମେ ଯଦି ସ୍ଥିର ପ୍ରତ୍ୟୟ ହୋଇଥାଅ ଯେ ତୁମର ଏକ ବ୍ୟାଧି ରହିଛି, ହସ୍ପିଟାଲକୁ ଯାଅ, ନିଶ୍ଚିତରୂପେ ସେମାନେ ତୁମ ମଧ୍ୟରେ ଥିବା ଏକ ରୋଗ ଆବିଷ୍କାର କରିବାରେ ସକ୍ଷମ ହେବେ ।''

ଆଉ ଗୋଟିଏ ଘଟଣା ବର୍ଣ୍ଣନା କରୁଛି : ଶ୍ରୀରାମକୃଷ୍ଣଙ୍କର ପାର୍ଷଦ-ଶିଷ୍ୟ ସ୍ୱରୂପ ବାର ଜଣଙ୍କ ମଧ୍ୟରୁ

ଶ୍ରୀଯୁକ୍ତ ଗିରୀଶ ଘୋଷ ଥିଲେ ଅନ୍ୟତମ; ତଦାନୀନ୍ତନ ଖ୍ୟାତନାମା ନାଟ୍ୟକାର ।

ଏହି ଭଦ୍ରବ୍ୟକ୍ତି ଜଣଙ୍କ ତାଙ୍କର ଯୌବନକାଳରେ ଅତିମାତ୍ରାରେ ମଦ୍ୟପ ଥିଲେ, ମାଛ-ମାଂସ ଭୋଜନ କରିବାରେ ମଧ୍ୟ କେବେ ବି ଅବହେଳା କରୁ ନଥିଲେ । ଅଧିକାଂଶ ଦିନ ନାଟକରେ ତାଙ୍କର ଅଭିନୟ ଶେଷ କରି ଗୁରୁପାକ ଭୋଜନ ଓ ମଦ୍ୟପାନ କରି ରିକ୍ସାରେ ଘରକୁ ଫେରୁଥିଲେ । କେବେ କେବେ ମାତ୍ରାଧିକ ମାତାଲ ଅବସ୍ଥାରେ ରିକ୍ସାବାଲାକୁ ଆଦେଶ ଦେଉଥିଲେ 'ସିଧା ଚଲା ।' – 'କେଉଁଠିକୁ ?', – 'ସିଧା ଚଲା !' – ବେଶ୍ ରାତ୍ରି ହୋଇଗଲେ ହିତାହିତ ଜ୍ଞାନଶୂନ୍ୟ ବାବୁଙ୍କୁ ରିକ୍ସାବାଲାଟି କେଉଁଠିକୁ ନେବ ! ତେଣୁ ସେ ବୁଦ୍ଧି ଖଟାଇ ନିକଟସ୍ଥ ଶ୍ରୀରାମକୃଷ୍ଣଙ୍କ ବାସଭବନର ପ୍ରଧାନ ଫାଟକ ପାଖରେ ପହଞ୍ଚାଇ ଦେଇ ବିଦାୟ ନେଇ ସେ ଦିନକ ସକାଶେ ତ୍ରାହି ପାଉଥିଲା ।... ଏମିତି ଅନେକ ଥର ଘଟିଛି; ଶ୍ରୀରାମକୃଷ୍ଣ ମଧ୍ୟ ଗିରୀଶଙ୍କୁ ନିଜ ବାସସ୍ଥାନକୁ ଉଠାଇ ଆଣି ଭଣଜା ହୃଦୟଙ୍କ ସହିତ ତାଙ୍କର ସେବା ଶୁଶ୍ରୂଷା କରିଛନ୍ତି ।

ଦିନକର ଘଟଣା । ସକାଳୁ ସକାଳୁ ଗିରୀଶ ବାବୁ ନିଜକୁ ଶ୍ରୀରାମକୃଷ୍ଣଙ୍କ ବାସଭବନରେ ଏମିତି ଅବସ୍ଥାରେ ବାର ବାର ପଡ଼ି ରହୁ ଥିବାରୁ ମର୍ମଘାତୀ ଲଜ୍ଜା ବୋଧକରି ଶ୍ରୀରାମକୃଷ୍ଣଙ୍କ ପାଦପଦ୍ମରେ ସବିନୟ ପ୍ରାର୍ଥନା ଜଣାଇଛନ୍ତି, 'ଠାକୁର, ମୋତେ ଏଥିରୁ ଉଦ୍ଧାର କରନ୍ତୁ !' ଠାକୁର ତାଙ୍କୁ କହିଲେ, 'ଯାଅ, ସକାଳୁ ଉଠି ଥରେ 'ମା'ଙ୍କୁ ଡାକିବ !'– ଆତ୍ମସନ୍ତୋଷ ଲାଭ କରି ଶିଷ୍ୟ ଗିରୀଶ କହି ଉଠିଲେ, 'ଠାକୁର ! ମୁଁ ନିଶ୍ଚୟ ଏତକ କରିପାରିବି ।'– ଏହା କହି ଠାକୁରଙ୍କ ପାଖରୁ ବିଦାୟ ନେଇ ଦୁଇ, ଚାରି ପାଦ ଆଗକୁ ବଢ଼ାଇବା ମୁହୂର୍ତ୍ତରେ ଘୂରିପଡ଼ି କହିଉଠିଲେ, 'ଠାକୁର, ସକାଳୁ ଉଠି ମୁହଁହାତ ଧୋଇ ତ ମୁଁ ଗିଲାସେ ପିଇଥାଏ, ଯଦି ସେତେବେଳେ 'ମା' ନାମ ମନେ ନପଡ଼େ !' – 'ଦ୍ୱିପ୍ରହର ସମୟରେ ଭୋଜନ ପରେ ମା'ଙ୍କୁ ଥରେ ଡାକିବୁ ।' – ପୁନଶ୍ଚ ସେହି ସମାନ ଧାରାରେ ବିଦାୟ-ବେଳାରେ ଘୂରି ପଡ଼ି ସମାନ ଧାରାରେ ଉତ୍ତର, '... ଯଦି ସେତେବେଳେ ମନେ ନପଡ଼େ !' –'ତେବେ, ରାତ୍ରି ଭୋଜନ ପରେ ନିଦ୍ରା ଯିବା ପୂର୍ବରୁ ଥରେ ମା'ଙ୍କୁ ଡାକିଦେବୁ ।'– ସମାନ ଧାରାରେ ଘୂରି ପଡ଼ି ଠାକୁରଙ୍କ ପାଖକୁ ଆସି ଗିରୀଶ ବାବୁ ସବିନୟ କହିଲେ, 'ଠାକୁର, ଏଇଟା ସମ୍ଭବ ହେବନି !'– ଠାକୁର ଏଥର ଟିକିଏ ଚଢ଼ା ଗଳାରେ କହି ଉଠିଲେ, 'ବେଟା, ସକାଳେ ହେବନି, ଦ୍ୱିପହରେ ହେବନି, ରାତିରେ ବି ହେବନି ! ତେବେ ମୁଁ କ'ଣ ତୋ ପାଇଁ କରିବି ?' – ତତ୍‌କ୍ଷଣାତ୍ ଗିରୀଶବାବୁ ନତଜାନୁ ହୋଇ ଠାକୁରଙ୍କ ପଦଦ୍ୱୟକୁ ଜାବୁଡ଼ି ଧରି ସ୍ମିତହସରେ ତାଙ୍କୁ ଜଣାଇଲେ, 'ଯଦି ଆପଣ ମୋ ପାଇଁ କରି ଦିଅନ୍ତେ, ଖୁବ୍ ଭଲ ହୁଅନ୍ତା ! ମୋର ସାରାଦିନର ଅବସ୍ଥା କଥା ତ ଆପଣଙ୍କୁ କିଛି ନ ଲୁଚାଇ ମୁଁ କହିଛି । ଆପଣଙ୍କୁ କଥା ଦେଇଯିବି, ଆଉ କାମରେ ଫାଙ୍କି ମାରିବି – ଏହା ମୋ ପକ୍ଷରେ ଅସମ୍ଭବ !' (ଏହାକୁ କୁହାଯାଏ ଗୁରୁଙ୍କ ନିକଟରେ ଶିଷ୍ୟର ବାଳବତ୍ ଅକପଟ ସରଳତା ଓ ନିର୍ଭରତା ।) ଭାବଗ୍ରାହୀ ଠାକୁର ତାଙ୍କୁ କହିଲେ, 'ଠିକ୍ ଅଛି, ଯାଆ, ତୋ ପାଇଁ ମୁଁ ଥରେ ମା'ଙ୍କୁ ଡାକିବି ।'– ଆତ୍ମ-ସନ୍ତୋଷ ଭାବରେ ଭରପୂର ଗିରୀଶ ବାବୁ ଆନନ୍ଦରେ ଗୃହାଭିମୁଖୀ ହେଲେ ।

ଦୁଇ, ତିନି ଦିନ ପରେ ଦିନେ ସକାଳୁ ସକାଳୁ ଗିରୀଶ ବାବୁ ଆସି ଶ୍ରୀରାମକୃଷ୍ଣଙ୍କ ପଦପ୍ରାନ୍ତରେ ଭୂମିରେ ଗଡ଼ି ପାଗଳ ପରି କହିଉଠିଲେ 'ଠାକୁର, ମୋର ସାରାଦେହ ଜଳିପୋଡ଼ି ଯାଉଥିବା ଭଳି ଲାଗୁଛି ! ମୁଁ ଆଉ ସହ୍ୟ କରି ପାରୁନି । ଆପଣ ମୋ ପାଇଁ କ'ଣ କଲେ ?' – 'ମୁଁ ତ କେବଳ ତୋ ସକାଶେ ନିତି ଥରଟିଏ ମା'ଙ୍କୁ ଡାକିଛି ।' – 'ଠାକୁର, କିଛି ଗୋଟିଏ କରନ୍ତୁ, ମୁଁ ଆଉ ସମ୍ଭାଳି ପାରୁନି !'

ଶ୍ରୀରାମକୃଷ୍ଣ ମନ୍ଦମଧୁର ହସରେ ସ୍ନେହବୋଳା କଣ୍ଠରେ କହିଲେ, 'ବେଟା, ଦିନେ ଦୁଇ ଦିନ ପରେ ସବୁ ଠିକ୍ ହୋଇଯିବ ।' ଗିରୀଶଙ୍କ ମଥାରେ କୋମଳ ହାତ ଥାପି କହିଲେ, 'ନୀରବରେ, ସ୍ଥିର ଚିତ୍ତରେ ସହ୍ୟ କରିଯା' । ସବୁ କୁଆଡ଼େ ଉଭେଇ ଯିବ ! ତୁ ଏକ ନବଜନ୍ମ ପାଇବୁ ।'

– ଏହାହିଁ ଥିଲା ଗିରୀଶ ବାବୁଙ୍କ ଉପରେ ଯୋଗ ଶକ୍ତିର ଚାପ ଫଳରେ ତାଙ୍କ ଶରୀରରେ ତୀବ୍ର ପ୍ରତିରୋଧ । ନିରକ୍ଷର, ଅକ୍ଷମ ବ୍ୟକ୍ତିଙ୍କ ସକାଶେ ଅନ୍ୟ ଜଣେ 'ବକଲମ' ଲେଖିଦେବା ସଦୃଶ ଗିରୀଶ ବାବୁଙ୍କ ପ୍ରତି ଠାକୁରଙ୍କର ଏହା ଥିଲା ଅହୈତୁକୀ କୃପା ।

ଆଉ ଗୋଟିଏ ଘଟଣା : ବେଶ୍ କିଛି ବର୍ଷ ପୂର୍ବର କଥା । ଆଶ୍ରମର ଜନୈକ ନବାଗତ ଯୁବ-ସାଧକ ନିଜ ଶରୀରର ଅସୁସ୍ଥତା ଯୋଗୁଁ ପଣ୍ଡିଚେରୀ ବଜାରରେ ଥିବା ଗୋଟିଏ ଅତି ପୁରାତନ ଆୟୁର୍ବେଦ ଔଷଧାଳୟକୁ ଯାଇ ସବୁକଥା କହି ଔଷଧ ମାଗିଲେ । ସୌଭାଗ୍ୟବଶତଃ, ସେହି ଔଷଧାଳୟରେ ଉପସ୍ଥିତ ଥିଲେ ଏହାର ପ୍ରତିଷ୍ଠାତା ଯିଏ ନିଜେ ଥିଲେ ଜଣେ ବୟୋଜ୍ୟେଷ୍ଠ

ସୁନିପୁଣ ବୈଦ୍ୟ । ସାଧକଙ୍କର ରୋଗର ଉପସର୍ଗ ସବୁ ଶୁଣି ତାଙ୍କୁ ଏହି ମର୍ମରେ କହିଲେ : 'ତୁମେ ଦିବ୍ୟଜନନୀଙ୍କ ଆଶ୍ରୟରେ ରହି ଏହି ନଗଣ୍ୟ ବ୍ୟାଧିଟିରୁ ଉପଶମ ପାଇବା ସକାଶେ ମୋ ପାଖକୁ ଆସିଛ ?'...

ଆଉ ଜଣେ ତରୁଣ ସାଧକଙ୍କୁ ଆଶ୍ରମର ଆୟୁର୍ବେଦ ଔଷଧାଳୟର ପ୍ରତିଷ୍ଠାତା ତଥା ବୟୋଜ୍ୟେଷ୍ଠ ନିପୁଣ ବୈଦ୍ୟ ତା'ର ରୋଗବ୍ୟାଧିସବୁର ଚୂଡ଼ାନ୍ତ ନିଦାନ ଦେଇଥିଲେ, 'ତୁମର କିଛି ବି ରୋଗବ୍ୟାଧି ନାହିଁ; ଯାଅ, ପ୍ରଣବଙ୍କ ପାଖରେ ଶରୀରଚର୍ଚ୍ଚା କର ।'

— ଏମିତି ସବୁ ଥିଲେ ଭାରତୀୟ ବୈଦ୍ୟ, ଏବେ ବି ଅଛନ୍ତି ଏବଂ ଭବିଷ୍ୟତରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଅନୁଗାମୀ ଭକ୍ତଗଣଙ୍କ ମଧ୍ୟରୁ ବି ଏମିତି ବୈଦ୍ୟ ନିଶ୍ଚୟ ଉତ୍ପନ୍ନ ହେବେ ।

ଡାକ୍ତର ସାନ୍ୟାଲ୍ ଥିଲେ ତଦାନୀନ୍ତନ ଭାରତବର୍ଷର ଜଣେ ପ୍ରଖ୍ୟାତ ଶଲ୍ୟ ଚିକିତ୍ସକ । ଆଶ୍ରମରେ ତାଙ୍କର 'କ୍ଲିନିକ୍'ରେ ଜଣେ ବୟସ୍କ ସାଧକଙ୍କର ଅର୍ଶରୋଗର ଶଲ୍ୟଚିକିତ୍ସା କରିଥିଲେ । ଶଲ୍ୟ ଚିକିତ୍ସା ସମାପନ ପରେ, ବାହାରକୁ ଆସି ଡାକ୍ତର ରୋଗୀଙ୍କର ତରୁଣୀ କନ୍ୟାଙ୍କୁ ଏହି ମର୍ମରେ କହିଥିଲେ, 'ତୁମ ବାପାଙ୍କର ରୋଗାକ୍ରାନ୍ତ ସ୍ଥାନଟିକୁ ଏକେବାରେ ପରିଷ୍କାର କରିଦେଇ ଏମ୍ବ୍ରୟଡ଼ରି କରିଦେଇଛି ।...' ତରୁଣୀଟି ଡାକ୍ତରଙ୍କୁ କହିଲେ, 'ସାନ୍ୟାଲ୍-ଦା, ମୁଁ ଶୁଣିଛି, ଏଇ ଧରଣର ରୋଗ କୁଆଡ଼େ ବଂଶାନୁକ୍ରମିକ ହୋଇଥାଏ । ତା'ହେଲେ ମୁଁ ବି କ'ଣ ପରେ ଏଇଥିରେ ଆକ୍ରାନ୍ତ ହେବି ?'— 'ନାଇଁ, ସେମିତି କିଛି ଭାବନାକୁ ଆଦୌ ପ୍ରଶ୍ରୟ ଦିଅ ନାହିଁ । ଏବେଠୁ 'ଅଶ୍ୱିନୀ ମୁଦ୍ରା' ନିତି ଅଭ୍ୟାସ କରିଯାଅ ।'— ଏହା କହି 'ଅଶ୍ୱିନୀ ମୁଦ୍ରା' କିପରି ଅଭ୍ୟାସ କରିବାକୁ ହୁଏ, ତାଙ୍କୁ ବୁଝାଇ ଦେଇଥିଲେ । ଏବେ ବୟୋବୃଦ୍ଧା ସେଇ ସାଧିକା ଜୀବନରେ କେବେ ବି ସେଇ ବ୍ୟାଧି ଭୋଗି ନାହାନ୍ତି ।— ସେତେବେଳେ ଭାରତରେ ଏମିତି ଶଲ୍ୟ ଚିକିତ୍ସକ ସବୁ ଥିଲେ ଯେଉଁମାନଙ୍କର ଯୌଗିକ ବ୍ୟାୟାମ ସମ୍ବନ୍ଧେ ମଧ୍ୟ ଅଭ୍ରାନ୍ତ ଜ୍ଞାନ ଥିଲା ।

ଡାଃ ଯୋସେଫ୍ ମାର୍କେନ୍‌ସନ୍ ନିଉୟର୍କ ସିଟି ହସ୍‌ପିଟାଲରେ ବାତରୋଗର ସ୍ୱତନ୍ତ୍ର ଶଲ୍ୟ ଚିକିତ୍ସକ ଥିଲେ । ଶଲ୍ୟ ଚିକିତ୍ସା ପରେ ତଥା ଏହି ରୋଗରେ ସଦ୍ୟ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଗଣଙ୍କ ସକାଶେ ନିମ୍ନଲିଖିତ ସୂଚନା ଦେଉଥିଲେ । ତାଙ୍କର ବକ୍ତବ୍ୟ ଥିଲା ଦୈନନ୍ଦିନ ଜୀବନରେ ନିୟମିତ ସୁଖପ୍ରଦ ବ୍ୟାୟାମସବୁ ଅଭ୍ୟାସ କଲେ ଏହି ଧରଣର ପଙ୍ଗୁ କରି ପକାଉଥିବା ଗଣ୍ଠିବାତ, ଆମବାତ ଆଦି ବ୍ୟାଧିରୁ ନିଶ୍ଚିତ ରୂପେ ସବୁଠାରୁ ଉତ୍ତମ ଭାବରେ ସୁଫଳ ମିଳିଥାଏ ।

ତାଙ୍କର ପ୍ରଥମ ଫଳପ୍ରଦ ସୂଚନା : ଆକ୍ରାନ୍ତ ହୋଇଥିବା ପ୍ରତିଟି ଗଣ୍ଠିକୁ ନେଇ କିଛି ସମୟ ସକାଶେ ନିୟମିତ ଭାବରେ ଥରେ ଗଣ୍ଠି ସଞ୍ଚାଳନ ବ୍ୟାୟାମ ଅଭ୍ୟାସ କରନ୍ତୁ । ଗୋଟିଏ ବିଷୟରେ ଏକେବାରେ ଦୃଢ଼ନିଶ୍ଚିତ ରହିଥିବେ ଯେ ତୁମମାନଙ୍କର ପ୍ରତିଟି ଅଙ୍ଗଚାଳନା ବ୍ୟାୟାମ ମନ୍ଥର ଓ ପରିମିତ (slow and gentle) ହୋଇଥିବ । ସ୍ୱାଭାବିକ ଭାବରେ ସହ୍ୟ କରି ପାରୁଥିବା ସଞ୍ଚାଳନକୁ ଅତିକ୍ରମ କରି କେବେ ବି କୌଣସି ବ୍ୟାୟାମ କରନ୍ତୁ ନାହିଁ । ବ୍ୟାଧିରେ ଆକ୍ରାନ୍ତ ହୋଇଥିବା ଗଣ୍ଠିସବୁକୁ ଅନ୍ୟାୟ ଭାବରେ ଅପବ୍ୟବହାର କରନ୍ତୁ ନାହିଁ । ଦୈନନ୍ଦିନ ଜୀବନଧାରାର ଅଙ୍ଗଚାଳନାରେ ବ୍ୟାପକ ଭାବରେ ବ୍ୟବହୃତ ହେଉଥିବା ଗଣ୍ଠିସବୁ ସାହାଯ୍ୟରେ ଯାବତୀୟ କର୍ମ କରି ଚାଲନ୍ତୁ । ଉଦାହରଣ ସ୍ୱରୂପ, ହାତରେ ଝୁଲାଇ ରଖିବା ପର୍ସ ବ୍ୟବହାର ନକରି କାନ୍ଧ ବ୍ୟାଗ ସାଥିରେ ନିଅନ୍ତୁ; ଓଜନଦାର ବସ୍ତୁ ଉତ୍ତୋଳନ ନକରି ଗଡ଼ାଇ ଗଡ଼ାଇ ନେବାର ପନ୍ଥାକୁ ଅନୁସରଣ କରନ୍ତୁ । ପ୍ରତିଦିନର ବ୍ୟାୟାମ କାର୍ଯ୍ୟକ୍ରମ ତଥା ଉପଯୁକ୍ତ ଖାଦ୍ୟ ଗ୍ରହଣ ଓ ବିଶ୍ରାମ ମଧ୍ୟରେ ଏକ ଭାରସାମ୍ୟତା ରକ୍ଷା କରନ୍ତୁ । ଏହିସବୁ କଥାକୁ ସ୍ମରଣ ରଖିଥିଲେ ଗଣ୍ଠିସବୁ ଅଧିକ ଫୁଲିଯାଇ ଦରଜ ଉପୁଜିବା ସ୍ଥିତିକୁ ନ ପହଞ୍ଚିବାରେ ପ୍ରଭୂତ ସାହାଯ୍ୟ କରିଥାଏ । ସର୍ବୋପରି, ଆଶା ହରାନ୍ତୁ ନାହିଁ । ସଫଳତା ଆସିବାରେ ବିଳମ୍ବ ହୋଇପାରେ, କିନ୍ତୁ ଅଧ୍ୟବସାୟୀ ହୋଇ ନିୟମିତ ସହଜ, ସରଳ ବ୍ୟାୟାମ କାର୍ଯ୍ୟକ୍ରମଟିକୁ ଅଭ୍ୟାସ କରି ଚାଲିଲେ ଅଭୂତପୂର୍ବ ନିରାପତ୍ତା (dramatic benefits) ମିଳିଥାଏ ।

ଊନବିଂଶ ଶତାବ୍ଦୀର ପ୍ରାରମ୍ଭ କାଳରେ ଇଂଲଣ୍ଡର ସୈନ୍ୟବାହିନୀର କ୍ୟାପଟେନ୍ ଥିଲେ ଉଇଲିୟମ୍ ପି. ନୋଲ୍‌ସ୍ । ସେ ଲଣ୍ଡନରେ ଥିବା 'ଇନିଷ୍ଟିଚ୍ୟୁଟ୍ ଅଫ୍ ବ୍ରିଦିଙ୍ଗ୍'ର ପ୍ରତିଷ୍ଠାତା ଓ ଚିକିତ୍ସକ ମଧ୍ୟ ଥିଲେ । ଷାଠିଏ ହଜାରରୁ ଅଧିକ ଶ୍ୱାସ-ବେମାରି ଭୋଗୁଥିବା ରୋଗୀ ତାଙ୍କର ପରାମର୍ଶ ଲାଭ କରି ସମ୍ପୂର୍ଣ୍ଣ ଆରୋଗ୍ୟଲାଭ କରିଥିଲେ । ତାଙ୍କର ଅନୁଷ୍ଠାନ ଆନୁକୂଲ୍ୟରେ ବର୍ଷକୁ ହାରାହାରି ପାଞ୍ଚ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯଥାର୍ଥ ଭାବରେ ଶ୍ୱାସପ୍ରଶ୍ୱାସ ନେବାର ପଦ୍ଧତି ଅଭ୍ୟାସ କରିବାର ଶିକ୍ଷାଲାଭ କରୁଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କ୍ୟାପ୍‌ଟେନ୍ ନୋଲ୍‌ସ୍ ରୟାଲ୍ ଆର୍ମି ଫୋର୍ସ (RAF) ଏବଂ

ଆର୍ମି କର୍ମଚାରୀବୃନ୍ଦଙ୍କୁ କେବଳ ଯଥାର୍ଥ ଭାବରେ ଶ୍ୱାସପ୍ରଶ୍ୱାସ ନେବାର ପଦ୍ଧତି ମାଧ୍ୟମରେ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ବି ସେମାନଙ୍କର ଉତ୍ତମ ଶାରୀରିକ ସୁସ୍ଥତାର ସ୍ଥିତିକୁ ଅକ୍ଷୁଣ୍ଣ ଭାବରେ ବଜାୟ ରଖିବାରେ ପ୍ରଭୂତ ସାହାଯ୍ୟ କରିଥିଲେ ।

ତାଙ୍କର ମୌଳିକ ଶିକ୍ଷା ଥିଲା : ଯଥାର୍ଥ ଭାବରେ ଶ୍ୱାସପ୍ରଶ୍ୱାସ ପ୍ରକ୍ରିୟାରେ ନିୟନ୍ତ୍ରଣ ଆଣିବା ଅର୍ଥ ନିଃଶ୍ୱାସ ଛାଡ଼ିବା (exhale)ର ଧାରା ଉପରେ ନିୟନ୍ତ୍ରଣ ଆଣିବା । ଆମେ ଯେଉଁ ଭାବରେ ନିଃଶ୍ୱାସ ଗ୍ରହଣ (inhale) କରୁଛୁ, ସେପରି ଧାରାରେ ନୁହେଁ । ଆମେ ଆମର କାୟିକ ଶକ୍ତି (energy)ଦ୍ୱାରା ଶୃଙ୍ଖଳିତ ପ୍ରକ୍ରିୟାରେ ନିଃଶ୍ୱାସକୁ ବାହାର କରି ସର୍ବୋଚ୍ଚ ମାନରେ ପୁନଃସ୍ଥାପିତ କରିପାରୁ । ପରିଶ୍ରମ କରି କଷ୍ଟେ ମଷ୍ଟେ ଶ୍ୱାସଯନ୍ତ୍ର ମଧ୍ୟକୁ ବାୟୁ ପମ୍ପିଙ୍ଗ୍ କରି ନୁହେଁ ।

ଏହି ପରିପ୍ରେକ୍ଷୀରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କର 'Yogic Breathing' ବା 'Complete Breathing' ଏବଂ 'ଭ୍ରମଣ ପ୍ରାଣାୟାମ'ର ସୂଚନା ସ୍ମରଣୀୟ । ଏହା ସାଙ୍ଗକୁ 'Abdominal Breathing' ବା 'Diaphragmatical Breathing' ଆମେ ସ୍ମରଣରେ ଆଣିପାରୁ ।

ପରିଶେଷରେ ପ୍ରାତଃସ୍ମରଣୀୟ କବିରାଜ ଶ୍ରୀ ଲକ୍ଷଣ ମିଶ୍ରଙ୍କର 'ପ୍ରାକୃତିକ ସ୍ୱାସ୍ଥ୍ୟ' ସମ୍ବନ୍ଧେ ଉକ୍ତିଟି ଉଦ୍ଧାର କରୁଛୁ : ''ସ୍ୱାସ୍ଥ୍ୟରକ୍ଷା କରିବାକୁ ହେଲେ ପ୍ରଥମେ ''ସ୍ୱାସ୍ଥ୍ୟ କ'ଣ'' ଜାଣିବା ଉଚିତ । 'ସ୍ୱାସ୍ଥ୍ୟ' ଅର୍ଥ ନିରୋଗତା । ଶରୀର ରୋଗଶୂନ୍ୟ ହେଲେ ସ୍ୱାସ୍ଥ୍ୟ ରକ୍ଷା ହୁଏ । ତା'ହେଲେ 'ରୋଗ' କ'ଣ ? – ଶରୀର ଓ ମନକୁ ଯେ ପୀଡ଼ା ଦିଏ, ତା'ର ନାମ 'ରୋଗ' । ଏହି ରୋଗ ଦୁଇ ପ୍ରକାର ହୋଇଥାଏ – ଶାରୀରିକ ରୋଗ ଓ ମାନସିକ ରୋଗ । ଶାରୀରିକ ରୋଗ : ଚର୍ମରୋଗ, ଆଘାତଜନିତ ରୋଗ, ଜୀବାଣୁ ସଂକ୍ରମଣରୁ ଜାତ ରୋଗ, ଜ୍ୱର, ବାତ, ଅତିସାର ... ତଥା ଆହାର-ବିହାରୋତ୍ପନ୍ନ ସମସ୍ତ ରୋଗ । ମାନସିକ ରୋଗ : କାମ, କ୍ରୋଧ, ଲୋଭ, ଅହଂକାର, ଈର୍ଷା, ଶୋକ, ଭୟ, ଉଦ୍‌ବେଗ, ମୂର୍ଚ୍ଛା, ଅପସ୍ମାର ଆଦି ରୋଗ ।

''ଶରୀର ଓ ମନ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ରହିଛି । ଗୋଟିକର ଅଧଃପତନରେ ଅନ୍ୟଟିର ଅଧଃପତନ ଅବଶ୍ୟମ୍ଭାବୀ । ତେଣୁ ପୂର୍ଣ୍ଣ ସ୍ୱାସ୍ଥ୍ୟ ଲାଭ କରିବାକୁ ହେଲେ ଶରୀରକୁ ଯେପରି ଶାରୀରିକ ରୋଗରୁ ମୁକ୍ତ କରିବାକୁ ହେବ, ମନକୁ ସେପରି ମାନସିକ ରୋଗରୁ ମୁକ୍ତ କରିବାକୁ ପଡ଼ିବ ।...''

(କ୍ରମଶଃ)

ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑


## ଶିକ୍ଷକ / ଶିକ୍ଷୟିତ୍ରୀ ଆବଶ୍ୟକ

ଶ୍ରୀ ବିନୋଦ କୁମାର ସାହୁ, ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃବିହାର, ଖଣ୍ଡଗିରି, ଭୁବନେଶ୍ୱର, ପିନ୍ : ୭୫୧ ୦୩୦, ମୋବାଇଲ୍ : ୯୪୩୭୨ ୧୩୧୫୫ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର High Schoolରେ ଶିକ୍ଷାଦାନ ନିମନ୍ତେ B.A., B.Ed. ଶିକ୍ଷାଗତ ଯୋଗ୍ୟତା ଥାଇ ଜଣେ ଇଂରାଜୀ ଶିକ୍ଷକ ଏବଂ ଜଣେ ଓଡ଼ିଆ ଶିକ୍ଷକ ଆବଶ୍ୟକ । ଏତଦ୍ ବ୍ୟତୀତ ପ୍ରାକ୍ ପ୍ରାଥମିକ ଶିକ୍ଷାଦାନରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଜଣେ ଶିକ୍ଷୟିତ୍ରୀ; କାର୍ଯ୍ୟାଳୟ ତଥା ଛାତ୍ରାବାସରେ ସହାୟତା କରିବା ପାଇଁ ଦୁଇଜଣ ଶିକ୍ଷାକର୍ମୀ ଏବଂ +2 Sc.ବିଜ୍ଞାନଗାରରେ ସହାୟତା କରିବା ପାଇଁ B.Sc. ଶିକ୍ଷାଗତ ଯୋଗ୍ୟତା ଥାଇ ଜଣେ ସହକର୍ମୀ ଆବଶ୍ୟକ ।

ସ୍କୁଲରେ ଛାତ୍ରାବାସର ସୁବିଧା ଅଛି । ମାତୃପ୍ରେମୀ ଅଭିଜ୍ଞ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ । ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ଜଣେ ନାର୍ସିସାସ୍ !

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କର ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି ।...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'ଜଣେ ନାର୍ସିସାସ୍' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ପ୍ରାୟ ଚାରି ବର୍ଷ ତଳର କଥା । ଏ ଲେଖକ ଗୋଟାଏ ଅତିଥି ନିବାସରେ ରହିଥାଏ କିଛି ଦିନ ପାଇଁ । ନିବାସ ଗୋଟିକ ଏକ ଶିଳ୍ପ ସଂସ୍ଥାର ସମ୍ପତ୍ତି । ନିବାସକୁ ଘେରି ସେହି ସଂସ୍ଥାର କର୍ମଚାରୀମାନଙ୍କର ଛୋଟ ବଡ଼ ବଙ୍ଗଳା ।

ଶିଳ୍ପ ସଂସ୍ଥାର ପରିଚାଳନା ମୁଖ୍ୟ ଏ ଲେଖକର ବନ୍ଧୁ । ତାଙ୍କର ଷୋହଳ ସତର ବର୍ଷର ପୁଅଟି ଦେଖିବାକୁ ବେଶ୍ ଉଲ ଡାଉଲ । ସଦ୍ୟ କଲେଜକୁ ଯାଇଛି । ମୋ ସହ ପରିଚୟର କାରଣ, ତା' ବାପା ତା' ହାତରେ ମୋ ପାଖକୁ ଖବର କାଗଜ, ମୋ ପ୍ରୟୋଜନୀୟ କିଛି ବହି ଏବଂ ଅନ୍ୟାନ୍ୟ ବସ୍ତୁ ମଧ୍ୟେ ମଧ୍ୟେ ପଠାଉଥା'ନ୍ତି ।

ଦିନେ ଦେଖିଲି ଫାଟକ ବାହାରେ ପିଲାଟି ସହ ତା'ର ସମବୟସୀ ତିନି ଜଣ ପିଲାଙ୍କର କ୍ରୋଧପୂର୍ଣ୍ଣ ଭାଷାରେ ଆଦାନପ୍ରଦାନ ଚାଲିଛି । କିଛି ସମୟ ପରେ ସେମାନେ ଅପସରି ଗଲେ । ସେମାନଙ୍କ ପାଟିତୁଣ୍ଡ ଭିତରୁ ଗୋଟାଏ ଶବ୍ଦ ମୋତେ ଆମୋଦିତ କରିଥିଲା । ଶବ୍ଦଟି 'ନାର୍ସିସାସ୍' । ଘଣ୍ଟାଏ ପରେ ପିଲାଟି ତା' ବାପାର ଏକ ବାର୍ତ୍ତା ନେଇ ମୋ ପାଖକୁ ଆସନ୍ତେ ପ୍ରଶ୍ନ କଲି, ''କ'ଣ ପାଇଁ ଝଗଡ଼ା ହେଉଥିଲା କି ?''

ସେ ଟିକିଏ ଲଜ୍ଜିତ ହୋଇ କହିଲା, ''ଆଗାମୀ କାଲି ରବିବାର ତ ! ସେମାନେ ଗୋଟାଏ ବସ୍ତିକୁ ଯାଇ ସଫାସୁତରା କାମ କରନ୍ତି । ମୋତେ ଡାକୁଥିଲେ, ମୁଁ ମନା କରିବାରୁ ସେମାନେ ମୋତେ ଗାଳି ଦେଲେ ।''

''ନାର୍ସିସାସ୍ ବୋଲି କହିଲେ ?''

''ହଁ, କହିଲେ ମୁଁ କୁଆଡ଼େ ଜଣେ ନାର୍ସିସାସ୍ !''

''କାହିଁକି ସେମିତି କହିଲେ ?''

''ଆପଣ ଶୁଣି ପକାଇଲେ ପରା ! ମୁଁ ଯାଇ ଅଭିଧାନ ଦେଖିଲି । ତାହା ଏକ ପ୍ରକାର ଡାଫୋଡ଼ିଲ୍ ଫୁଲର ନାମ ।'' ପିଲାଟି ଲାଜେଇ ଗଲା; ଫୁଲ ସହ ତା' ଚେହେରାର ତୁଳନା ହୋଇଛି ।

ଏ ବିଷୟରେ ଚର୍ଚ୍ଚା କରିବାର ଉତ୍ସାହ ପିଲାଟିର ନ ଥିଲା କି ମୋର ମଧ ନ ଥିଲା । ଅନ୍ୟ ପିଲା ତିନୋଟି ଉପର ଶ୍ରେଣୀର ଛାତ୍ର । ସଦ୍ୟ ଶିଖିଥିବେ ହୁଏତ ମନୋବିଜ୍ଞାନ କ୍ଲାସରେ ନାର୍ସିସାସ୍ (Narcissism complex)ର ଅର୍ଥ । ପିଲାଟି ଯଦି ଅଭିଧାନରେ ସେ ଶବ୍ଦଟିର ପୂର୍ବରୁ ଥିବା Narcissism ଶବ୍ଦ ଉପରେ ଆଖି ପକାଇଥା'ନ୍ତା ଏବଂ ତା'ର ଅର୍ଥ ପଢ଼ିଥା'ନ୍ତା,

ତେବେ ହୁଏତ ସେମାନଙ୍କ ମନ୍ତବ୍ୟର କାରଣ ବୁଝିଥା'ନ୍ତା ! କିଏ କହିବ, ହୁଏତ ବୁଝି ନଥା'ନ୍ତା ! କାରଣ ସଚରାଚର ମଣିଷ ନିଜ ଦୁର୍ବଳତା ଚିହ୍ନଟ କରି ପାରେନା ।

ନାର୍ସିସାସ୍ କିଂବଦନ୍ତୀ ଅନେକଙ୍କୁ ଜଣା । ସେହି ନାମଧାରୀ ଯୁବକ ଜଣକ ଜଳାଶୟରେ ନିଜ ମୁହଁର ପ୍ରତିଫଳନ ଦେଖି ଏତେ ମୁଗ୍ଧ ହେଲା ଯେ ତାକୁ ଭଲ ପାଉଥିବା ତରୁଣୀ ପ୍ରତି ଭ୍ରୂକ୍ଷେପ କଲା ନାହିଁ । ସେଥିପାଇଁ ଆତ୍ମ-ପ୍ରେମରେ ମଶଗୁଲ୍ ରହୁଥିବା ଲୋକଙ୍କୁ Narcissus complexରେ ପୀଡ଼ିତ ବୋଲି କୁହାଯାଏ । କିଂବଦନ୍ତୀର ମୌଳିକ ରୂପ ଅବଶ୍ୟ ଭିନ୍ନ । ନାର୍ସିସାସ୍ ନିଜ ପ୍ରତିଫଳନକୁ ସରୋବର ଅଭ୍ୟନ୍ତରରେ ଥିବା ଜଳଦେବୀ ମନେ କରି ତାଙ୍କ ସାନ୍ନିଧ୍ୟ ପାଇଁ ଡୁବ ଦେଲା — ତାକୁ ଉଦ୍ଧାର କଲାବେଳକୁ ସେ ଏକ ଫୁଲରେ ପରିଣତ ହୋଇ ଯାଇଥିଲା । ସେ ଫୁଲଟିର ଅନ୍ୟତମ ନାମ ନାର୍ସିସାସ୍ । ବୁଝିଲି, ବନ୍ଧୁ ପୁତ୍ରଟି ନିଜ ପୋଷାକ ପରିଚ୍ଛଦ, ବେଶଭୂଷା, କେଶଶୈଳୀ ଇତ୍ୟାଦି ସମ୍ପର୍କରେ ଅତ୍ୟନ୍ତ ସଚେତନ । ପରବର୍ତ୍ତୀ ଦୁଇଦିନ ଭିତରେ ଲକ୍ଷ୍ୟ କରି ଦେଖିଲି, ସେ ମୋ କକ୍ଷରେ ପ୍ରବେଶ କରି ପ୍ରଥମେ କାନ୍ଥରେ ଲାଗି ରହିଥିବା ବଡ଼ ଦର୍ପଣରେ ନିଜକୁ ଦେଖିନିଏ । ପୁଣି କଥାବାର୍ତ୍ତା ଭିତରେ ବାରଂବାର ଦେଖୁଥାଏ ।

ପିଲାଟି ପ୍ରତି Narcissism ରୋଗ ଅର୍ଥରେ ପ୍ରଯୁଜ୍ୟ କି ନୁହେଁ ଜାଣେନା । କିନ୍ତୁ ଅନେକଙ୍କ ଭିତରେ ଏ ଦୁର୍ବଳତା ଊଣା ଅଧିକ ରହିଥାଏ । ଯେତେବେଳେ ଏହା ଅତ୍ୟଧିକ ହୁଏ ସେତେବେଳେ ଜଣେ ଅନ୍ୟମାନଙ୍କ ଆଗରେ ହାସ୍ୟାସ୍ପଦ ହେବା ସ୍ୱାଭାବିକ । ସେଭଳି ହିନସ୍ତାକୁ ଜଣେ ତାଚ୍ଛଲ୍ୟ କରିପାରେ, କିନ୍ତୁ ଗଭୀର ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଏ ମନୋବିକାର ଜଣକର ଜୀବନରେ ଆଣିଦିଏ ତିନିଗୋଟି ଦୁର୍ଭାଗ୍ୟ :

ପ୍ରଥମରେ, ଜଣେ ସ୍ୱାର୍ଥପର ବନିଯାଏ । ସ୍ୱାର୍ଥପର-ଜନିତ ନାନାଦି ସମସ୍ୟାର ସମ୍ମୁଖୀନ ହୁଏ । କୌଣସି କାର୍ଯ୍ୟରେ କାହାରି ଆନ୍ତରିକ ସହଯୋଗ ପାଏ ନାହିଁ ।

ଦ୍ୱିତୀୟରେ, ଆତ୍ମ-କୈନ୍ଦ୍ରିକ ବ୍ୟକ୍ତିର ଆତ୍ମବିକାଶ ହୁଏନା । ସେ ଚେତନାରେ ସ୍ଥାଣୁ ହୋଇଯାଏ ।

ତୃତୀୟରେ, ସେ ସର୍ବଦା ନିଜ ରୂପ ଉପରେ ଅର୍ଥାତ୍ ବ୍ୟକ୍ତିତ୍ୱର ସବୁଠାରୁ ସ୍ଥୂଳ ଦିଗ ଉପରେ ନିଜ ଧ୍ୟାନ ଧାରଣାକୁ ସୀମିତ ରଖିବା ଫଳରେ ଆନ୍ତର ଜୀବନର ଆନନ୍ଦ ଓ ଶକ୍ତିର ସ୍ପର୍ଶ ପାଏ ନାହିଁ ।

ଅତଏବ, ଆମ ଭିତରେ Narcissismର ଲକ୍ଷଣ ଥିଲେ ଆମେ ସଚେତନ ଭାବରେ ସେଥିରୁ ମୁକ୍ତ ହେବା ଚାହି ।

❑❑❑

Of one thing you can be sure – *your future is in your hands*. You will become the man you *want to be* and the higher your ideal and your aspiration, the higher will be your realisation, but you must keep a firm resolution and never forget your true aim in life.

– The Mother

ଗୋଟିଏ ବିଷୟରେ ତୁମେ ନିଶ୍ଚିତ ହୋଇପାର — **ତୁମ ଭବିଷ୍ୟତ୍ ତୁମରି ହାତରେ ।** ତୁମେ ଯେଉଁ ପ୍ରକାର ମଣିଷ **ହେବାକୁ ଚାହଁ** ତୁମେ ତାହାହିଁ ହେବ ଏବଂ ତୁମ ଆଦର୍ଶ ଓ ଅଭୀପ୍ସା ଯେତିକି ଉଚ୍ଚତର ହେବ, ତୁମ ଉପଲବ୍ଧି ହେବ ସେତିକି ଉଚ୍ଚତର, କିନ୍ତୁ ତୁମେ ଦୃଢ଼ ସଂକଳ୍ପ ରଖିବା ଆବଶ୍ୟକ ଏବଂ ତୁମ ଜୀବନର ଯଥାର୍ଥ ଲକ୍ଷ୍ୟକୁ କଦାଚ ପାସୋରି ନଯିବା ଆବଶ୍ୟକ ।

— ଶ୍ରୀମା

# ଶ୍ରଦ୍ଧାବାନ୍‌ଙ୍କୁ ଆମର ବିନମ୍ର ଶ୍ରଦ୍ଧାଞ୍ଜଳି

## ରାମନାରାୟଣ ପାତ୍ର

ଶ୍ରଦ୍ଧାବାନ୍ ଥିଲେ ଜଣେ ଯଥାର୍ଥ ସାଧିକା ଯିଏକି ନିଜେ ଓ ନିଜର ଯାହାକିଛି ଥିଲା ସବୁକିଛି ମାତୃଚରଣରେ ଉତ୍ସର୍ଗ କରି ଦେଇଥିଲେ – ହୋଇଉଠିଥିଲେ ମା'ଙ୍କର ଜଣେ ସୁଯୋଗ୍ୟ ସନ୍ତାନ । ବାସ୍ତବିକ୍, ମାତୃକାର୍ଯ୍ୟରେ ତାଙ୍କର ତ୍ୟାଗ ଓ ତପସ୍ୟା ଉଲ୍ଲେଖନୀୟ । ବିଶେଷ କରି ଅରୋଭିଲ୍ ତଥା ସମଗ୍ର ବିଶ୍ୱରେ 'ସାବିତ୍ରୀ' ମହାକାବ୍ୟ ପ୍ରେମୀମାନଙ୍କ ନିକଟରେ 'ଶ୍ରଦ୍ଧାବାନ୍' ଏକ ଶ୍ରଦ୍ଧାସ୍ପଦ ନାମ ।

ତାଙ୍କର ମାନୁଷୀ ମାତାପିତା ଉଭୟ ଥିଲେ ଧର୍ମପରାୟଣ । ମାତା ୱିନୀ (Winnie) ଥିଲେ ଜଣେ ଧାର୍ମିକ ସଂସ୍ଥାର ଶିକ୍ଷୟିତ୍ରୀ ଏବଂ ପିତା ଫ୍ରେଡ଼େରିକ୍ ୱାଲଟର ରବିନ୍‌ସନ୍ (Frederick Walter Robinson) ଥିଲେ ସ୍ଥାନୀୟ ପ୍ରୋଟେଷ୍ଟାଣ୍ଟ୍ (Protestant)ଗୀର୍ଜାର ଧର୍ମଯାଜକ (Vicar) । ସେମାନଙ୍କ ଔରସରୁ ୧୯୪୨ ଜୁନ୍ ମାସ ଚାରି ତାରିଖରେ ଲଣ୍ଡନ ସହରରେ ଜନ୍ମଗ୍ରହଣ କରିଥିବା ଏହି କନ୍ୟା ସନ୍ତାନଙ୍କର ପିତୃମାତୃଦତ୍ତ ନାମ ଥିଲା ଆନେ ମାର୍ଗାରେଟ୍ ରବିନସନ୍ (Anne Margaret Robinson) । ୧୯୭୨ ମସିହା ଜୁନ୍ ମାସରେ ଶ୍ରୀମା ଆନେ ମାର୍ଗାରେଟ୍ ରବିନସନ୍‌ଙ୍କୁ ଏକ ନୂତନ ନାମ 'ଶ୍ରଦ୍ଧାବାନ୍' ଭାବେ ନାମିତ କରିଥିଲେ । ଏହି ସଂସ୍କୃତ ନାମଟିର ଅର୍ଥ, 'ସେ ଯିଏ ଉଚ୍ଚତର ସତ୍ତା ଲାଗି ଶ୍ରଦ୍ଧା ରଖିଥାଏ' (One who has faith in the higher being) । ଏକଦା ବ୍ୟକ୍ତିଗତ ଭାବେ ମୁଁ ତାଙ୍କୁ ପଚାରିଥିଲି, ''ଶ୍ରଦ୍ଧାବାନ୍ ନାମଟି ତ ଏକ ପୁରୁଷ ନାମ, ମା' କିପରି ଆପଣଙ୍କୁ ଏହି ନାମଟି ଦେଲେ ?'' ଉତ୍ତରରେ ସେ କହିଥିଲେ, ''ଶ୍ରୀମା ଆତ୍ମାର ଗୁଣଧର୍ମ ଅନୁସାରେ ନାମ ଦିଅନ୍ତି, ବ୍ୟକ୍ତିର ବାହ୍ୟ ପରିଚୟକୁ ନେଇ ନୁହେଁ ।''

ଶ୍ରଦ୍ଧାବାନ୍ ବ୍ରିଷ୍ଟଲ (Bristol) ବିଶ୍ୱବିଦ୍ୟାଳୟରେ ଇଂରାଜୀ ଭାଷା ଓ ସାହିତ୍ୟ ଅଧ୍ୟୟନ କରିବା ସହ 'ପାଠାଗାର ବିଜ୍ଞାନ'(Library Science) ମଧ୍ୟ ଅଧ୍ୟୟନ କରିଥିଲେ । କିଶୋରୀ ବୟସରୁହିଁ ସେ ଜଣେ ଯୁକ୍ତିବାଦୀ, ବସ୍ତୁବାଦୀ ଓ ନୈରାଜ୍ୟବାଦୀ ହୋଇ ଉଠିଥିଲେ । ଖ୍ରୀଷ୍ଟଧର୍ମର ପ୍ରୋଟେଷ୍ଟାଣ୍ଟ୍ ସମ୍ପ୍ରଦାୟର ପୃଷ୍ଠଭୂମି ଉପରେ ବଢ଼ିଥିଲେ ସୁଦ୍ଧା ଜୀବନରେ କିଛି ଅର୍ଥପୂର୍ଣ୍ଣ କାର୍ଯ୍ୟ କରିବା ପାଇଁ ତାଙ୍କ ଭିତରେ ପ୍ରବଣତା ଜାଗ୍ରତ୍ ହୋଇଥିଲା । ସଂସାରରେ କୌଣସି ଏକ ମହାନ୍ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବା ବିଧେୟ ବୋଲି ସେ ଜନୈକ ହିତାକାଂକ୍ଷୀଙ୍କ ଠାରୁ ପରାମର୍ଶ ପାଇଥିଲେ; କିନ୍ତୁ ସେତେବେଳକୁ ସେ ବିଶ୍ୱାସ କରୁଥିଲେ ଯେ ଏ ସଂସାରରେ କେହି ମହାନ୍ ବ୍ୟକ୍ତି ନାହାନ୍ତି ।

ପ୍ରାୟ ୨୭ ବର୍ଷ ବୟସରେ ଯେତେବେଳେ ସେ ତାଙ୍କ ଜୀବନର ସର୍ବନିମ୍ନ ଚେତନାରେ ପହଞ୍ଚି ଯାଇଥିବାର ଏବଂ ଅନ୍ଧକାର ମଧ୍ୟରେ ବୁଡିଯିବା ଭଳି ଅନୁଭବ କରୁଥିଲେ ସେତିକିବେଳେ ତାଙ୍କ ଭିତରେ ଏକ ଅପ୍ରତ୍ୟାଶିତ ଉନ୍ମୀଳନ ଘଟିଲା । ଥରେ ଲଣ୍ଡନରେ ଏକ ରବିବାସରୀୟ ଅପରାହ୍ଣରେ ଜନୈକ ଜର୍ମାନ୍ ବକ୍ତା ଜୋବଷ୍ଟ ମୁହେଲିଂ (Jobst Muehling)ଙ୍କ ବକ୍ତବ୍ୟ ଶୁଣିବା ପାଇଁ ଅଚାନକ ଭାବେ ସେ ଚାଲି ଯାଇଥିଲେ । ବକ୍ତା କେଉଁ ବିଷୟରେ ବା କାହା ସମ୍ପର୍କରେ ଭାଷଣ ଦେଉଥିଲେ ସେ ଶୁଣି ପାରି ନଥିଲେ, କାରଣ ସେ କିଛିଟା ବିଳମ୍ବରେ ଯାଇ ଉକ୍ତ ସ୍ଥାନରେ ପହଞ୍ଚି ଥିଲେ । ପରବର୍ତ୍ତୀ ସମୟରେ ଶ୍ରଦ୍ଧାବାନ୍ ସେହି ଅପରାହ୍ଣର କଥା ବର୍ଣ୍ଣନା କରନ୍ତି, ''...ବକ୍ତାଙ୍କ ସବୁକଥା ମୋର ମନେ ନାହିଁ; କିନ୍ତୁ ସେହି ସମୟର ଅନୁଭୂତି ପୂରା ମନେଅଛି । ସତେ ଯେମିତି ମୋ ମୁଣ୍ଡ ଭିତରେ ଗୋଟିଏ କୋଠରି ଖୋଲିଗଲା । ତା' ପରେ ପରେ ଗୋଟିଏ ପରେ ଗୋଟିଏ ସବୁ କୋଠରି ଖୋଲିଗଲା । ସବୁ କୋଠରି ପରସ୍ପର ସହ ଯୋଡ଼ି ହୋଇଗଲେ ଏବଂ ତା'ପରେ ଆଗକୁ ଏକ ରାସ୍ତା ଦେଖାଗଲା । ଭାଷଣ ଶେଷରେ ମୁଁ ସେହି ବ୍ୟକ୍ତିଙ୍କ ନିକଟକୁ ଦୌଡ଼ିଗଲି ଏବଂ ସେ ଯେଉଁ ବ୍ୟକ୍ତିଙ୍କ ବିଷୟରେ କହୁଥିଲେ ସେ କିଏ ବୋଲି ପଚାରିଲି । ଉତ୍ତରରେ ସେ କହିଲେ ସେହି ମହାନ୍ ବ୍ୟକ୍ତି ହେଉଛନ୍ତି 'ଶ୍ରୀଅରବିନ୍ଦ' । ମୁଁ ପୂର୍ବରୁ ତାଙ୍କ ସମ୍ପର୍କରେ କିଛି ଶୁଣି ନଥିଲି ।'' ତା'ପରେ ସେ ଶ୍ରୀଅରବିନ୍ଦଙ୍କର କେତୋଟି ପୁସ୍ତକ ସଂଗ୍ରହ କଲେ, ଯଦିଓ ସେଠାରେ ଶ୍ରୀଅରବିନ୍ଦଙ୍କ ରଚିତ ପୁସ୍ତକସବୁ ଦୁର୍ଲଭ ଥିଲା । ତାଙ୍କର ଉତ୍କଣ୍ଠା ବଢ଼ି ଚାଲିଥିଲା । ସଂଗୃହୀତ ବହିଗୁଡ଼ିକୁ ସେ କାମ କରୁଥିବା ପାଠାଗାରର ଏକ ଅବ୍ୟବହୃତ କକ୍ଷରେ ବସି ପଢ଼ି ଚାଲିଲେ ଓ ସେଥିରେ ନିମଗ୍ନ

ହୋଇଉଠୁଥିଲେ । ସେ ପୁଣି ଲେଖନ୍ତି, ''ଏଥିରେ ମୁଁ ପୂରାପୂରି ଭିଜିଗଲି । ଏହା ଥିଲା ମହାନ୍ ଜୀବନ-ଜଳ'' । ଏହାପରେ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନ ତାଙ୍କ ଜୀବନରେ ମୁଖ୍ୟ ଭୂମିକା ଗ୍ରହଣ କଲା ଓ ଅନ୍ୟସବୁ ଗୌଣ ହୋଇ ଉଠିଲା । ତାଙ୍କର ବାହ୍ୟ ଓ ଆନ୍ତର ଜୀବନ, ଜଣା ଓ ଅଜଣା ପରିସ୍ଥିତି ଏବଂ କାର୍ଯ୍ୟକଳାପ ତା' ଦ୍ୱାରା ନିୟନ୍ତ୍ରିତ ହେବାକୁ ଲାଗିଲା । ଯଥାର୍ଥ ସମୟରେ ଉପଯୁକ୍ତ ପ୍ରେରଣାମାନ ସେ ପାଇଚାଲିଲେ ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ସମସ୍ତ ସ୍ତରରୁ ସମ୍ବଳମାନ ଛୁଟି ଆସିଲା । ଜୀବନର ସବୁ ପରିସ୍ଥିତିର ମୁକାବିଲା କରିବା ପାଇଁ ସେ ଯଥେଷ୍ଟ ସାମର୍ଥ୍ୟ ଲାଭ କଲେ । ଏସବୁ ତାଙ୍କ ଜୀବନକୁ ଯେତିକି ଅର୍ଥପୂର୍ଣ୍ଣ କଲା ମାନବସମାଜ ଓ ସଂସାର ଲାଗି ସେତିକି ମୂଲ୍ୟବାନ୍ ଅବଦାନ ବିତରି ଦେଲା ।

କ୍ରମେ ପଣ୍ଡିଚେରୀସ୍ଥ ଶ୍ରୀଅରବିନ୍ଦ ଆଶ୍ରମ, ଶ୍ରୀମା ଓ ଅରୋଭିଲ୍ ବିଷୟରେ ଅଧିକରୁ ଅଧିକ ଶୁଣି ସେ ଏଠାକୁ ଆସିବାକୁ ଇଚ୍ଛା କଲେ । ଅନେକ ଆଗରୁ ଅବଶ୍ୟ ସେ ଏସିଆର ଅନ୍ୟାନ୍ୟ କେତୋଟି ଦେଶ ସହ ଭାରତ, ଅଷ୍ଟ୍ରେଲିଆ ଓ ଆଫ୍ରିକା ବୁଲି ଦେଖିଥିଲେ; କିନ୍ତୁ ଏଥର ଭାରତ, ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ଓ ଅରୋଭିଲ୍‌କୁ ଆସିବାରେ ଏକ ଅନ୍ୟ ପ୍ରକାର ଆକର୍ଷଣ ଥିଲା । ତାଙ୍କର ସମଗ୍ର ସତ୍ତା ଆନନ୍ଦ ଓ ଉତ୍ସାହରେ ଭରି ଉଠିଥିଲା । ଏହାଥିଲା ୧୯୭୦ ମସିହାର କଥା । ସେ ପଣ୍ଡିଚେରୀରେ ଆସି ପହଞ୍ଚିଲେ । ସେତେବେଳେ ଶ୍ରୀଯୁକ୍ତ ମାଧବ ପଣ୍ଡିତ ତାଙ୍କୁ ଅଭ୍ୟର୍ଥନା ଜଣାଇ ଥିଲେ ଏବଂ ଶ୍ରୀମା'ଙ୍କୁ ସାକ୍ଷାତ୍ କରିବା ଲାଗି ସମସ୍ତ ବ୍ୟବସ୍ଥା କରିଥିଲେ । ଅରୋଭିଲ୍‌ର ମୁଖ୍ୟ ସ୍ଥପତି ଶ୍ରୀ ରୋଜେ ଆଞ୍ଜେ (Roger Anger)ଙ୍କ ସହ ଯାଇ ସେ ଶ୍ରୀମା'ଙ୍କୁ ସାକ୍ଷାତ୍ କରିଥିଲେ । ସେ ସମୟରେ ଅରୋଭିଲ୍‌ରେ ଖୋଲିବାକୁ ଯାଉଥିବା ପ୍ରଥମ ଶିକ୍ଷାକେନ୍ଦ୍ରରେ ଶିକ୍ଷୟିତ୍ରୀ ଭାବରେ କାମ କରିବା ପାଇଁ ଶ୍ରୀମା ତାଙ୍କୁ ଅନୁମତି ଦେଲେ । ଶିକ୍ଷକତା ପ୍ରତି ତାଙ୍କର ବିଶେଷ ସ୍ପୃହା ନଥିଲେ ବି ବ୍ୟକ୍ତିର ତଥା ଜଗତର ବିକାଶ ଓ ମଙ୍ଗଳ ପାଇଁ ଯାହା କରଣୀୟ ଶ୍ରୀମା ସେଥିଲାଗି ଯଥାର୍ଥ ମାର୍ଗଦର୍ଶନ ଦେଉଛନ୍ତି ବୋଲି ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା । ତେଣୁ ମା'ଙ୍କ ନିର୍ଦ୍ଦେଶକୁ ସେ ଶ୍ରଦ୍ଧା ଓ ଆନ୍ତରିକତାର ସହ ଗ୍ରହଣ କରିଥିଲେ ।

ସେ ପଣ୍ଡିଚେରୀସ୍ଥ 'ତିବ୍ବେତାନ ବୋର୍ଡ଼ିଂ ହାଉସ୍'ରେ ରହୁଥିଲେ ଏବଂ ପ୍ରତିଦିନ ସକାଳେ ଅରୋଭିଲ୍ ଯାଇ ମାତୃମନ୍ଦିର ଓ ସ୍କୁଲରେ କାମ କରି ଅପରାହ୍ନରେ ପଣ୍ଡିଚେରୀ ଫେରି ଆସୁଥିଲେ । ସେ ସମୟରେ ଆଶ୍ରମରେ ମାତୃରଚନାବଳି ଗ୍ରନ୍ଥମାନଙ୍କର ଇଂରାଜୀରେ ଅନୁବାଦ କାର୍ଯ୍ୟ ଚାଲିଥାଏ । ଅରୋଭିଲ୍‌ରୁ ଫେରି ଅନୁବାଦକଙ୍କ ସହ ମିଶି ସେ ଅନୁବାଦ କାମରେ ଲାଗି ଯାଉଥିଲେ । ଏହିପରି ପ୍ରଥମ ଛଅ ବର୍ଷ ଚାଲିଗଲା । କ୍ରମେ ଆଶ୍ରମର ତଥା ଅନ୍ୟ ସ୍ଥାନର ବିଶିଷ୍ଟ ସାଧକ ସାଧିକାଙ୍କର ସେ ଅନ୍ତରଙ୍ଗ ହୋଇ ପାରିଥିଲେ । ପରବର୍ତ୍ତୀ ସମୟରେ ସେ ଆସି ଅରୋଭିଲ୍‌ର ସାର୍ଟିଚ୍ୟୁଡ୍ (Certitude) କମ୍ୟୁନିଟିରେ ରହିଲେ । ୧୯୭୯ ମସିହାରେ ହେଲମୁଟ୍ ସ୍ମିଦ୍ (Helmut Schmid) ଶ୍ରଦ୍ଧାବାନ୍‌ଙ୍କ ଜୀବନଯାତ୍ରାରେ ସାମିଲ ହେଲେ । ହେଲମୁଟ ଜଣେ ଜର୍ମାନ୍ ସ୍ଥପତି । ସାବିତ୍ରୀ ଭବନ ତଥା ଅରୋଭିଲ୍‌ର ଅନେକ ମୁଖ୍ୟ ଓ ସୁନ୍ଦର କୋଠାବାଡ଼ି ନିର୍ମାଣରେ ତାଙ୍କର ଅନେକ ସ୍ମରଣୀୟ ଅବଦାନ ରହିଛି । ସେଇ ସମୟରେ ଅରୋଭିଲ୍‌ରେ ହେଲମୁଟ୍‌ଙ୍କ ତତ୍ତ୍ୱାବଧାନରେ ଗଢ଼ି ଉଠୁଥିବା ଗ୍ରେସ୍ କମ୍ୟୁନିଟି (Grace Community)କୁ ଉଭୟେ ଚାଲିଗଲେ ଏବଂ ଶ୍ରଦ୍ଧାବାନ୍ ତାଙ୍କ ଦୈହିକ ଯାତ୍ରାର ଶେଷ ପର୍ଯ୍ୟାୟ ଯାଏ ସେହିଠାରେ ରହିଥିଲେ ।

ବିଂଶ ଶତାବ୍ଦୀର ଶେଷ ଦଶନ୍ଧିର ପ୍ରଥମାର୍ଦ୍ଧରେ କେତେଜଣ ଆଗ୍ରହୀ ଅରୋଭିଲିଆନ୍ ଦଳଗତଭାବେ ଶ୍ରୀଅରବିନ୍ଦଙ୍କ 'ସାବିତ୍ରୀ' ପଢ଼ିବା ଆରମ୍ଭ କରିଥିଲେ । ଅରୋଭିଲ୍ ଫାଉଣ୍ଡେସନ୍‌ର ତତ୍‌କାଳୀନ ସେକ୍ରେଟାରୀ ଶ୍ରୀଯୁକ୍ତ ସୁରେଶ ଦେ ମଧ ଏହି ଦଳର ଅନ୍ତର୍ଭୁକ୍ତ ଥିଲେ । ଏଥିରେ ନିୟମିତ ଯୋଗ ଦେଉଥିବା ଜନୈକ ସଭ୍ୟ ଦିନେ ପ୍ରସ୍ତାବ ଦେଲେ ଯେ ଅରୋଭିଲ୍‌ରେ ଏମିତି ଏକ ସ୍ଥାନ ରହିବା ଦରକାର ଯେଉଁଠି କି 'ସାବିତ୍ରୀ' ସମ୍ବନ୍ଧୀୟ ସମସ୍ତ ଜିନିଷ ସଂଗ୍ରହ କରାଯାଇପାରେ ଯେପରିକି ସେଠାକାର ବାତାବରଣରେ ଜଣେ 'ସାବିତ୍ରୀ'କୁ ନିଜ ପ୍ରଶ୍ୱାସରେ ଗ୍ରହଣ କରିବା ସମ୍ଭବ ହୋଇପାରେ । ଶ୍ରଦ୍ଧାବାନ୍ ଏହି ପ୍ରସ୍ତାବ ଦ୍ୱାରା ପ୍ରଭାବିତ ଓ ଅନୁପ୍ରାଣିତ ହୋଇ ଏହାର ରୂପାୟନରେ ନିଜର ସମସ୍ତ ଶକ୍ତି ନିୟୋଜିତ କଲେ । ସେ ମନ, ପ୍ରାଣ, ଶରୀର ଓ ଆତ୍ମା ଦେଇ ଜୀବନର ଶେଷ ନିଃଶ୍ୱାସ ଯାଏ ଏ କାମ କରି ଚାଲିଥିଲେ । କାଳକ୍ରମେ ଯାହା ହୋଇ ଉଠିଲା 'ସାବିତ୍ରୀ ଭବନ' । ଶ୍ରଦ୍ଧାବାନଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ପ୍ରକଳ୍ପର ଦୂରଦୃଷ୍ଟି ସମ୍ପନ୍ନ ସଂକ୍ଷିପ୍ତ ଲିଖନ (brief)କୁ ଆଧାର କରି ହେଲମୁଟ ପୂରା ସାବିତ୍ରୀ ଭବନ ଅଞ୍ଚଳର ଏକ ବ୍ୟାପକ ନକ୍ସା ପ୍ରସ୍ତୁତ କରିଥିଲେ । କୋଟି କୋଟି ଟଙ୍କାର ଏହି ପ୍ରକଳ୍ପକୁ ରୂପାୟିତ କରିପାରିବା

ଏକ ଦିବାସ୍ୱପ୍ନ ଭଳି ଜଣା ପଡୁଥିଲା । କିନ୍ତୁ ଏହା ଜାଣି ବହୁତ କୌତୂହଳ ତଥା ଆଶ୍ଚର୍ଯ୍ୟ ଲାଗେ ଯେ ଜନୈକା ସାବିତ୍ରୀପ୍ରେମୀ ଶ୍ରଦ୍ଧାଳୁଙ୍କ ପ୍ରସ୍ତାବକୁ ସ୍ୱୀକାର କରି ଶ୍ରଦ୍ଧାବାନ୍ ଓ ହେଲମୁଟ୍ ସେତିକିବେଳେ ପ୍ରସ୍ତୁତ କରିଥିବା ସାବିତ୍ରୀ ଭବନର ମଡ଼େଲକୁ ନେଇ ଅର୍ଥସଂଗ୍ରହ କରିବା ପାଇଁ ଗୁଜରାଟ ଯାଇଥିଲେ । ଅଭିନେତ୍ରୀ ହେମାମାଳିନୀଙ୍କ ଡ୍ୟାନ୍ସ୍ ଗ୍ରୁପ୍‌ର ଏକ ଅର୍ଥ-ସଂଗ୍ରହକାରୀ କାର୍ଯ୍ୟକ୍ରମ (Fund raiser) ମାଧ୍ୟମରେ ପ୍ରଥମ କେତେ ଲକ୍ଷ ଟଙ୍କା ସଂଗ୍ରହ କରିଥିଲେ ।

୧୯୯୫ ମସିହାରେ ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ତଥା ଶ୍ରୀଅରବିନ୍ଦଙ୍କ ଲିଖନକାର ଶ୍ରୀ ନୀରଦ ବରଣ ସାବିତ୍ରୀ ଭବନର ପ୍ରଥମ କୋଠରିର ଶିଳାନ୍ୟାସ କରିଥିଲେ । ପରେ ଅନ୍ୟ କୋଠାଗୁଡ଼ିକ ନିର୍ମାଣ ହେଲା । ଅରୋଭିଲ୍‌ର ଚାଳିଶତମ ଜନ୍ମବାର୍ଷିକୀ ଅବସରରେ, ୨୦୦୮ ମସିହାରେ ଶ୍ରୀଅରବିନ୍ଦଙ୍କ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ଅରୋଭିଲ୍ ଫାଉଣ୍ଡେସନ୍‌ର ତତ୍କାଳୀନ ଚେୟାରମ୍ୟାନ୍ ଡ. କରଣ ସିଂଙ୍କ ଦ୍ୱାରା ସାବିତ୍ରୀ ଭବନର ମୁଖ୍ୟ ପ୍ରବେଶ ଦ୍ୱାର ସମ୍ମୁଖରେ ସ୍ଥାପିତ ହେଲେ । ଶ୍ରଦ୍ଧାବାନ୍‌ଙ୍କ କହିବା ଅନୁସାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଶିକ୍ଷା ଓ ଦର୍ଶନକୁ ଆଧାର କରି ଅରୋଭିଲ୍‌ର ଆଧ୍ୟାତ୍ମିକ ବିଭାବକୁ ପ୍ରକାଶ କରିବା ହେଉଛି ସାବିତ୍ରୀ ଭବନର ମୁଖ୍ୟ ଉଦ୍ଦେଶ୍ୟ । ତେଣୁ ସାବିତ୍ରୀ ମହାକାବ୍ୟ ଓ ଦିବ୍ୟଜୀବନ ଗ୍ରନ୍ଥକୁ ଆଧାର କରି ଶ୍ରଦ୍ଧାବାନ୍ ସପ୍ତାହର କେତୋଟି ନିର୍ଦ୍ଦିଷ୍ଟ ଦିନ ଓ ସମୟରେ ନିୟମିତ ଭାବେ ସ୍ୱାଧ୍ୟାୟ ଅଧିବେଶନର ପରିଚାଳନା କରୁଥା'ନ୍ତି । ସେହି ଅଧ୍ୟୟନ ଓ ଆଲୋଚନାମାନଙ୍କରେ ହୋଇଥିବା ଟିପ୍ପଣୀ ଓ ବିବରଣୀକୁ ନେଇ 'Invocation' ଶୀର୍ଷକ ଏକ ପତ୍ରିକା ପ୍ରକାଶ ପାଏ । ପରେ ପରେ 'The English of Savitri' ଶୀର୍ଷକ ଏକ ପୁସ୍ତକ ପର୍ଯ୍ୟାୟକ୍ରମେ (series) ପ୍ରକାଶ ପାଏ । ଏହି ପୁସ୍ତକାବଳି ଅରୋଭିଲ୍‌ରେ ତଥା ଦେଶବିଦେଶରେ ଅନେକ ପାଠକୀୟ ସ୍ୱୀକୃତି ଲାଭ କରିଛି । ଏପର୍ଯ୍ୟନ୍ତ ଏ ସଂଖ୍ୟାର ଏଗାର ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇ ସାରିଛି । ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ଏହାର ଦ୍ୱାଦଶ ତଥା ଶେଷ ଖଣ୍ଡ ପ୍ରକାଶ ପାଇବାକୁ ଯାଉଛି । ଏହି ଦ୍ୱାଦଶ ଖଣ୍ଡରେ ସାବିତ୍ରୀରେ ଥିବା ପ୍ରତ୍ୟେକ କ୍ଲିଷ୍ଟ ଶବ୍ଦ, ବାକ୍ୟ ଓ ବାକ୍ୟାଂଶର ଗୁହ୍ୟାର୍ଥର ପ୍ରାଞ୍ଜଳ ବ୍ୟାଖ୍ୟା ସ୍ଥାନ ପାଇଛି । କୌଣସି ଏକ ସମୟରେ ସେ ଏହି କାମଟିକୁ ତାଙ୍କ ଜୀବନର ଏକ ମୁଖ୍ୟ କାମ ବୋଲି ଉପଲବ୍ଧି କରନ୍ତି ଏବଂ ଏହା ସମ୍ପାଦିତ ତଥା ସମାପନ ହେବାଯାଏ ସତେ ଯେମିତି ସେ ଶରୀର ଧାରଣ କରି ବଞ୍ଚି ରହିଥିଲେ ! 'ସାବିତ୍ରୀ' ମହାକାବ୍ୟକୁ ଟିକିଏ ଅଧିକ ପ୍ରଗାଢ଼ ଭାବରେ ବୁଝିବା ପାଇଁ ଯେଉଁମାନେ ଆଗ୍ରହୀ ସେମାନଙ୍କ ପାଇଁ ଯେ ଏହି ପର୍ଯ୍ୟାୟ ଗୁଡ଼ିକ (series) ଏକ ଉତ୍କୃଷ୍ଟ ସହାୟକାରୀ ମାଧ୍ୟମ ହୋଇ ରହିବ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଶ୍ରଦ୍ଧାବାନ୍‌ଙ୍କର କବିତା ରଚନାରେ ଦକ୍ଷତା ମଧ୍ୟ ଥିଲା । ସେ ତାଙ୍କ ରଚିତ କବିତାଗୁଡ଼ିକର ଏକ ସଂକଳନ "Stars in the Soup" ଶୀର୍ଷକ ପୁସ୍ତକରେ ପ୍ରକାଶ କରିଛନ୍ତି ।

ଶ୍ରଦ୍ଧାବାନଙ୍କ ଅତି ମୂଲ୍ୟବାନ୍ କୃତିଗୁଡ଼ିକ ମଧ୍ୟରୁ ଅତିକମ୍‌ରେ ଦୁଇଟି ଏଠାରେ ଉପସ୍ଥାପନା କରାଯାଇ ପାରେ । ପ୍ରଥମଟି ହେଉଛି : '*First Major Spiritual Experience of Sri Aurobindo*' ପୁସ୍ତକ । ତାଙ୍କ ତିରୋଧାନର ଅବ୍ୟବହିତ ପୂର୍ବରୁ ୨୦୨୨ ମସିହା ଜୁଲାଇ ମାସରେ ଏହା ପ୍ରକାଶ ପାଇଛି । ୨୦୦୭ ମସିହାରେ ସେ ଉପସ୍ଥାପନ କରିଥିବା ଏକ ଭାଷଣର ଏହା ଏକ ପ୍ରତିଲିପି । ଅନ୍ୟ କୃତିଟି ହେଉଛି, '*An Introduction to Savitri*' ଯେଉଁଥିରେ କି ସେ ସାବିତ୍ରୀରେ ଥିବା ସମୁଦାୟ ୪୮ଟି ସର୍ଗ (Canto)କୁ ନିଜର କୌଣସି ମତାମତ ନ ମିଶାଇ ଧାଡ଼ି ଧାଡ଼ି କରି ଗଦ୍ୟାକାରରେ ପ୍ରକାଶ କରିଛନ୍ତି । ଗୋଟିଏ ବର୍ଷ ତଳେ ଏହା ପ୍ରକାଶ ପାଇଥିଲେ ସୁଦ୍ଧା ବର୍ତ୍ତମାନ ତାମିଲ ଓ ଜର୍ମାନ୍ ଭାଷାରେ ଏହା ଅନୁବାଦ ହୋଇ ସାରିଲାଣି ।

ଏକ ଉନ୍ନତମାନର ଚିତ୍ରଶିଳ୍ପୀ ହିସାବରେ ସାଧିକା 'ହୁତା' (Huta) ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛନ୍ତି । ସାବିତ୍ରୀର ବିଭିନ୍ନ ବର୍ଣ୍ଣନାକୁ ଆଧାର କରି ତାହାର ପଶ୍ଚାତ୍‌ରେ ଥିବା ଅନ୍ତର୍ଦୃଷ୍ଟିକୁ ରଙ୍ଗତୂଳି ମାଧ୍ୟମରେ ପ୍ରକାଶ କରିବା ପାଇଁ ଶ୍ରୀମା'ଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ହୁତା ସମୁଦାୟ ୪୭୨ଟି ରଞ୍ଜିତ ଚିତ୍ର (Paintings) ପ୍ରସ୍ତୁତ କରିଛନ୍ତି । ଶ୍ରଦ୍ଧାବାନଙ୍କ ଉପରେ ଅଟଳ ବିଶ୍ୱାସ ଓ ଆସ୍ଥା ରଖି ସାବିତ୍ରୀ ଭବନରେ ସୁରକ୍ଷିତ ଭାବେ ବ୍ୟବସ୍ଥିତ କରିବା ଓ ପ୍ରଦର୍ଶିତ କରିବା ପାଇଁ ହୁତା ସେହି ମୂଳ(Original) ରଞ୍ଜିତ ଚିତ୍ରଗୁଡ଼ିକୁ ତାଙ୍କୁ ହସ୍ତାନ୍ତର କରିଛନ୍ତି । ବର୍ତ୍ତମାନ ସେଗୁଡ଼ିକ ଯଥାର୍ଥ ଅନୁକୂଳ ବାତାବରଣରେ ରଖାଯାଇଛି ଏବଂ ସେଗୁଡ଼ିକର ଉଚ୍ଚକୋଟୀର ଅବିକଳ ରଙ୍ଗିନ ନକଲଗୁଡ଼ିକୁ ସାରାବର୍ଷ ଏଠାରେ ସୁପ୍ରଶସ୍ତ ଦୁଇଟି Picture Gallery ରେ ପ୍ରଦର୍ଶିତ କରାଯାଇଛି ।

୨୦୧୨ ମସିହାରେ Overman Foundation ଶ୍ରଦ୍ଧାବାନଙ୍କୁ 'ଅରୋରତ୍ନ' ପୁରସ୍କାର ଏବଂ ୨୦୧୬ରେ କଲିକତାସ୍ଥ ଶ୍ରୀଅରବିନ୍ଦ ଭବନ 'ଶ୍ରୀଅରବିନ୍ଦ ପୁରସ୍କାର' ଦ୍ୱାରା ସମ୍ମାନିତ କରିଥିଲେ ।

ଅରୋଭିଲର ସୁବର୍ଣ୍ଣଜୟନ୍ତୀ (୨୦୧୮) ପାଳନ ସମୟରେ ଶ୍ରଦ୍ଧାବାନ୍ 'Savitri Around the World' ଭଳି ଏକ ଅପୂର୍ବ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ଯାହା ପୃଥିବୀ ତଥା ମାନବ ସମାଜ ପ୍ରତି ତାଙ୍କର ଆଉ ଏକ ସ୍ୱତନ୍ତ୍ର ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତର ୨୮ଟି ରାଜ୍ୟ ତଥା ସମଗ୍ର ପୃଥିବୀର ୬୯ଟି ଦେଶକୁ ପ୍ରତିନିଧିତ୍ୱ କରୁଥିବା ୪୯୫ ଜଣଙ୍କ ଦ୍ୱାରା ରେକର୍ଡ଼ କରାଯାଇଥିବା ୩୫ ଘଣ୍ଟାର ସାବିତ୍ରୀ-ପାରାୟଣକୁ ନିପୁଣଭାବେ ଅନ୍‌ଲାଇନ୍‌ରେ ଭିଡ଼ିଓ ଯୋଗେ ପରିବେଷଣ କରାଯାଇଥିଲା । ସମଗ୍ର ସାବିତ୍ରୀର ଏହି ପାରାୟଣ ସମୁଦାୟ ୩୫ ଘଣ୍ଟାର ଭିଡ଼ିଓକୁ ବର୍ତ୍ତମାନ ୩ଟି ଭାଗରେ ୟୁଟ୍ୟୁବ୍ ଭିଡ଼ିଓ ଭାବେ ସମସ୍ତଙ୍କ ପାଇଁ ଉପଲବ୍ଧ କରାଯାଇ ପାରିଛି । ୨୦୧୮ ଏପ୍ରିଲ ମାସରେ ଏହାର ପଠନ ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀରୁ ଆରମ୍ଭ ହୋଇଥିଲା । ପରେ ପରେ ଭାରତର ଅନ୍ୟାନ୍ୟ ରାଜ୍ୟରେ ପଢ଼ାଗଲା । ତା'ପରେ କେନ୍ଦ୍ରୀୟ ଓ ପଶ୍ଚିମ ଏସିଆ, ଆଫ୍ରିକା, ୟୁରୋପ, ଉତ୍ତର ଓ ଦକ୍ଷିଣ ଆମେରିକା ହୋଇ ଓସିଓନିଆ, ପୂର୍ବ ଓ ଦକ୍ଷିଣ ପୂର୍ବ ଏସିଆ ଦେଇ ଭାରତକୁ ଫେରି ଉଷା ନଗରୀ ଅରୋଭିଲରେ ଶେଷ ହୋଇଥିଲା । ଏହାର ପରିକଳ୍ପନା, ସଂଯୋଜନା ଓ ପରିବେଷଣ ଶ୍ରଦ୍ଧାବାନଙ୍କ ନେତୃତ୍ୱ ଓ ସୃଜନଶୀଳତାକୁ ଆଧାର କରି ସମ୍ଭବ ହୋଇ ପାରିଥିଲା । ପୂର୍ଣ୍ଣଯୋଗରେ ଅନୁରାଗୀମାନଙ୍କ ପାଇଁ ଏହା ତାଙ୍କର ଆଉ ଏକ ଅଦ୍ୱିତୀୟ ଅବଦାନ । ଯାହା ହେଲେ ମଧ, ଏହା ସର୍ବଦା ସ୍ମରଣ ରଖାଯାଇପାରେ ଯେ ତାଙ୍କର ସମସ୍ତ ଜ୍ଞାନ ଓ ପ୍ରେରଣାର ଉତ୍ସ ହେଉଛନ୍ତି ଶ୍ରୀମା ଓ ଶ୍ରୀଅରବିନ୍ଦ ଯାହାଙ୍କ ନିକଟରେ ପୂର୍ଣ୍ଣ ଶ୍ରଦ୍ଧା ଓ ଆସ୍ଥାରଖି ସେ ନିଜକୁ ସମ୍ପୂର୍ଣ୍ଣଭାବେ ସମର୍ପଣ କରି ଦେଇଥିଲେ ଏବଂ ସେମାନଙ୍କ ଠାରୁ, ସେମାନଙ୍କ ପାଇଁ ତଥା ସେମାନଙ୍କର ହୋଇ ରହିଥିଲେ । ଅରୋଭିଲ ଭିତରେ ଓ ସମଗ୍ର ଜଗତରେ ସାବିତ୍ରୀକୁ ସମସ୍ତଙ୍କ ନିକଟରେ ସଫଳ ଭାବେ ପହଞ୍ଚାଇବା କାମରେ ସେ କେବଳ ଏକ ଉତ୍ପ୍ରେରକ (catalyst) ବା ଏକ ସତ୍ତ୍ୱାଧିକାରୀହିଁ ହୋଇ ରହିଥିଲେ ।

୨୦୨୧ ମସିହାର ଦ୍ୱିତୀୟାର୍ଦ୍ଧ ଆଡ଼କୁ ଶ୍ରଦ୍ଧାବାନ୍ ତାଙ୍କ ବାହ୍ୟକର୍ମ ତଥା ପ୍ରଶାସନଗତ ଦାୟିତ୍ୱମାନଙ୍କଠାରୁ ଆସ୍ତେ ଆସ୍ତେ ନିଜକୁ ପ୍ରତ୍ୟାହୃତ କରି ନେଉଥିଲେ । ୨୦୨୨ର ପ୍ରାରମ୍ଭ ବେଳକୁ ତାଙ୍କ ସ୍ୱାସ୍ଥ୍ୟ ବି ଧୀରେ ଧୀରେ ଦୁର୍ବଳ ହୋଇ ଆସୁଥାଏ । ଡ. ଆଲୋକ ପାଣ୍ଡେ ଯାହାଙ୍କ ଉପରେ ତାଙ୍କର ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ରହିଥିଲା ତାଙ୍କର ପ୍ରତ୍ୟକ୍ଷ ପରାମର୍ଶ ଓ ତତ୍ତ୍ୱାବଧାନରେ ଯାବତୀୟ ଚିକିତ୍ସା ଅବ୍ୟାହତ ରହିଥିଲା । ଦୈନିକ ୨୪ ଘଣ୍ଟିଆ ଚିକିତ୍ସାର ଆବଶ୍ୟକ ହେବାରୁ ଶ୍ରୀଅରବିନ୍ଦ ଆଶ୍ରମର ବୟସ୍କ ଅନ୍ତେବାସୀଙ୍କ ଲାଗି ଉଦ୍ଦିଷ୍ଟ Desirée Nursing Home ରେ ମଇ ପ୍ରଥମ ସପ୍ତାହରେ ଶ୍ରଦ୍ଧାବାନଙ୍କ ସମ୍ମତିରେ ତାଙ୍କୁ ସେଠାରେ ଭର୍ତ୍ତି କରାଗଲା । ସେଠାକାର ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ପରିବେଶ ଓ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣରେ ସେ ସନ୍ତୁଷ୍ଟ ଓ ଆନନ୍ଦିତ ଥିଲେ ।

୨୮ ବର୍ଷ ବୟସରେ ୧୯୭୦ ମସିହାରେ ଶ୍ରଦ୍ଧାବାନ୍ ଶ୍ରୀଅରବିନ୍ଦ ଆଶ୍ରମ ପରିବେଶ ମଧ୍ୟରେ ପଦାର୍ପଣ କରିଥିଲେ ଏବଂ ତା'ର ୫୨ ବର୍ଷ ପରେ ଅର୍ଥାତ୍ ୮୦ ବର୍ଷ ବୟସରେ ଜୁଲାଇ ୧୯ ତାରିଖରେ ସେହି ଆଶ୍ରମ ପରିବେଶରେ ତିରୋଧାନ କଲେ । ଏହାକୁ ଏକ କାକତାଳିକ ଘଟଣା ବୋଲି ଆଦୌ କୁହାଯାଇ ନପାରେ । ଜୀବନର ଲକ୍ଷ୍ୟକୁ ରୂପାୟିତ କରିବା ପାଇଁ ଯେଉଁଠାରେ ପହଞ୍ଚି ନିଜକୁ ପୂର୍ଣ୍ଣରୂପେ ନିୟୋଜିତ କରିଥିଲେ ତାହା ସମାପନ କରି ସେହିଠାରୁ ନିଜର ଆତ୍ମଚେତନାର ଜଗତକୁ ପ୍ରତ୍ୟାବର୍ତ୍ତନ କଲେ । ସେହି ମହୀୟାନ୍ ଲକ୍ଷ୍ୟର ଆରମ୍ଭ ଓ ପରିସମାପ୍ତି ସେହି ପରମାଜନନୀଙ୍କ ତତ୍ତ୍ୱାବଧାନ ତଥା ମାଧ୍ୟମରେହିଁ ସମ୍ପନ୍ନ ହେଲା ଏବଂ କୃତଜ୍ଞତାଭରା ହୃଦୟରେ ସେ ଏହି ମରଶରୀର ତ୍ୟାଗ କଲେ ।

ଜୁଲାଇ ୧୯ ତାରିଖର କଥା :

ସେଦିନ ସକାଳେ ଶ୍ରଦ୍ଧାବାନଙ୍କ କୌଣସି ଏକ ପ୍ରକାର ଚିକିତ୍ସା ପାଇଁ ସ୍ଥାନୀୟ ବଡ଼ ଡାକ୍ତରଖାନାକୁ ନିଆ ଯିବାର ପ୍ରସ୍ତାବକୁ ସେ ଶ୍ରଦ୍ଧାର ସହ ଅସ୍ୱୀକାର କରିଥିଲେ । ତାଙ୍କର ସ୍ମିତହାସ୍ୟ ମାଧ୍ୟମରେ ସତେ ଯେପରି ସେ କହିଲେ, ''ତୁମ୍ଭେମାନେ କ'ଣ ଭାବୁଛ ମୁଁ ଏ ଜାଗା ଛାଡ଼ି ଅନ୍ୟ କୌଣସି ଚିକିତ୍ସାଳୟକୁ ଯିବି ?'' ତତ୍ତ୍ୱାବଧାନକାରୀ ସମସ୍ତେ ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇଲେ ଏବଂ ତାଙ୍କୁ ଯଥାସମ୍ଭବ ଚିକିତ୍ସା ଓ ସେବା ପ୍ରଦାନ କଲେ । ସେଦିନ ପ୍ରାୟ ମଧ୍ୟାହ୍ନ ବେଳକୁ ତାଙ୍କୁ ଘେରି ରହିଥିବା ସମସ୍ତଙ୍କୁ ଚାହିଁ ମୁରୁକି ମୁରୁକି ହସିଲେ । ଏହି ହସ ତାଙ୍କ ସବୁଦିନର ହସଠାରୁ ଅଧିକ ଗଭୀର ତଥା

ତୀବ୍ରତର ଥିଲା । ତା'ପରେ ସେ କିଛି ସମୟ ପାଇଁ ଆରାମଦାୟକ ନିଦ୍ରାକୁ ଚାଲିଯାଇଥିଲେ । ତା'ର ୨୦ ମିନିଟ ପରେ ସେ ପୁଣି ଆଖି ଖୋଲିଲେ । ସମସ୍ତଙ୍କୁ ସ୍ମିତହାସ୍ୟ ସହ ଚାହିଁ ସେହି ଆନନ୍ଦ ଭିତରେ ଶରୀର ତ୍ୟାଗ କଲେ । ଉପସ୍ଥିତ ସମସ୍ତେ ଅନୁଭବ କରୁଥିଲେ ଯେ ସେ ସମସ୍ତଙ୍କ ପ୍ରତି ଏବଂ ସବୁକିଛି ପ୍ରତି ତାଙ୍କ ପୂର୍ଣ୍ଣ ସନ୍ତୁଷ୍ଟିଜନିତ ଧନ୍ୟବାଦ ତଥା କୃତଜ୍ଞତା ଜ୍ଞାପନ ପୂର୍ବକ ତାଙ୍କ ଇହଲୀଳା ସମ୍ବରଣ କରିଥିଲେ ।

❑❑❑

# ଝରିପଡ଼ ସୁଧାଧାର ହୋଇ

## ଶରତ କୁମାରୀ ସ୍ୱାଇଁ

ମୁମୂର୍ଷୁ ପରାଏ ଚିନ୍ତା-ଚେତନା ସକଳ
ଊର୍ଦ୍ଧ୍ୱଶ୍ୱାସ ହୋଇ
ସଂଶୟେ ଜଡ଼ିତ ଜଡ଼ ଅତଳ ବିବରେ
ହେ ଆଲୋକମୟି !
ଲୋଡ଼ନ୍ତି ଆଶ୍ରୟ-ସ୍ମରି,—
ତବ ପୂତ ଚରଣ କମଳ ।

ତବ ଶୁଭ ଜନ୍ମଦିନ ମଙ୍ଗଳ ଲଗନେ
ଏତିକି ପ୍ରାର୍ଥନା — ମାତଃ !
ମଧୁର ଅଧରୁ ତବ ଝରିପଡ଼ୁ କାଳଜୟୀ ହସ
ଧରଣୀର ପୀଡ଼ିତ ବକ୍ଷରେ ଅବିଳମ୍ବେ ଭରିଯାଉ
ପ୍ରେମପୂର୍ଣ୍ଣ ଅଖଣ୍ଡ ବିଶ୍ୱାସ ।

ସ୍ୱାଧୀନତା ପୂର୍ବର ଦାସତ୍ୱ
ଅନ୍ତର୍ହିତ ହେବା ସମ
ସତ୍ୟର ପ୍ରକାଶ ପୂର୍ବୁ ଲିଭିଯାଉ ମିଥ୍ୟାର ରାଜତ୍ୱ ।

ମଧୁମୟି ଆଗୋ !
ତବ ଦିବ୍ୟ କର୍ମେ — ନିରଳସ କର୍ମୀ କରି ନିଅ
ସତ୍ୟର ପୂର୍ଣ୍ଣ ପ୍ରକାଶ,
ଆଉ ତା'ର ପ୍ରତିଷ୍ଠା ପାଇଁ କି
କରୁଣାବଶେ ଜନନି !
ସନ୍ତାନଙ୍କୁ ସୁଯୋଗ୍ୟ କରାଅ ।

ସନ୍ଦେହ, ଅଶାନ୍ତି, ଦ୍ୱନ୍ଦ୍ୱ ସରହଦ ଡେଇଁ
ପୁଲକାଇ ମନ-ବନଭୂଇଁ
ହେ ଦିବ୍ୟ ଜନନି !
ଚିର-ଶାନ୍ତ ନିର୍ଝରିଣୀ ବକ୍ଷୁ
ଝରିପଡ଼ୁ ପ୍ରେମ ତବ
ସୁଧା ଧାର ହୋଇ ।

ସଚେତନ-ସମ୍ବେଦନା, ଆସ୍ଥାଭରା ସଦୟ କରୁଣା
ଭରିଦିଅ ପବିତ୍ର ପ୍ରକୃତି-ମାତା ମୁକୁଳା ବୁକୁରେ ।
ଦୂର ହେଉ ଅଚେତନା, ଯେତେ ସବୁ ଅଜ୍ଞାନତା
ଅହଂକାର, ଅବସାଦ, ଦୁଃଖ ଓ ଯନ୍ତ୍ରଣା ।

ଅନ୍ତହୀନ ଶୂନ୍ୟତାରେ
ଭରିଦିଅ ତବ ସ୍ଥିତି, ତବ ବ୍ୟାପ୍ତି
ପ୍ରତି ପଦପାତେ ତବ ହାତ ଧରିଥାଏ
ହେ କଲ୍ୟାଣି ! ଅଭୟ ପଦପ୍ରାନ୍ତରେ —
ଏତିକି ମୋ ନିବେଦନ, ଏତିକି ମାଗୁଣି ।

❑❑❑

**ଗପଟିଏ ପିଲାଙ୍କ ପାଇଁ :**

# ବଂଶୀବାଦକ ବାସୁ

## ସୁନନ୍ଦା

ଛୋଟ ପିଲାଟିଏ ଥିଲା । ନାଁ ତା'ର ବାସୁ । ବଣରେ ରହେ, ବଣର ଫଳ ଖାଏ ଓ ଝରଣା ଜଳ ପିଇ ଶୋଷ ମେଣ୍ଟାଏ । ପ୍ରକୃତି କୋଳରେ ବଢୁଥିବାରୁ ସେ ଭାରି ଖୁସି ଥାଏ । ଗାଈଆଳମାନେ ଗାଈ ଓ ମେଣ୍ଢା ଚରାଇବାକୁ ବଣକୁ ଆସନ୍ତି । ବାସୁ ସେମାନଙ୍କୁ ଜଗିବାର ଦାୟିତ୍ୱ ନିଏ । ଗାଈଆଳମାନେ ବାସୁର ସାହାଯ୍ୟ ପ୍ରତି ଏତେ ବିଶ୍ୱାସୀ ଥିଲେ ଯେ ନିଶ୍ଚିନ୍ତ ମନରେ ସେମାନଙ୍କ ଗାଈ, ମେଣ୍ଢା ଓ ଛେଳିଗୁଡ଼ିକ ବାସୁ ହେପାଜତରେ ଛାଡ଼ି ଅନ୍ୟ କାମ କରିବାକୁ କୁଆଡ଼େ ଚାଲି ଯାଉଥିଲେ ।

ବାସୁ କାଠରେ ତିଆରି ଗୋଟିଏ ବଇଁଶୀ ରଖିଥିଲା । ସେଇଟିକୁ ଦିନସାରା ବଜାଇ ଭାରି ଆନନ୍ଦ ପାଉଥିଲା । ସନ୍ଧ୍ୟା ସମୟରେ ବଇଁଶୀ ବଜାଇ ଗାଈଗୁଡ଼ିକୁ ଏକାଠି କରୁଥିଲା । ଗାଈଗୁଡ଼ିକ ତା' ସ୍ୱରରେ ଏତେ ଅଭ୍ୟସ୍ତ ହୋଇ ଯାଇଥିଲେ ଯେ ସେ ବଇଁଶୀ ବଜାଇବା ମାତ୍ରକେ ସେମାନେ ଦୌଡ଼ି ଦୌଡ଼ି ଆସି ତାକୁ ଘେରି ଯାଉଥିଲେ ।

ପ୍ରକୃତି ପାଖରୁ ବାସୁ ଅନେକଗୁଡ଼ିଏ ସ୍ୱର ଶିଖିଥିଲା । ସେ ଖୁବ୍ ସହଜରେ ଦିନର ବିଭିନ୍ନ ସମୟର ପକ୍ଷୀମାନଙ୍କର କାକଳୀକୁ ଅନୁକରଣ କରି ପାରୁଥିଲା । ସେ ସେଇ ଟିକି ବଇଁଶୀରେ ଅନେକ ପ୍ରକାର ପକ୍ଷୀଙ୍କର ରାବ ସୃଷ୍ଟି କରି ପାରୁଥିଲା । ଝରଣାର ଜଳକୁ ସେ ଖୁବ୍ ଭଲ ପାଉଥିଲା । ଝରଣାର ଛୋଟ ଛୋଟ ଲହରୀରୁ ବିଭିନ୍ନ ଶବ୍ଦ ସଂଗ୍ରହ କରିବାକୁ ତା' କାନ ଦୁଇଟା ସବୁବେଳେ ସଜାଗ ରହୁଥିଲା । ସେ ସମୟ ସମୟରେ କହୁଥିଲା, ''ଏଠିକାର ଝରଣା, ନଦୀ, ପ୍ରବଳ ଜଳ-ସ୍ରୋତର ପ୍ରବାହ ସମସ୍ତେ ମିଶି ବେଶ୍ ସୁନ୍ଦର ଐକ୍ୟତାନ ସୃଷ୍ଟି କରନ୍ତି, ଆଉ ମୋ ବଇଁଶୀ ସେସବୁକୁ ଅନୁସରଣ କରେ ।'' ସେ ଏତେ ଥରିଲା କଣ୍ଠରେ ବଇଁଶୀ ବଜାଉଥିଲା ଯେ ବେଳେବେଳେ ଲୋକମାନେ ସେ ଶବ୍ଦକୁ ନଦୀ କିଂବା ଝରଣାର କୁଳୁକୁଳୁ ଶବ୍ଦ ବୋଲି ଭ୍ରମରେ ପଡୁଥିଲେ । ତା'ର ଶିକ୍ଷାଦାତ୍ରୀ ଥିଲା ପ୍ରକୃତି ।

ଥରେ ସେ ବଣକୁ ଜଣେ ରାଜା ଶିକାର କରିବାକୁ ଆସିଲେ । ଦିନଟା ଭାରି ଗରମ ଥିଲା । ରାଜାଙ୍କୁ ଜୋର୍‌ରେ ଶୋଷ ହେଲା । ତା'ପରେ ଅନୁଚରମାନେ ବହୁ ପଛରେ ରହି ଯାଇଥିଲେ । ସେ ଏକୁଟିଆ ପାଣି ଖୋଜିବାକୁ ଲାଗିପଡ଼ିଲେ । ହଠାତ୍ ସେ ପାଣିର କୁଳୁକୁଳୁ ଶବ୍ଦ ଶୁଣିବାକୁ ପାଇଲେ । ରାଜା ସେହି ଦିଗକୁ ଦୌଡ଼ିଗଲେ । କିନ୍ତୁ ଏ କ'ଣ ? ସେଠାରେ କୌଣସି ନଦୀ ନାହିଁ ! ଛୋଟ ବାଳକଟିଏ ପାଣି ସୁଅର କୁଳୁକୁଳୁ ଶବ୍ଦକୁ ଅନୁସରଣ କରି ବଂଶୀ ବଜାଉଛି । ଧଳା ମେଣ୍ଢା ଛୁଆମାନେ ତା' ପାଦ ପାଖରେ ଶୋଇଛନ୍ତି । ରାଜା ତା' ନିକଟକୁ ଗଲେ ଓ ପିଇବାକୁ ପାଣି ମାଗିଲେ । ବାସୁ ଖୁବ୍ ନିକଟରେ ଥିବା ଏକ ନଦୀ ପାଖକୁ ତାଙ୍କୁ ନେଇଗଲା । ପେଟେ ପାଣି ପିଇ ରାଜା ବାସୁକୁ ଧନ୍ୟବାଦ ଜଣାଇଲେ ଏବଂ ପଚାରିଲେ : ''ତୁମକୁ ଏତେ ସୁନ୍ଦରଭାବେ ବଂଶୀ ବଜାଇବା କିଏ ଶିଖାଇଲା ?'' ବାସୁ ଉତ୍ତର ଦେଲା, ''କେହି ନୁହନ୍ତି, ମୁଁ ନିଜେ ନଦୀ, ପକ୍ଷୀ ଓ ପବନର ସ୍ୱରକୁ ଅନୁକରଣ କରିଛି ।''

ରାଜା ବିସ୍ମୟବିମୂଢ଼ ହୋଇଗଲେ । ସେ ବାସୁକୁ ତାଙ୍କ ରାଜଉଆସକୁ ଯିବା ନିମନ୍ତେ ଅନୁରୋଧ କଲେ । ବାସୁ ଯିବାକୁ ଚାହୁଁ ନଥିଲା, କିନ୍ତୁ ରାଜାଙ୍କର ପ୍ରରୋଚନାର ପ୍ରତିବାଦ କରିବାକୁ ସାହସ କରି ପାରିଲାନି । ସେ ତାଙ୍କ ସହ ଗଲା । ରାଜା ତାକୁ ସୁନ୍ଦର ସୁନ୍ଦର ରାଜକୀୟ ପୋଷାକ ପିନ୍ଧିବାକୁ ଦେଲେ । ଜଣେ ଖୁବ୍ ବିଜ୍ଞଲୋକଙ୍କୁ ତା'ର ପଢ଼ା ଦାୟିତ୍ୱରେ ରଖିଲେ । ସବୁଦିନ ବାସୁ ସେଇ ବଇଁଶୀଟି ଧରି ପ୍ରକୃତିଠାରୁ ଶିଖିଥିବା ସ୍ୱର ବଜାଉଥିଲା । ରାଜା ଭାରି ଖୁସି ହେଉଥିଲେ । କିନ୍ତୁ ବାସୁ ତା'ର ଅତି ଆପଣାର ନଦୀ, ଝରଣା, ଗଛ ଓ ପକ୍ଷୀମାନଙ୍କର ଅଭାବ ଅନୁଭବ କରୁଥିଲା । ସେ ତା'ର ଅତି ନିଜର ଜଙ୍ଗଲ ଘରକୁ ଫେରି ଯିବାକୁ ଚାହୁଁଥିଲା । ରାଜା କିନ୍ତୁ ସବୁ ସମୟରେ ତା'ର ଉପସ୍ଥିତି ଚାହୁଁଥିଲେ ।

ଥରେ ରାଜଉଆସରେ ଏକ ବଡ଼ଧରଣର ଉତ୍ସବ ହେଲା । ରାଜାଙ୍କୁ ଖୁସି କରିବା ପାଇଁ ବହୁ ବାଦ୍ୟକାର ନିଜ ନିଜର ସର୍ବୋତ୍ତମ ପ୍ରତିଭା ଦେଖାଇବାକୁ ସମବେତ ହେଲେ । କାର୍ଯ୍ୟକ୍ରମ ଆରମ୍ଭ ହେଲା । ବହୁ ବାଦ୍ୟକାର ହୃଦୟଥରା ସ୍ୱର

ବଜାଇବାକୁ ଲାଗିଲେ, କାରଣ ରାଜା ପୂର୍ବରୁ କହିଥିଲେ କୌଣସି ବାଦ୍ୟକାରଙ୍କ ସ୍ୱର ତାଙ୍କୁ ଟହଲାଇ ପାରିବ ନାହିଁ। ସେମାନେ ସମସ୍ତେ ପ୍ରାଣାନ୍ତକ ଚେଷ୍ଟା କଲେ, କିନ୍ତୁ ରାଜା ଗୋଟିଏ ସ୍ଥାନରେ ବସି ଉଦାସୀନଭାବେ ହସୁଥିଲେ । ସମସ୍ତ ପ୍ରତିଯୋଗିତା ସରିବା ପରେ ରାଜା ବାସୁକୁ କୌଣସି ଏକ ସ୍ୱର ଶୁଣାଇବାକୁ କହିଲେ । ବାସୁ ଏପରି ଏକ କରୁଣ ହୃଦୟ-ବିଦାରକ ସ୍ୱର ବଜାଇଲା ଯେ ଦୁଇ ମିନିଟ ମଧ୍ୟରେ ସମସ୍ତଙ୍କ ଆଖିରୁ ଲୁହଧାର ବର୍ଷିବାକୁ ଲାଗିଲା ଏବଂ ରାଜା ପିଲାଟିଏ ଭଳି କଇଁକଇଁ ହୋଇ କାନ୍ଦି ଉଠିଲେ । ବାସୁର ବଂଶୀବାଦନର ସ୍ୱର ରାଜାଙ୍କୁ ତାଙ୍କ ହୃଦୟର ଗଭୀରତମ ପ୍ରଦେଶକୁ ନେଇ ଯାଇଥିଲା । ବାସୁ ବଂଶୀ ବଜାଇ ସାରିବା ପରେ ରାଜା ତାକୁ ଏକ ପୁରସ୍କାର ମାଗି ନେବାକୁ କହିଲେ ।

ରାଜା ପୁଣି ଥରେ ଜଙ୍ଗଲକୁ ଯିବାବେଳେ ତାକୁ ସାଙ୍ଗରେ ନେବାକୁ ସେ ଅନୁରୋଧ କଲା । ଠିକ୍ ସେହିଦିନହିଁ ରାଜା ତାକୁ ଜଙ୍ଗଲକୁ ନେଇଗଲେ, ଜଙ୍ଗଲରେ ପହଞ୍ଚିବା ମାତ୍ରେ ବାସୁ ତା' ବଂଶୀକୁ ପାଗଳଙ୍କ ଭଳି ବଜାଇବାକୁ ଲାଗିଲା । ରାଜା ଅନୁଭବ କଲେ ତାଙ୍କ ପାଖରେ ଥିବା ଭିତରେ ଦିନେ ବି ବାସୁ ଏପରି ସ୍ୱରରେ ବଂଶୀ ବଜାଇ ନାହିଁ । ବାସୁ ବଂଶୀ ବଜାଇବା ସମୟରେ ଅନବରତ କାନ୍ଦୁଥିଲା । ରାଜା ତାକୁ ତା' କାନ୍ଦିବାର କାରଣ ପଚାରିଲେ । ବାସୁ କହିଲା – ''ମୋତେ ଦୁଃଖ ଲାଗୁଛି ଯେ ଏ ସ୍ଥାନ ଛାଡ଼ି ପୁଣି ଆପଣଙ୍କ ସହ ମୋତେ ଯିବାକୁ ପଡ଼ିବ । ଏହି ସ୍ଥାନ ମୋ ମାଆ, ମୋ ଶିକ୍ଷାଦାତ୍ରୀ ।''

ରାଜା କହିଲେ, ''କିନ୍ତୁ ତୁମର ଯତ୍ନ ନେବାକୁ ଏଠି କେହି ନାହାନ୍ତି ଯେ !''

ବାସୁ କହିଲା, ''ପ୍ରକୃତି ମାଆ ମୋତେ ସବୁ ଦିଏ, ପ୍ରତିଦିନ ନୂଆ ନୂଆ ସ୍ୱର ଶିଖାଏ ।'' ସେ ପୁଣି ବଇଁଶୀ ବଜାଇବାକୁ ଲାଗିଲା । ରାଜା ଦେଖିଲେ ବାସୁ ଅନ୍ୟମାନଙ୍କଠାରୁ ପ୍ରକୃତିକୁ ବେଶୀ ଭଲପାଏ । ପିଲାଟିର ଚାରିପାଖେ ସେ ଏକ ଅଦ୍ୱିତୀୟ ଉପସ୍ଥିତି ଅନୁଭବ କଲେ । ପିଲାଟିକୁ ତା' ମାଆ ତଥା ସ୍ୱର-ଶିକ୍ଷାଦାତ୍ରୀଠାରୁ ଛଡ଼ାଇ ନେବାକୁ ଆଉ ସେ ମନ ବଳାଇଲେ ନାହିଁ ।

ରାଜା ଉଆସକୁ ଫେରିଗଲେ । ବାସୁ ବଣରେ ରହିଲା ଗଛଲତା, ପଶୁପକ୍ଷୀ ଓ କଳ କଳ ନିନାଦିନୀ ନଦୀ ଆଦିର ମେଳରେ । ରାଜା କେବେକେବେ ଶୂନ୍ୟହୃଦୟର ଯନ୍ତ୍ରଣା ଅନୁଭବ କଲେ ବାସୁର ବଂଶୀ ସ୍ୱରରେ ସେ ଶୂନ୍ୟତା ପୂରଣ ପାଇଁ ଜଙ୍ଗଲକୁ ଚାଲି ଆସୁଥିଲେ ।

(*Stories and plays for Children* ପୁସ୍ତକରୁ)

ଅନୁବାଦ : ବିଜୟ କୁମାର ପାଣି

❑❑❑

''ହେ ପରମ ପ୍ରଭୁ ! ତୁମେହିଁ ଏକମାତ୍ର ବଂଧୁ, ତୁମେ ଆମକୁ ଗ୍ରହଣ କର, ଆମକୁ ଭଲ ପାଅ, ଆମେ ଯେପରି ଠିକ୍ ସେହିଭାବେ ଆମକୁ ବୁଝିପାର, କାରଣ ତୁମେହିଁ ତ ଆମକୁ ଏପରି କରିଛ !

''ହେ ପରମେଶ ! ଆମର ଏକମାତ୍ର ପଥ ପ୍ରଦର୍ଶକ, ଆମର ଯାହା ଉଚ୍ଚତମ ଇଚ୍ଛା ତାକୁ ତୁମେ କେବେ ବି ଖଣ୍ଡନ କର ନାହିଁ, କାରଣ ତୁମରି ଇଚ୍ଛାହିଁ ତା' ମଧ୍ୟରେ ରହିଥାଏ !

''ତୁମକୁ ଛାଡ଼ି ଆଉ କାହାକୁ ଖୋଜିବୁ ଯିଏ ଆମ କଥା ଶୁଣିବ, ବୁଝିବ, ଆମକୁ ଭଲ ପାଇବ, ପଥ ଦେଖାଇ ଦେବ, ଏହା ଏକ ନିର୍ବୋଧତା, କାରଣ ତୁମେ ସବୁବେଳେ ଆମର ପ୍ରାର୍ଥନା ଶୁଣିବା ପାଇଁ ପ୍ରସ୍ତୁତ ହୋଇ ରହିଛ ଏବଂ ତୁମେ କେବେ ବି ଆମକୁ ନିରାଶ କର ନାହିଁ ।''

– ଶ୍ରୀମା

**ଚେତନାର ଦିଗ୍‌ବଳୟ :**

# ଯାହାର ଯେସନ ଭାବ ତଦନୁସାରେ ଅନୁଭବ !

***ପ୍ରଶ୍ନ :*** *ଋଷିକେଶ ଅଞ୍ଚଳରେ ଗୋଟିଏ ଆଶ୍ରମରେ ଯାଇ ରହିଥିଲି । ଅଢ଼େଇ ମାସ ଭିତରେ ଲକ୍ଷ୍ୟ କରି ଦେଖିଲି, ବାସ୍ତବିକ୍ ଆଶ୍ରମରେ ଜଣେ, ଦୁଇ ଜଣଙ୍କୁ ଛାଡ଼ିଦେଲେ କେହି ସାଧନାରେ ବ୍ରତୀ ନୁହନ୍ତି । ସମସ୍ତଙ୍କ ଭିତରେ ସାଧାରଣ ଲୋକଙ୍କ ଭଳି ମନୋଭାବ । ଚାଲି ଆସିଲି । କିନ୍ତୁ କୌଣସି ଆଶ୍ରମରେହିଁ ଜୀବନ ବିତାଇବି !... ଆପଣ ହିମାଳୟ ପାଦଦେଶର କେଉଁ ଆଶ୍ରମରେ ରହିବାର ପରାମର୍ଶ ଦେବେ ମୋ ପାଇଁ ଓ ଆପଣଙ୍କ ପାଠକ ଅନ୍ୟ ସାଧନାକାମୀଙ୍କ ପାଇଁ ? ମୋ ନାମ ଠିକଣା ଅପ୍ରକାଶ୍ୟ ରଖିବେ ।*

**ଉତ୍ତର :** ଆପଣ ଯଦି ସାଧନା ମାନସରେ ତହିଁ ରହିଥିଲେ, ତାହା ନ କରି ଅନ୍ୟମାନେ ସାଧନାରେ ବ୍ରତୀ କି ନୁହନ୍ତି ଲକ୍ଷ୍ୟ କରିବାରେ ଅଢ଼େଇମାସଯାକ ବିତାଇ ଦେଲେ କାହିଁକି ? ଯେଉଁ ଜଣେ, ଦୁଇ ଜଣ ସାଧନାରେ ବ୍ରତୀ ବୋଲି ବୁଝିଲେ ସେମାନଙ୍କ ଦ୍ୱାରା ଅନୁପ୍ରାଣିତ ନ ହୋଇ ଅଧିକାଂଶଙ୍କ ଜୀବନଧାରା ଦ୍ୱାରା ପ୍ରଭାବିତ ହେଲେ କାହିଁକି ? ସେ ଅଧିକାଂଶଙ୍କ ଚେତନାରେ ପ୍ରବେଶ କରି ଦେଖିବାର ଶକ୍ତି ଆପଣ ଆୟତ୍ତ କରିଥିଲେ କି ? ସେ ଆଶ୍ରମର ସାଧନା ପଦ୍ଧତି କ'ଣ ଜାଣେନା । କିନ୍ତୁ ଅନ୍ୟମାନେ ତାହା ଅନୁସରଣ କରୁଛନ୍ତି କି ନାହିଁ ତାହା ଉପରେ ଧ୍ୟାନ ନ ଦେଇ ଆପଣ ତାହା ଅନୁସରଣ କରିବାରେ ମନ ଦେଇଥିଲେ କେହି ନିଶ୍ଚୟ ଆପଣଙ୍କୁ ବାଧା ଦେଇ ନଥା'ନ୍ତା । ସାଧନା ମୁଖ୍ୟତଃ ବ୍ୟକ୍ତିଗତ ବ୍ୟାପାର । ମହାନ୍ ଗୁରୁମାନେ ମୁଷ୍ଟିମେୟ ସଚ୍ଚା ସାଧକଙ୍କୁ ସୁଯୋଗ ଦେବା ନିମନ୍ତେ ସହସ୍ର ଶିଷ୍ୟଙ୍କୁ ପୋଷଣ କରି ପାରନ୍ତି; ସେ ସହସ୍ର ଭିତରେ ପୁଣି ଆଉ କେଇ ଜଣ ସଚ୍ଚା ସାଧକ ଉଦ୍ଭୂତ ହେଲେହିଁ ଆଶ୍ରମ ଚାଳନା ସାର୍ଥକ ।

ଆପଣଙ୍କ ପାଇଁ କେଉଁ ଆଶ୍ରମ ଉପଯୁକ୍ତ ହେବ କହିବା ଭଳି ଜ୍ଞାନ ମୋର ନାହିଁ, ତେବେ ଆପଣଙ୍କ ଜିଜ୍ଞାସା ମୋତେ ମନେ ପକାଇ ଦେଉଛି; ଏକ ମନୋରମ ବସତିର ପ୍ରବେଶ ପଥରେ ଥା'ନ୍ତି ଜଣେ ବୃଦ୍ଧ । ଦିନେ ଜଣେ ପର୍ଯ୍ୟଟକ ତାଙ୍କୁ ପଚାରିଲେ, ''ଭାବୁଛି, ଏଇଠି ସ୍ଥାୟୀ ଭାବରେ ରହିବି । ବାସିନ୍ଦାମାନଙ୍କ ସ୍ୱଭାବ ଓ ଆଚରଣ କିପରି ?''

''ଆପଣଙ୍କ ଅଞ୍ଚଳର ଲୋକେ କେମିତିକା ?'' — ପ୍ରଶ୍ନ କଲେ ବୃଦ୍ଧ ।

''ଅଧିକାଂଶ ଖଳ ଓ ଶଠ'' — ଉତ୍ତର ଦେଲେ ଆଗନ୍ତୁକ ।

''ଏଠିକା ଲୋକେ ମଧ୍ୟ ସେମିତି'' — କହିଲେ ବୃଦ୍ଧ ।

ଆଗନ୍ତୁକ ତାଙ୍କୁ ଧନ୍ୟବାଦ ଦେଇ, ନିଜ ବାସନା ତ୍ୟାଗ କରି ବିଦାୟ ନେଲେ । କେଇଦିନ ପରେ ଆଉ ଜଣେ ଦୂରାଗତ ଅତିଥି ବୃଦ୍ଧଙ୍କ ପାଖରେ ସମାନ ଅଭିପ୍ରାୟ ପ୍ରକାଶ କରି ବସତିର ଜନଗଣଙ୍କ ସ୍ୱଭାବ ଓ ଆଚରଣ ସମ୍ପର୍କରେ ପ୍ରଶ୍ନ କରନ୍ତେ ବୃଦ୍ଧ ତାଙ୍କୁ ମଧ୍ୟ ପଚାରିଲେ, ''ଆପଣଙ୍କ ନିଜ ଇଲାକାର ଲୋକେ କିପରି ?'' ଅତିଥି ଉତ୍ତରରେ ଜଣାଇଲେ କି ସେମାନେ ବେଶ୍ ଭଲ ! ବୃଦ୍ଧ ତତ୍‌କ୍ଷଣାତ୍ ଉତ୍ତର ଦେଲେ, ''ଆମ ଏ ବସତିର ଲୋକେ ବେଶ୍ ଭଲ ।''

ଏହା ଉପରେ ମନ୍ତବ୍ୟ ଦେବାର ଆବଶ୍ୟକତା ନାହିଁ ।''

**— ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ,
ପୃ. ୯୯-୧୦୧) ❑

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*


Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIV, No. 2** **R.N.I. No. 18163/70.**
Navaprakash (Monthly), February, 2023 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




**ସାବିତ୍ରୀ**
**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.
Editor : Gopal Chandra Mahana
ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦
**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**